ବର୍ଷ-୫୩ : ସଂଖ୍ୟା-୮ ଅଗଷ୍ଟ, ୨୦୨୨ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଅଗଷ୍ଟ, ୨୦୨୨


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ଶ୍ରୀଅରବିନ୍ଦଙ୍କ ବାଣୀ | ··· | ଶ୍ରୀଅରବିନ୍ଦ | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୭ |
| ସର୍ବମୟ ଚେତନା | ··· | ଶ୍ରୀମା | ··· | ୮ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ | | | | |
| ଦ୍ୱିତୀୟ ଅନୁକ୍ରମ : ଦ୍ୱିତୀୟ ଭାଗ (ବିଂଶ ଅଧ୍ୟାୟ) | | | | |
| ସ୍ୱଭାବ ଓ ସ୍ୱଧର୍ମ | ··· | ଶେଖ ଅବଦୁଲ କାଶମ | ··· | ୯ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୦୯) | ··· | ··· | ··· | ୧୫ |
| ଶ୍ରୀଅରବିନ୍ଦ ଶରଣଂ (କବିତା) | ··· | ସନ୍ତୋଷ ରଥ | ··· | ୨୦ |
| ମୁନି ଶୁକଦେବ | ··· | ରାମକୃଷ୍ଣ ଦାସ | ··· | ୨୧ |
| ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ (୪) | ... | ପ୍ରପତ୍ତି | ... | ୨୩ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୬୪) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୬ |
| ଦ୍ୱୀପାନ୍ତରର କଥା | ··· | ବାରୀନ୍ଦ୍ର କୁମାର ଘୋଷ | ··· | ୨୯ |
| ସାଇନ୍‌ବୋର୍ଡ ଶିକ୍ଷାକେନ୍ଦ୍ର ନୁହେଁ | ··· | ପ୍ରସାଦ ତ୍ରିପାଠୀ | ··· | ୩୧ |
| ଇତିହାସର କେତୋଟି ମୁହୂର୍ତ୍ତ : | | | | |
| ଜଳଦସ୍ୟୁ ଓ ସ୍ଥଳଦସ୍ୟୁ | ··· | ମନୋଜ ଦାସ | ··· | ୩୩ |
| ନମ୍ରତା ସମ୍ପର୍କରେ (୨) | ··· | କୁମାର ଚନ୍ଦ୍ର ମିଶ୍ର | ··· | ୩୪ |
| ଯୋଗୀରାଜଙ୍କ ଜନ୍ମବାସରରେ (କବିତା) | ··· | ଝରଣା ଘୋଷାଲ | ··· | ୪୦ |
| କବି ନିଶିକାନ୍ତ (୨୩) | ··· | ··· | ··· | ୪୧ |
| ରାଣୀ ଲକ୍ଷ୍ମୀବାଈ | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୪୬ |
| କ୍ଲାସରେ ଶ୍ରୀମା'ଙ୍କ କାହାଣୀ : | | | | |
| ବୃଷରାଜ ଫେର୍ଦିନା | ··· | ··· | ··· | ୪୯ |
| ମୁକ୍ତିଦାତା ପର୍ସିୟସ୍ (୪) | ··· | ପ୍ରତିଭା ଦାସ | ··· | ୫୩ |
| ସାହିତ୍ୟ, ଶାଶ୍ୱତ ସାହିତ୍ୟ ଓ ସାମାଜିକ ଅଙ୍ଗୀକାର : | | | | |
| ପରସ୍ପର ସମ୍ପର୍କର ରୂପ କ'ଣ ? | ··· | ମନୋଜ ଦାସ | ··· | ୫୮ |


❖

# ପ୍ରାର୍ଥନା

ହେ ଭଗବାନ୍, ତୁମ ସଂକଳ୍ପହିଁ ପୂର୍ଣ୍ଣ ହେଉ, ସୁସମ୍ପନ୍ନ ହେଉ ତୁମ କାର୍ଯ୍ୟ । ଆମ ଭକ୍ତିକୁ କର ଦୃଢ଼, ଆମ ସମର୍ପଣ ଭାବକୁ କର ଅଭିବୃଦ୍ଧ, ଯାତ୍ରାପଥରେ ଆମକୁ ପ୍ରଦାନ କର ଆଲୋକ । ଆମେ ତୁମକୁ ଆମ ହୃଦୟରେ ପରମ ପ୍ରଭୁ ରୂପେ ପ୍ରତିଷ୍ଠା କରୁଛୁ, ଯାହା ଫଳରେ ତୁମେ ହୋଇଉଠିବ ସମଗ୍ର ଧରିତ୍ରୀର ପରମ ପ୍ରଭୁ ।

ଆମ ଭାଷା ଅଦ୍ୟାବଧି ଅଜ୍ଞାନ : ତାକୁ ଜ୍ଞାନାଲୋକିତ କର ।

ଆମ ଆସ୍ପୃହା ଅଦ୍ୟାବଧି ଅପରିଣତ : ତାକୁ ବିଶୁଦ୍ଧ କର ।

ଆମମାନଙ୍କ କର୍ମ ଅଦ୍ୟାବଧି ଶକ୍ତିହୀନ : ତାକୁ ଫଳପ୍ରସୂ କର ।

ହେ ଭଗବାନ୍, ଧରିତ୍ରୀ ଆର୍ତ୍ତକଣ୍ଠ ଏବଂ ଯନ୍ତ୍ରଣାକ୍ଳିଷ୍ଟ; ଚରମ ବିଶୃଙ୍ଖଳା ଏ ପୃଥିବୀକୁ କରିଛି ତା'ର ନିବାସ ।

ଅନ୍ଧକାର ଏଡ଼େ ପ୍ରଗାଢ଼ ଯେ କେବଳ ତୁମେହିଁ ତାକୁ କରିପାରିବ ବିଦୂରିତ । ଆସ, ନିଜକୁ ପ୍ରତିଭାତ କର, ଯାହାଦ୍ୱାରା ତୁମ କର୍ମ ହୋଇପାରିବ ସୁସମ୍ପନ୍ନ ।

ଅଗଷ୍ଟ ୨୫, ୧୯୧୪ — ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

Find the Guide secret within you or housed in an earthly body, hearken to his voice and follow always the way that he points. At the end is the Light that fails not, the Truth that deceives not, the Power that neither strays nor stumbles, the wide freedom, the ineffable Beatitude.

– Sri Aurobindo

ତୁମ ନିଜ ଭିତରେ ସଂଗୋପନରେ ସ୍ଥିତ ଅଥବା ଏକ ପାର୍ଥିବ ଶରୀର-ଆଶ୍ରିତ ପଥପ୍ରଦର୍ଶକଙ୍କୁ ସଂଧାନ କର; ତାଙ୍କ କଣ୍ଠସ୍ୱରକୁ ଶ୍ରବଣ କର ଏବଂ ସର୍ବଦା ଅନୁସରଣ କର ତାଙ୍କ ପ୍ରଦର୍ଶିତ ପଥ । ଯେଉଁ ଆଲୋକ ଆମକୁ ବଞ୍ଚିତ କରେନା, ଯେଉଁ ସତ୍ୟ ପ୍ରତାରିତ କରେନା, ଯେଉଁ ଶକ୍ତି ପଥଭ୍ରଷ୍ଟ ଅଥବା ଦ୍ୱିଧାଗ୍ରସ୍ତ ହୁଏନା – ସେସବୁର ଅନ୍ତିମରେ ରହିଛି ବିସ୍ତୃତ ସ୍ୱାଧୀନତା, ଅନିର୍ବଚନୀୟ ବିମଳାନନ୍ଦ ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୧୯)

## ଶ୍ରୀଅରବିନ୍ଦ

An eager spring to seize and to possess
Unguided by reason or the seeing soul
Was its first natural motion and its last,
It squandered life's force to achieve the impossible:
It scorned the straight road and ran on
wandering curves
And left what it had won for untried things;
It saw unrealised aims as instant fate
And chose the precipice for its leap to heaven.

କରାୟତ୍ତ ଓ ଅଧିକାର କରିବାକୁ ବିଚାରବୁଦ୍ଧି ଅଥବା ଅବଲୋକନକ୍ଷମ ଅନ୍ତରାତ୍ମାର ଦିଗ୍‌ଦର୍ଶନ ରହିତ ଏକ ଉତ୍ସୁକ ଝାମ୍ପହିଁ ଥିଲା ତାହାର ପ୍ରଥମ ତଥା ଅନ୍ତିମ ସ୍ୱାଭାବିକ ଗତିବୃତ୍ତି, ଅସମ୍ଭବକୁ ଅଧିଗତ କରିବାକୁ ତାହା ଅପଚୟ କରି ଚାଲିଥିଲା ଜୀବନର ଶକ୍ତି : ସଳଖ ପଥକୁ ତାହା ଅବଜ୍ଞା କରୁଥିଲା ଓ ବୁଲାଣି କେତେ ବକ୍ରପଥରେ ଧାବମାନ ହେଉଥିଲା ଏବଂ ଯାହା ସେ ଅର୍ଜନ କରିଥିଲା ଅପରୀକ୍ଷିତ ବସ୍ତୁସକଳ ପାଇଁ ତାହାକୁ ସେ ବର୍ଜନ କରୁଥିଲା; ଅନୁପଲବ୍ଧ ଲକ୍ଷ୍ୟଗୁଡ଼ିକୁ ତାହା ଦେଖୁଥିଲା ତୁରନ୍ତ ନିୟତି ରୂପେ ଏବଂ ସ୍ୱର୍ଗାଭିମୁଖୀ ତାହାର ଲମ୍ଫ ଲାଗି ସେ ବରଣ କରୁଥିଲା ପର୍ବତର ତୀଖଦେଶ ।

Adventure its system in the gamble of life,
It took fortuitous gains as safe results;
Error discouraged not its confident view
Ignorant of the deep law of being's ways
And failure could not slow its fiery clutch;
One chance made true warranted all the rest.

ଜୀବନର ଜୁଆଖେଳରେ ଦୁଃସାହସଭରା ଅଭିଯାନ ତା'ର ବିଧିବ୍ୟବସ୍ଥା, ଆକସ୍ମିକ ଲାଭ ସକଳକୁ ତାହା ନିରାପଦ ଫଳ-ସ୍ୱରୂପ ଗ୍ରହଣ କରୁଥିଲା; ସତ୍ତାର ଗତିଧାରାର ଗଭୀର ବିଧାନଟି ସମ୍ପର୍କରେ ଅଜ୍ଞ ତାହାର ପ୍ରତ୍ୟୟପୂର୍ଣ୍ଣ ଅଭିମତକୁ ଭ୍ରାନ୍ତି ନିରୁତ୍ସାହିତ କରୁ ନଥିଲା, ଏବଂ ତାହାର ସେ ଆଗ୍ନେୟ ଦୃଢ଼ମୁଷ୍ଟିକୁ ବ୍ୟର୍ଥତା ଶିଥିଳ କରି ପାରୁନଥିଲା; ସତ୍ୟରେ ପରିଣତ ଗୋଟିଏ କାକତାଳୀୟ ଘଟଣା ଆଉ ସବୁର ଯାଥାର୍ଥ୍ୟ ପ୍ରତିପାଦନ କରୁଥିଲା ।

Attempt, not victory, was the charm of life.

ବିଜୟ ନୁହେଁ, ପ୍ରୟାସହିଁ ଥିଲା ଜୀବନର ସମ୍ମୋହନ ।

An uncertain winner of uncertain stakes,
Instinct its dam and the life-mind its sire,
It ran its race and came in first or last.

ଅନିଶ୍ଚିତ ପଣସକଳର ଏକ ଅନିଶ୍ଚିତ ବିଜେତା, ପ୍ରବୃତ୍ତି ତା'ର ଜନନୀ ଏବଂ ପ୍ରାଣିକ-ମାନସ ତାହାର ଜନକ, ଦୌଡ଼ ପ୍ରତିଯୋଗିତାରେ ସେ ଧାଉଁଥିଲା ଓ ସର୍ବପ୍ରଥମ ଅଥବା ସର୍ବଶେଷ ହେଉଥିଲା ।

Yet were its works nor small and vain nor null;
It nursed a portion of infinity's strength
And could create the high things
its fancy willed;
Its passion caught what
calm intelligence missed.

ତଥାପି ତାହାର କର୍ମରାଜି ଅକିଞ୍ଚନ ଓ ନିଷ୍ଫଳ ନଥିଲା ଅଥବା ନଥିଲା ଶୂନ୍ୟ ନିରର୍ଥକ; ଅନନ୍ତଙ୍କ ସାମର୍ଥ୍ୟର ଏକ ଅଂଶ-ବିଶେଷକୁ ତାହା ଲାଳନ କରୁଥିଲା ଏବଂ ତାହାର ଖିଆଲ ଇଚ୍ଛା କରିଥିବା ମହତ୍ ବସ୍ତୁସକଳକୁ ସୃଷ୍ଟି କରି ପାରୁଥିଲା; ପ୍ରଶାନ୍ତ ବୁଦ୍ଧି ଯାହାକୁ ପାଇବାରେ ବିଫଳ ହେଉଥିଲା ତାହାର ପ୍ରବେଗ ତା'କୁ କରଗତ କରି ନେଉଥିଲା ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ସର୍ବମୟ ଚେତନା

## ଶ୍ରୀମା

### ସେହି ସର୍ବମୟ ଚେତନା ସବୁକିଛି ସ୍ଥିର କରନ୍ତୁ

ଗୋଟିଏ ବିଷୟରେ ମୋର ପୂର୍ଣ୍ଣ ହୃଦ୍‌ବୋଧ ହୋଇଛି ଯେ ଆମେ (ଏଇ ପୃଥିବୀରେ) ଯେଉଁସବୁ ଅବ୍ୟବସ୍ଥା ଦେଖୁଛୁ – ସେଥିରୁ ଆମର ଗୋଟିଏ କଥା ଶିକ୍ଷା କରିବାକୁ ଅଛି, ତା'ହେଲା ଆମକୁ କିପରି ପ୍ରତିଦିନ ବଞ୍ଚିବାକୁ ହେବ ! ତା'ମାନେ, କାଲି କ'ଣ ସବୁ ଘଟିପାରେ ସେ ସମ୍ବନ୍ଧେ ଆଦୌ ମୁଣ୍ଡ ନ ଖେଳାଇ, କ'ଣସବୁ ଘଟିବାକୁ ଯାଉଛି ସେ ସମ୍ବନ୍ଧେ ଚିନ୍ତା ନ କରି – ଆମର କେବଳ ଯାହା କରିବା ଉଚିତ, ତାହାହିଁ ପ୍ରତିଦିନ ଠିକ୍‌ଭାବେ କରି ଚାଲିବା । ସବୁ ପ୍ରକାର ଚିନ୍ତା, କଳ୍ପନା-ଜଳ୍ପନା, ପୂର୍ବବର୍ତ୍ତୀ ଯୋଜନାର ବ୍ୟବସ୍ଥାପନା ଏବଂ ଆଉ ଯାହାକିଛି ତୁମେ କରି ବସିବ, ସେସବୁ କେବଳ ବିଶୃଙ୍ଖଳାମାନଙ୍କୁ ବଢ଼ାଇ ଚାଲିବ ।

ମୂଳତଃ ମୁହୂର୍ତ୍ତରୁ ମୁହୂର୍ତ୍ତ ବଞ୍ଚିବା – ଏବଂ ଏହିପରି ହେବା (ମା' ଉପରକୁ ହାତଟେକି ସମର୍ପଣର ଭଙ୍ଗୀ ଦେଖାଇଲେ) ପ୍ରତି ମୁହୂର୍ତ୍ତରେ, ଯେଉଁ ସମୟରେ ଯେଉଁ କାମଟି କରିବାକୁ ଅଛି କେବଳ ତାହାରି ଉପରେ ମନୋଯୋଗ ଦିଅ ଏବଂ ତା'ପରେ ସବୁକିଛି ଛାଡ଼ିଦିଅ ତାଙ୍କ ହାତରେ – ସର୍ବମୟ ଚେତନା ସବୁକିଛି ନିର୍ଣ୍ଣୟ କରନ୍ତୁ ।

ଯେତେବେଳେ ତୁମେ ଏଇସବୁ ବିଶୃଙ୍ଖଳା ଓ ଅବ୍ୟବସ୍ଥାଦି ଦେଖି ଆକ୍ରାନ୍ତ ହୋଇଯାଅ, ସେତେବେଳେ ତୁମକୁ କେବଳ ଗୋଟିଏ କଥା କରିବାକୁ ପଡ଼ିବ । ତୁମେ ସେହି ଚେତନା ଭିତରେ ପ୍ରବେଶ କରିବ ଯେଉଁଠାରେ ତୁମେ ଦେଖିବ କେବଳ ଏକହିଁ **ଦିବ୍ୟସତ୍ତା**, ଗୋଟିଏହିଁ **ଦିବ୍ୟ-ଚେତନା**, ଗୋଟିଏହିଁ **ଦିବ୍ୟଶକ୍ତି**, ସେଠାରେ କେବଳ ଏକହିଁ **ଐକ୍ୟ** ରହିଛି – ଏବଂ ଅନ୍ୟ ସବୁକିଛି ସେହି ଐକ୍ୟ ଭିତରେହିଁ ସ୍ଥାନିତ ହୋଇଛନ୍ତି । ଏବଂ ଆମର ଯେଉଁ ସବୁ ଅବାନ୍ତର କଳ୍ପନା, ଦର୍ଶନ, ଜ୍ଞାନ ଓ ବିଚାର ଏବଂ ... ଏଗୁଡ଼ିକ ଆଦୌ କିଛି ବି ନୁହେଁ । ଯେଉଁ ଚେତନା ସାରା ବିଶ୍ୱକୁ ପରିଚାଳନା କରୁଛି, ତାହା ତୁଳନାରେ ଏସବୁ ଖୁବ୍ ନଗଣ୍ୟ ।

### ସେହି ପରମ ଚେତନା ସହିତ ସଂଲଗ୍ନ ହୁଅ

ଏ ବିଶ୍ୱରେ କାହିଁକି ଏତେ ଭିନ୍ନ ଭିନ୍ନ ବ୍ୟକ୍ତିସତ୍ତା ବା ବ୍ୟକ୍ତିତ୍ୱ ସବୁ ସମ୍ଭବ ହୋଇଛନ୍ତି, ଯଦି ସେ ବିଷୟରେ ଜଣକର ସମ୍ୟକ୍ ବୋଧ ଥିବ, ସେ ଜାଣିପାରିବ ଯେ ଏହି ବିଭିନ୍ନ ବ୍ୟକ୍ତିସତ୍ତାଙ୍କର ସୃଷ୍ଟି ହୋଇଛି କେବଳ ଆସ୍ପୃହା କରିବା ପାଇଁ, ଆସ୍ପୃହାକୁ ସମ୍ଭବ କରିବା ପାଇଁ, ନିଜକୁ ଦେଇ ଦେବା ପାଇଁ, ସମର୍ପଣ କରିବା ପାଇଁ, ନିର୍ଭର ଓ ବିଶ୍ୱାସ ରଖିବା ପାଇଁ । ଏବଂ କେବଳ ଏହି କାରଣରୁହିଁ ବିଭିନ୍ନ ପ୍ରକାର ବ୍ୟକ୍ତିସତ୍ତାଙ୍କର ସୃଷ୍ଟି ହୋଇଛି । ତେଣୁ ତୁମକୁ ଖୁବ୍ ନିଷ୍ଠାର ସହିତ ଓ ଖୁବ୍ ନିବିଡ଼ଭାବେ ତାହାହିଁ ହେବାକୁ ପଡ଼ିବ ... ଏହିସବୁହିଁ ଆବଶ୍ୟକ ।

ଏହାହିଁ ଆବଶ୍ୟକ, କେବଳ ଏତିକିହିଁ କଥା । ଏଇ ଗୋଟିକ କଥାହିଁ ସ୍ଥିର; ଏବଂ ଅନ୍ୟ ସବୁ କିଛି ... କେବଳ ମିଥ୍ୟା ଓ ମାୟା, ଅଳୀକ ମାତ୍ର ।

ଏବଂ ଏହାହିଁ ସବୁକ୍ଷେତ୍ରରେ ଏକମାତ୍ର ଅଭ୍ରାନ୍ତ କଥା : ତୁମେ ଯେବେ କିଛି କରିବାକୁ ଚାହଁ, ଯେତେବେଳେ ତୁମେ କିଛି କରିପାରୁ ନଥାଅ, ଯେତେବେଳେ ତୁମେ ଗତି କରୁଥାଅ କିଂବା ଯେତେବେଳେ ତୁମ ଶରୀର ସାମାନ୍ୟ ଭାବେ ମଧ କ୍ରିୟାଶୀଳ ହେବାକୁ ସକ୍ଷମ ନହୁଏ ... ପ୍ରତି କ୍ଷେତ୍ରରେ, ପ୍ରତିଟି ଘଟଣାରେ, କେବଳ ସେଇ ଗୋଟିଏ କଥା, ସେଇ ଗୋଟିଏ କଥା : ସେହି ପରମ ଚେତନା ସହିତ ସଚେତନଭାବେ ଯୁକ୍ତ ଓ ସଂଲଗ୍ନ ହୋଇ ରହିବା, ତାଙ୍କରି ସହିତ ସମ୍ମିଳିତ ହୋଇ ରହିବା ଏବଂ ... ଅପେକ୍ଷା କରି ରହିବା । ବାସ୍ ସେହିଠାରେ !

ସେତିକିବେଳେହିଁ ତୁମେ ପ୍ରତିଟି ମୁହୂର୍ତ୍ତରେ କ'ଣ କରିବା ଉଚିତ ତା'ର ଉତ୍ତର ବା ନିର୍ଦ୍ଦେଶ ସେଠାରୁ ପାଇଯିବ – କରିବ ବା ନ କରିବ, କର୍ମ କରିବ ବା ପଥର ଭଳି ନିଶ୍ଚଳ ହୋଇ ରହିବ, ସବୁ ପାଇଁ ସେଇଠାରୁହିଁ ନିର୍ଦ୍ଦେଶ ପାଇଯିବ । ବାସ୍, ଏତିକି ମାତ୍ର କଥା ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ : ଦ୍ୱିତୀୟ ଭାଗ

## (ବିଂଶ ଅଧ୍ୟାୟ)

## ସ୍ୱଭାବ ଓ ସ୍ୱଧର୍ମ

**ଶେଖ ଅବଦୁଲ କାଶମ**

ମନ, ପ୍ରାଣ ଓ ଶରୀରର ନିମ୍ନତମ ବିଧାନ ଦ୍ୱାରା ଆମ୍ଭମାନଙ୍କ ସାଧାରଣ ଜୀବନ ପରିଚାଳିତ ହେଉଥାଏ । ମାତ୍ର ଯେତେବେଳେ ଆମ ଭିତରେ ସାତ୍ତ୍ୱିକ ଗୁଣର ପୂର୍ଣ୍ଣ ବିକାଶ ଘଟେ ଏବଂ ଆମେ ସାତ୍ତ୍ୱିକ ଗୁଣକୁ ମଧ୍ୟ ଅତିକ୍ରମ କରିଯାଉ ସେତେବେଳେ ମୁକ୍ତି, ଜ୍ଞାନ ଓ ଆତ୍ମାର ପ୍ରଶାନ୍ତ ଶକ୍ତି ମଧ୍ୟରେ ଆମେ ପ୍ରବେଶ କରିପାରୁ । ସାଧାରଣ ଜୀବନଟିଏ ବଞ୍ଚୁଥିବା ଅବସ୍ଥାରେ ଯଦି ଧର୍ମର ଏକ ସମୁନ୍ନତ ମାନଦଣ୍ଡକୁ ଅନୁସରଣ କରାଯାଏ ଏବଂ ସମୟକ୍ରମେ ଏକ ବିକଶିତ ଅବସ୍ଥାକୁ ପ୍ରାପ୍ତ ହେଲା ପରେ ଯଦି ସକଳ ଆଦର୍ଶକୁ ଅତିକ୍ରମ କରି କେବଳ ଏକମେବ ଭଗବାନଙ୍କଠାରେ ସତ୍ତାଟି ଅଭିନିବିଷ୍ଟ ହୁଏ, ତାହାହେଲେ ଆତ୍ମାର ସ୍ୱତଃସ୍ଫୂର୍ତ୍ତ ଧର୍ମ କାର୍ଯ୍ୟକାରୀ ହେବାକୁ ଲାଗେ । ବ୍ୟକ୍ତି ଭଗବାନଙ୍କ ସହିତ ଯୁକ୍ତ ହେବା ହେତୁ ନିଜେ ଆଉ କର୍ମର କର୍ତ୍ତା ହୋଇ ରହେ ନାହିଁ, ସେ ଭଗବାନଙ୍କ କର୍ମର ଅଧ୍ୟାତ୍ମ ଯନ୍ତ୍ରରେ ପରିଣତ ହୁଏ ।

ସାଧାରଣ ସ୍ତରରେ ଗୁଣତ୍ରୟ ଦ୍ୱାରାହିଁ ମନୁଷ୍ୟର ସକଳ କର୍ମ ନିୟନ୍ତ୍ରିତ ହୁଏ । ଯେଉଁ କର୍ମ କରିବାର ଅଛି ଅର୍ଥାତ୍ ଯାହା 'କର୍ତ୍ତବ୍ୟଂ କର୍ମ' ତାହା ତିନିପ୍ରକାର ବୋଲି କୁହାଯାଇଛି ଯଥା : ଦାନ, ତପଃ ଓ ଯଜ୍ଞ । ଏହି କର୍ମସବୁକୁ ପ୍ରଥମେ ସାତ୍ତ୍ୱିକ ସ୍ତରକୁ ଉନ୍ନୀତ କରିନେବା ଆବଶ୍ୟକ । କିନ୍ତୁ ସେହି ଉନ୍ନତ ଅବସ୍ଥାରେ ଅଟକି ନ ଯାଇ ସାତ୍ତ୍ୱିକ ସ୍ତରକୁ ମଧ୍ୟ ଅତିକ୍ରମ କରି ଯିବାକୁ ହେବ, ଯାହା ଫଳରେ ଆମ୍ଭେମାନେ ଏପରି ଏକ ମୁକ୍ତ ଅବସ୍ଥାରେ ଉପନୀତ ହେବା ଯେଉଁଠାରେ ସକଳ କର୍ମ ଉତ୍କର୍ଷତା ଲାଭ କରି ଅବାଧ ଆତ୍ମଦାନ, ଦିବ୍ୟ ତପଃଶକ୍ତି ଓ ଅଧ୍ୟାତ୍ମ ଜୀବନର ନିତ୍ୟ ପବିତ୍ର ଅନୁଷ୍ଠାନ (sacrament)ରେ ପରିଣତ ହେବ । କର୍ମର ଏହି ସାଧାରଣ ବିଧି ସକଳ ମନୁଷ୍ୟଙ୍କ ପାଇଁ ପ୍ରଯୁଜ୍ୟ । କିନ୍ତୁ ପ୍ରତ୍ୟେକ ବ୍ୟକ୍ତି କର୍ମର ଏହି ସାଧାରଣ ବିଧି ଓ ପ୍ରକ୍ରିୟା ଅନୁସରଣ କରିବା ସହିତ ନିଜସ୍ୱ ବିଶିଷ୍ଟ ପ୍ରକୃତିକୁ ମଧ୍ୟ ଅନୁସରଣ କରିଥା'ନ୍ତି । ତେଣୁ ବୈଚିତ୍ର୍ୟର ବିଧାନଟିକୁ ଆମକୁ ଅବଶ୍ୟ ସ୍ୱୀକାର କରିବାକୁ ହେବ । ପ୍ରତ୍ୟେକ ମନୁଷ୍ୟର ପରିସ୍ଥିତି, ସାମର୍ଥ୍ୟ, ଆଭିମୁଖ୍ୟ, ବୈଶିଷ୍ଟ୍ୟ ଓ ଶକ୍ତି ଅନ୍ୟମାନଙ୍କଠାରୁ ଭିନ୍ନ । ତେଣୁ କର୍ମ ପ୍ରତି ଦୃଷ୍ଟିଭଙ୍ଗୀ ତଥା କର୍ମସାଧନର ରୀତିରେ ବ୍ୟକ୍ତିମାନଙ୍କ ଭିତରେ ବିଭିନ୍ନତା ପରିଲକ୍ଷିତ ହେବା ସ୍ୱାଭାବିକ ।

ଗୀତାର ଏକ ପୂର୍ବ ଅଧ୍ୟାୟରେ କୁହାଯାଇଛି ଯେ ଅର୍ଜୁନ କ୍ଷତ୍ରିୟ ହୋଇଥିବା ହେତୁ ତାଙ୍କର ସ୍ୱଧର୍ମ ହେଉଛି ଯୁଦ୍ଧ କରିବା ଓ ବିଜୟ ଲାଭ କରି ସମୃଦ୍ଧ ରାଜ୍ୟ ଭୋଗ କରିବା । ଯଦି ସେ ଏହି ଧର୍ମ ପାଳନ ନ କରନ୍ତି ତାହା ତାଙ୍କ ନିଜର ବିବର୍ତ୍ତନକୁ ପ୍ରତିହତ କରିବ ଏବଂ ତାଙ୍କ ଆତ୍ମା ପକ୍ଷରେ ବିପଜ୍ଜନକ ସାବ୍ୟସ୍ତ ହେବ । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ତାଙ୍କର ପ୍ରକୃତି, ନୀତି ଓ କାର୍ଯ୍ୟ ବିଷୟରେ ସଚେତନ କରି ଦେଇଛନ୍ତି । ସେ କହିଛନ୍ତି ଯେ ସ୍ୱଧର୍ମ ପାଳନରେ ତ୍ରୁଟି ଥିଲେ ମଧ୍ୟ ସ୍ୱଧର୍ମ ପାଳନହିଁ ପରଧର୍ମ ଅପେକ୍ଷା ଶ୍ରେୟସ୍କର । ସ୍ୱଧର୍ମ ପାଳନ ସମୟରେ ମୃତ୍ୟୁ ହେଲେ ସୁଦ୍ଧା ସେଥିରେ ଗୌରବ ଓ ମଙ୍ଗଳ ନିହିତ ଅଛି – ''ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ'' (୩/୩୫) । ବ୍ୟକ୍ତିର ଅସଲ ସତ୍ତା ମଧ୍ୟରୁ ଯାହା ପ୍ରକାଶିତ ହୁଏ ତାହାହିଁ ତା' ପାଇଁ ଯଥାର୍ଥ କର୍ମଧାରା ଏବଂ ତାହା ସର୍ବାଦୌ କରଣୀୟ ବା ପାଳନୀୟ । ବାହାରୁ ଆରୋପିତ ହୋଇଥିବା କର୍ମ ଅଥବା ପ୍ରାଣର ତାଡ଼ନା ଓ ମନର ଭ୍ରାନ୍ତି ଦ୍ୱାରା ପ୍ରଚୋଦିତ ହୋଇଥିବା କର୍ମ କେବେ ବି ମଙ୍ଗଳଜନକ ହେବ ନାହିଁ । ତାହା ଆତ୍ମାର ବିକାଶରେ କଦାପି ସହାୟକ ହେବ ନାହିଁ । ଗୀତା କହିଛି – ''ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍'' (୧୮/୪୭) – ଅର୍ଥାତ୍ ''ଉତ୍ତମ ରୂପେ ଅନୁଷ୍ଠିତ ପରଧର୍ମ ଅପେକ୍ଷା ଗୁଣରହିତ ସ୍ୱଧର୍ମ ଶ୍ରେଷ୍ଠ ।''

ଶ୍ରୀକୃଷ୍ଣ କହୁଛନ୍ତି ଯେ ଚାତୁର୍ବର୍ଣ୍ଣ୍ୟର ପ୍ରଥାଟି ସ୍ୱଧର୍ମର

ଚାରୋଟି ବିଭାଗ ଅନୁସାରେ ଗଠିତ ହୋଇଛି । ଏହା ଏକ ଭାଗବତ ବିଧାନ, କାରଣ ଏହା ସ୍ୱୟଂ ଭଗବାନଙ୍କ ଦ୍ୱାରା ସୃଷ୍ଟ ହୋଇଅଛି । ଗୀତାର ଭାଷାରେ –

''ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ ।
ତସ୍ୟ କର୍ତ୍ତାରମପି ମାଂ ବିଦ୍ଧ୍ୟକର୍ତ୍ତାରମବ୍ୟୟମ୍ ।''
(୪/୧୩)

ଅର୍ଥାତ୍, ''ମୋ ଦ୍ୱାରା ଗୁଣ ଓ କର୍ମର ବିଭାଗପୂର୍ବକ ଚାରିବର୍ଣ୍ଣ ରଚନା କରାଯାଇଛି । ତାହାର କର୍ତ୍ତା ହୋଇଥିଲେ ମଧ ଅବ୍ୟୟ ପରମେଶ୍ୱର ରୂପେ ମୋତେ ଅକର୍ତ୍ତା ବୋଲି ଜାଣ ।''

ମନୁଷ୍ୟର ପ୍ରକୃତି ଓ ସ୍ୱଭାବ ଅନୁସାରେ ତା'ର କାର୍ଯ୍ୟ ଓ କର୍ତ୍ତବ୍ୟ ନିରୂପିତ ହୋଇଛି ଯାହା ତା'ର ଆତ୍ମାର ବିକାଶ ନିମନ୍ତେ ଉପଯୋଗୀ ଓ ସହାୟକ ହେବ । ପ୍ରାଚୀନ ଭାରତରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଏହି ଯେଉଁ ଜାତି ବିଭାଗ ବା କାର୍ଯ୍ୟ ବିଭାଗ କରାଯାଇଥିଲା ତାହା ଉଭୟ ବ୍ୟକ୍ତି ଓ ସମାଜର ବିକାଶକୁ ସୁନିଶ୍ଚିତ କରିବ ବୋଲି କରାଯାଇଥିଲା । ବ୍ୟକ୍ତିମାନଙ୍କର ଆନ୍ତର ପ୍ରକୃତି, ସ୍ୱଭାବଗତ ବୈଶିଷ୍ଟ୍ୟ ଓ ଆଧ୍ୟାତ୍ମିକ ପ୍ରବଣତା ଅନୁଯାୟୀ ସେମାନଙ୍କୁ ପୃଥକ୍ ପୃଥକ୍ ବର୍ଣ୍ଣରେ ବିଭକ୍ତ କରାଯାଇଥିଲା । ଶମ, ଦମ, ତପସ୍ୟା, ଶୁଚିତା, ସହନଶୀଳତା, ସରଳତା, ଜ୍ଞାନର ଆହରଣ ଓ ବିତରଣ, ଈଶ୍ୱର ବିଶ୍ୱାସ – ଏସବୁ ବ୍ରାହ୍ମଣର ଗୁଣ ଥିଲା, ଅର୍ଥାତ୍ ଏହି ଗୁଣ ମୁତାବକ ଜଣେ ବ୍ରାହ୍ମଣ କର୍ମ କରିବ ବା ବ୍ୟବହାର ପ୍ରଦର୍ଶନ କରିବ ବୋଲି ନିର୍ଦ୍ଧାରିତ ହୋଇଥିଲା । ସେହିପରି ଶୌର୍ଯ୍ୟ, ତେଜ, ଦୃଢ଼ ସଂକଳ୍ପ, ଦକ୍ଷତା, ରାଜ୍ୟର ସୁରକ୍ଷା ନିମିତ୍ତ ଯୁଦ୍ଧ, ଶାସନ, ନେତୃତ୍ୱ, ଦାନ ଇତ୍ୟାଦି ଥିଲା କ୍ଷତ୍ରିୟର ସ୍ୱାଭାବିକ ଗୁଣ ଓ କର୍ମ । କୃଷିକାର୍ଯ୍ୟ, ଗୋପାଳନ, ବାଣିଜ୍ୟ ଓ ଶିଳ୍ପ କର୍ମ – ଏସବୁ ଥିଲା ବୈଶ୍ୟର ସ୍ୱଭାବଗତ କର୍ମ । ସେବା ଓ ପରିଚର୍ଯ୍ୟାମୂଳକ କର୍ମ ଥିଲା ଶୂଦ୍ରର ସ୍ୱାଭାବିକ କର୍ମ । ନିଜର ସ୍ୱଭାବ ଅନୁସାରେ କର୍ମ କଲେ ବ୍ୟକ୍ତି ଆଧ୍ୟାତ୍ମିକ ପୂର୍ଣ୍ଣତା ଲାଭ କରିପାରେ । ମାତ୍ର ସେ କେବଳ ସେହି କର୍ମ ଯୋଗୁଁ ଯେ ଆଧ୍ୟାତ୍ମିକ ପୂର୍ଣ୍ଣତା ଲାଭ କରେ ତାହା ନୁହେଁ, ସେହି କର୍ମକୁ ଯଦି ସେ ଯଥାର୍ଥ ଜ୍ଞାନ ଦ୍ୱାରା ସମ୍ପନ୍ନ କରେ ଏବଂ ଭଗବାନଙ୍କ ଅର୍ଚ୍ଚନା ରୂପେ ତଥା ତାଙ୍କଠାରେ ନିବେଦନ କରି ଯଦି ସେହି କର୍ମ କରେ ତାହାହେଲେ ତାହା ଅଧ୍ୟାତ୍ମ ସିଦ୍ଧି ଆଣି ଦେଇପାରେ । କିନ୍ତୁ ଯଦି କର୍ମଟି ବ୍ୟକ୍ତିର ସ୍ୱଭାବର ଅନୁରୂପ ନୁହେଁ, ଯଦି ତାହା କୃତ୍ରିମ ରୂପେ ବା ବାହ୍ୟତଃ ତାହା ଉପରେ ଆଣି ଲଦି ଦିଆଯାଇଛି ତାହାହେଲେ ସେପରି କର୍ମ ଦ୍ୱାରା ବାହ୍ୟ ସଫଳତା ପ୍ରାପ୍ତ ହେଲେ ସୁଦ୍ଧା ତାହା ବ୍ୟକ୍ତି ପାଇଁ ନିକୃଷ୍ଟ ପଥ ବୋଲି ବିବେଚିତ ହେବ ଏବଂ ତଦ୍ଦ୍ୱାରା ତା'ର ଆଧ୍ୟାତ୍ମିକ ମଙ୍ଗଳ ସାଧିତ ହେବ ନାହିଁ ।

ମନୁଷ୍ୟ ଗୁଣତ୍ରୟର ଅଧୀନ ହୋଇ ଥିବାରୁ ତା' ଦ୍ୱାରା ସମ୍ପାଦିତ କର୍ମ ତ୍ରୁଟିଯୁକ୍ତ ହେବା ସ୍ୱାଭାବିକ । କିନ୍ତୁ ତା' ବୋଲି ଯେ ପ୍ରକୃତିଗତ କାର୍ଯ୍ୟକଳାପକୁ ସେ ପରିତ୍ୟାଗ କରିବା ଉଚିତ, ଏପରି ନୁହେଁ । ତେବେ କର୍ମ ସୁନିୟନ୍ତ୍ରିତ ହେବା ଉଚିତ (ନିୟତଂ କର୍ମ) । ଯାହା ବ୍ୟକ୍ତିର ନିଜସ୍ୱ ସ୍ୱଭାବର ଅନୁକୂଳ ଏବଂ ଯାହା ତା'ର ଅନ୍ତରରୁ ସ୍ୱାଭାବିକ ରୂପେ ଉତ୍ସାରିତ ହୋଇ ଆସିଥାଏ ତାହାହିଁ ତା' ପକ୍ଷରେ ଯଥାର୍ଥ କର୍ମ । ଏପରି କର୍ମ ବ୍ୟକ୍ତିର ସତ୍ତାଗତ ସତ୍ୟ ସହିତ ସଙ୍ଗତିଯୁକ୍ତ ହୋଇଥାଏ, ତା'ର ଆନ୍ତର ସ୍ୱଭାବ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ (ସ୍ୱଭାବନିୟତଂ କର୍ମ) । ଜଣେ ଯଦି ସତ୍ୟର ଅଭିପ୍ରାୟ ନେଇ ପ୍ରକୃତିର ଧର୍ମ ଅନୁସରଣ-ପୂର୍ବକ କର୍ମ କରେ ତେବେ ତଦ୍ଦ୍ୱାରା ସେ ପାପଭାଗୀ ହୁଏ ନାହିଁ । କର୍ମରେ ତ୍ରୁଟି ହେଲେ ମଧ ପରିଣାମତଃ ତା'ର ମଙ୍ଗଳହିଁ ସାଧିତ ହୁଏ । ଗୀତାରେ କୁହାଯାଇଛି –

''ସ୍ୱଭାବନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍‌ବିଷମ୍''
(୧୮/୪୭)

ବର୍ତ୍ତମାନ ପ୍ରଚଳିତ ଜାତିଭେଦ ପ୍ରଥା ଗୀତା ବର୍ଣ୍ଣିତ ଚତୁର୍ବର୍ଣ୍ଣର ଆଦର୍ଶଠାରୁ ଭିନ୍ନ ଅଟେ । ଗୁଣ ଅନୁସାରେ କର୍ମର ଯେଉଁ ବିଧାନ ରହିଥିଲା ତାହା ବର୍ତ୍ତମାନର ସମାଜରେ ଆଉ ଦେଖାଯାଉ ନାହିଁ । ଅର୍ଥନୀତି ଓ ଅନ୍ୟାନ୍ୟ ବାହ୍ୟ ଅଭିପ୍ରାୟକୁ ଆଧାର କରି କର୍ମର ଚୟନ କରାଯାଇଛି । ବ୍ରାହ୍ମଣଠାରୁ ଶୂଦ୍ର ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀର ଲୋକେ ନିଜର ସୁବିଧା ଓ ସାମର୍ଥ୍ୟ ଅନୁସାରେ କୃଷି କାର୍ଯ୍ୟ, ଶାସନ କାର୍ଯ୍ୟ ଏବଂ ଯେକୌଣସି ଚାକିରି ବା କର୍ମ କରି ପାରୁଛନ୍ତି । ପୁରୋହିତର ପୁତ୍ର ପୁରୋହିତ ହେବ, ଗୋପାଳର ପୁତ୍ର ଗୋପାଳ ହେବ, ଡାକ୍ତରର ପୁତ୍ର ଡାକ୍ତର ହେବ ଏବଂ ଚର୍ମକାରର ପୁତ୍ର ଚର୍ମକାର ହେବ – ଏପରି କୌଣସି ବିଧିବଦ୍ଧ ବ୍ୟବସ୍ଥା ବା ବାଧବାଧକତା ନାହିଁ । ସାମାଜିକ ଓ ରାଜନୈତିକ ପରିସ୍ଥିତି ଏପରି ଜଟିଳ ହୋଇଛି ଯେ କର୍ମ ବା ବୃତ୍ତିଚୟନ ସମ୍ବନ୍ଧରେ କୌଣସି ନିର୍ଦ୍ଦିଷ୍ଟ ବିଧାନ ସମସ୍ତଙ୍କ ପାଇଁ ଲାଗୁ କରିବା ସମ୍ଭବ ନୁହେଁ । ଜାତିଗତ ପ୍ରଥା ଏପରି ବିଶୃଙ୍ଖଳିତ ହୋଇ ଯାଇଛି ଯେ ତା'ର ସଂଶୋଧନର କୌଣସି ସମ୍ଭାବନା

ନାହିଁ । ବର୍ତ୍ତମାନ ଆଚାରର ଦୃଢ଼ ବନ୍ଧନ ରହିଛି, ମାତ୍ର ପ୍ରକୃତିଗତ ବିଭିନ୍ନତା ଉପରେ ଗୁରୁତ୍ୱ ଦିଆଯାଉ ନାହିଁ ।

ଭାରତରେ ସମାଜ ବ୍ୟବସ୍ଥାକୁ ସୁପ୍ରତିଷ୍ଠିତ କରିବା ସକାଶେ ଚାରୋଟି ସୁନିର୍ଦ୍ଦିଷ୍ଟ ଶ୍ରେଣୀ ମଧ୍ୟରେ ଚାରି ପ୍ରକାର କର୍ମ ବଣ୍ଟନ କରାଯାଇଥିଲା ଯଥା : ୧. ପୌରହିତ୍ୟ, ସାହିତ୍ୟ, ଶିକ୍ଷା ଓ ଜ୍ଞାନ-ଚର୍ଚ୍ଚାର କାର୍ଯ୍ୟ, ୨. ରାଜ୍ୟଶାସନ, ରାଜନୀତି, ରାଷ୍ଟ୍ର ପରିଚାଳନା ଓ ଯୁଦ୍ଧ ସମ୍ବନ୍ଧୀୟ କର୍ମ, ୩. ଉତ୍ପାଦନ, ଅର୍ଥୋପାର୍ଜନ ଏବଂ ପଣ୍ୟ ବିନିମୟ, ୪. ଶ୍ରମିକ ଓ ପରିଚାରକର କର୍ମ । ଜାତି ଅନୁସାରେ ଏହି କର୍ମ ବଣ୍ଟନର ପ୍ରଥାରେ ଯେଉଁ ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ରହିଥିଲା ଗୀତା ତାହାକୁ ଉନ୍ମୋଚିତ କରିଛି । ଗୀତା ଓ ଅନ୍ୟାନ୍ୟ ପ୍ରାଚୀନ ଗ୍ରନ୍ଥ ଏହି ପ୍ରଥାକୁ ଶାଶ୍ୱତ ସାର୍ବଜନୀନ ସାମାଜିକ ବ୍ୟବସ୍ଥା ରୂପେ ସ୍ୱୀକାର କରି ନାହାନ୍ତି ।

ବିଶ୍ୱପୁରୁଷ ସମଷ୍ଟିଗତ ଓ ବ୍ୟଷ୍ଟିଗତ ମାନବ ଜୀବନରେ ଆପଣାକୁ ଅଭିବ୍ୟକ୍ତ କରୁଛନ୍ତି । ବେଦରେ ଅନ୍ତର୍ଭୁକ୍ତ ''ପୁରୁଷ ସୂକ୍ତ''ରେ ଯେଉଁ ରୂପକଟିର ବର୍ଣ୍ଣନା କରାଯାଇଛି ତାହାକୁ କର୍ମ-ବିଭାଗର ସ୍ୱାଭାବିକ ମୂଳଭିତ୍ତି ରୂପେ ନିଆ ଯାଇଥାଏ । ସେଥିରେ କୁହାଯାଇଛି ଯେ ବ୍ରାହ୍ମଣମାନେ ଭଗବାନ୍ ବା ବିଶ୍ୱପୁରୁଷଙ୍କର ମସ୍ତକରୁ ଉତ୍ପନ୍ନ ହୋଇଛନ୍ତି ଏବଂ ଶୂଦ୍ରମାନେ ତାଙ୍କ ପାଦରୁ ଉତ୍ପନ୍ନ ହୋଇଛନ୍ତି । କିନ୍ତୁ ଏଥିରୁ ଏହା ପ୍ରମାଣିତ ହେଉ ନାହିଁ ଯେ ବ୍ରାହ୍ମଣମାନେ ଶୂଦ୍ରମାନଙ୍କଠାରୁ ସର୍ବାଦୌ ଶ୍ରେଷ୍ଠ । ଆମେ କ'ଣ କହିପାରିବା ଯେ ଭଗବାନଙ୍କ ଚରଣ ତାଙ୍କର ମସ୍ତକ ଅପେକ୍ଷା ନିକୃଷ୍ଟ ? ସୁତରାଂ 'ପୁରୁଷ ସୂକ୍ତ'କୁ ଯଥାର୍ଥ ଆଧ୍ୟାତ୍ମିକ ଅର୍ଥରେ ଗ୍ରହଣ କରିବା ସମୀଚୀନ ହେବ । ସାମାଜିକ ସ୍ତର ବିଭାଗ ଯେତେବେଳେ ଦୃଢ଼ୀଭୂତ ହେଲା ମନୁଷ୍ୟର ପଦମର୍ଯ୍ୟାଦା ପ୍ରଧାନତଃ ଜନ୍ମ ଦୃଷ୍ଟିରୁହିଁ ନିର୍ଦ୍ଧାରିତ ହେଲା । ଫଳରେ ବ୍ରାହ୍ମଣୋଚିତ ଗୁଣ ଓ ଚରିତ୍ର ନ ଥାଇ ମଧ୍ୟ ବ୍ରାହ୍ମଣର ପୁତ୍ର ପଦମର୍ଯ୍ୟାଦାରେ ସର୍ବଦା ବ୍ରାହ୍ମଣ ରୂପେ ଗୃହୀତ ହେଲା ।

ଶ୍ରୀଅରବିନ୍ଦ କହନ୍ତି ଯେ ପ୍ରାଚୀନ ଶାସ୍ତ୍ରକାରଗଣ ବଂଶାନୁକ୍ରମିକ ପ୍ରଥାକୁ ସ୍ୱୀକାର କରିଥିଲେ ମଧ୍ୟ ବ୍ୟକ୍ତିର ଗୁଣ, ଚରିତ୍ର ଓ ସାମର୍ଥ୍ୟ ଅନୁସାରେ ବ୍ୟକ୍ତିର ଜାତି ନିରୂପିତ ହେବା ଉଚିତ ବୋଲି ଗୁରୁତ୍ୱର ସହ ମତ ପ୍ରକାଶ କରିଥିଲେ । ଏହି ଯଥାର୍ଥ ଭିତ୍ତିର ଅଭାବରେ ସମାଜରେ ବଂଶଗତ ପଦମର୍ଯ୍ୟାଦା ଆଧ୍ୟାତ୍ମିକତାବିହୀନ ମିଥ୍ୟାଚାରରେ ପରିଣତ ହୁଏ ବୋଲି ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି । ଗୀତା ମଧ୍ୟ ବ୍ୟକ୍ତି ଭିତରେ ଆନ୍ତର ସତ୍ୟର ପ୍ରକାଶ ଉପରେ ଗୁରୁତ୍ୱ ଦେଇଛି । ବ୍ୟକ୍ତିର ବଂଶ, ମାତାପିତା, ଶାରୀରିକ ଜନ୍ମ, ରୂପ ଆଦି ସ୍ଥୂଳ ବିଷୟ ଉପରେ ଏହା ଗୁରୁତ୍ୱ ଦେଇ ନାହିଁ । ଗୀତା ''ସହଜଂ କର୍ମ'' ବିଷୟରେ ଉଲ୍ଲେଖ କରିଛି । ଯେଉଁ ସ୍ୱାଭାବିକ ଓ ସହଜାତ ଗୁଣ ବ୍ୟକ୍ତି ନିଜର ଜନ୍ମ ସହ ନେଇ କରି ଆସିଛି ତଦନୁସାରେ କରାଯାଉଥିବା କର୍ମକୁ 'ସହଜଂ କର୍ମ' ବୋଲି କୁହାଯିବ । ଏପରି କର୍ମ ଦୋଷଯୁକ୍ତ ହେଲେ ମଧ୍ୟ ତାକୁ ତ୍ୟାଗ କରିବା ଉଚିତ ନୁହେଁ ବୋଲି ଗୀତା ପ୍ରକାଶ କରିଛି । ମନୁଷ୍ୟର କର୍ମ ବା ବୃତ୍ତି ତାହାର ଗୁଣ ଦ୍ୱାରା ନିର୍ଦ୍ଧାରିତ ହେବା ଉଚିତ । ବ୍ୟକ୍ତିର ସ୍ୱଭାବରୁ ଜାତ କର୍ମ (ସ୍ୱଭାବଜଂ କର୍ମ) ଉପରେ ଗୀତା ଗୁରୁତ୍ୱ ଦେଇଛି । କର୍ମ ସ୍ୱଭାବ ଦ୍ୱାରାହିଁ ନିୟନ୍ତ୍ରିତ ହେବା ଉଚିତ (ସ୍ୱଭାବନିୟତଂ କର୍ମ) । ଗୀତାର ଭାଷାରେ –

''ବ୍ରାହ୍ମଣକ୍ଷତ୍ରିୟବିଶାଂ ଶୂଦ୍ରାଣାଂ ଚ ପରନ୍ତପ ।
କର୍ମାଣି ପ୍ରବିଭକ୍ତାନି ସ୍ୱଭାବପ୍ରଭବୈର୍ଗୁଣୈଃ ॥''
(୧୮/୪୧)

ଅର୍ଥାତ୍ ''ହେ ପରନ୍ତପ ! ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରଙ୍କର କର୍ମ ସ୍ୱଭାବଜାତ ତିନିଗୁଣ ଦ୍ୱାରା ବିଭକ୍ତ କରାଯାଇଛି ।''

ଗୀତା ବାହ୍ୟ ସମାଜ ବ୍ୟବସ୍ଥା ଉପରେ ଗୁରୁତ୍ୱ ନ ଦେଇ ବର୍ଣ୍ଣ ବ୍ୟବସ୍ଥାର ଆଭ୍ୟନ୍ତରୀଣ ନୀତି ଉପରେ ଗୁରୁତ୍ୱ ଦେଇଛି । ସେହି ଆଭ୍ୟନ୍ତରୀଣ ନୀତି ବାହ୍ୟ ଆଚାର-ବ୍ୟବହାରରେ ପ୍ରତିଫଳିତ ହେବା ଉଚିତ ବୋଲି ତା'ର ମତ । ସ୍ୱଧର୍ମର ଅନୁସରଣ ଉପରେ ପ୍ରାଧାନ୍ୟ ଦେଇ ଏହାର ଆଧ୍ୟାତ୍ମିକ ଉପଯୋଗିତା ଉପରେ ଗୀତା ନିଜ ଦୃଷ୍ଟିକୁ କେନ୍ଦ୍ରୀଭୂତ କରିଛି । ଚତୁର୍ବର୍ଣ୍ଣ-ବିଭାଗକୁ ଏକ ଆଭ୍ୟନ୍ତରୀଣ, ଅନ୍ତର୍ମୁଖୀ ଓ ସାର୍ବଜନୀନ ତାତ୍ପର୍ଯ୍ୟ ପ୍ରଦାନ କରିବା ସହ ଏହାର ଆଧ୍ୟାତ୍ମିକ ଅଭିପ୍ରାୟ ଓ ଲକ୍ଷ୍ୟ ଉପରେ ଗୀତା ଗୁରୁତ୍ୱ ଆରୋପ କରିଛି ।

ଗୀତାର ବର୍ଣ୍ଣନାରେ ଏକ ବିଶେଷ କଥା ଲକ୍ଷ୍ୟ କରାଯାଏ ଯେ ଏହା କର୍ମକୁ ବାହ୍ୟବୃତ୍ତି ଦୃଷ୍ଟିରୁ ବର୍ଣ୍ଣନା ନ କରି ଆନ୍ତର ପ୍ରକୃତିର ଦିଗରୁ ବର୍ଣ୍ଣନା କରିଛି । ଉଦାହରଣସ୍ୱରୂପ, ବ୍ରାହ୍ମଣର କର୍ମ ହେଉଛି ଶିକ୍ଷା, ପୌରହିତ୍ୟ, ଶାସ୍ତ୍ରଚର୍ଚ୍ଚା – ଏପରି ନ କହି ବ୍ରାହ୍ମଣର ଧର୍ମ ଶାନ୍ତି, ଆତ୍ମସଂଯମ, ତପସ୍ୟା, ଶୁଚିତା, କ୍ଷମାଶୀଳତା, ସରଳତା, ଜ୍ଞାନ, ଅଧ୍ୟାତ୍ମ ସତ୍ୟ ଗ୍ରହଣ ଓ ଆସ୍ତିକ ଭାବ ବୋଲି ଉଲ୍ଲେଖ କରିଛି । ଶିକ୍ଷାଦାନ, ପୌରହିତ୍ୟ ଆଦି ବାହ୍ୟ କର୍ମ ହେଉଛି ସେହି ଗୁଣଗୁଡ଼ିକର ବିକାଶ ନିମନ୍ତେ ଉପଯୋଗୀ କ୍ଷେତ୍ର । ସେହିପରି କ୍ଷତ୍ରିୟର

ପ୍ରକୃତ କର୍ମ ବା ଧର୍ମ ହେଲା ଶୌର୍ଯ୍ୟ, ତେଜ, ଧୈର୍ଯ୍ୟ, ଶାସନ ଓ ପ୍ରଜାପାଳନ କ୍ଷେତ୍ରରେ ଦକ୍ଷତା, ରଜୋଗୁଣୋଚିତ ସକ୍ରିୟତା ଓ କ୍ରିୟାତ୍ମକ କୌଶଳପୂର୍ଣ୍ଣ ଗତିବିଧି ତଥା ବୀରୋଚିତ ଯୁଯୁତ୍ସୁ ପ୍ରକୃତିର ବିକାଶ ସାଧନ । ଏହି ଗୁଣର ଅଭିବ୍ୟକ୍ତି ପାଇଁ ଅନୁକୂଳ କ୍ଷେତ୍ର ହେଉଛି ଯୁଦ୍ଧ, ରାଜଧର୍ମ, ନେତୃତ୍ୱ ଓ ଶାସନ କାର୍ଯ୍ୟ । କିନ୍ତୁ ଅପରପକ୍ଷେ ବୈଶ୍ୟ ଓ ଶୂଦ୍ରର ପ୍ରକୃତିରେ ବହିର୍ମୁଖିତା ଦେଖାଯାଏ ଯାହା ସାତ୍ତ୍ୱିକ ଓ ଆଧ୍ୟାତ୍ମିକ କର୍ମ ପାଇଁ ବିଶେଷ ଅନୁକୂଳ ନୁହେଁ । ବୈଶ୍ୟ ଉତ୍ପାଦନ ଓ ଉପାର୍ଜନ କର୍ମରେ ବ୍ୟାପୃତ ରହେ ଏବଂ ଶୂଦ୍ର ଶ୍ରମ ଓ ସେବା କାର୍ଯ୍ୟରେ ବ୍ୟସ୍ତ ରହେ । ଏ ଉଭୟେ ଆଧ୍ୟାତ୍ମିକ ଜୀବନ ଅପେକ୍ଷା ଭୌତିକ ଓ ପ୍ରାଣଗତ ଜୀବନ ପ୍ରତି ଅଧିକ ଆସକ୍ତ ହୋଇଥା'ନ୍ତି । ତଥାପି ଏମାନେ ମଧ୍ୟ ଚାହିଁଲେ ସ୍ୱଧର୍ମକୁ ଅନୁସରଣ କରି ଅଧ୍ୟାତ୍ମସିଦ୍ଧି ଦିଗରେ ଅଗ୍ରସର ହୋଇ ପାରିବେ । ତେଣୁ ଗୀତା ପ୍ରତିପାଦନ କରିବାକୁ ଚାହେଁ ଯେ ମନସ୍ତାତ୍ତ୍ୱିକ ଗୁଣଗୁଡ଼ିକହିଁ ବ୍ୟକ୍ତିର ସ୍ୱଭାବକୁ ନିର୍ଦ୍ଧାରିତ କରିଥାଏ ଏବଂ ସେହି ସ୍ୱଭାବ ଅନୁସାରେ ସ୍ୱଧର୍ମ ନିରୂପିତ ହୋଇଥାଏ । ଏହି ଦୃଷ୍ଟିରୁ ଜଣେ କବି ଓ କଳାକାରର ସ୍ୱଧର୍ମଠାରୁ ଜଣେ କ୍ଷତ୍ରିୟର ସ୍ୱଧର୍ମ ଭିନ୍ନ ହୋଇଥାଏ ।

ସ୍ୱଭାବ ଓ ସ୍ୱଧର୍ମ ପ୍ରସଙ୍ଗରେ ଗୀତାର ବକ୍ତବ୍ୟରୁ ତିନୋଟି ବିଷୟ ସ୍ପଷ୍ଟ ହୁଏ । ପ୍ରଥମ କଥା ହେଲା ପ୍ରତ୍ୟେକ ମନୁଷ୍ୟର ପ୍ରକୃତିରେ ଯେଉଁ ବିଶିଷ୍ଟ ଧର୍ମ ଓ ସହଜାତ ଶକ୍ତି ରହିଛି ସେଥିରୁ ତା'ର ସକଳ କର୍ମ ନିର୍ଦ୍ଧାରିତ ହେବା ଉଚିତ । ସେହି ଶକ୍ତି ବା ଧର୍ମ ତା'ର ଆତ୍ମାରୁହିଁ ଜାତ ହୋଇଥାଏ । କର୍ମ ମାଧ୍ୟମରେ ସେହି ଶକ୍ତିକୁ ଜୀବନର ସକଳ କ୍ଷେତ୍ରରେ କାର୍ଯ୍ୟକାରୀ କରିବା ହେଉଛି ମନୁଷ୍ୟର ଯଥାର୍ଥ କର୍ମ । ସ୍ୱଧର୍ମର କାର୍ଯ୍ୟକାରିତାହିଁ ବ୍ୟକ୍ତିସତ୍ତାର କ୍ରମବିକାଶକୁ ସୁନିଶ୍ଚିତ କରେ । ଦ୍ୱିତୀୟ ବିଷୟ ହେଲା, ଚାରି ଶ୍ରେଣୀର ପ୍ରକୃତି ରହିଛି ଏବଂ ପ୍ରତ୍ୟେକ ଶ୍ରେଣୀ ପାଇଁ ଉପଯୁକ୍ତ କର୍ମକ୍ଷେତ୍ର ନିର୍ଦ୍ଧାରିତ ହୋଇଛି । ତୃତୀୟ ବିଷୟ ହେଲା, ମନୁଷ୍ୟ ନିଜର ପସନ୍ଦ ମୁତାବକ ବା ପରିସ୍ଥିତିର ଚାପରେ ଯେକୌଣସି କର୍ମ କରୁନା କାହିଁକି ଯଦି ସେ ତାହାର ପ୍ରକୃତିର ସତ୍ୟ ବା ଆନ୍ତର ସତ୍ତାର ଧର୍ମକୁ ଅନୁସରଣ କରି ତାହା ସମ୍ପାଦନ କରେ ତାହାହେଲେ ସେହି କର୍ମକୁ ସେ ଭଗବତ୍‌ମୁଖୀ କରିପାରିବ ଏବଂ ଅଧ୍ୟାତ୍ମ ମୁକ୍ତି ଓ ସିଦ୍ଧିଲାଭ କରିପାରିବ ।

ରାଷ୍ଟ୍ର, ସମାଜ, ପରିବାର ଏବଂ ପାରିପାର୍ଶ୍ୱିକ ପରିସ୍ଥିତିର ପ୍ରଭାବ ଯୋଗୁଁ ମନୁଷ୍ୟ ତା'ର ସ୍ୱଧର୍ମ ପାଳନରେ ବାଧାର ସମ୍ମୁଖୀନ ହୁଏ । ସମାଜର ଦାୟିତ୍ୱ ହେଉଛି ବ୍ୟକ୍ତିକୁ ତା'ର ସ୍ୱଭାବ ଓ ସ୍ୱଧର୍ମ ଅନୁସାରେ କର୍ମ କରିବାକୁ ଓ ବିକଶିତ ହେବାକୁ ସୁଯୋଗ ଦେବା । ଆମର ଶିକ୍ଷା ବ୍ୟବସ୍ଥା ଏପରି ହେବା ଉଚିତ ଯେପରିକି ଶିଶୁ ମଧ୍ୟରେ ଯେଉଁ ସହଜାତ ଗୁଣ ଓ ଶକ୍ତି ରହିଛି ତାହା ଅବାଧ ରୂପେ ଓ ସ୍ୱାଧୀନ ଭାବେ ବିକଶିତ ହୋଇପାରିବ । ଏହା ଅତି ଗୁରୁତ୍ୱପୂର୍ଣ୍ଣ ଯେ ଈଶ୍ୱରଙ୍କଠାରୁ ପ୍ରାପ୍ତ ଶକ୍ତି ଓ କ୍ଷମତା ତଥା ନିଜର ସ୍ୱଭାବ ଅନୁସାରେ କର୍ମ କରିବା ପାଇଁ ପ୍ରତ୍ୟେକ ମନୁଷ୍ୟର ସ୍ୱାଧୀନତା ରହିବା ଉଚିତ । ଏହି ନୀତି ଗୋଟିଏ ସମାଜ ବା ଜାତି ପାଇଁ ମଧ୍ୟ ପ୍ରଯୁଜ୍ୟ ।

ବ୍ୟକ୍ତି ତାହାର ସ୍ୱାଭାବିକ କର୍ତ୍ତବ୍ୟ-କର୍ମକୁ ଯଥାର୍ଥ ରୂପେ ସମ୍ପାଦନ କରିବା ଉଚିତ । ଆମ ଅନ୍ତରରେ ତଥା ସମଗ୍ର ବିଶ୍ୱରେ ବିରାଜିତ ହୋଇଥିବା ଭଗବାନଙ୍କ ଉଦ୍ଦେଶ୍ୟରେ ଯଦି କର୍ମକୁ ଉତ୍ସର୍ଗ କରାଯାଏ ତାହାହେଲେ ଯେକୌଣସି କର୍ମ ଅଧ୍ୟାତ୍ମ ସିଦ୍ଧିର ଉପାୟ ହୋଇପାରିବ । ଆମର ଜୀବନ ଓ କର୍ମ ସମ୍ବନ୍ଧୀୟ ସକଳ ବିଷୟ ଭଗବାନଙ୍କଠାରୁ ଉତ୍ପନ୍ନ ହୋଇଛି ଏବଂ ସବୁକିଛିହିଁ ଭଗବାନଙ୍କର ପ୍ରଚ୍ଛନ୍ନ ଅଭିବ୍ୟକ୍ତି – ଏହା ସର୍ବଦା ମନେ ରଖିବା ଆବଶ୍ୟକ । ତେଣୁ ପ୍ରତ୍ୟେକ ମନୁଷ୍ୟର ସ୍ୱଭାବ ଓ ସ୍ୱଧର୍ମ ଯାହା ହେଉନା କାହିଁକି ଅଜ୍ଞାନ ଓ ଅପୂର୍ଣ୍ଣତାରୁ ମୁକ୍ତ ହେବା ତଥା ଭଗବାନଙ୍କ ସହିତ ବ୍ୟଷ୍ଟିଗତ, ବିଶ୍ୱଗତ ଏବଂ ବିଶ୍ୱାତୀତ ସ୍ତରରେ ଏକତ୍ୱ ପ୍ରତିଷ୍ଠା କରିବା ହେଉଛି ପରମ ଧର୍ମ ।

ଜନ୍ମ ଜନ୍ମ ଧରି ଆମର ଆତ୍ମା କ୍ରମ ବିକଶିତ ହୋଇ ଆସୁଛି । ଆମର ଆଭ୍ୟନ୍ତରୀଣ ସତ୍ୟ ଅନୁସାରେ ଭଗବାନ୍ ଆମକୁ ନୂଆ ନୂଆ ରୂପରେ ଗଠନ କରିବାରେ ଲାଗିଛନ୍ତି । ଆମର ମନ, ପ୍ରାଣ, ଭାବାବେଗ, ବାସନା, ଅହଂ, ସୁଖଦୁଃଖ, ପାପପୁଣ୍ୟ, ସଫଳତା-ବିଫଳତା ଆଦି ଆମର ବାହ୍ୟ ଅପୂର୍ଣ୍ଣ ରୂପ ମାତ୍ର; ତାହା ଆମର ଅସଲ ସ୍ୱରୂପ ନୁହେଁ । ଆମର ଆନ୍ତର ଦିବ୍ୟସତ୍ତାହିଁ ଆମର ପ୍ରକୃତ ସ୍ୱରୂପ । ନାନା ଉତ୍ଥାନ, ପତନ ଓ ବିପର୍ଯ୍ୟୟ ମଧ୍ୟ ଦେଇ ଭଗବାନ୍ କ୍ରମବିକାଶର ଧାରାରେ ଆମର ସେହି ଅସଲ ଅନ୍ତର୍ଗତ ସତ୍ତାର ଅଭିବ୍ୟକ୍ତି ଲାଗି କାର୍ଯ୍ୟ କରି ଚାଲିଛନ୍ତି । ଆମର ସକଳ କର୍ମ ଓ ଅଭୀପ୍ସାକୁ ସେହି ଦିବ୍ୟ ପ୍ରୟାସ ସହିତ ଯୁକ୍ତ କରି ରଖିବା ହେଉଛି ସ୍ୱଭାବ ଓ ସ୍ୱଧର୍ମର ଅସଲ ଅଭିପ୍ରାୟ ।

ବ୍ୟକ୍ତି ଯାହା ବା ଯେପରି ହେବ ବୋଲି ତା'ର ଆତ୍ମା ନିର୍ଦ୍ଧାରିତ କରିଛି ତାହାହିଁ ତା'ର ସ୍ୱଭାବ । ସେହି ଅନୁସାରେ ତା'ର ଗୁଣଗୁଡ଼ିକ ଗଠିତ ହୋଇଥାଏ । ମାଧବ ପଣ୍ଡିତ କହନ୍ତି –

"Swabhava is the mode of becoming. The soul chooses to become in a particular mode and accordingly one has the qualities."

ପ୍ରତ୍ୟେକ ବ୍ୟକ୍ତି ଭିତରେ ସତ୍ତ୍ୱ, ରଜଃ ଓ ତମଃ ଏଇ ତିନୋଟି ଗୁଣ କମ୍ ବା ବେଶୀ ପରିମାଣରେ କ୍ରିୟାଶୀଳ ରହିଥାଏ । କିନ୍ତୁ ବ୍ୟକ୍ତିର ସହଜାତ ପ୍ରକୃତିହିଁ ଗୁଣଗୁଡ଼ିକ ମାଧ୍ୟମରେ କାର୍ଯ୍ୟ କରିଥାଏ । ପ୍ରକୃତରେ ଗୁଣଗୁଡ଼ିକ ବ୍ୟକ୍ତିର କର୍ମକୁ ସ୍ଥିର କରି ନଥା'ନ୍ତି । ଆତ୍ମା ନିଜର ଉଦ୍ଦେଶ୍ୟ ସାଧନ କରିବା ପାଇଁ ଯାହା ସ୍ଥିର କରେ ସେହି ଅନୁସାରେହିଁ ବ୍ୟକ୍ତି ଭିତରେ ଗୁଣଗୁଡ଼ିକର ସମ୍ମିଶ୍ରଣ ଘଟିଥାଏ । ଭଗବାନଙ୍କ ଇଚ୍ଛା ଓ ସଂକଳ୍ପହିଁ ସବୁକିଛିର ନିୟନ୍ତା ହୋଇ ରହିଛି । ସେହି ପରମ ଭାଗବତ ସଂକଳ୍ପ ମନୁଷ୍ୟମାନଙ୍କର ବ୍ୟକ୍ତିଗତ ଇଚ୍ଛା (individual will)ଗୁଡ଼ିକୁ ମାଧ୍ୟମ ବା ଯନ୍ତ୍ର କରି କାର୍ଯ୍ୟ କରୁଛି । ବ୍ୟକ୍ତି ପ୍ରତ୍ୟେକ ଜନ୍ମରେ ଏକ ନିର୍ଦ୍ଦିଷ୍ଟ ସ୍ୱଭାବ (a certain mould of nature) ନେଇ ଆସିଥାଏ । ସେହି ସ୍ୱଭାବଟି ଅତୀତର ବିଭିନ୍ନ ଜନ୍ମର ସଞ୍ଚିତ କର୍ମ ତଥା ବର୍ତ୍ତମାନର ଜନ୍ମରେ ଭୋଗିବାକୁ ସ୍ଥିର କରାଯାଇଥିବା କର୍ମ ଅନୁଯାୟୀ ଗଠିତ ହୋଇଥାଏ । ଏଥିରେ ଆତ୍ମାର ସମ୍ମତି ବା ଅନୁମତି ରହିଥାଏ । ଆତ୍ମାହିଁ ସ୍ଥିର କରେ ବର୍ତ୍ତମାନର ଜନ୍ମରେ କେତେ ପରିମାଣର କର୍ମ ଭୋଗ (work out) କରିବାକୁ ହେବ ଏବଂ ସେହି ଅନୁସାରେ ବ୍ୟକ୍ତିର ସ୍ୱଭାବ ଗଠିତ ହୋଇଥାଏ । ପ୍ରତ୍ୟେକ ଜନ୍ମରେ ବ୍ୟକ୍ତିର ସ୍ୱଭାବ ଭିନ୍ନ ଭିନ୍ନ ହୋଇଥାଏ ।

କୌଣସି ପରିସ୍ଥିତିରେ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ କର୍ମ କରି ଯେଉଁ ଧର୍ମ ପାଳନ କରେ ତାହା ଯଦି ତା'ର ସହଜାତ ସ୍ୱଭାବର ଅନୁରୂପ ନୁହେଁ, ତେବେ ତାହାକୁ ତାହାର ଅସ୍ଥାୟୀ ଧର୍ମ ବୋଲି କୁହାଯିବ । ଅନ୍ୟ ପକ୍ଷରେ ବ୍ୟକ୍ତି ଯେତେବେଳେ ତା'ର ଆତ୍ମାରୁ ଉନ୍ମେଷିତ ହୋଇଥିବା ଆନ୍ତର ସ୍ୱଭାବ ଦ୍ୱାରା ପ୍ରେରିତ ହୋଇ କୌଣସି କର୍ମ କରେ ସେତେବେଳେ ତାହା ତା'ର ସ୍ଥାୟୀ ଧର୍ମ ହୋଇଥାଏ । ଆଧୁନିକ ଯୁଗରେ ଅଧିକାଂଶ ମନୁଷ୍ୟ ଏକ କୃତ୍ରିମ ଓ ଉପରସ୍ତରୀୟ ଜୀବନ ବଞ୍ଚୁଛନ୍ତି । ସେମାନେ ବାହ୍ୟ ପରିସ୍ଥିତି ଦ୍ୱାରା ବାଧ୍ୟ ହୋଇ ନିଜର ଆନ୍ତର ସ୍ୱଭାବର ପ୍ରତିକୂଳ କର୍ମ ଆଚରଣ କରୁଛନ୍ତି । ଖୁବ୍ ଅଳ୍ପ ସଂଖ୍ୟକ ବ୍ୟକ୍ତିହିଁ ନିଜର ସ୍ୱଭାବ ଓ ସ୍ୱଧର୍ମ ଅନୁସାରେ କର୍ମ କରୁଛନ୍ତି ।

ତେବେ ଆଶ୍ୱାସନାର ବିଷୟ ହେଉଛି ଭଗବାନ୍ ଗୀତାରେ ଆମକୁ ଭରସା ଦେଇ କହୁଛନ୍ତି ଯେ ଆମେ ଯେଉଁ କର୍ମ ବା ବୃତ୍ତି ଗ୍ରହଣ କରୁନା କାହିଁକି ଯଦି ତାହାକୁ ଯଥାର୍ଥ ମନୋଭାବ ସହ ସମ୍ପାଦନ କରୁ ଏବଂ ଭଗବାନଙ୍କଠାରେ ତାକୁ ନିବେଦନ କରିଦେଉ ତାହାହେଲେ ଆମେ ଅଧ୍ୟାତ୍ମ ମୁକ୍ତି ଓ ଭଗବତ୍ ପ୍ରାପ୍ତିର ଅଧିକାରୀ ହୋଇ ପାରିବା ।

ପ୍ରତ୍ୟେକ ବ୍ୟକ୍ତି ଭିତରେ ଭଗବାନଙ୍କର ଏକ ପରିକଳ୍ପନା ବା ଏକ ବିଶେଷ ସଂକଳ୍ପ କାର୍ଯ୍ୟ କରୁଥାଏ । ତା'ର ଆତ୍ମା ଭିତରେ ଏକ ସତ୍ୟ-କଳ୍ପନା (Real-Idea) ଅଭିବ୍ୟକ୍ତ ଓ କାର୍ଯ୍ୟକାରୀ ହେବା ଲାଗି ଅପେକ୍ଷା କରି ରହିଥାଏ । ଜନ୍ମ ଜନ୍ମ ଧରି ଆତ୍ମା ସହିତ ତାହା ଯାତ୍ରା କରୁଥାଏ ଭଗବାନଙ୍କ ବିଶେଷ ଉଦ୍ଦେଶ୍ୟ ସାଧନ ସକାଶେ । ଆତ୍ମସତ୍ତା କ୍ରମବିକାଶର ଯେଉଁ ପର୍ଯ୍ୟାୟରେ ରହିଥାଏ ସେହି ଅନୁସାରେ ଏହି ସତ୍ୟ-ପରିକଳ୍ପନା (Real-Idea) ନିଜକୁ ନିର୍ଦ୍ଦିଷ୍ଟ କରିଥାଏ ଏବଂ ଆତ୍ମାର ବିକାଶ ନିମନ୍ତେ ଯେତିକି ପୂର୍ବାର୍ଜିତ କର୍ମର ସମ୍ପାଦନ (working out) ଆବଶ୍ୟକ ସେତିକି କର୍ମକୁ ନେଇ ଏହା କ୍ରିୟାଶୀଳ ହୋଇଥାଏ । ଉଚ୍ଚତର ଅଧ୍ୟାତ୍ମ ଶକ୍ତି ମଧ୍ୟରେହିଁ ଆମର ପ୍ରକୃତ ଶକ୍ତି ଓ ସର୍ବୋଚ୍ଚ ସମ୍ଭାବନା ନିହିତ ହୋଇ ରହିଛି । ଆମର ବାହ୍ୟ ଜୀବନ ତ୍ରିଗୁଣମୟୀ ମାୟା ଦ୍ୱାରା ଯନ୍ତ୍ରବତ୍ ପରିଚାଳିତ ହେଉଛି ଏବଂ ଅନେକ ସମୟରେ ନିମ୍ନ ଗତିବୃତ୍ତି ଯୋଗୁଁ ଆମେ ଆତ୍ମାର ଲକ୍ଷ୍ୟ ପଥରୁ ବିଚ୍ୟୁତ ହେଉଛୁ । କିନ୍ତୁ ଆମେ ପ୍ରତ୍ୟେକେ ପୁରୁଷୋତ୍ତମଙ୍କର ଏକ ଦିବ୍ୟ ଅଂଶକୁ ଆମ ଭିତରେ ଧାରଣ କରି ରହିଛୁ ଏବଂ ତାହା ଆମ ଭିତରେ କ୍ରମଶଃ ଅଭିବ୍ୟକ୍ତ ହେବ । ଆମର ସ୍ୱଭାବ ଓ ସ୍ୱଧର୍ମ ଏହି ତତ୍ତ୍ୱ ସହିତ ସମ୍ବନ୍ଧିତ । ଶ୍ରୀଅରବିନ୍ଦ ଏହି ବିଷୟଟିକୁ ଖୁବ୍ ସୁନ୍ଦର ଭାବେ ବର୍ଣ୍ଣନା କରି କହନ୍ତି –

"And in Nature each of us has a principle and will of our own becoming; each soul is a force of self-consciousness that formulates an idea of the Divine in it and guides by that its action and evolution, its progressive self-finding, its constant varying self-expression, its apparently uncertain but secretly inevitable growth to fullness. That is our Swabhava, our own real nature; that is our truth of being which is finding now only a constant partial expression in our various becoming in the world. The law of action

determined by this Swabhava is our right law of self-shaping, function, working, our Swadharma."

(Essays on the Gita, P. 519)

ଅର୍ଥାତ୍ ''ପୁନଶ୍ଚ ପ୍ରକୃତିର ରାଜ୍ୟରେ ଆମ୍ଭମାନଙ୍କର ପ୍ରତ୍ୟେକର ଅଛି ନିଜ ନିଜର ବିବର୍ତ୍ତନର ମୂଳନୀତି ଓ ସଂକଳ୍ପ । ପ୍ରତ୍ୟେକ ଜୀବ ଗୋଟିଏ ଆତ୍ମ-ଚୈତନ୍ୟର ଶକ୍ତି, ସେ ନିଜ ମଧ୍ୟରେ ଭଗବାନଙ୍କର ଗୋଟିଏ ପରିକଳ୍ପନା ନିର୍ଣ୍ଣୟ କରେ ଏବଂ ତାହା ଦ୍ୱାରା ନିଜର କର୍ମ ଓ କ୍ରମବିକାଶ, ନିଜର କ୍ରମବର୍ଦ୍ଧମାନ ଆତ୍ମୋପଲବ୍ଧି, ନିଜର ନିତ୍ୟ ବୈଚିତ୍ର୍ୟମୟ ଆତ୍ମପ୍ରକାଶ, ପୂର୍ଣ୍ଣ ସିଦ୍ଧି ଦିଗରେ ନିଜର ଦୃଶ୍ୟତଃ ଅନିଶ୍ଚିତ କିନ୍ତୁ ନିଗୂଢ଼ଭାବେ ଅବଶ୍ୟମ୍ଭାବୀ ପ୍ରଗତିକୁ ନିୟନ୍ତ୍ରିତ କରେ । ତାହାହିଁ ଆମ୍ଭମାନଙ୍କର **ସ୍ୱଭାବ**, ଆମ୍ଭମାନଙ୍କର ନିଜର ସତ୍ୟ-ପ୍ରକୃତି; ତାହାହିଁ ଆମ୍ଭମାନଙ୍କର ସତ୍ତାର ସତ୍ୟ, ତାହା ଏହି ଜଗତରେ ଆମ୍ଭମାନଙ୍କର ବିଚିତ୍ର ବିବର୍ତ୍ତନରେ ବର୍ତ୍ତମାନ କେବଳ ଆଂଶିକ ଭାବରେ ପ୍ରକଟ ହେଉଛି । କର୍ମର ଯେଉଁ ନୀତି ଏହି **ସ୍ୱଭାବ** ଦ୍ୱାରା ନିର୍ଦ୍ଧାରିତ ହୁଏ, ତାହାହିଁ ଆମ୍ଭମାନଙ୍କର ଆତ୍ମ-ସଙ୍ଗଠନ, କର୍ତ୍ତବ୍ୟ ଓ କର୍ମଧାରାର ଯଥାର୍ଥ ଧର୍ମ, ଆମ୍ଭମାନଙ୍କର **ସ୍ୱଧର୍ମ** ।''

ପ୍ରତ୍ୟେକ ବ୍ୟକ୍ତି ନିଜର ସ୍ୱଭାବ ଓ ସ୍ୱଧର୍ମ ଅନୁସରଣପୂର୍ବକ ଆତ୍ମବିକାଶର ମାର୍ଗରେ ଅଗ୍ରସର ହେବା ଉଚିତ । ଯଦି ଜଣେ ସ୍ୱଧର୍ମକୁ ରକ୍ଷା ନକରେ, ଯଦି ପରିବେଷ୍ଟନୀକୁ ନିଜ ପ୍ରକୃତିର ଉପଯୋଗୀ କରି ନପାରେ ତାହାହେଲେ ସେ ଯନ୍ତ୍ରଣା, କ୍ଷୟ, ମୃତ୍ୟୁ ଓ ବିନାଶର ସମ୍ମୁଖୀନ ହୁଏ । ତାକୁ ଭ୍ରାନ୍ତ ପଥରେ ବୃଥା ପରିକ୍ରମଣ କରିବାକୁ ପଡ଼େ । ବ୍ୟକ୍ତି ନିଜର ଆନ୍ତର ସତ୍ୟକୁ ଲାଭ କଲେ ତା'ର ସକଳ କର୍ମ ଆଧ୍ୟାତ୍ମିକ ମୂଲ୍ୟ ପ୍ରାପ୍ତ ହୁଏ ।

ଆମ୍ଭମାନଙ୍କର ପ୍ରକୃତିରେ ସତ୍ୟ ଓ ମିଥ୍ୟା, ଜ୍ଞାନ ଓ ଅଜ୍ଞାନ ମିଶ୍ରିତ ଅବସ୍ଥାରେ ରହିଛି । ଏସବୁ ମାଧ୍ୟମରେ ଆମ୍ଭମାନଙ୍କର ସ୍ୱଭାବ ଆପଣାକୁ ଆବିଷ୍କାର କରିବାକୁ ଚେଷ୍ଟା କରୁଛି । ସମୟକ୍ରମେ ଆମର ପ୍ରକୃତ ସ୍ୱଭାବ ପ୍ରକାଶିତ ହେବ । ଆମେ ସମସ୍ତେ ନାନା ତ୍ରୁଟି ବିଚ୍ୟୁତି ମଧ୍ୟ ଦେଇ ଅଗ୍ରସର ହୋଇ ପରିଶେଷରେ ଆତ୍ମାର ଦର୍ଶନ ଲାଭ କରିବା । ସୁତରାଂ ଏଥିରୁ ଆମେ ସମଦୃଷ୍ଟି ଶିକ୍ଷା କରିବା ଉଚିତ ।

ଆମର ପ୍ରକୃତ ଆତ୍ମା ଆମର ଦ୍ୱନ୍ଦ୍ୱମୟ ଓ ଅଜ୍ଞାନମୟ ପ୍ରକୃତିଠାରୁ ମହତ୍ତର ଅଟେ । ତେଣୁ ଆତ୍ମାର ଧର୍ମହିଁ ଆମ ଲାଗି ଶ୍ରେଷ୍ଠ ଧର୍ମ । ଆମ ଅନ୍ତରରେ ତଥା ବିଶ୍ୱ ଭିତରେ ନିବାସ କରୁଥିବା ଭଗବାନଙ୍କୁ ଉପଲବ୍ଧି କଲେ ଆମେ ଆମ ଜୀବନର ଧର୍ମ ବିଷୟରେ ନିଶ୍ଚୟାତ୍ମକ ଜ୍ଞାନ ଲାଭ କରିପାରିବା ଏବଂ ଭଗବାନଙ୍କର ଚତୁର୍ବିଧ ଅସ୍ତିତ୍ୱ (ଜ୍ଞାନ, ବଳ, ଆଦାନପ୍ରଦାନର ସତ୍ତା ଓ କର୍ମର ସତ୍ତା) ବିଷୟରେ ମଧ୍ୟ ସଜ୍ଞାନ ହୋଇ ପାରିବା ।

ପ୍ରତ୍ୟେକ ଜୀବ ଭିତରେ ଯେଉଁ ଚାରୋଟି ସତ୍ତା କ୍ରିୟାଶୀଳ ହୋଇ ତା'ର ଅଧ୍ୟାତ୍ମ ପ୍ରକୃତିକୁ ଗଠନ କରିଥାଏ ତାହାହେଲା ଜ୍ଞାନର ସତ୍ତା, ବଳ ଓ ଶକ୍ତିର ସତ୍ତା, ପରସ୍ପର ସହିତ ସମ୍ବନ୍ଧ ଓ ଆଦାନପ୍ରଦାନର ସତ୍ତା ଏବଂ କର୍ମ ଓ ସେବାର ସତ୍ତା । କିନ୍ତୁ କର୍ମ ଓ ଅଭିବ୍ୟକ୍ତିର ଧାରାରେ ଏ ମଧ୍ୟରୁ କେବଳ ଗୋଟିଏ ସତ୍ତା ପ୍ରାଧାନ୍ୟ ଲାଭ କରି ବ୍ୟକ୍ତିର ସ୍ୱଭାବ ଓ ସ୍ୱଧର୍ମକୁ ଗୋଟିଏ ନିର୍ଦ୍ଦିଷ୍ଟ ଦିଗରେ ମୁଖ୍ୟତଃ ପରିଚାଳିତ କରେ । ତେବେ ଗୋଟିଏ ସତ୍ତା ବିକାଶପ୍ରାପ୍ତ ହେଲେ ତା'ର ପ୍ରଭାବ ଦ୍ୱାରା ଅନ୍ୟ ତିନୋଟି ସତ୍ତା ମଧ୍ୟ ବିକଶିତ ହୋଇଥା'ନ୍ତି । ଅର୍ଥାତ୍ ଗୋଟିଏ ସତ୍ତାର ତତ୍ତ୍ୱ ଅନ୍ୟ ତିନୋଟି ଆଡ଼କୁ ପ୍ରସାରିତ ହୋଇ ତାକୁ ସମୃଦ୍ଧ କରିପାରେ । ଏହିପରି ଭାବରେ ପୂର୍ଣ୍ଣସିଦ୍ଧି ଦିଗରେ ଅଗ୍ରସର ହେବା ବ୍ୟକ୍ତି ପକ୍ଷରେ ସମ୍ଭବ ହୋଇଥାଏ ।

ଯେତେବେଳେ ଆମେ ସ୍ୱଧର୍ମର କ୍ରିୟାକୁ ବ୍ୟଷ୍ଟିଗତ, ବିଶ୍ୱଗତ ଓ ବିଶ୍ୱାତୀତ ଭଗବାନଙ୍କ ଅର୍ଚ୍ଚନାରେ ପରିଣତ କରିପାରୁ ସେତେବେଳେ ଆମେ ଚତୁର୍ବର୍ଣ୍ଣର ବିଭାଗ ତଥା ସକଳ ବିଶେଷ ବିଶେଷ ଧର୍ମର ସୀମାକୁ ଅତିକ୍ରମ କରିଯାଉ । ଆମେ ବ୍ୟଷ୍ଟିଗତ ସ୍ୱଭାବ ମଧ୍ୟରୁ ବିଶ୍ୱଗତ ସ୍ୱଭାବ ମଧ୍ୟକୁ ଉତ୍ତୋଳିତ ହୋଇଯାଉ । ଆମ ଭିତରେ କ୍ରିୟାଶୀଳ ଉପର ଆଲୋଚିତ ଚାରି ପ୍ରକାର ସତ୍ତା ଏକୀଭୂତ ତଥା ସୌଷମ୍ୟଯୁକ୍ତ ହୁଅନ୍ତି ଏବଂ ସର୍ବାଙ୍ଗ ସିଦ୍ଧି ଲାଭ କରନ୍ତି । ପରିଣାମରେ ଆମ ପ୍ରକୃତିର ସକଳ କାର୍ଯ୍ୟ ଭାଗବତ ସଂକଳ୍ପ ଦ୍ୱାରାହିଁ ସମ୍ପନ୍ନ ହୁଏ ।

ଏହି ଉଚ୍ଚତମ ଅଧ୍ୟାତ୍ମ ସିଦ୍ଧିରେ ଉପନୀତ ହେବା ନିମନ୍ତେ ମୂଳରୁହିଁ ଏହା ଅତ୍ୟନ୍ତ ଆବଶ୍ୟକ ଯେ ଆମର କର୍ମ ଆମ ସ୍ୱଭାବ ଦ୍ୱାରାହିଁ ନିର୍ଦ୍ଧାରିତ ହେବା ଉଚିତ । କୌଣସି ବାହ୍ୟ ବା କୃତ୍ରିମ ଆଦର୍ଶ ଅନୁସାରେ ନୁହେଁ, ଅନ୍ତରାତ୍ମାର ପ୍ରେରଣା ଓ ନିର୍ଦ୍ଦେଶ ଅନୁସାରେହିଁ ଆମେ କର୍ମ କରିବା ବାଞ୍ଛନୀୟ । ସକଳ କର୍ମକୁ ଭଗବାନଙ୍କଠାରେ ଉତ୍ସର୍ଗ କରିବାର ନିରବଚ୍ଛିନ୍ନ ଅଭ୍ୟାସ ମାଧ୍ୟମରେ ଆମେ ନିଜକୁ ଏଥିପାଇଁ ପ୍ରସ୍ତୁତ କରିପାରିବା ।

(କ୍ରମଶଃ) ❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୦୯)

### ଆରୋଗ୍ୟଲାଭ (ଉତ୍ତରାର୍ଦ୍ଧ) :

ଚମ୍ପକଲାଲଙ୍କର ବର୍ଣ୍ଣନାରୁ ଉଦ୍ଧୃତି : ''୧୯୩୮ ମସିହାରେ ଶ୍ରୀଅରବିନ୍ଦଙ୍କର ଦୁର୍ଘଟଣା ଘଟିବା ପୂର୍ବରୁ ସେ ନିଜେ ତାଙ୍କର ମୁଣ୍ଡ କୁଣ୍ଡାଉ ଥିଲେ । ସେହିପରି ମଧ ସେ ନିଜେ ନିଜର ଆଖି ଧୋଉଥିଲେ ଏବଂ ଆଖି ଧୋଇବା କପ୍‌ରେ ଲୋସନ୍ ବି ଢାଳୁଥିଲେ ।...

''ଦୁର୍ଘଟଣା ପରେ ଶ୍ରୀମା ନିଜେ ଶ୍ରୀଅରବିନ୍ଦଙ୍କର ମୁଣ୍ଡ କୁଣ୍ଡାଇବା, ଆଖି ଧୋଇଦେବା ଓ ଅନ୍ୟାନ୍ୟ ପ୍ରସାଧନର ଭାର ହାତକୁ ନେଇଥିଲେ ।...

''ଶ୍ରୀମା ତାଙ୍କର ମୁଣ୍ଡ କୁଣ୍ଡାଇ ଦେବା କାର୍ଯ୍ୟଟି ସମାପ୍ତ କରିବା ପରେ ତାଙ୍କର ଆଖି ଧୋଇବା କାର୍ଯ୍ୟ ଆରମ୍ଭ କରୁଥିଲେ ।... ଶ୍ରୀମା'ଙ୍କର ଏହି କାର୍ଯ୍ୟ ତିନି ମିନିଟରୁ ପାଞ୍ଚ ମିନିଟ ପର୍ଯ୍ୟନ୍ତ ଚାଲୁଥିଲା ।

''ଶ୍ରୀଅରବିନ୍ଦଙ୍କ ପ୍ରକୋଷ୍ଠକୁ ଆସୁଥିବା ବେଳେ ସେ ସବୁଥର ଗୋଟିଏ ଛୋଟ ତଉଲିଆ ସାଥିରେ ଆଣୁଥିଲେ ଏବଂ ଶ୍ରୀଅରବିନ୍ଦଙ୍କ କୋଳରେ ରଖି ଦେଉଥିଲେ । ଆଖି ଧୋଇବା କାମ ସମାପ୍ତ ହୋଇଯିବା ପରେ ସେ ସେଇ ତଉଲିଆଟିରେ ଶ୍ରୀଅରବିନ୍ଦଙ୍କ ଆଖିକୁ ପୋଛି ଦେଉଥିଲେ ।

''ଏହାପରେ ଆରମ୍ଭ ହେଉଥିଲା ତାଙ୍କର ହାତ, ମୁହଁ ଓ ପାଟି ଧୋଇବା କାର୍ଯ୍ୟ ।... ଦାନ୍ତ ଘଷିବା ବେଳେ ସେ ନିମ୍ବ ବା ଗିବ୍‌ସଙ୍କର ଟୁଥ୍ ପେଷ୍ଟ୍ ବ୍ୟବହାର କରୁଥିଲେ । ଶ୍ରୀମା ଫ୍ରାନ୍ସରୁ ଏଣ୍ଟିସେପ୍‌ଟିକ୍ ବୋତଲ ମଗାଇ ଆଣୁଥିଲେ । ଏଥିରୁ କିଛି ବୁନ୍ଦା କୁଳି କରିବା ପାଇଁ ରଖା ଯାଇଥିବା ଫିଡ଼ିଙ୍ଗ୍ କପ୍‌ରେ ମୁଁ ପକାଇ ଦେଉଥିଲି ।... ହାତ ଧୋଇବା ସମୟରେ ତାଙ୍କର ମୁଦି ବାହାର କରି ରଖିବା ସକାଶେ ସ୍ୱତନ୍ତ୍ର ଛୋଟ କପ୍ ରଖି ଦେଉଥିଲି । ଦାନ୍ତଘଷା କାର୍ଯ୍ୟ ସମାପ୍ତ ହେବା ପରେ 'ଓରିଏଣ୍ଟାଲ୍ ବାମ୍'ରେ ସେ ତାଙ୍କର ଦାନ୍ତମାଢ଼ି ଘଷୁଥିଲେ ।... ଏସବୁ କର୍ମ ସମାପନ ପରେ ମୁଁ ତାଙ୍କ ଅଙ୍ଗୁଳିରେ ପୁଣି ମୁଦିଟିକୁ ପିନ୍ଧାଇ ଦେଉଥିଲି ।...

''ମୁହଁ ହାତ ଧୋଇବା ସମୟରେ ତଥା ପ୍ରାତଃଭୋଜନ, ମଧ୍ୟାହ୍ନ ଭୋଜନ, ରାତ୍ରି ଭୋଜନ ଓ ସ୍ନାନ ସମୟରେ ମୁଦିଟି ତାଙ୍କ ଅଙ୍ଗୁଳିରୁ ବାହାର କରାଯାଇ ପରେ ପୁଣି ପିନ୍ଧାଇ ଦିଆ ଯାଉଥିଲା ।...

('Champaklal Speaks', P. 200 - 205 ଦ୍ରଷ୍ଟବ୍ୟ)

*

ପୁନଶ୍ଚ ଶ୍ରୀଅରବିନ୍ଦଙ୍କର ଚକ୍ଷୁ ଚିକିତ୍ସା ସମ୍ବନ୍ଧରେ ଚମ୍ପକଲାଲଙ୍କ ବିବରଣୀରୁ : ''(ଏହା କିନ୍ତୁ ୨୬ ଜୁଲାଇ ୧୯୪୯ର କଥା ।) ଡାକ୍ତର ଅଗରୱାଲ (ଆଶ୍ରମର 'ପର୍‌ଫେକ୍ଟ ଆୟ୍‌ସାଇଟ୍' ବିଭାଗର ଉଦ୍ୟୋକ୍ତା ଓ ପ୍ରତିଷ୍ଠାତା) ଶ୍ରୀଅରବିନ୍ଦଙ୍କ ଚକ୍ଷୁର ଚିକିତ୍ସା କରିବାକୁ ଆଗ୍ରହ ପ୍ରକାଶ କରି ମୋତେ ଏ ବିଷୟରେ ଶ୍ରୀଅରବିନ୍ଦଙ୍କୁ ଜଣାଇବାକୁ ଅନୁରୋଧ କଲେ । ମୁଁ କହିଲି, 'ନିଶ୍ଚୟ ଏହା କରି ପାରିବି ।' ତା'ପରେ ମୁଁ ତାଙ୍କୁ କହିଲି : 'ତୁମେ ଚାହୁଁଛ ଶ୍ରୀଅରବିନ୍ଦଙ୍କୁ ସାହାଯ୍ୟ କରିବାକୁ । ତୁମେ କ'ଣ ଭାବୁଛ ଏପରି କେହି ବ୍ୟକ୍ତି ଅଛନ୍ତି ଯିଏକି ତାଙ୍କୁ ସାହାଯ୍ୟ କରି ପାରିବେ ? ମୁଁ ଯେତେ ଦୂର ଜାଣେ ଶ୍ରୀଅରବିନ୍ଦ ଏବଂ ଶ୍ରୀମା ଡାକ୍ତରୀ ସାହାଯ୍ୟକୁ ଯଥାସମ୍ଭବ ଏଡ଼ାଇ ଦେଇଥା'ନ୍ତି । ତୁମେ ଜାଣ ଶ୍ରୀଅରବିନ୍ଦ ଏବେ ଅଧିକାଂଶ ସମୟ ତାଙ୍କ ବିଛଣାରେହିଁ କଟାଇଥା'ନ୍ତି । କେବଳ ଅଳ୍ପ ସମୟ ସକାଶେ ଚେୟାରରେ ବସନ୍ତି । ସେ ପ୍ରତିଦିନ ଦୁଇଥର ପଦଚାରଣ କରନ୍ତି – ପାଞ୍ଚ ମିନିଟରୁ ସାତ ମିନିଟ । ମଜା କଥା ହେଉଛି ଯେ ଏତେ କମ୍ ସମୟ ଧରି ସେ ଚଳପ୍ରଚଳ ହେଉଥିଲେ ମଧ ତାଙ୍କର ଭୋଜନ ପରିପାକ କ୍ରିୟାରେ କୌଣସି ଅସୁବିଧା ହୁଏ ନାହିଁ ଏବଂ ସେ ଯେଉଁ ପରିମାଣରେ ଭୋଜନ କରନ୍ତି, ସେଇଟି ସାଧାରଣତଃ ଯେକୌଣସି ସୁସ୍ଥ ଯୁବକ ଭୋଜନ କରୁଥିବା ପରିମାଣ ସଦୃଶ । ତାଙ୍କର କର୍ମ-ପଦ୍ଧତି ମଧ ସମ୍ପୂର୍ଣ୍ଣ ଭିନ୍ନ । ଏପରିକି ଦୁର୍ଘଟଣା ଘଟିଥିବା ସମୟରେ ବି ସେ ନିଜର ଆବଶ୍ୟକ ମୁତାବକ ବାହାରୁ ସାହାଯ୍ୟ ନେଉଥିଲେ । କେବେ କେବେ ସେ ଡାକ୍ତରଙ୍କ କହିବା ମୁତାବକ ଅତ୍ୟାବଶ୍ୟକ ନିର୍ଦ୍ଦେଶ ମଧ ମାନୁ ନଥିଲେ । ଉଦାହରଣସ୍ୱରୂପ, ଗୋଡ଼ରେ

ବ୍ୟାଣ୍ଡେଜ୍ ବାନ୍ଧିବା ଲାଗି ସେ ଡାକ୍ତରଙ୍କର ନିର୍ଦ୍ଦେଶକୁ ବାତିଲ କରି ଦେଇଥିଲେ ।...'

''ଠିକ୍ ପରେ ପରେ ମୁଁ ଅଗରୱାଲଙ୍କୁ କହିଥିବା କଥା ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କୁ ଜଣାଇଲି । ଶ୍ରୀଅରବିନ୍ଦ ଟିକିଏ ହସିଲେ ଏବଂ କହିଲେ, 'ତୁ ଠିକ୍ କହିଛୁ ।' ''

(ତତ୍ରୈବ : ପୃ. ୧୭୨)

*

ନୀରଦବରଣଙ୍କର ବର୍ଣ୍ଣନାରୁ : ''...କିଛିଦିନ ପରେ ଡା. ମଣିଲାଲ ଆସି ପହଞ୍ଚିଲେ ।... ସେ ଏବେ ଶ୍ରୀଅରବିନ୍ଦଙ୍କର ଆରୋଗ୍ୟଲାଭ ସକାଶେ ତିନୋଟି କର୍ତ୍ତବ୍ୟ-କର୍ମର ସମ୍ମୁଖୀନ ହେବାକୁ ସାନନ୍ଦରେ ଆଗଭର ହେଲେ – ଗୋଡ଼ ଫୁଲାକୁ ହ୍ରାସ କରିବା, ଗୁରୁଦେବଙ୍କୁ ଧୀରେ ଧୀରେ ପଦଚାରଣ କରାଇବାକୁ ପ୍ରୟାସ କରିବା ଏବଂ ଶଯ୍ୟା ଉପରେ ବସି ମନ୍ଥର ଗତିରେ ଆଣ୍ଠୁ ବଙ୍କାଇ ଅଙ୍ଗଚାଳନା କରାଇବା । ଏହି ସମସ୍ୟାସବୁକୁ ସେ ତାଙ୍କର ସ୍ୱତନ୍ତ୍ର ଧାରାରେ ତାଙ୍କୁହିଁ ସମାଧାନ କରିବାକୁ ହେଲା । ଗୋଡ଼ ଫୁଲାଟି ତାଙ୍କ ମତରେ ଯଥା ସମୟରେ ଠିକ୍ ହୋଇଯିବ – ଗୋଡ଼କୁ କୋମଳ ଭାବରେ ମାଲିସ କରିବା ପରେ ଉଷୁମ-ଥଣ୍ଡା ପାଣିରେ ସିକ୍ତ ସ୍ପଞ୍ଜ ଦ୍ୱାରା ଗୋଡ଼ଟିକୁ ପୋଛିବାକୁ ହେବ ।... ସପ୍ତାହ ପରେ ଆମେ ଲକ୍ଷ୍ୟ କଲୁ ଯେ ଗୋଡ଼ ଫୁଲାଟି କମି ଆସୁଛି । କିନ୍ତୁ ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ଅବସ୍ଥାରେ ଉପନୀତ ହେବାକୁ ବେଶ୍ କେତେ ମାସ ଲାଗିଗଲା । ମୃଦୁ ଅଙ୍ଗଚାଳନା ସତ୍ତ୍ୱେ ଆଣ୍ଠୁ ବଙ୍କାଇବାକୁ ମଧ୍ୟ ବେଶ୍ କିଛି ଦିନ ଲାଗିଥିଲା । ପରେ ଧୀରେ ଧୀରେ ପଦଚାରଣର ଅଭ୍ୟାସ କରାଇବାକୁ – କହିବାକୁ ଗଲେ ବେଶ୍ ସହଜ-କ୍ରିୟା ବୋଲି ବୋଧ ହେଉଥିଲେ ମଧ୍ୟ ଏହା ସବୁଠୁ ଅଡୁଆ ଓ କଷ୍ଟକର ବ୍ୟାପାର ହୋଇ ଉଠିଲା । କାରଣ ଶ୍ରୀଅରବିନ୍ଦଙ୍କୁ କ୍ରଚ୍ ଧରି ଚାଲିବାର ଅଭ୍ୟାସ କରିବାକୁ ହେବ ! ପୁନଶ୍ଚ ଶରୀର ବ୍ୟାପାରରେ ଅଦ୍ୟାବଧି ସ୍ୱାଭାବିକ ବା ପ୍ରାକୃତିକ ଏବଂ ଯାନ୍ତ୍ରିକ ଧାରାରେ ଉଦ୍ଭାବିତ ଓ ପରିକଳ୍ପିତ ଉପକରଣସବୁ ବ୍ୟବହାର କରିବାରେ ଶ୍ରୀଅରବିନ୍ଦ ଏକେବାରେ ଅନଭ୍ୟସ୍ତ ଥିଲେ । ଅଧିକନ୍ତୁ ତାଙ୍କ ପ୍ରକୋଷ୍ଠରେ ଖୋଲା ସ୍ଥାନ ବି ବେଶ୍ ଅପ୍ରଶସ୍ତ ଥିଲା । ତେଣୁ ତାଙ୍କ ପକ୍ଷରେ ଏ ଧରଣର ଆୟାସସାଧ୍ୟ କ୍ରିୟା ସମ୍ପାଦନର ଅଭ୍ୟାସ କରିବା ବେଳେ ଯେକୌଣସି ମୁହୂର୍ତ୍ତରେ ବିପଦର ଆଶଙ୍କା ମଧ୍ୟ ମହଜୁତ ଥିଲା । ଯେଉଁଦିନ କ୍ରଚ୍ ବ୍ୟବହାର କରିବାକୁ ସେ ପ୍ରଥମେ ଶେଯରୁ ଉଠି ଛିଡ଼ା ହେଲେ, ସେଇ ମୁହୂର୍ତ୍ତଟି ଥିଲା ଆମ ସମସ୍ତଙ୍କର ଏକ ସ୍ମରଣୀୟ ମୁହୂର୍ତ୍ତ । ଶ୍ରୀମା'ଙ୍କ ଉପସ୍ଥିତିରେ ଆମେ ତାଙ୍କୁ ଧରି ଛିଡ଼ା କରାଇଲୁ । ସେ ଅନଭ୍ୟସ୍ତ ଓ ଅନଭିଜ୍ଞ ଭାବରେ କ୍ରଚ୍‌ଟିକୁ ଧରି ମନ୍ତବ୍ୟ ଦେଲେ : 'ହଁ, କହି ଦେବାଟା ଖୁବ୍ ସହଜ !' ଦୁଇ, ତିନି ରକମର କ୍ରଚ୍ ଧରି ତାଙ୍କୁ ପରୀକ୍ଷା କରିବାକୁ ଦିଆଗଲା । କିନ୍ତୁ ସେ କୌଣସିଟିକୁ ସହଜ ଓ ସ୍ୱାଭାବିକ ଭାବରେ ବ୍ୟବହାର କରି ପାରିଲେ ନାହିଁ । ଶ୍ରୀମା ଏହା ଲକ୍ଷ୍ୟ କରି ପ୍ରସ୍ତାବ ଦେଲେ ଯେ ଶ୍ରୀଅରବିନ୍ଦ ତାଙ୍କର ଉଭୟ ପାର୍ଶ୍ୱରେ ଦୁଇଜଣ ସାହାଯ୍ୟକାରୀ ସେବକଙ୍କ କାନ୍ଧରେ ଭରା ଦେଇ ଅପେକ୍ଷାକୃତ ଭଲ ଭାବରେ ପଦଚାରଣ କରି ପାରିବେ । ଏହା ନିଶ୍ଚିତ ରୂପେ ଏକ ଅତ୍ୟୁତ୍କୃଷ୍ଟ ତଥା ଆନନ୍ଦଦାୟକ ପ୍ରସ୍ତାବ ! କାରଣ ଶ୍ରୀଅରବିନ୍ଦଙ୍କ ସଦୃଶ ମହିମୋଜ୍ଜ୍ୱଳ, ଗରିମା ପ୍ରକାଶକ ରାଜୋଚିତ ମୂର୍ତ୍ତିମନ୍ତ କଳେବର କ୍ରଚ୍ ଧରି ପଦଚାରଣ କରୁଥିବାର ଦୃଶ୍ୟଟି ଦେଖିବା ହେଉଛି ତାଙ୍କ ପ୍ରତି ଏକ ଅବମାନନା । ଡା. ମଣିଲାଲ ତତ୍‌କ୍ଷଣାତ୍ ଗୁରୁଦେବଙ୍କର ମାନୁଷୀ ଅବଲମ୍ବନ ଦ୍ୱୟଙ୍କୁ ନିର୍ବାଚନ କଲେ – ପୁରାଣୀ ଏବଂ ସତ୍ୟେନ୍ଦ୍ର । କାଷ୍ଠନିର୍ମିତ ବେଢ଼ଙ୍ଗିଆ ବା ଅନୁପଯୋଗୀ ଯାନ୍ତ୍ରିକ ଉପକରଣ ଠାରୁ ଏହା ନିଶ୍ଚିତ ରୂପେ ବେଶ୍ ସୁନ୍ଦର ଓ ଉତ୍କୃଷ୍ଟ !

''ଏହିପରି ଭାବରେ ଗୁରୁଦେବଙ୍କର ପୁନର୍ବାର ପଦଚାରଣା ପ୍ରକ୍ରିୟା ଆରମ୍ଭ ହେଲା । ଯେହେତୁ ପୁରାଣୀ ଓ ସତ୍ୟେନ୍ଦ୍ରଙ୍କ ମଧ୍ୟରେ ଆକୃତିଗତ ବିଷମତା ପରିଲକ୍ଷିତ ହେଲା ତେଣୁ ଶ୍ରୀମା ସତ୍ୟେନ୍ଦ୍ରଙ୍କ ବଦଳରେ ଚମ୍ପକଲାଲଙ୍କୁ ନିଯୁକ୍ତ କଲେ । ଭାବଗ୍ରାହୀ ଶ୍ରୀମା ଭକ୍ତଟିର ତୀବ୍ର ଆନ୍ତର ଇଚ୍ଛା ପୂରଣ କଲେ । ପ୍ରକାଶ ଥାଉକି, ଶ୍ରୀଅରବିନ୍ଦ ତାଙ୍କ ମାନୁଷୀ ଅବଲମ୍ବନରୁ ପୂରା ମୁକ୍ତ ହୋଇ ସ୍ୱାଭାବିକ ଭାବରେ ପଦଚାରଣ କରିବା ପର୍ଯ୍ୟନ୍ତ ଚମ୍ପକଲାଲହିଁ ଥିଲେ ତାଙ୍କର ସାହାଯ୍ୟକାରୀ । ଚମ୍ପକଲାଲଙ୍କର ନୀରବ ଆନ୍ତରିକ ଆସ୍ପୃହା (ଗୁରୁଙ୍କର ଅଙ୍ଗର ସାନ୍ନିଧ୍ୟ ଲାଭ କରିବାର ତୀବ୍ର ଇଚ୍ଛା) ବି ଫଳବତୀ ହୋଇ ଉଠିଲା । ଧୀରେ ଧୀରେ ଶ୍ରୀଅରବିନ୍ଦଙ୍କର ପଦଯୁଗଳ ଯେତେବେଳେ ଶକ୍ତ ଓ ଦୃଢ଼ ହୋଇଉଠିଲା ସେତେବେଳେ ସେ ତାଙ୍କର ଦକ୍ଷିଣ ହସ୍ତରେ ଗୋଟିଏ ଯଷ୍ଟି ଏବଂ ବାମ ହସ୍ତଟି ଚମ୍ପକଲାଲଙ୍କର କାନ୍ଧ ଉପରେ ଭରା ଦେଇ ଚାଲିବାକୁ ଲାଗିଲେ । ପରିଶେଷରେ ଚମ୍ପକଲାଲଙ୍କର ସହାୟତା ବି ତାଙ୍କର ଆବଶ୍ୟକ ହେଲା ନାହିଁ । ଗୁରୁଦେବ ପଦଚାରଣ କରୁଥିବା ସମୟରେ ଯଷ୍ଟି ବ୍ୟବହାର କରୁଥିବାର ଖବର ଯେତେବେଳେ

ଭକ୍ତବୃନ୍ଦଙ୍କ ଗହଣରେ ରଚିଗଲା ସେତେବେଳେ ଅନେକେ ତାଙ୍କୁ ସୁନ୍ଦର ସୁନ୍ଦର ଅତ୍ୟୁତ୍କୃଷ୍ଟ ସମ୍ଭ୍ରାନ୍ତବଂଶୀୟ ଯଷ୍ଟିମାନ ଉପହାର ଦେବାକୁ ଲାଗିଲେ । ଏପରିକି ତନ୍ମଧ୍ୟରୁ ଆସାମରୁ ପ୍ରେରିତ ଏକ ଚା'-କାଠର ମନୋହର ଯଷ୍ଟି ଅନ୍ୟତମ ଥିଲା । ଏହାପରଠୁ ଶ୍ରୀଅରବିନ୍ଦ ପ୍ରତିଦିନ ତାଙ୍କର ମଧ୍ୟାହ୍ନ ଓ ରାତ୍ରିଭୋଜନ ପରେ ପ୍ରାୟ ଅଧଘଣ୍ଟାଏ ପର୍ଯ୍ୟନ୍ତ ଶ୍ରୀମା'ଙ୍କ ଉପସ୍ଥିତିରେ ନିଜ କକ୍ଷ ମଧ୍ୟରେ ପଦଚାରଣ କରୁଥିଲେ ।

''ଶ୍ରୀଅରବିନ୍ଦ ଏହିପରି ପଦଚାରଣ କରୁଥିବା ବେଳେ ସାମାନ୍ୟ ଅସାବଧାନତାରୁ ଭାରସାମ୍ୟ ହରାଇବାର ସମ୍ଭାବନା ବେଶ୍ ରହୁଥିଲା; – ବିଶେଷ କରି ସେ ତଳକୁ ମୁହଁ କରି ଚଟାଣକୁ ଚାହିଁ ଚାଲୁ ଚାଲୁ ପ୍ରକୋଷ୍ଠଟିର ପ୍ରତିଟି କୋଣରେ ବୁଲିଯାଇ ନିଜର ସ୍ୱାଭାବିକ ଗତିକୁ ରୋକି ଦେଉଥିବା ବେଳେ । ତେଣୁ ଶ୍ରୀମା ପ୍ରକୋଷ୍ଠଟିର ପ୍ରତିଟି କୋଣରେ ଆମମାନଙ୍କୁ ଜାଗ୍ରତ୍ ପ୍ରହରୀ ସଦୃଶ ନିଯୁକ୍ତ କରିଥିଲେ ।... ଧୀରେ ଧୀରେ ତାଙ୍କର ପଦଚାରଣର ଉନ୍ନତି ଘଟିବା ସହ ସେ ନିଜ ଗୋଡ଼ର ପୂର୍ବବତ୍ ଶକ୍ତି ସାମର୍ଥ୍ୟ ଲାଭ କଲେ ଏବଂ ଆମେ ତାଙ୍କର ଦେବୋପମ ପଦକ୍ଷେପର ପ୍ରତ୍ୟାଗମନ ପାଇଁ ତୀବ୍ର ଭାବରେ ଆଶାନ୍ୱିତ ହୋଇ ଉଠିଲୁ ।...

''ଦିନକୁ ଦିନ ଗରମ ବଢ଼ି ଚାଲିଥିଲା ଏବଂ ସ୍ୱାଭାବିକ ରୂପେ ଶ୍ରୀଅରବିନ୍ଦ ପ୍ରଭୂତ ଭାବରେ ଘର୍ମାକ୍ତ ହୋଇ ଉଠୁଥିଲେ । କକ୍ଷଟିରେ ବିଦ୍ୟୁତ୍ ଚାଳିତ ପଙ୍ଖାର ବ୍ୟବସ୍ଥା ନଥିଲା । ସେ ଚାଲୁଥିବା ବେଳେ ଆମେ ବିଭିନ୍ନ କୋଣରେ ଉପସ୍ଥିତ ଥାଇ ଛୋଟ ହାତ ପଙ୍ଖାରେ ତାଙ୍କୁ ପଙ୍ଖା କରୁଥିଲୁ । ଆବଦ୍ଧ ପ୍ରକୋଷ୍ଠଟିର ତୀବ୍ର ଉଷ୍ଣତା ମଧ୍ୟରେ ଏହା କ୍ଷୁଦ୍ର ବିହଙ୍ଗର ପକ୍ଷ ସଞ୍ଚାଳନ ସଦୃଶ ନଥିଲା କି ! ଶ୍ରୀଅରବିନ୍ଦ କିନ୍ତୁ ଏ ବିଷୟରେ ସମ୍ପୂର୍ଣ୍ଣ ନିର୍ବିକାର । ଦିନେ ପୁରାଣୀଙ୍କୁ ଏକ ଚମତ୍କାର ବୁଦ୍ଧି ମିଳିଗଲା । କେତେକ ମନ୍ଦିରରେ ଦିଅଁ-ଦେବତାଙ୍କୁ ଯେପରି ବଡ଼ ପଙ୍ଖା ଦ୍ୱାରା ଆଲଟ-ଚାମର କରାଯାଇଥାଏ, ସେମିତି ଏକ ବଡ଼ ଧରଣର ପଙ୍ଖା ଧରି ଶ୍ରୀଅରବିନ୍ଦଙ୍କ କକ୍ଷର ଦ୍ୱାରଦେଶରେ ସେ ଉପସ୍ଥିତ ହେଲେ – ବିରାଟ ତାଳ ପତ୍ର ପଙ୍ଖା, ଧାରରେ କୁଞ୍ଚିତ ଲାଲିକନାର ଝାଲରଟିଏ ସୁନ୍ଦର ଭାବରେ ଖଞ୍ଜା ଯାଇଥାଏ । ଶ୍ରୀମା'ଙ୍କର ଏଥିରେ ନଜର ପଡ଼ିବା ମାତ୍ରେ ତାଙ୍କ ମୁଖମଣ୍ଡଳରେ ସ୍ୱୀକୃତି ଜଣାଇଲା ଭଳି ମଧୁର ହସଟିଏ ଫୁଟି ଉଠିଲା । ପୁରାଣୀ ଦ୍ୱାରଦେଶରେ ଦଣ୍ଡାୟମାନ ହୋଇ ତାଙ୍କର ଦୃଢ଼ ପେଶୀଯୁକ୍ତ ବାହୁ ଦ୍ୱୟର ଶକ୍ତି ପ୍ରୟୋଗପୂର୍ବକ ପଙ୍ଖା କରିବାକୁ ଆରମ୍ଭ କଲେ । ତତ୍କ୍ଷଣାତ୍ କକ୍ଷଟି ଭିତରେ ଛୋଟ ଧରଣର ଝଡ଼ ସୃଷ୍ଟି ହୋଇ ଉଠିଲା । ଆମେ ସମସ୍ତେ ଏହି ମହାନ୍ ଦୃଶ୍ୟଟିକୁ ହୃଦୟ ଭରି ଉପଭୋଗ କଲୁ । ପୁରାଣୀଙ୍କର ଦୀପ୍ତିମାନ୍ ଚେହେରା ସହିତ ଏହି କର୍ମଟି ବେଶ୍ ଖାପ ଖାଉଥିଲା ।... ଥରେ କୌଣସି ଅନିବାର୍ଯ୍ୟ କାରଣରୁ ପୁରାଣୀ ଉପର ମହଲାକୁ ଆସି ପାରିଲେ ନାହିଁ । ତେଣୁ ଗୁମ୍ଫା ମଧ୍ୟରେ ଯତ୍ନରେ ସାଇତି ରଖା ଯାଇଥିବା ପୌରାଣିକ ତୀର-ଧନୁ ସଦୃଶ ପୁରାଣୀଙ୍କର ପଙ୍ଖାଟି ଶ୍ରୀଅରବିନ୍ଦଙ୍କ କକ୍ଷର ଏକ ପାର୍ଶ୍ୱରେ ଆଉଜା ହୋଇ ରହିଥିଲା । ଦିନେ ବେଶ୍ ସାବଧାନତାର ସହିତ ମୁଁ ପଙ୍ଖାଟିକୁ ସକ୍ରିୟ କରିବା ଉଦ୍ୟମରେ ଆଗଭର ହେଲି – ଦାନବ ସ୍ଥାନରେ ବାମନ ସଦୃଶ । କିନ୍ତୁ ଶ୍ରୀମା'ଙ୍କ ମୁଖମଣ୍ଡଳରେ କୌଣସି ପ୍ରଶ୍ନବାଚୀ ଚିହ୍ନ ନଦେଖି ଆମ୍ବ ବିଶ୍ୱାସର ସହ ମୁଁ କାମଟିକୁ ଆରମ୍ଭ କଲି । ମୋ ଦ୍ୱାରା କର୍ମ-ସମ୍ପାଦନଟି ଉତ୍ତମ ରୂପେ ହେଉ ନଥିଲେ ମଧ୍ୟ ମନ୍ଦ ନଥିଲା ।... ଦିନେ ଶ୍ରୀଅରବିନ୍ଦ ମୋ ସମ୍ମୁଖ ଦେଇ କକ୍ଷଟିର କୋଣରେ ବୁଲି ପଡ଼ି ଚାଲି ଯାଉଥିବା ବେଳେ ପଙ୍ଖାଟି ତାଙ୍କ ପିଠିରେ ବାଜି ମୃଦୁ ଆଘାତ ଦେଲା । ଶ୍ରୀଅରବିନ୍ଦ ତତ୍କ୍ଷଣାତ୍ ବୁଲି ପଡ଼ି କ୍ଷମାଶୀଳ ମୃଦୁ ହସରେ ମୋତେ ଅନାଇ ଦେଲେ ଏବଂ ପର କ୍ଷଣରେ ଚାଲିବା ଆରମ୍ଭ କଲେ । ଶ୍ରୀମା ମଧ୍ୟ ମୋର ବିଗଳିତ ଲଜ୍ଜାବୋଧରୁ ମୋତେ ଉତ୍ତୋଳିତ କରି ଧରିବା ସକାଶେ ତାଙ୍କ କରୁଣାସିକ୍ତ ହୃଦୟଜିଣା ସ୍ମିତହାସ୍ୟରେ ବୁଡ଼ାଇ ଦେଲେ । ସୌଭାଗ୍ୟବଶତଃ ଗୁରୁ-ଶିଷ୍ୟଙ୍କ ମଧ୍ୟରେ ଏଇ ଧରଣ କ୍ରିୟାର ପୁନରାବୃତ୍ତି ଆଉ କେବେ ବି ଘଟି ନଥିଲା । ପରବର୍ତ୍ତୀ କାଳରେ ଚମ୍ପକଲାଲ ଏବଂ ମୂଳଶଙ୍କର ଏହି ପଙ୍ଖାଟିକୁ ଅଧିକ ନିପୁଣତାର ସହିତ ଚାଳନା କରି ପାରୁଥିଲେ ।

''ପଦଚାରଣ ପରେ ଗୁରୁଦେବ ପ୍ରକୋଷ୍ଠଟିର ମଧ୍ୟ ଭାଗରେ ଦକ୍ଷିଣ ହସ୍ତରେ ଯଷ୍ଟିଟିକୁ ଧରି ଦଣ୍ଡାୟମାନ ହେଉଥିଲେ । ତାଙ୍କର ଅପରୂପ ଋଜୁ ମୂର୍ତ୍ତିମନ୍ତ ଆକୃତି, ଅନାବୃତ ପ୍ରଶସ୍ତ ବକ୍ଷଦେଶରେ ପ୍ରବହମାନ ଶୁଭ୍ର ଶ୍ମଶ୍ରୁ ସାଙ୍ଗକୁ ଗଣ୍ଡଦେଶରୁ ସମ୍ମୁଖ ଭାଗର ବକ୍ଷସ୍ଥଳକୁ ଝୁଲିଥିବା ଦୁଇଟି ରେଶମୀ କେଶର ବେଣୀ ଏବଂ ତାଙ୍କର ଆୟତ ନେତ୍ରଯୁଗଳର ସୁଦୂର ପ୍ରସାରୀ ସ୍ଥିର ଦୃଷ୍ଟିରେ ଦଣ୍ଡାୟମାନ ପ୍ରତିମୂର୍ତ୍ତିଟି ଉପରେ ନଜର ପଡ଼ିବା ମାତ୍ରେ ତାଙ୍କ ପ୍ରତି ସ୍ୱତଃସ୍ଫୂର୍ତ୍ତ ଭାବରେ ଗଭୀର ପ୍ରେମ ଓ ଭକ୍ତିର ଏକ ସ୍ନିଗ୍ଧ, ତେଜସ୍ୱୀ ଆଭା ଉଜ୍ଜୀବିତ ହୋଇ ଉଠେ ।

''ଶ୍ରୀମା ଧୀର ପଦକ୍ଷେପରେ ଗୁରୁଙ୍କ ପାଖକୁ ଆଗଭର ହୋଇ ଯାଇ ତାଙ୍କ ହାତରୁ ଯଷ୍ଟିଟିକୁ ନିଅନ୍ତି; ପରସ୍ପରଙ୍କ ମଧ୍ୟରେ ଏକ ମନ୍ଦମଧୁର ସ୍ମିତ ହାସ୍ୟର ବିନିମୟ ପରେ ଶ୍ରୀମା ପ୍ରକୋଷ୍ଠରୁ ଅପସରି ଯା'ନ୍ତି । ଏହା ପରେ ଚମ୍ପକଲାଲ ଗୁରୁଙ୍କ ନିକଟକୁ ଆସି ତାଙ୍କ ଅବୟବରୁ ବିନ୍ଦୁ ବିନ୍ଦୁ ହୋଇ ଝରି ଆସୁଥିବା ସ୍ୱେଦକୁ ପୋଛି ଦିଅନ୍ତି ।

''ତା'ପରେ ସେ ଚେୟାରରେ ବସୁଥିଲେ ଏବଂ ଆମେ ସ୍ପଞ୍ଜରେ ତାଙ୍କୁ ସ୍ନାନ କରାଇ ଦେଉଥିଲୁ । ତାଙ୍କ ପ୍ରକୋଷ୍ଠ ସଂଲଗ୍ନ ଏକ ଛୋଟ କୋଠରିରେ ତାଙ୍କ ସକାଶେ ଏକ ସ୍ନାନାଗାର ନିର୍ମିତ ହେବା ପର୍ଯ୍ୟନ୍ତ ବେଶ୍ କିଛି ବର୍ଷ ଧରି ଉପରୋକ୍ତ ଧାରାରେ ତାଙ୍କର ସ୍ନାନାଦି କ୍ରିୟା ଚାଲୁ ରହିଥିଲା ।...

''ତାଙ୍କର ସ୍ପଞ୍ଜ-ସ୍ନାନ ଚାଲିଥିବା ବେଳେ କଥୋପକଥନ ଆରମ୍ଭ ହେଉଥିଲା । ପୁରାଣୀ ପଶ୍ଚାତରେ ରହୁଥିଲେ, ମୁଁ ରହୁଥିଲି ସମ୍ମୁଖରେ ଏବଂ ଚମ୍ପକଲାଲଙ୍କ ସହିତ ତାଙ୍କୁ ସ୍ନାନ କରାଇ ଦେଉଥିଲି ମଧ୍ୟ; ଡା. ମଣିଲାଲ ଗୋଟିଏ ପାର୍ଶ୍ୱରେ ଚଟାଣରେ ବସି ରହୁଥିଲେ, ଅପର ପାର୍ଶ୍ୱରେ ସତ୍ୟେନ୍ଦ୍ର ଦଣ୍ଡାୟମାନ ରହୁଥିଲେ । ଏହି ସମୟରେ ଆମେ ନିଜ ନିଜର କର୍ତ୍ତବ୍ୟ-କର୍ମ କରି ଚାଲିଥିବା ବେଳେ ପ୍ରଭୁଙ୍କ ସହ ଆଳାପ ଆଲୋଚନାରେ ଭାଗ ନେଉଥିଲୁ । ଶ୍ରୀଅରବିନ୍ଦ ବୋଧହୁଏ ଗରମ ପାଣିର ଉପଶମ ପ୍ରଦାନକାରୀ ଆରାମଦାୟକ ସ୍ପର୍ଶରେ ତନ୍ମୟ ହୋଇ ନିଜସ୍ୱ ନୀରବତାରୁ ମୁକ୍ତ ହୋଇ ଉଠୁଥିଲେ ଏବଂ ବହୁ ବିଚିତ୍ର ସରସ ମଧୁର ବାକ୍ୟାଳାପରେ ଆମମାନଙ୍କ ସହିତ ବେଶ୍ ମିଶି ଯାଉଥିଲେ ।... କେବେ କେବେ ସ୍ନାନ ପରେ ସେ ଚେୟାରରେ ଆଉଜି ଦକ୍ଷିଣ ହସ୍ତର ଦୁଇଟି ଅଙ୍ଗୁଳି ଓଷ୍ଠାଧରରେ ରଖି ସ୍ଥିର ନିଶ୍ଚଳ ନୀରବତାରେ ମଗ୍ନ ରହୁଥିଲେ – ଯେପରି କୌଣସି ଏକ ବିଷୟରେ ଗଭୀର ଚିନ୍ତାମଗ୍ନ । କିଛି କ୍ଷଣ ପରେ ସେ ତାଙ୍କର ସେହି ମୌନ ସ୍ଥିତିରୁ ବିରତ ହୋଇ ଆରାମରେ, ସ୍ୱଚ୍ଛନ୍ଦରେ ଆମମାନଙ୍କ ସହିତ କଥା ହେଉଥିଲେ । ଏକଦା ଆମେ ଆମର ଅତ୍ୟନ୍ତ ଆଗ୍ରହୋଦ୍ଦୀପକ କଥୋପକଥନରେ ନିମଜ୍ଜିତ ଥିବାବସ୍ଥାରେ ପ୍ରକୋଷ୍ଠର ଦରଜାରେ ଅତ୍ୟନ୍ତ କ୍ଷୀଣ ଠକ୍ ଠକ୍ ଶବ୍ଦ ହେଲା । ଶ୍ରୀଅରବିନ୍ଦ ତତ୍କ୍ଷଣାତ୍ ଏହା ଶ୍ରବଣ କରି ଆମମାନଙ୍କୁ ଅନାଇଲେ ଏବଂ ଆମେ ଟିକିଏ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଉଠିଲୁ;– ଆମର ଏହି ଅନ୍ତରଙ୍ଗ ନିର୍ଜନତାର ମୁହୂର୍ତ୍ତକୁ କିଏ ସାହସ କରି ଉଲଂଘନ କରୁଛନ୍ତି ! ମୁହୂର୍ତ୍ତକ ସକାଶେ କକ୍ଷଟିରେ ନୀରବତା ବିରାଜମାନ କରୁଥିବା ସମୟରେ ପୁଣି ଦରଜାରେ ସେମିତି ମୃଦୁ ଠକ୍ ଠକ୍ । ଆମମାନଙ୍କ ଭିତରୁ ଜଣେ ଯାଇ ଦରଜା ଖୋଲିଲେ । ବିସ୍ମୟ-ବିହ୍ୱଳ ହୋଇ ଆମେ ଦେଖିଲୁ ସ୍ୱୟଂ ଶ୍ରୀମା, ହାତରେ ଖଣ୍ଡିଏ କାଗଜ ଧରି ଆସିଛନ୍ତି ଏବଂ କହିଲେ, 'ଶ୍ରୀଅରବିନ୍ଦଙ୍କ ସକାଶେ ।' ସେଇ କାଗଜରେ ଲେଖା ଥିଲା କେତେକ ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧ-ସମ୍ବାଦ, ଯାହାକି ବେତାର (ରେଡ଼ିଓ) ବାର୍ତ୍ତାରେ ସଦ୍ୟ ପ୍ରସାରିତ ହୋଇଥିଲା । ଆପାତପ୍ରତୀୟମାନ ଏହି ଛୋଟ ଘଟଣାଟି ଥିଲା ଶ୍ରୀମାଶ୍ରୀଅରବିନ୍ଦଙ୍କର ବିଶ୍ୱଯୁଦ୍ଧ ସମ୍ବନ୍ଧରେ ଅପରିହାର୍ଯ୍ୟ ସମ୍ପର୍କ ରଖିଥିବାର ଏକ ସୂଚନା ମାତ୍ର ।...

''ଶ୍ରୀଅରବିନ୍ଦଙ୍କର ଆରୋଗ୍ୟଲାଭର ପ୍ରସ୍ତୁତି ପର୍ବରେ ଡା. ମଣିଲାଲଙ୍କର ଅନ୍ୟ ଦୁଇଟି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା ଯଦ୍ଦ୍ୱାରା ଶ୍ରୀଅରବିନ୍ଦ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଉଠିବେ । ପ୍ରଥମଟି ଥିଲା ତାଙ୍କର ସମଗ୍ର ଶରୀରକୁ ମାଲିସ କରିବା ଏବଂ ପରବର୍ତ୍ତୀ କ୍ରିୟାଟି ଥିଲା ଡାକ୍ତରଙ୍କ ନିର୍ଦ୍ଦେଶ ମୁତାବକ ଶ୍ରୀଅରବିନ୍ଦ ନିୟମିତ ଭାବରେ ନିଜେ କିଛି ବ୍ୟାୟାମ କରିବେ । ମାଲିସ କରିଦେବା ସକାଶେ ସର୍ବସମ୍ମତିକ୍ରମେ ପ୍ରାତଃକାଳଟି ଗୃହୀତ ହେଲା । ସେ ବିଛଣାରେ ଶୋଇ ରହିଥିବା ବେଳେ ଆମେ ତିନିଜଣ ତାଙ୍କର ଗୋଟିଏ ଗୋଟିଏ ଅଙ୍ଗକୁ ମାଲିସ କରି ଦେଉଥିଲୁ; ଏହି ସମୟରେ ଅଳ୍ପ ଅଳ୍ପ କଥାବାର୍ତ୍ତା ବି ଚାଲିଥିଲା । କେତେକ ବିଷୟରେ ଆମର ସନ୍ଦେହ ମୋଚନ କରିବା ଉଦ୍ଦେଶ୍ୟରେ ତାଙ୍କୁ ଯେତେବେଳେ ପ୍ରଶ୍ନ କରୁଥିଲୁ, ସେ ପ୍ରାୟଶଃ ଉତ୍ତର ଦେଉଥା'ନ୍ତି, 'ସମ୍ଭବତଃ, ସମ୍ଭବତଃ' ('perhaps, perhaps') ଏଇଟି ଠିକ୍ ହୋଇପାରେ ।' ଆମେ ତାଙ୍କର ଏହି ଧରଣର ଉତ୍ତରରେ କୌତୂହଳୀ ହୋଇ ଦିନେ ତାଙ୍କୁ ପଚାରିଲୁ, 'ଆପଣ ଆମର ପ୍ରଶ୍ନର ଉତ୍ତରରେ ସଠିକ୍ ଭାବରେ 'ହଁ' ବା 'ନା' ('yes' or 'no') ନକହି ଅନିଶ୍ଚିତ ଭାବରେ 'ସମ୍ଭବତଃ, ସମ୍ଭବତଃ' ବୋଲି କାହିଁକି କହୁଛନ୍ତି !' ସେ ତାଙ୍କର ସ୍ୱକୀୟ ଢଙ୍ଗରେ ଉତ୍ତର ଦେଲେ, 'କାରଣ କେବଳ ଅତିମାନସ (ଚେତନା)ର ହିଁ ବିଷୟଟି ସମ୍ବନ୍ଧେ ଦୃଢ଼ ନିଶ୍ଚୟତା ରହିଛି !' ଏକଥା ଶୁଣି ଆମେ ସମସ୍ତେ ଏକସଙ୍ଗେ ନ ହସି ରହିପାରିଲୁ ନାହିଁ ।

''ତାଙ୍କ ଶରୀରକୁ ମାଲିସ କରି ଦେଉଥିବା ବେଳେ ଆମେ କେବେ ବି ତାଙ୍କର ସୁବିଧା-ଅସୁବିଧା କଥା ବିଚାରକୁ ନ ଆଣି ଆନନ୍ଦରେ ଏହା କରି ଯାଉଥିଲୁ ଏବଂ ବେଶ୍ ଗପସପରେ ମାତି ରହୁଥିଲୁ । ବେଶ୍ କିଛି ଦିନ ଆମର ଅନାଡ଼ି

ହାତରେ ତାଙ୍କର କୋମଳ ଶରୀରରେ ଉପୁଜୁଥିବା ପୀଡ଼ାକୁ ନିର୍ବିକାର ଭାବରେ ସହ୍ୟ କରି ଦିନେ ଏକାନ୍ତରେ ମୋତେ ବିନୟ-ଭାବରେ ପଚାରିଲେ, 'ଏହି ମାଲିସ କ'ଣ ପ୍ରକୃତରେ ଦରକାର ? ଦେଖ, କେବଳ ଏହି ସମୟରେହିଁ ମୁଁ ଟିକିଏ ନିଦ୍ରା ଯାଏ ।' ତାଙ୍କ ଶ୍ରୀତୁଣ୍ଡରୁ ଏଇ କଥାପଦକ ଶୁଣିବା ମାତ୍ରେ ତୀବ୍ର ଭାବରେ ମର୍ମାହତ ହୋଇ ଅପରାଧୀର କଣ୍ଠରେ ତାଙ୍କୁ କହିଲି, 'ଆମେ ଏହା ବନ୍ଦ କରିଦେବୁ । ଏହାର ଆବଶ୍ୟକତା ନାହିଁ ।' ସେ ଇଚ୍ଛା କରିଥିଲେ ବହୁତ ଆଗରୁହିଁ ଅତି ସହଜରେ ଏହା ବନ୍ଦ କରି ଦେଇ ପାରିଥା'ନ୍ତେ; କିନ୍ତୁ ଡାକ୍ତରଙ୍କ ପରାମର୍ଶକୁ ସେ କେମିତି ଅମାନ୍ୟ କରିବେ !

''ପରବର୍ତ୍ତୀ ପ୍ରକ୍ରିୟାଟି ହେଉଛି ନିୟମିତ ଭାବରେ ହସ୍ତ-ପଦର କେତୋଟି ସହଜ ଓ ସରଳ ବ୍ୟାୟାମ କରିବା । ଡା. ମଣିଲାଲ ତାଙ୍କୁ ଏସବୁ ବ୍ୟାୟାମ ନିଜେ ଦେଖାଇ ଦେଇଥିଲେ ।... ଶ୍ରୀଅରବିନ୍ଦ ତାଙ୍କର ଶଯ୍ୟାଧାରରେ ବସି ସେସବୁକୁ ଅଭ୍ୟାସ କରୁଥିଲେ । ଏହିସବୁ ବ୍ୟାୟାମ ଦ୍ୱାରା ଶ୍ରୀଅରବିନ୍ଦଙ୍କର କୋମଳ ତଥା ସରସ ଅବୟବଟି କ୍ରମଶଃ ଦୃଢ଼ ସ୍ନାୟବିକ ସୁସ୍ଥତା ଲାଭ କରିଥିଲା ଏବଂ ପେଶୀସବୁରେ ଉତ୍ତମ ଭାବରେ ସୌଷ୍ଟବର ଉନ୍ନତି ପରିଲକ୍ଷିତ ହେଉଥିଲା । କହିବା ବାହୁଲ୍ୟ, ଶ୍ରୀଅରବିନ୍ଦ ଏଥିରେ ପ୍ରଭୂତ ମାତ୍ରାରେ ସନ୍ତୁଷ୍ଟ ହୋଇ ଉଠିଥିଲେ । ପ୍ରତ୍ୟେକଟି ବିଷୟରେ ପୂର୍ଣ୍ଣତା ଲାଭ ହେଉଛି ଅତିମାନସିକ ମୂଳମନ୍ତ୍ର; ଅପୂର୍ଣ୍ଣତା, ସେଇଟି ଯେତେ କ୍ଷୁଦ୍ରାତିକ୍ଷୁଦ୍ର ହୋଇଥାଉ ନା କାହିଁକି, ତାହା ତାଙ୍କର ସେଇ ସ୍ଥିତିରେ ସ୍ୱଭାବ ବିରୁଦ୍ଧ ଥିଲା ।...

''ଡା. ମଣିଲାଲଙ୍କର ପ୍ରଦତ୍ତ ବ୍ୟାୟାମଗୁଡ଼ିକ ମଧ୍ୟରୁ ଶେଯରେ ବସି ଗୋଡ଼ ଝୁଲାଇବାଟି ଥିଲା ଅନ୍ୟତମ । ଗୁରୁଦେବ ଏହି ବ୍ୟାୟାମଟିକୁ ମଧ ସତର୍କତାର ସହିତ ନିୟମିତ କରୁଥିଲେ । ଏହି ପ୍ରକ୍ରିୟାଟି ପରବର୍ତ୍ତୀ କାଳରେ ଆମମାନଙ୍କ ଗହଣରେ ଏକ ସାଧାରଣ ପରିହାସର ବିଷୟ ହୋଇ ଉଠିଥିଲା । ଘଟଣାଟି ଥିଲା ଏହିପରି – ପ୍ରାୟ ପ୍ରତି 'ଦର୍ଶନ'କୁ ଡା. ମଣିଲାଲ ଆଶ୍ରମକୁ ଆସୁଥିଲେ । ଏହି ସମୟ ଆସିଗଲେ ଶ୍ରୀଅରବିନ୍ଦ ପ୍ରାୟ କହି ଉଠୁଥିଲେ,'ଓଃ, ମଣିଲାଲ ଦର୍ଶନକୁ ଆସୁଛି; ମୋତେ ମୋର ଗୋଡ଼ଟିକୁ ଝୁଲାଇ ରଖିବାକୁ ହେବ !' କିଂବା ଅନ୍ୟ ସମୟରେ ସେ ବରୋଦାରେ ରହି ଗୁରୁଦେବଙ୍କର ଗୋଡ଼ର ଅବସ୍ଥା ସମ୍ବନ୍ଧେ ଖବର ଜାଣିବାକୁ ଚାହୁଁଥିବା ବେଳେ ଶ୍ରୀଅରବିନ୍ଦ ସ୍ମିତହାସ୍ୟରେ ଉତ୍ତର ଦେଉଥିଲେ : 'ଏବେ ବି ଏହା ଝୁଲୁଛି !'...''

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି,
ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା
**Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର
PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ
ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

ସିନ୍ଧୁରୁ ବିନ୍ଦୁଏ :

# ଶ୍ରୀଅରବିନ୍ଦ ଶରଣଂ

## ସନ୍ତୋଷ ରଥ

ଅଖିଳ ମୋହନ ଆହେ ଜନାର୍ଦନ
ଆଦି ସୃଜନର ସ୍ପନ୍ଦନ
କାରଣ ତାରଣ ତୁମେ ଜାଗରଣ
ହିରଣ୍ମୟ ସତ୍ୟ ସନାତନ
ହୃଦ ମକରନ୍ଦ ଶ୍ରୀଅରବିନ୍ଦ
ଘେନ ଆମ ଅଭିନନ୍ଦନ ।୧।

ତୁମେ ଚେତନର ଚିତ୍ ଝଙ୍କାର
ତୁମେ ଶ୍ରୁତି ଶବ୍ଦ ଶୁଭ ଓଁକାର
ତୁମେ ଅଣାକାର ବ୍ୟାପ୍ତ ଚରାଚର
ଜୀବନ ହବନ ଯଜ୍ଞବେଦୀରେ
ତୁମେ ପୂର୍ଣ୍ଣାହୁତି ଯୋଗେଶ୍ୱର ।୨।

ତୁମେ ଅଧିମାନସର ତ୍ରାଣକର୍ତ୍ତା
ତୁମେ ଅତିମାନସର ଉଦ୍‌ଗାତା
ସମଗ୍ର ଜୀବନ ଯୋଗ ଅନୁପମ
ପୂର୍ଣ୍ଣଯୋଗ ପୂର୍ଣ୍ଣ ସଂହିତା
ଆହେ ସିଦ୍ଧିଦାତା
ରୂପାନ୍ତର ପାଇଁ ଅବୋଧ ଅକ୍ଷମ
କ୍ଷମ ଅପରାଧ ତୁମେ ଭର୍ତ୍ତା ।୩।

ତୁମେ ସଖା ତୁମେ ମୋର ସହୋଦର
ତୁମେ ସାରଥି ସାଜିଛ ମୋ ରଥର
ଚକ୍ରବ୍ୟୂହ ଯଦି ତୁମ ସରଜନା
ତ୍ରାହି କର ଆହେ ଚକ୍ରଧର
ଆହେ ଶ୍ୱେତାମ୍ବର
ଅପଲକ ତୁମ ନେତ୍ର ଯୁଗଳ
ପାତକ ପାବନୀ ଶ୍ରୀପୟର ।୪।

ତୁମେ କଳଙ୍କ ବିହୀନ ଶୁଭ୍ରତା
ବିଶ୍ୱ ଆନନ୍ଦ ଛନ୍ଦର ମାଦକତା
ତୁମ ଜନ୍ମବାସର ମହାନତା
ବିଧି ବରିଲା ଭାରତ ସ୍ୱାଧୀନତା
ଆଧ୍ୟାତ୍ମିକତାର ଜୈତ୍ର ଉଡ଼ାଇ
ଛିନ୍ନ କଲ ଯେତେ ସଂକୀର୍ଣ୍ଣତା
ଆହେ ମୁକ୍ତିଦାତା
ତୁମେ ଅତିମାନବର ଜନ୍ମଦାତା ।୫।

ଜ୍ଞାନ ନୁହେଁ ତୁମେ ପ୍ରଜ୍ଞାଭିଧାନ
ମୃତ୍ୟୁ ନୁହେଁ ତୁମେ ସଞ୍ଜୀବନ
ଅମରତ୍ୱ ପାଇଁ ତୁମ ଅଭିଯାନ
ବ୍ୟର୍ଥ ନୋହିବ କଦାଚନ
ଆହେ ପରମ ବ୍ରହ୍ମ
ଜନ୍ମ ବାସରରେ ବସୁଧା ବନ୍ଦଇ
ଘେନା କର ଆମ ନିବେଦନ ।୬।

❑❑❑

ଏହି ପୃଥିବୀର ଆଧ୍ୟାତ୍ମିକ ପ୍ରଗତିର ଇତିହାସରେ ଶ୍ରୀଅରବିନ୍ଦ ଯେଉଁ ସତ୍ୟଟିର ପ୍ରତିନିଧିତ୍ୱ କରୁଛନ୍ତି, ତାହା ଏକ ଶିକ୍ଷା ନୁହେଁ, ଏକ ସତ୍ୟୋଦ୍‌ଘାଟନ ମଧ୍ୟ ନୁହେଁ; ଏହା ହେଉଛି ଏକ ଋଦ୍ଧିମନ୍ତ କର୍ମଧାରା, ଯାହାକି ସିଧା ସେହି ସର୍ବୋଚ୍ଚ ପରମସତ୍ତାଙ୍କ ଠାରୁହିଁ ପ୍ରେରିତ ହୋଇ ଆସୁଛି ।

*୧୫ ଅଗଷ୍ଟ ୧୯୬୪*

— ଶ୍ରୀମା

# ମୁନି ଶୁକଦେବ

## ରାମକୃଷ୍ଣ ଦାସ

***ପ୍ରଶ୍ନ :** ଶୁକଦେବ ଜନ୍ମ ହେବା ସଙ୍ଗେ ସଙ୍ଗେ ନାଭିରେ ଲାଗିଥିବା ନାଡ଼ ଅଣ୍ଟାରେ ଗୁଡ଼ାଇ ଜଙ୍ଗଲକୁ କିପରି ଚାଲିଗଲେ ଏବଂ ହନୁମାନ କିପରି କର୍ମ କରିଥିଲେ ଯେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କ ମନ-ପ୍ରାଣ-ଶରୀର ଏବଂ ଆତ୍ମାର ପୂର୍ଣ୍ଣ ବିକାଶ ହେଲେ ସେମାନଙ୍କ ସଦୃଶ ସଂସାରର ସମସ୍ତ କର୍ମ ଦକ୍ଷତା ସହ କରି ପାରିବେ ?*

### ମୁନି ଶୁକଦେବ

**ଉତ୍ତର :** ଭାଗବତର ଚରିତ୍ର ଶୁକମୁନି ଥିଲେ ବ୍ୟାସଦେବଙ୍କ ପୁତ୍ର । ତାଙ୍କ ମା'ଙ୍କ ନାମ ଥିଲା ଶ୍ରୀୟା ଦେବୀ । ଶୁକଦେବ ତାଙ୍କ ମା'ଙ୍କ ଗର୍ଭରେ ରହିଲେ ବାର ବର୍ଷ । ବାର ବର୍ଷ ପୂର୍ଣ୍ଣ ହେବାରୁ ଦିନେ ବ୍ୟାସଦେବ ଗର୍ଭସ୍ଥ ଶିଶୁକୁ ସମ୍ବୋଧନ କରି କହିଲେ, ''ତୁ କେଉଁ ମହାପୁରୁଷ, ତୋ ମା ଗର୍ଭରେ ବାର ବର୍ଷ ହେଲା ରହିଲୁଣି ? ତୋ ମା'କୁ କେତେ କଷ୍ଟ ହେଉଛି । ତୁ ବାହାରକୁ ଆସୁ ନାହୁଁ କାହିଁକି ?''

ଗର୍ଭସ୍ଥ ଶିଶୁ ଉତ୍ତର ଦେଲେ, ''ସଂସାର ମାୟା ପ୍ରବଳ । ମୁଁ ବାହାରକୁ ଗଲେ ମାୟାରେ ମୋହିତ ହୋଇ ମୋର ଯଥାର୍ଥ ସ୍ୱରୂପ ଭଗବାନଙ୍କୁ ଭୁଲିଯିବି । ସେହି ସକାଶେ ମୁଁ ବାହାରକୁ ଯିବାକୁ ଚାହୁଁ ନାହିଁ । ଯଦି ମାୟାକୁ ରୋକି ଦିଆହୁଏ, ତେବେ ମୁଁ ବାହାରକୁ ଯାଇପାରେ ।''

ବ୍ୟାସଦେବ ଶିବଙ୍କୁ ଆରାଧନା କଲେ । ଶିବ ପ୍ରକଟ ହୋଇ କହିଲେ, ''ମାୟା ବିଷ୍ଣୁଙ୍କର । ତୁମେ ବିଷ୍ଣୁଙ୍କୁ ପ୍ରସନ୍ନ କରି ପାରିଲେ ତାଙ୍କରି ଦ୍ୱାରା ମାୟାକୁ ରୋକା ଯାଇ ପାରିବ ।''

ବ୍ୟାସଦେବ ବିଷ୍ଣୁଙ୍କୁ ଆରାଧନା କଲେ । ବିଷ୍ଣୁ ପ୍ରକଟ ହୋଇ କହିଲେ, ''ମାୟାକୁ ରୋକି ଦେଲେ ସଂସାର ଚଳିବ ନାହିଁ । କେବଳ ବଳଦ ଶିଙ୍ଗରେ ସୋରିଷଟିଏ ରଖିଦେଲେ ସୋରିଷ ଯେତିକି ସମୟ ରହିବ ସେତିକି ସମୟ ମୁଁ ମାୟାକୁ ରୋକି ଦେବି ।'' ଅର୍ଥାତ୍ ଶୁକଦେବ ଜନ୍ମ ହେବାକୁ ଯେତିକି ସମୟ ଲାଗିବ ସେତିକି ସମୟ ବିଷ୍ଣୁ ମାୟାକୁ ରୋକି ଦେବାକୁ ବରଦାନ ଦେଲେ । ଏହି ବରଦାନ ବିଷୟ ଗର୍ଭସ୍ଥ ଶିଶୁକୁ ବ୍ୟାସଦେବ କହିଲେ । ଗର୍ଭସ୍ଥ ଶିଶୁ ଉତ୍ତର ଦେଲେ, ''ଏତିକି ସମୟରେ ମୁଁ ଗର୍ଭରୁ ବାହାରି ଯିବି ।''

ବ୍ୟାସଦେବ ବି ଉପସ୍ଥିତ ଥାଆନ୍ତି । ଶୁକଦେବ ମାତାଙ୍କ ଗର୍ଭରୁ ବାହାରିଲେ ଏବଂ ଶରୀରରେ ଲାଗିଥିବା ନାଡ଼ସବୁ ଚଟାପଟ ଅଣ୍ଟାରେ ଗୁଡ଼ାଇ ଘରୁ ବାହାରି ଜଙ୍ଗଲ ଆଡ଼କୁ ଯାତ୍ରା କଲେ । ସେ ସମୟରେ ଶ୍ରୀୟା ଦେବୀ ମୂର୍ଚ୍ଛିତ ଅବସ୍ଥାରେ ଥିଲେ । ପୁତ୍ରକୁ ଟିକିଏ ବି ଦେଖି ପାରିଲେ ନାହିଁ । ବ୍ୟାସଦେବ ପୁତ୍ର ପଛେ ପଛେ ଯାଇ କହିଲେ, ''ଶୁକଦେବ ! ତୋ' ମା ତୋତେ ବାର ବର୍ଷ ଗର୍ଭରେ ଧାରଣ କରି କେତେ କଷ୍ଟ ପାଇଛି । ତୁ ଫେରିଚାଲ, ତୋ' ମା ତୋତେ କ୍ଷଣକ ସକାଶେ ଦେଖିବ; ତୋ' ବିୟୋଗରେ ତାକୁ ଯେଉଁ ଦୁଃଖ ହେଉଛି ତାହା ଦୂର ହୋଇଯିବ । ତା'ପରେ ତୋ' ଇଚ୍ଛା ଯାହା ତାହା କରିବୁ ।'' ଏ କଥାକୁ ଶୁଣି ଶୁକଦେବ ଉତ୍ତର ଦେବା ଦୂର କଥା, କାନ ବି ଦେଲେ ନାହିଁ । ବ୍ୟାସଦେବ ପୁତ୍ର-ସ୍ନେହରେ ତାଙ୍କ ପଛେ ପଛେ ଚାଲିଥା'ନ୍ତି । ଶୁକଦେବ ଜଙ୍ଗଲରେ ପ୍ରବେଶ କଲେ । ତଥାପି ବ୍ୟାସଦେବ ଫେରିଲେ ନାହିଁ । ଶେଷରେ ଶୁକଦେବ ସମସ୍ତ ବୃକ୍ଷରେ ପ୍ରବେଶ କରିଗଲେ । ଜଙ୍ଗଲର ବୃକ୍ଷସବୁ କହିଲେ, ''ଶୁକୋଽହଂ ଶୁକୋଽମ୍ ।'' ଶୁକଦେବ ଅନ୍ତର୍ଦ୍ଧାନ ହୋଇଯିବା ତଥା ବୃକ୍ଷସବୁର ମଧ୍ୟରେ ପ୍ରବେଶ କରି ଏପରି କହିବାରୁ ବ୍ୟାସଦେବ ମନ ଦୁଃଖରେ ଫେରି ଆସିଲେ । ଶ୍ରୀୟା ଦେବୀଙ୍କୁ ବହୁତ ବୁଝେଇ ସାନ୍ତ୍ୱନା ଦେଇ କହିଲେ, ''ତୁ ଧୈର୍ଯ୍ୟ ରଖ, ଦିନେ ତୋ ପୁଅ ତୋ ପାଖକୁ ନିଶ୍ଚୟ ଆସିବ ।''

ବ୍ୟାସଦେବ ଭାଗବତ ରଚନା କରିଥିଲେ । ଅନେକ ଋଷିପୁତ୍ର ତାଙ୍କ ଘରେ ରହି ତାଙ୍କଠାରୁ ଭାଗବତ ପଢୁଥିଲେ । ବ୍ୟାସଦେବ ଦଶମସ୍କନ୍ଧର ଶ୍ରୀକୃଷ୍ଣଙ୍କ ସୁନ୍ଦର ରୂପ ବର୍ଣ୍ଣନା ହୋଇଥିବା ତଥା ବାଲ୍ୟଲୀଳା ବିଷୟର ଶ୍ଳୋକସବୁ ବିଦ୍ୟାର୍ଥୀମାନଙ୍କୁ ମୁଖସ୍ଥ କରାଇ ଦେଲେ ଏବଂ କହିଲେ, ''ତୁମେମାନେ ଜଙ୍ଗଲରୁ କାଠ ଆଣିବା ସମୟରେ ସ୍ୱର ସହିତ ଏହିସବୁ ଶ୍ଳୋକ ଗାନ କରିବ ।'' ବିଦ୍ୟାର୍ଥୀମାନେ ପ୍ରତିଦିନ ଜଙ୍ଗଲକୁ ଯାଇ କାଠ ଆଣିବା ସମୟରେ ସ୍ୱର ସହିତ ସେହିସବୁ ଶ୍ଳୋକ ଗାନ କରନ୍ତି । ସେସବୁ ଶ୍ଳୋକ ଆନ୍ତର ଚେତନାକୁ

ଏପରି ଭାବେ ସ୍ପର୍ଶ କରେ ଯେ ଶୁଣିବା ବ୍ୟକ୍ତି ଭଗବତ୍ ଭକ୍ତିରେ ମୁଗ୍ଧ ହୋଇଯାଆନ୍ତି । ଶୁକଦେବ ଜନ୍ମରୁ ବ୍ରହ୍ମଜ୍ଞାନୀ ଥିଲେ । କିନ୍ତୁ ଯଥାର୍ଥ ଜ୍ଞାନ ଏବଂ ପରାଭକ୍ତିରେ ତତ୍ତ୍ୱତଃ ବିଭେଦ ନଥାଏ । ସେ ସକାଶେ ଶୁକଦେବଙ୍କ ହୃଦୟ ଭକ୍ତିରେ ପୂର୍ଣ୍ଣ ହୋଇଗଲା । ସେ ବିଦ୍ୟାର୍ଥୀମାନଙ୍କ ପାଖକୁ ଆସି କହିଲେ, ''ମୁଁ ଏହି ଶ୍ଳୋକ ମୁଖସ୍ଥ କରିବାକୁ ଚାହେଁ ।'' ଗୁରୁ ବ୍ୟାସଦେବଙ୍କ କହିବା ଅନୁସାରେ ବିଦ୍ୟାର୍ଥୀମାନେ ଉତ୍ତର ଦେଲେ, ''ଏ ଶ୍ଳୋକ ଅନ୍ୟକୁ ଦେବାର ଅଧିକାର ଆମର ନାହିଁ । ତୁମେ ଯଦି ପଢ଼ିବାକୁ ଚାହୁଁଛ ତେବେ ଆମ ସଙ୍ଗେ ଚାଲ ଆମ ଗୁରୁଦେବଙ୍କ ଠାରୁ ପୂରା ଭାଗବତ ପଢ଼ି ପାରିବ ।'' ସେମାନଙ୍କ କହିବା ଅନୁସାରେ ଶୁକଦେବ ସେମାନଙ୍କ ସଙ୍ଗେ ଆସି ବ୍ୟାସଦେବଙ୍କୁ ଗୁରୁ ରୂପେ ପ୍ରଣାମ କରି ଭାଗବତ ପଢ଼ିବାକୁ ପ୍ରାର୍ଥନା କଲେ । ବ୍ୟାସଦେବ ତଥା ଶ୍ରୀୟା ଦେବୀଙ୍କ ଆନନ୍ଦର ସୀମା ରହିଲା ନାହିଁ । ଶୁକଦେବ ବିଦ୍ୟାର୍ଥୀମାନଙ୍କ ସହିତ ବ୍ୟାସଦେବଙ୍କ ଗୃହରେ ରହି ଭାଗବତ ପଢ଼ିଲେ । ତାଙ୍କର ବ୍ୟାସଦେବଙ୍କ ପ୍ରତି କେବଳ ଗୁରୁଭାବ ଥିଲା । ମାତାପିତାର ମୋହ ତାଙ୍କୁ ସ୍ପର୍ଶ କରି ନଥିଲା । ସେ ଭାଗବତ ପଢ଼ିସାରି ଗୁରୁଙ୍କୁ ପ୍ରଣାମ କରି ପୁନରାୟ ଜଙ୍ଗଲକୁ ଚାଲିଗଲେ । ସେହି ଶୁକଦେବ ନୈମିଷାରଣ୍ୟରେ ଋଷିମାନଙ୍କ ଗହଣରେ ସାତ ଦିନରେ ଭାଗବତ ଚରିତ୍ର ସବୁ ରାଜା ପରୀକ୍ଷିତଙ୍କୁ ଶୁଣାଇ ତାଙ୍କୁ ମୁକ୍ତି ପ୍ରାପ୍ତ କରାଇ ଥିଲେ । ଶୁକଦେବଙ୍କ ଦ୍ୱାରାହିଁ ବ୍ୟାସଦେବଙ୍କ ଭାଗବତ ପ୍ରଚାର ହୋଇଅଛି ।

***ପ୍ରଶ୍ନ :*** *ଶୁକଦେବଙ୍କୁ ମାତୃଗର୍ଭରେ ବ୍ରହ୍ମଜ୍ଞାନ ପ୍ରାପ୍ତ ହେଲା କିପରି ?*

**ଉତ୍ତର :** ଶଙ୍କରଙ୍କ ଠାରୁ ଶୁକଦେବଙ୍କୁ ବ୍ରହ୍ମଜ୍ଞାନ ପ୍ରାପ୍ତ ହୋଇଥିଲା । ଥରେ ଶଙ୍କରଙ୍କ ଠାରୁ ବ୍ରହ୍ମଜ୍ଞାନ ଶୁଣିବା ସକାଶେ ପାର୍ବତୀ ପ୍ରାର୍ଥନା କଲେ । ଶଙ୍କରଙ୍କ ମୁଖରୁ ଯିଏ ବ୍ରହ୍ମଜ୍ଞାନ ଶୁଣିବ ସେ ଜୀବନ୍ମୁକ୍ତ ହୋଇଯିବ । ସେହି କାରଣରୁ ସେ ସ୍ଥାନରୁ ଶଙ୍କର ସମସ୍ତ ଜୀବଜନ୍ତୁଙ୍କୁ ଦୂର କରିଦେଲେ । ଶଙ୍କର ତଥା ପାର୍ବତୀଙ୍କ ଛଡ଼ା ଆଉ କେହି ନଥିଲେ । ଶଙ୍କର ବ୍ରହ୍ମଜ୍ଞାନ କହିବା ସମୟରେ ପାର୍ବତୀ ଶୁଣି 'ହୁଁ' 'ହୁଁ' କହୁଥିଲେ । କିଛି ସମୟ ପରେ ପାର୍ବତୀଙ୍କୁ ନିଦ ଆସିଗଲା । ଶଙ୍କର ବ୍ରହ୍ମଜ୍ଞାନରେ ତଲ୍ଲୀନ ହୋଇ କହି ଚାଲିଥା'ନ୍ତି । 'ହୁଁ' 'ହୁଁ' ଶବ୍ଦ ମଧ୍ୟ ଶୁଣୁ ଥାଆନ୍ତି । କିଛି ସମୟ ପରେ ଶଙ୍କର ଆପଣା ବକ୍ତବ୍ୟ ସମାପ୍ତ କରିବା ପରେ ପାର୍ବତୀ କହିଲେ, ''ମୋତେ ନିଦ ଆସିଗଲା, ଶେଷ ଜ୍ଞାନ ଶୁଣି ପାରିଲି ନାହିଁ ।'' ଶଙ୍କର କହିଲେ 'ହୁଁ' ଶବ୍ଦ କିଏ କରୁଥିଲା ? ସେଠାରେ ଗୋଟିଏ ଶୁକପକ୍ଷୀର ଅଣ୍ଡା ଥିଲା । ବ୍ରହ୍ମଜ୍ଞାନ କହିବା ସମୟରେ ଅଣ୍ଡା ଫାଟି ଛୁଆ ହୋଇ ବ୍ରହ୍ମଜ୍ଞାନ ଶୁଣିଲା । ପାର୍ବତୀ ଦେବୀଙ୍କୁ ନିଦ ଆସିବା ସମୟରେ ସେ 'ହୁଁ' ଶବ୍ଦ କରୁଥିଲା । ଏକଥା ଜାଣି ଶଙ୍କର ଶୁକପକ୍ଷୀକୁ ମାରିବାକୁ ଯିବାରୁ ସେ ଉଡ଼ି ପଳାଇଲା । ଶ୍ରୀୟା ଦେବୀ ସ୍ନାନ କରିବା ପରେ ମଥାକେଶ ଝାଡ଼ିବା ସମୟରେ ତାଙ୍କ ମୁଖ ଖୋଲା ଥିଲା । ସେ ତାଙ୍କ ମୁଖରେ ପ୍ରବେଶ କରି ଶିଶୁ ରୂପେ ବାର ବର୍ଷ ତାଙ୍କ ଗର୍ଭରେ ରହିଥିଲେ । ଶ୍ରୀଶଙ୍କରଙ୍କ ମୁଖରୁ ବ୍ରହ୍ମଜ୍ଞାନ ଶୁଣିଥିବା ଯୋଗୁଁ ମାତାଗର୍ଭରେ ମଧ୍ୟ ସେ ଭୁଲି ନଥିଲେ ।

*(ଆଗାମୀ ସଂଖ୍ୟାରେ ଅବଶିଷ୍ଟାଂଶ)*

❑❑❑

ଖୁବ୍ ସ୍ଥିର ନିଶ୍ଚଳ ରୁହ, ତୁମର ମନ ଓ ତୁମର ହୃଦୟକୁ ଶ୍ରୀଅରବିନ୍ଦ ଓ ମୋ ପ୍ରଭାବ ପ୍ରତି ଉନ୍ମୁକ୍ତ ରଖ, ଗଭୀର ଭାବେ ଏକ ଆନ୍ତର ନୀରବତା (ଯାହାକି ସକଳ ପରିସ୍ଥିତିରେ ଲାଭ କରାଯାଇପାରେ) ମଧ୍ୟକୁ ନିଜକୁ ଅପସରାଇ ନିଅ, ସେହି ନୀରବତାର ଗଭୀରତା ମଧ୍ୟରୁ ମୋତେ ଆବାହନ କର ଏବଂ ତୁମେ ତୁମ ସତ୍ତାର କେନ୍ଦ୍ରରେ ମୋତେ ଉଭା ହୋଇ ଥିବାର ଦେଖି ପାରିବ ।

— ଶ୍ରୀମା

# ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ

## (୪)

## ପ୍ରପତ୍ତି

ମନୁଷ୍ୟର ସଚେତନ ଆଧ୍ୟାତ୍ମିକ ବିବର୍ତ୍ତନର ଧାରା ଅତୀବ ଜଟିଳ ଏବଂ କଠିନ । ଏଠାରେ ବିବର୍ତ୍ତନର ଧାରା ସିଧାସଳଖ ଚାଲେ ନାହିଁ ବରଂ ଏହା ଚକ୍ରାକାରରେ, ବର୍ତ୍ତୁଳାକାରରେ, ଘୂରି ଘୂରି, ଆଗ ପଛ ହୋଇ ଚାଲେ । ସର୍ବୋପରି ମନୁଷ୍ୟର ବ୍ୟକ୍ତିଗତ ଆଧ୍ୟାତ୍ମିକ ଉନ୍ନତି ଗୋଷ୍ଠୀଗତ ଆଧ୍ୟାତ୍ମିକ ଉନ୍ନତି ସହିତ ଗଭୀର ଭାବରେ ସଂଶ୍ଳିଷ୍ଟ । ବ୍ୟକ୍ତି ଓ ଗୋଷ୍ଠୀ ଏଠାରେ ପରସ୍ପରଠାରୁ ପୃଥକ୍ ନୁହନ୍ତି । ପୁଣି ମଧ୍ୟ ଏହି ଅଧ୍ୟାତ୍ମ ବିବର୍ତ୍ତନ ଧାରାରେ ବେଳେ ବେଳେ ମନୁଷ୍ୟ ଏପରି ଗଭୀର ସଂକଟ ଓ ଦୁର୍ଦ୍ଦିନରେ ପଡ଼େ, ଯେଉଁଥିରେ ସେ ସମସ୍ତ ଭବିଷ୍ୟତ୍ ଆଶା ଓ ଭରସା ହରାଇ ବସେ । ଏହିପରି ଦୁର୍ଦ୍ଦିନ ଓ ସଙ୍କଟ ବେଳେ ମହାପୁରୁଷ ଓ ଅବତାରଗଣ ପୃଥିବୀପୃଷ୍ଠରେ ଜନ୍ମ ହୋଇ ମାନବର ଆଧ୍ୟାତ୍ମିକ ଅଗ୍ରଗତିରେ ଗୋଟାଏ ନୂତନ ପାହାଚ ଯୋଡ଼ି ଦିଅନ୍ତି । ପ୍ରତ୍ୟେକ ସମୟରେ ଅବତାରଗଣଙ୍କର କାର୍ଯ୍ୟବିଧି ନିର୍ଦ୍ଦିଷ୍ଟ ନିୟମ ଅନୁସାରେ ଚାଲେ । ସେମାନେ ସର୍ବଦା କିଛି ନୂତନ କାର୍ଯ୍ୟ କରି ମାନବ ସମାଜକୁ ଗୋଟାଏ ପାହାଚ ଆଗେଇ ଦିଅନ୍ତି ।

ଭାରତର ଆଧ୍ୟାତ୍ମିକ ଇତିହାସରେ ପ୍ରଥମେ ବେଦ ଓ ଉପନିଷଦ୍‌ର ଋଷିଗଣ ମାନବର ଅଧ୍ୟାତ୍ମ-ବିବର୍ତ୍ତନ ଧାରାର ମୂଳ ନକ୍ସା ଦେଇ ଯାଇଛନ୍ତି । ଋଷିଗଣ ସ୍ୱକୀୟ ଦିବ୍ୟଦୃଷ୍ଟି ଫଳରେ ମନୁଷ୍ୟକୁ ଜରା, ମୃତ୍ୟୁଗ୍ରସ୍ତ ଭୌତିକ ଶରୀର, ପ୍ରାଣ-ମନ ବିଶିଷ୍ଟ ଜୀବ ରୂପେ ଦେଖି ନଥିଲେ; ସେମାନେ ତାକୁ ଦେଖିଥିଲେ ଦେବତା ରୂପେ, ଭଗବାନଙ୍କ ପ୍ରତିଭୂ ରୂପେ, ଦିବ୍ୟ-ହିରଣ୍ମୟ ପୁରୁଷ ରୂପେ ବା ଅମୃତ ସନ୍ତାନ ରୂପେ । ମନୁଷ୍ୟହିଁ ରାଜା, ସମ୍ରାଟ, ପ୍ରଭୁ – ସେ ଏକ ଶାଶ୍ୱତ, ଅବିନାଶୀ ବସ୍ତୁ । ଯେପରି ଘର ତିଆରି ପୂର୍ବରୁ ଘରର ନକ୍ସା ଅଙ୍କାଯାଏ ଏବଂ ପରେ ଘର ତିଆରି ଚାଲେ ସେହି ନକ୍ସା ଅନୁସାରେ, ଠିକ୍ ସେହିପରି ବୈଦିକ ଋଷିଗଣ ମନୁଷ୍ୟର ଆଧ୍ୟାତ୍ମିକ ପରିଣାମର ଏକ ନକ୍ସା ବା ଚରମ ରୂପରେଖ ଦେଇ ଯାଇଛନ୍ତି । ସେମାନେ ଦିବ୍ୟଦୃଷ୍ଟି ବଳରେ ମନୁଷ୍ୟର ଅନାଗତ ଭବିଷ୍ୟତର ଏକ ସ୍ପଷ୍ଟ ରୂପ ଦେଖିଥିଲେ । କିନ୍ତୁ ବୈଦିକ ଋଷିଗଣ ବିବର୍ତ୍ତନଗତ ଜୀବ ନୁହନ୍ତି । ସେମାନେ ଏକ ଏକ ଶାଶ୍ୱତ ସତ୍ତା ଓ ସେଇ ସ୍ୱର୍ଣ୍ଣମୟ ଯୁଗର ଅଧିକାରୀ । ବେଦ ବା ଉପନିଷଦ୍‌ରେ ବିବର୍ତ୍ତନର ପ୍ରଶ୍ନ ବି ଉଠି ନାହିଁ । କିନ୍ତୁ ସେମାନେ ମନୁଷ୍ୟର ଯେଉଁ ଚରମ ଆଧ୍ୟାତ୍ମିକ ରୂପ ଦେଖିଥିଲେ, ତାହାହିଁ ଶେଷରେ ଦିନେ ନା ଦିନେ ଫୁଟି ଉଠିବ । ତାଙ୍କରି ନକ୍ସାର ବୋଝକୁ ବହନ କରି ମନୁଷ୍ୟ ଚାଲିଛି ।

ତତ୍ପରେ ଆମ୍ଭେମାନେ ଦେଖୁ ରାମାୟଣ ଯୁଗରେ ମହାପ୍ରଭୁ ରାମଚନ୍ଦ୍ର ଜନ୍ମଗ୍ରହଣ କରି ସାତ୍ତ୍ୱିକ ମାନବର ଆଦର୍ଶ ରଖିଥିଲେ । ଏହିଠାରୁହିଁ ମନୁଷ୍ୟର ଆଧ୍ୟାତ୍ମିକ ଜୀବନର ଧାରାବାହିକ କ୍ରମଃବିକାଶ ମିଳେ । ଭଗବାନ୍ ଶ୍ରୀରାମ ଯେଉଁ ସାତ୍ତ୍ୱିକ ମନୋମୟ ମନୁଷ୍ୟ ଆଦର୍ଶ ରଖିଥିଲେ, ତାହା ତତ୍କାଳୀନ ପଶୁ-ମାନବ ଜଗତରେ ନିଶ୍ଚୟହିଁ ଏକ ଅଦ୍ୱିତୀୟ ଆଦର୍ଶ ଥିଲା । ଏବେ ବି ଏହା ଏକ ମହାନ୍ ଆଦର୍ଶ ରୂପେ ରହିଅଛି । ଆଦର୍ଶ ସ୍ୱାମୀ, ଆଦର୍ଶ ରାଜା, ଆଦର୍ଶ ପୁତ୍ର, ଆଦର୍ଶ ସେବକ ଓ ଆଦର୍ଶ ଯୋଦ୍ଧା ହିସାବରେ ରଘୁବୀର କୁଳତିଳକଙ୍କ ଦାନ ଅତୁଳନୀୟ ।

ଦ୍ୱାପର ଯୁଗରେ ଭଗବାନ୍ ଶ୍ରୀକୃଷ୍ଣ ଏ ପୃଥିବୀରେ ଯୁଗାବତାର ରୂପେ ଅବତୀର୍ଣ୍ଣ ହୋଇ ମନୁଷ୍ୟର ଆଧ୍ୟାତ୍ମିକ ଇତିହାସର ଧାରାକୁ ଏକ ଚରମ ଶିଖରରେ ପହଞ୍ଚାଇ ଦେଇଥିଲେ । ତତ୍କାଳୀନ ଅବସ୍ଥାରେ ସେ ମନୋମୟ ଓ ସାତ୍ତ୍ୱିକ ଆଦର୍ଶକୁ ଅତିକ୍ରମି ଏକ ଯୋଗଯୁକ୍ତ ମହାନ୍ କର୍ମୀ ଓ ଭଗବତ୍ ପ୍ରତିଭୂର ଆଦର୍ଶ ସ୍ଥାପନ କଲେ । ମନୋଭୂମିର ସତ୍ୟକୁ ଅତିକ୍ରମ କରି ଭଗବାନ୍ ଶ୍ରୀକୃଷ୍ଣ ପୃଥିବୀପୃଷ୍ଠରେ ''ଅଧିମାନସ'' ରୂପକ ବିଶାଳ ଅଧ୍ୟାତ୍ମ ସତ୍ୟକୁ ସ୍ଥାପନା କରିବାକୁ ଚାହିଁଥିଲେ । ଏହି 'ଅଧିମାନସ'-ଭୂମିର ସତ୍ୟ ପୃଥିବୀପୃଷ୍ଠରେ ଅବତୀର୍ଣ୍ଣ ହେବାରୁ ତତ୍କାଳୀନ ଜଗତରେ ମହାଭାରତ ରୂପକ ଘୋର ଯୁଦ୍ଧ ବିଗ୍ରହ ଓ ଧ୍ୱଂସ ଲୀଳା ଘଟିଥିଲା । କିନ୍ତୁ ସେ ଯାହା ହେଉ ଏହିଠାରୁହିଁ ଭଗବାନ୍ ଶ୍ରୀକୃଷ୍ଣ ମନୁଷ୍ୟ ସମାଜର ଚରମ ଆଦର୍ଶ ରୂପେ ଅଧିମାନସ ଭୂମିର ସତ୍ୟକୁ ରଖିଗଲେ ।

ଭଗବଦ୍ ଗୀତାରେ ଅର୍ଜୁନ ଯେଉଁ ମହାନ୍ ଆଧ୍ୟାତ୍ମିକ ବାଣୀ ଶ୍ରୀକୃଷ୍ଣଙ୍କ ମୁଖରୁ ଶୁଣିଥିଲେ, ତହିଁରେ ଥିଲା ଜୀବନ,

କର୍ମ, ସଂସାର ଓ ଭଗବାନଙ୍କ ମଧ୍ୟରେ ଏକ ବିରାଟ ସମନ୍ୱୟ । ଗୀତାର ଆଦର୍ଶରୁ ଏହାହିଁ ମନେହୁଏ ଯେ କର୍ମ ବନ୍ଧନରୁ ମୁକ୍ତି ସକାଶେ ଆବଶ୍ୟକ ନୁହେଁ କର୍ମକୁ ତ୍ୟାଗ କରି, ସଂସାରକୁ ବର୍ଜନ କରି ପର୍ବତ ଗହ୍ୱରକୁ ଅଥବା କୋଳାହଳ ରହିତ ନିର୍ଜନ ଭୂମିକୁ ପଳାୟନ କରିବା ବରଂ ଏହି ସଂସାରରେ ରହି ଭଗବାନଙ୍କୁ ନିଜର ସମସ୍ତ କର୍ମ, ଧର୍ମ ଓ ପ୍ରବୃତ୍ତି ସମର୍ପଣ କରି ତାଙ୍କର ଯନ୍ତ୍ର ହୋଇଯିବା । ଗୀତା ସ୍ପଷ୍ଟ ରୂପେ ଦେଖାଇ ଦେଇଛି ଯେ ଭଗବାନଙ୍କ ନିକଟରେ ଆତ୍ମୋତ୍ସର୍ଗ, ଆତ୍ମ-ସମର୍ପଣ ଏବଂ ପରମ ଶ୍ରଦ୍ଧା ନିବେଦନ ଫଳରେ ସେ ସ୍ୱୟଂ ମନୁଷ୍ୟକୁ ସ୍ୱହସ୍ତରେ ତୋଳି ନେଇ ସକଳ ପାପତାପରୁ ଉଦ୍ଧାର କରନ୍ତି ।

''ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମୀ ମାଂ ସୂଚ ।।''

ଗୀତାର ଏହି ଆଧ୍ୟାତ୍ମିକ ବାଣୀ ଓ ଆଦର୍ଶ ମାନବର ଆଧ୍ୟାତ୍ମିକ ବିବର୍ତ୍ତନର ଏକ ତୁଙ୍ଗ ଶିଖର ଏବଂ ଏକ ଅତ୍ୟୁଚ୍ଚ ଭୂମି କହିଲେ ଅତ୍ୟୁକ୍ତି ହେବ ନାହିଁ । ଭଗବାନ୍ ଶ୍ରୀକୃଷ୍ଣ ଅଧ୍ୟାତ୍ମାନସ ଭୂମିର ସତ୍ୟକୁ ଉଦ୍‌ଘାଟିତ କରି ଏ ପୃଥିବୀରେ ଅବତୀର୍ଣ୍ଣ କରାଇ ଥିଲେ, ମାତ୍ର ତାହା ପୂର୍ଣ୍ଣ ରୂପେ ସ୍ଥାପିତ ହୋଇପାରିଲା ନାହିଁ ।

ଏହାପରେ ଆମ୍ଭେମାନେ ଦେଖୁ ଭାରତୀୟ ଆଧ୍ୟାତ୍ମିକ ପ୍ରଗତି ପଥରେ ଅମିତାଭ ବୁଦ୍ଧଙ୍କୁ । ବୁଦ୍ଧଦେବ ଦେଖିଲେ ସଂସାର ଏକ ଘୋର ଜଞ୍ଜାଳ, ଦୁଃଖ ଓ କାମନାବାସନାର ତାଡ଼ନାର ଭୂମି । ଜନ୍ମ-ମୃତ୍ୟୁ ଚକ୍ରରୁ ଉଦ୍ଧାରହିଁ ମନୁଷ୍ୟର ଚରମ ଲକ୍ଷ୍ୟ ହେବା ଉଚିତ । ଏହି ସଂସାରରୁ ଶୂନ୍ୟରେ, ମହାଶୂନ୍ୟରେ, ନିର୍ବାଣରେ ଫେରିଯିବାକୁ ସେ ରାସ୍ତା ଉଦ୍‌ଘାଟନ କଲେ । ମନେହୁଏ ତତ୍କାଳୀନ ରାଜସିକ କ୍ରିୟା ଓ କର୍ମକାଣ୍ଡରେ ପୂର୍ଣ୍ଣ ବୈଦିକ ଆଚାର ବିଧିରେ ଏହି ଆଦର୍ଶହିଁ ଏକ ଅତ୍ୟନ୍ତ ସହଜ ଯୁଗୋପଯୋଗୀ ଓ ବିପ୍ଲବାତ୍ମକ ଆଦର୍ଶ ଥିଲା । ବୁଦ୍ଧଦେବ ଅଧ୍ୟାତ୍ମ ସାଧନାର ପଥକୁ ବହୁ ସୁଗମ କରି ଗଲେ । କିନ୍ତୁ ତାଙ୍କର ''ନିର୍ବାଣ ଆଦର୍ଶ'' ଏକ ସଂସାର ବିରୋଧୀ ଆଦର୍ଶ । ଏଥିରେ ଜୀବନର ସମାଧାନ ହେଲା ନାହିଁ, ସଂସାରର ସମାଧାନ ହେଲା ନାହିଁ । କେବଳ ସେଥିରୁ ପଳାୟନହିଁ ସାର ହେଲା । ଭାରତର ଆଧ୍ୟାତ୍ମିକ ଚିନ୍ତାଧାରାରେ ଏହିଠାରେ ଆସିଛି ପ୍ରଥମ ବିଭେଦ । ସଂସାର ଓ ଅଧ୍ୟାତ୍ମ-ସାଧନା ମଧ୍ୟରେ ଆଜି ଯେଉଁ ଅମେଳ ଦେଖା ଦେଇଛି ତାହାର ପ୍ରଥମ ଆରମ୍ଭହିଁ ବୌଦ୍ଧ ଯୁଗରେ ।

ପରବର୍ତ୍ତୀ କାଳରେ ଶଙ୍କରାଚାର୍ଯ୍ୟ ଏହି ଆଦର୍ଶକୁ କାର୍ଯ୍ୟତଃ ଅନେକାଂଶରେ ମାନି ନେଇଥିଲେ । ସେଥିପାଇଁ ତାଙ୍କୁ କେହି କେହି ପ୍ରଚ୍ଛନ୍ନ ବୌଦ୍ଧ ବୋଲି କୁହନ୍ତି । ତେବେ ତାଙ୍କର ଦାର୍ଶନିକ ସିଦ୍ଧାନ୍ତ ହେଲା ବ୍ରହ୍ମହିଁ ସତ୍ୟ, ଜଗତ୍ ମିଥ୍ୟା । ବ୍ରହ୍ମଙ୍କର ଅଦ୍ୱୈତ ସିଦ୍ଧିକୁ ସେ ପ୍ରାପ୍ତ କରିଥିଲେ ଏବଂ ସେହି ଭୂମିରୁ ଛିଡ଼ା ହୋଇ ସେ ଯେଉଁ ଅଧ୍ୟାତ୍ମ ବାଣୀ ପ୍ରଚାର କଲେ, ତାହାର ଫଳ ଆଜି ଆମ୍ଭେମାନେ ଦେଖୁଅଛୁ । ତାଙ୍କର ସିଦ୍ଧି ଥିଲା ସତ୍ୟ, ମାତ୍ର ସେଥିରେ ପ୍ରତିଫଳିତ ହୋଇଛି ଗୋଟାଏ ଆଂଶିକ ସତ୍ୟ । ଶଙ୍କର ପ୍ରଚାର କଲେ ଏ ଜଗତ୍ ମିଥ୍ୟା, ମାୟା ପ୍ରବଞ୍ଚନାପୂର୍ଣ୍ଣ । ଏଠାରୁ ଫେରିଯାଇ ପରମ ବ୍ରହ୍ମରେ ବିଲୀନ ହେବାହିଁ ଏକମାତ୍ର କର୍ତ୍ତବ୍ୟ । ଏ ଜଗତରେ ରହି ଶାନ୍ତି ଲାଭ କରିବାର ପ୍ରଚେଷ୍ଟା ଏକ ବୃଥା ଚେଷ୍ଟା ମାତ୍ର । ତତ୍ପରେ ରାମାନୁଜାଚାର୍ଯ୍ୟ ଆସି ଶଙ୍କରଙ୍କଠାରୁ ଏକ ଭିନ୍ନ ମତବାଦ ପ୍ରଚାର କରିଛନ୍ତି । ସେ ସଂସାରକୁ ସତ୍ୟ ବୋଲି ମାନିଛନ୍ତି ଏବଂ ସଂସାର ଯେ ଭଗବାନଙ୍କ ଲୀଳାକ୍ଷେତ୍ର ଏହା ମଧ୍ୟ କହିଛନ୍ତି; କିନ୍ତୁ ଏଠାରେ ନୁହେଁ, ଭଗବାନଙ୍କ ସଙ୍ଗେ ନିତ୍ୟଧାମରେ ବାସ କରି ପରମ ଆନନ୍ଦ ଅନୁଭବ କରିବାକୁ ଚରମ ବାସ୍ତବ ତତ୍ତ୍ୱ ରୂପେ ପ୍ରତିପାଦିତ କରିଛନ୍ତି ।

ଏହାପରେ ଆମ୍ଭେମାନେ ମଧ୍ୟଯୁଗରେ ବହୁ ସାଧୁ, ମହାପୁରୁଷ ଓ ଭକ୍ତଗଣଙ୍କୁ ଦେଖୁ । ସେମାନେ ନାନା ଭାବରେ ଅଧ୍ୟାତ୍ମ ସାଧନାର ଧାରାକୁ ପରିପୁଷ୍ଟ କରି ଅଛନ୍ତି । ତତ୍ପରେ ପଞ୍ଚଦଶ ଶତାବ୍ଦୀରେ ଚୈତନ୍ୟଦେବ ଆବିର୍ଭୂତ ହୋଇ ଭଗବତ୍ ଲୀଳାର ଅନ୍ୟ ଏକ ଅଂଶକୁ ପ୍ରତିପାଦିତ କରି ଯାଇଛନ୍ତି । ସେହିପରି ଊନବିଂଶ ଶତାବ୍ଦୀର ଆରମ୍ଭରେ ପରମହଂସ ଦେବ ଓ ତଦୀୟ ଶିଷ୍ୟ ସ୍ୱନାମଧନ୍ୟ ସ୍ୱାମୀ ବିବେକାନନ୍ଦ ଆଧୁନିକ ଭାରତରେ ପୁନଶ୍ଚ ଅଧ୍ୟାତ୍ମ ଅଗ୍ନିର ଶିଖାକୁ ପ୍ରଜ୍ୱଳିତ କରି ମନୁଷ୍ୟର ଅଧ୍ୟାତ୍ମ ପ୍ରଗତିର ପଥକୁ ଆହୁରି ତେଜୀୟାନ୍ କରିଥିଲେ । ଏହି ରୂପେ ଯୁଗେ ଯୁଗେ ଅବତାରଗଣ ଜନ୍ମଗ୍ରହଣ କରି ଆଧ୍ୟାତ୍ମିକ ମାନବର ଅଗ୍ରଗତିକୁ ନାନା ଭାବରେ ପରିବର୍ଦ୍ଧିତ ଓ ପରିପୁଷ୍ଟ କରି ଅଛନ୍ତି ।

ଏହି ଆଧ୍ୟାତ୍ମିକ ବିବର୍ତ୍ତନ ଧାରାର ଏକ ଚରମ ପରିଣାମ ରୂପେ ଶ୍ରୀଅରବିନ୍ଦ ଦେଖାଦେଲେ । ଶ୍ରୀଅରବିନ୍ଦ ସ୍ୱୀୟ ସାଧନା ବଳରେ ପୃଥିବୀରେ ଏକ ନୂତନ ମାନବ ଓ ନୂତନ ଯୁଗ ସ୍ଥାପନାର ନିର୍ଦ୍ଦେଶ ଦେଇ ଅଛନ୍ତି । ତାଙ୍କର ଅଧ୍ୟାତ୍ମ ସାଧନା ଯେ କେବଳ ସଂସାର ଓ ଭଗବାନ୍, କର୍ମ ଓ ମୁକ୍ତି, ଜୀବନ ଓ

ଜ୍ୟୋତିଃ ମଧ୍ୟରେ ସମନ୍ୱୟ ଆଣିବ ତାହା ନୁହେଁ ବରଂ ଶ୍ରୀଅରବିନ୍ଦ ଚାହିଁ ଅଛନ୍ତି ମନୁଷ୍ୟର ବର୍ତ୍ତମାନ ପ୍ରକୃତି ଓ ବର୍ତ୍ତମାନ ରୂପକୁ ପରିବର୍ତ୍ତିତ କରି ଏକ ନୂତନ ରୂପ, ଅର୍ଥାତ୍ ଦିବ୍ୟ ମାନବରେ ପରିଣତ କରିବାକୁ । ବୈଦିକ ଋଷିଗଣ ମନୁଷ୍ୟର ଯେଉଁ ଦିବ୍ୟ ଭାସ୍ୱର ମହୀୟାନ୍ ରୂପ ଦେଖିଥିଲେ, ଶ୍ରୀଅରବିନ୍ଦ ମନୁଷ୍ୟକୁ ସେହି ଶାଶ୍ୱତ ରୂପ ଦେବାକୁ ଚାହିଁ ଅଛନ୍ତି । ଶ୍ରୀଅରବିନ୍ଦ ପୃଥିବୀରେ କୌଣସି ଧର୍ମ ବା ମତବାଦ ପ୍ରତିଷ୍ଠା କରିବାକୁ ଚାହାଁନ୍ତି ନାହିଁ । ମନୁଷ୍ୟର ସମସ୍ତ ଜୀବନଧାରା ଏକ ନୂତନ ସ୍ଥିତି, ନୂତନ ନିୟମ ଉପରେ ଗଠିତ ହେଉ, ସମସ୍ତ ଜୀବନ ଆଧ୍ୟାତ୍ମିକତାରେ ରୂପାନ୍ତରିତ ହେଉ, ଏହାହିଁ ସେ ଚାହିଁଥିଲେ । ଏଥିସକାଶେ ସେ ଚାହିଁଥିଲେ ପୃଥିବୀରେ ଏକ ନୂତନ ଅଧ୍ୟାତ୍ମ ଶକ୍ତିକୁ ଅବତରଣ କରାଇ ଆଣିବାକୁ । ଏହି ଶକ୍ତି ଏଥିପୂର୍ବରୁ ପୃଥିବୀରେ କେବେ ବି ଅବତରଣ କରି ନଥିଲା । ଏହି ଶକ୍ତି ହେଲା ଅଧିମାନସ ଭୂମିର ଊର୍ଦ୍ଧ୍ୱରେ ସ୍ଥିତ ''ଅତିମାନସ'' ଶକ୍ତି । ଏହାହିଁ ବେଦରେ ଋତ ଚିତ୍ ଏବଂ ଉପନିଷଦ୍‌ରେ ବିଜ୍ଞାନମୟ ଭୂମି ନାମରେ ଆଖ୍ୟାତ । ବୈଦିକ ଋଷିଗଣ ଏହି ଶକ୍ତିର ସନ୍ଧାନ ପାଇଥିଲେ, ମାତ୍ର ଏହା ଯେ ପୃଥିବୀପୃଷ୍ଠରେ ଅବତରଣ କରି ମାନବ ସମାଜର କଲ୍ୟାଣ ସାଧନ କରିବ, ଏକଥା ସେମାନେ ଜାଣି ନଥିଲେ । ଏହି ସତ୍ୟ ହିଁ ପୂର୍ଣ୍ଣ ଜ୍ୟୋତିଃ, ପୂର୍ଣ୍ଣ ଶକ୍ତି, ପୂର୍ଣ୍ଣ ପ୍ରେମ ଓ ପୂର୍ଣ୍ଣ ଚେତନାର ଭୂମି ।

ପୃଥିବୀପୃଷ୍ଠରେ ଏହାର ଅବତରଣ କେବଳ ଯେ ଅବଶ୍ୟମ୍ଭାବୀ ତାହା ନୁହେଁ ବରଂ ଆଜି ଏହାର ଅବତରଣ ଘଟିଅଛି । ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ବେଳେ ଏହି ଶକ୍ତିର ଅବତରଣ ପୃଥିବୀପୃଷ୍ଠରେ ଘଟିଥିଲା । ୧୯୫୬ ସାଲରେ ଶ୍ରୀମା'ଙ୍କ ପ୍ରଦତ୍ତ ଏକ ବାଣୀରୁ ଏହା ସ୍ପଷ୍ଟ ଯେ ଅତିମାନସ ଶକ୍ତି ଆଜି ପୃଥିବୀପୃଷ୍ଠରେ ଅପ୍ରକାଶ୍ୟରେ କାର୍ଯ୍ୟ କରୁଅଛି — ଏହା ଏକ ଜୀବନ୍ତ ଏବଂ ବାସ୍ତବ ସତ୍ୟ । ଦିନ ଆସିବ ଯେତେବେଳେ ଏହାକୁ ସମଗ୍ର ଜଗତ୍ ମାନି ନେବ । ଏହି ଶକ୍ତିର ଅବତରଣ ତଥା କ୍ରିୟା ଫଳରେ ବିବର୍ତ୍ତନର ଧାରାରେ ଏକ ମହାନ୍ ପରିଣାମ ଦେଖା ଦେବ । ମନ ଶକ୍ତିର ଅବତରଣ ଫଳରେ ଯେପରି ମାନବଜାତିର ପ୍ରତିଷ୍ଠା ହେଲା, ଅତିମାନସ ଶକ୍ତିର ଅବତରଣ ଫଳରେ ସେହିପରି ଅତିମାନବ ଜାତି ପ୍ରତିଷ୍ଠା ହେବ । ଏହା ବିବର୍ତ୍ତନ ଧାରାରେ ଗୋଟିଏ ନୂତନ ପାହାଚ । ଅତିମାନବ କିନ୍ତୁ ମହାମାନବ ବା ମହାପୁରୁଷ ନୁହେଁ । ମହାମାନବ ହେଲା ବର୍ତ୍ତମାନ ମନୁଷ୍ୟର ପରିବର୍ଦ୍ଧିତ, ପରିପୂର୍ଣ୍ଣ ତଥା ଉନ୍ନତ ସଂସ୍କରଣ । ମହାମାନବ ମନୁଷ୍ୟ କିନ୍ତୁ ଉନ୍ନତ, ଅତି ଉନ୍ନତ ମନୁଷ୍ୟ । ଅତିମାନବ କିନ୍ତୁ ରୂପାନ୍ତରିତ, ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତିତ ମନୁଷ୍ୟ । ଅତିମାନବର ଗୁଣ ଓ ଧର୍ମ ମନୁଷ୍ୟର ଗୁଣ ଓ ଧର୍ମଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଶ୍ରେଷ୍ଠ ପଶୁ ଓ ମନୁଷ୍ୟ ମଧ୍ୟରେ ଯେଉଁ ତଫାତ୍, ଶ୍ରେଷ୍ଠ ମାନବ ଓ ଅତିମାନବ ମଧ୍ୟରେ ସେହି ପ୍ରଭେଦ । ଜଡ଼ ଓ ଉଦ୍ଭିଦ, ଉଦ୍ଭିଦ ଓ ପଶୁ, ପଶୁ ଓ ମନୁଷ୍ୟ ମଧ୍ୟରେ ଯେଉଁ ଗୁରୁତର ପ୍ରଭେଦ ଲକ୍ଷିତ ହୁଏ, ମନୁଷ୍ୟ ଓ ଅତିମାନବ ମଧ୍ୟରେ ସେହି ପ୍ରଭେଦ ଲକ୍ଷିତ ହେବ । ଶ୍ରୀଅରବିନ୍ଦ ଏହି ଅତିମାନବକୁ ମନୁଷ୍ୟ ଜାତିର ଭାଗ୍ୟ ନିର୍ମାତା ଓ ନିର୍ଦ୍ଦେଶକ ରୂପେ ରଖିଯାଇ ଅଛନ୍ତି । ଏହା ଫଳରେ ପୃଥିବୀପୃଷ୍ଠରେ ଦେବଜନ୍ମର କଥା, ସ୍ୱର୍ଗଲୋକ ସ୍ଥାପନ କରିବାର କଥା ଆଜି ସଫଳ ହୋଇଛି । କିନ୍ତୁ କି ଉପାୟ ଅବଲମ୍ବନ କଲେ ମନୁଷ୍ୟ ପ୍ରକୃତି ଏହି ଅଧ୍ୟାତ୍ମ ଜ୍ୟୋତିଃରେ ରୂପାନ୍ତରିତ ହୋଇପାରିବ, ତାହାହିଁ ବର୍ତ୍ତମାନ ଦେଖିବାକୁ ହେବ । ଏଥିପାଇଁ ସର୍ବାଦୌ ଆବଶ୍ୟକ ଏକ ପୂର୍ଣ୍ଣାଙ୍ଗ ଅଧ୍ୟାତ୍ମ ସାଧନା । ଶ୍ରୀଅରବିନ୍ଦ ଏହି ଅଧ୍ୟାତ୍ମ ସାଧନାର ଉପାୟ ଓ ପ୍ରଣାଳୀ ତଦୀୟ ଯୋଗ ସମନ୍ୱୟ ପୁସ୍ତକରେ ପ୍ରତିପାଦିତ କରି ଅଛନ୍ତି ।

(କ୍ରମଶଃ) ❑

ଧାର୍ମିକ ଚିନ୍ତା ଓ ଅନୁଭୂତିରୁ ସମସ୍ତ ପ୍ରକାର ହୀନତା, ସଂକୀର୍ଣ୍ଣତା ଓ ସ୍ଥୂଳଦର୍ଶିତା ବର୍ଜନ କର । ବୃହତ୍ତମ ଦିଗ୍‌ବଳୟଠାରୁ ବୃହତ୍ତର ହୁଅ, ଉଚ୍ଚତମ କାଞ୍ଚନଜଙ୍ଘାଠାରୁ ଉଚ୍ଚତର ହୁଅ, ଗଭୀରତମ ମହାସାଗରଠାରୁ ଗଭୀରତର ହୁଅ ।

— ଶ୍ରୀଅରବିନ୍ଦ

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୬୪)

## ମହେନ୍ଦ୍ରନାଥ ସ୍ୱାଇଁ

**ଭାବକୁ ନିକଟ :**

ଭଗବାନଙ୍କୁ ଏହି ସଂସାରରେ କେହି ବି ସମ୍ପୂର୍ଣ୍ଣ ରୂପେ ଏପର୍ଯ୍ୟନ୍ତ ଜାଣିପାରି ନାହାଁନ୍ତି । ମଣିଷର ଜ୍ଞାନ, ବୁଦ୍ଧି ତାଙ୍କୁ ଜାଣିବା ପାଇଁ; ତାଙ୍କ ସହିତ ଏକାକାର ହେବା ପାଇଁ ଯଥେଷ୍ଟ ନୁହେଁ । ମାନବ-ଆତ୍ମାଟିଏ, ଭକ୍ତଟିଏ ବା ସାଧକଟିଏ ଯେତେ ପରିମାଣରେ ଗ୍ରହଣଶୀଳ ହୋଇ ଥାଉନା କାହିଁକି, ସବୁଠାରୁ ବଡ଼ ଅବତାରଟିଏ ହୋଇ ଥାଉନା କାହିଁକି ସେମାନେ କେବଳ ପରମ ପ୍ରଭୁଙ୍କର ଏକ ଅଂଶମାତ୍ର ଅଟନ୍ତି; ପ୍ରଭୁଙ୍କର ସାମଗ୍ରିକ ରୂପ ଓ ସ୍ଥିତିର ଗୋଟିଏ ବିଭାବ ମାତ୍ର; ପ୍ରଭୁଙ୍କର ଷୋଳ କଳାରୁ ଗୋଟିଏ କଳା ମାତ୍ର ହୋଇ ପାରନ୍ତି । ଭଗବାନ୍ କୌଣସି ପାତ୍ରରେ ଆବଦ୍ଧ ହୋଇ ରହି ନାହାଁନ୍ତି, ସେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ସୂତ୍ର ବା ଧାରା ନୁହଁନ୍ତି, ଯାହାକୁ ପ୍ରୟୋଗ କଲେ ତାଙ୍କୁ ପ୍ରାପ୍ତ କରି ହେବ, ସେ ଏକ ଛାଞ୍ଚ ପରି ମଧ୍ୟ ନୁହଁନ୍ତି ଯେଉଁଥିରେ ପକାଇ ତାଙ୍କ ସ୍ୱରୂପକୁ ଦର୍ଶନ କରି ହେବ, କେହି ତାଙ୍କୁ ବାନ୍ଧି ପାରି ନାହାଁନ୍ତି – ସିଏ ଯଶୋଦା ହୁଅନ୍ତୁ ବା କୌଶଲ୍ୟା ହୁଅନ୍ତୁ । ସିଏ ମଧ୍ୟ ଯାନ୍ତ୍ରିକ ପଦ୍ଧତିରେ ନିର୍ମିତ ହେଉଥିବା ଏକ ସ୍ୱୟଂସମ୍ପୂର୍ଣ୍ଣ ଉତ୍ପାଦିତ ବସ୍ତୁ (finish product) ନୁହଁନ୍ତି । ତାହାହେଲେ ସେ କେଉଁ ପରି ? ତାଙ୍କର ଆରମ୍ଭ ନାହିଁ କି ଶେଷ ନାହିଁ, ତାଙ୍କର କୌଣସି ସୀମା ନାହିଁ; ତେଣୁ ସେ ଅସୀମ, ଅଦ୍ୱିତୀୟ, ସ୍ୱୟଂ ସମ୍ପୂର୍ଣ୍ଣ । ଅସଂଖ୍ୟ, ଅଗଣିତ ବ୍ରହ୍ମାଣ୍ଡରେ ତାଙ୍କର ବିସ୍ତୃତି, ଲୀଳାଖେଳା ।

''ବ୍ରହ୍ମାଣ୍ଡ ମାଳ ମାଳ ହୋଇ, ତୋ ଲୋମକୂପେ ବିରାଜଇ ।''

ବେଳେବେଳେ ସିଏ ନିର୍ବିକାର, ଅପ୍ରକାଶିତ ଏବଂ ଅଜ୍ଞାତ ।

ଏସବୁ କଥାକୁ ଦିବ୍ୟଜନନୀ ଶ୍ରୀମା ଅପୂର୍ବ ଶବ୍ଦ ସଂଯୋଜନାରେ ଜାନୁଆରୀ ୯, ୧୯୧୪ ପ୍ରାର୍ଥନାଟିରେ ସ୍ଥାନ ଦେଇ ପ୍ରାର୍ଥନାଟିକୁ ଚମତ୍କାର ଏବଂ ଋଦ୍ଧିମନ୍ତ କରିଛନ୍ତି । ତାହାହେଲା –

"LORD, incomprehensible reality, Thou who ever fleest before our conquest, effective though it may be, Thou who shalt always be the Unknown despite all that we shall learn to know of Thee, despite all that we shall ravish from Thy eternal mystery, we would go forward, making a complete and constant effort, combining all the multiple paths leading to Thee, go forward like a rising, indomitable tide, breaking down all obstacles, crossing every barrier, lifting up every veil, scattering all clouds, piercing through all darkness, go forward towards Thee, ever to Thee, in a movement so powerful, so irresistible that a whole multitude may be drawn in our wake, and the earth, conscious of Thy new and eternal Presence, understand at last its true purpose, and live in the harmony and peace of Thy sovereign realisation.

"Teach us always more,
Give us more light,
Dispel our ignorance,
Illumine our minds,
Transfigure our hearts,

"And give us the Love that never runs dry, and makes Thy sweet law flower in every being.

"We are Thine for all Eternity."

''ହେ ପ୍ରଭୁ ! ଆପଣ ହେଉଛନ୍ତି ଅବିଚଳ, ଅଚିନ୍ତନୀୟ ବାସ୍ତବ ସତ୍ୟ, ଆପଣଙ୍କୁ ଆମେ ପ୍ରାପ୍ତ ହେବା ପୂର୍ବରୁ ଆପଣ ଖସି ଚାଲିଯାଇଥା'ନ୍ତି; ଏହା ଏକ ଫଳପ୍ରଦ ଚିନ୍ତା ବା ଭାବନା ହୋଇପାରେ, ଆମେ ଆପଣଙ୍କୁ ଜାଣିବା ପାଇଁ ଯେତେସବୁ ପାଠ ପଢୁ, ଶିକ୍ଷା ଲାଭକରୁ ତାହା ସତ୍ତ୍ୱେ ମଧ୍ୟ ଆପଣ

ସଦାସର୍ବଦା ଅଜ୍ଞାତ ହୋଇ ରହିଛନ୍ତି, ଏହି ସକଳ କଥା ସତ୍ତ୍ୱେ ଆମେ ଆପଣଙ୍କର ଚିରନ୍ତନ ରହସ୍ୟର ବହୁ ଦୂରକୁ ଭାସି ଚାଲି ଯାଉଥିବୁ, ଆଗକୁ ବଢ଼ି ଚାଲିଥିବୁ, ଏକ ସମ୍ପୂର୍ଣ୍ଣ ଏବଂ ନିରବଚ୍ଛିନ୍ନ ପ୍ରଚେଷ୍ଟା କରି ଚାଲିଥିବୁ, ଆପଣଙ୍କ ପାଖକୁ ଲମ୍ବିଥିବା ଅସଂଖ୍ୟ ପଥମାନଙ୍କୁ ଏକତ୍ରିତ କରି ଚାଲିଥିବୁ, ଏକ ଅପ୍ରତିହତ ବା କୌଣସି ବାଧାବିଘ୍ନ ନମାନି ଫୁଲି ଉଠୁଥିବା ସାମୁଦ୍ରିକ ଜୁଆର ସଦୃଶ ଆଗକୁ ମାଡ଼ି ଚାଲିଥିବୁ, ପ୍ରତ୍ୟେକ ପ୍ରତିବନ୍ଧକକୁ ଅତିକ୍ରମ କରି, ପ୍ରତ୍ୟେକ ପରଦାକୁ ଉପରକୁ ଟେକି ଦେଇ, କଳା ବାଦଲସବୁକୁ ଏଣେ ତେଣେ ବିଛାଡ଼ି ଦେଇ, ସକଳ ପ୍ରକାର ଅନ୍ଧକାରାଚ୍ଛନ୍ନ ହୃଦୟ ଭିତରକୁ ନିରୀକ୍ଷଣ କରି ଆପଣଙ୍କ ଆଡ଼କୁ ଅଗ୍ରସର ହୋଇ, ସଦାସର୍ବଦା ଆପଣାଙ୍କ ସମ୍ମୁଖକୁ ପାଦ ବଢ଼ାଇ, ସବୁବେଳେ ଆପଣଙ୍କ ଉପରେ ଦୃଷ୍ଟି ନିବଦ୍ଧ କରି, ଏକ ଶକ୍ତିଶାଳୀ ପ୍ରଗତିର ସହିତ, ଏକ ଅପ୍ରତିହତ ଗତି ଯାହା ସାହାଯ୍ୟରେ ଆମେ ଏହି ତୀବ୍ର ଗତିଶୀଳତାର ପଶ୍ଚାତ୍ ଭାଗରେ ସ୍ଥିତ ବିଶାଳ ଜନସମୁଦ୍ର ତଥା ବସ୍ତୁରାଜିକୁ ଏହାର ସିଆର ଭିତରେ ଆଗକୁ ଟାଣିନେଇ ପାରିବାକୁ ସକ୍ଷମ ହେଉ ।* ଏବଂ ପୃଥିବୀ ଆପଣଙ୍କର ନୂତନ ଏବଂ ଚିରନ୍ତନ ଉପସ୍ଥିତି ସମ୍ପର୍କରେ ସଚେତନ ହୋଇ ଯାଇଥାଏ, ପରିଶେଷରେ ଏହାର ପ୍ରକୃତ ଉଦ୍ଦେଶ୍ୟ କ'ଣ ତାହା ଉପଲବ୍ଧି କରିପାରେ ଏବଂ ଆପଣଙ୍କ ସାର୍ବଭୌମ୍ୟ ସଂଗତି ଏବଂ ପ୍ରଶାନ୍ତି ମଧ୍ୟରେ ବାସକରେ ।''

ତତ୍ପରେ ଉକ୍ତ ପ୍ରାର୍ଥନାଟିର ଦ୍ୱିତୀୟ ଅନୁଚ୍ଛେଦରେ ମା' ପ୍ରଭୁଙ୍କୁ ପ୍ରାର୍ଥନା ନିବେଦନପୂର୍ବକ କହୁଛନ୍ତି –

''ଆମକୁ ଅଧିକରୁ ଅଧିକ ଶିକ୍ଷା ପ୍ରଦାନ କରନ୍ତୁ,
ଆମକୁ ଅଧିକ ଆଲୋକ ପ୍ରଦାନ କରନ୍ତୁ,
ଆମର ଅଜ୍ଞାନତାକୁ ଦୂରୀଭୂତ କରି ଦିଅନ୍ତୁ,
ଆମ୍ଭମାନଙ୍କର ମନକୁ ଜ୍ୟୋତିର୍ମୟ କରନ୍ତୁ,
ଆମ୍ଭମାନଙ୍କର ହୃଦୟକୁ ବଦଳାଇ ଦିଅନ୍ତୁ,

''ଏବଂ ଆମକୁ ଦିବ୍ୟପ୍ରେମ ପ୍ରଦାନ କରନ୍ତୁ ଯାହା କେବେ ହେଲେ ଶୁଷ୍କ ହୋଇଯିବ ନାହିଁ, ଏବଂ ପ୍ରତ୍ୟେକ ସତ୍ତା ଭିତରେ ଆପଣଙ୍କର ମଧୁର ବିଧାନ ଜାଗରିତ ହେଉ ।''

''ଅନନ୍ତ କାଳ ନିମନ୍ତେ ଆମ୍ଭେମାନେ
କେବଳ ଆପଣଙ୍କର ଅଟୁ ।''

ମା ଆଲୋଚ୍ୟ ପ୍ରାର୍ଥନାଟିର ପ୍ରାରମ୍ଭରେ ପରମ ପ୍ରଭୁଙ୍କୁ ସମ୍ବୋଧନ କରି କହୁଛନ୍ତି, ହେ ପ୍ରଭୁ ! ଆପଣ ଅବୋଧଗମ୍ୟ, ''incomprehensible''; ଏହି ଶବ୍ଦଟିର ଅର୍ଥ ହେଉଛି ଯାହାକୁ ମଣିଷର ମନ ବୁଝି ପାରିବ ନାହିଁ, ତାଙ୍କର ତୁଳନା କରିବାକୁ ଶବ୍ଦ, ଅର୍ଥ ବା ଭାବ ମନ ପାଖରେ ନାହିଁ; କିନ୍ତୁ ସେ ବାସ୍ତବ ସତ୍ୟ । ତାଙ୍କ ପ୍ରତି ପ୍ରକୃତ ଭାବ ଥିଲେ, ଭକ୍ତି ଥିଲେ ସେ ନିକଟକୁ ଆସନ୍ତି; ହାତ ଠାରି ଡାକନ୍ତି, ପାଖକୁ ଗଲେ ସେ ପୁଣି ଦୂରକୁ ଚାଲି ଯାଇଥା'ନ୍ତି, ହସୁ ଥାଆନ୍ତି, କାରଣ ଆମ ଭାବରେ, ଭକ୍ତିରେ କିଛି ଅଭାବ ରହି ଯାଇଥାଏ । ସେତ ''ଭାବକୁ ନିକଟ, ଅଭାବେ ଅଭେଟ ।'' ଏହି ''ଅଭାବ''ଟିକୁ କିପରି ମନ ଓ ହୃଦୟରୁ ଦୂର କରିବାକୁ ହେବ, ମା' ଏହି ପ୍ରାର୍ଥନାରେ ଆମ୍ଭମାନଙ୍କୁ କହିଛନ୍ତି । ପ୍ରଭୁଙ୍କ ପାଦତଳେ ନତଜାନୁ ହୋଇ ବିନମ୍ରତାର ସହିତ ପ୍ରାର୍ଥନା କରିବା, ''ହେ ପ୍ରଭୁ ! ଆମକୁ ଆପଣଙ୍କର ପ୍ରେମ ପ୍ରାପ୍ତ ହେଉ । ଆପଣଙ୍କର ପ୍ରେମ ଏକ ଚିରସ୍ରୋତା ନିର୍ଝର ସଦୃଶ, ଯାହା କେବେ ହେଲେ ଶୁଷ୍କ ହୁଏ ନାହିଁ ଏବଂ ପ୍ରବାହିତ ସୁଶୀତଳ ପ୍ରେମ-ସ୍ରୋତରେ ଅବଗାହନ କରି ଆମର ମନ, ପ୍ରାଣ, ଶରୀର ପୁଲକିତ ହୋଇ ଉଠନ୍ତୁ ।''

ପ୍ରଭୁଙ୍କର କାର୍ଯ୍ୟ କରିବାର ଶୈଳୀର କୌଣସି ଉପମା ନାହିଁ; ତାଙ୍କ ବିଧାନ ଅତ୍ୟନ୍ତ ମଧୁର ଏବଂ ସେହି ବିଧାନ ଯଦି ଆମ୍ଭମାନଙ୍କ ହୃଦୟରେ ଏକ ପ୍ରସ୍ଫୁଟିତ ପୁଷ୍ପ ସଦୃଶ ଖୋଲିଯାଏ, ତା'ର ମହକ ଆମ ହୃଦୟରୁ ନିର୍ଗତ ହୋଇ ଅନ୍ୟ ହୃଦୟମାନଙ୍କୁ ସଂକ୍ରମିତ କରେ, ତାହା ହେଲେ ପ୍ରତ୍ୟେକ ଜୀବସତ୍ତା ଧନ୍ୟ ହୋଇଯିବେ । ପ୍ରଭୁଙ୍କ ପାଖରେ ସମ୍ପୂର୍ଣ୍ଣ ଭାବରେ ସମର୍ପିତ ହୋଇ ଯିବା ପାଇଁ ଦିବ୍ୟଜନନୀ ଶ୍ରୀମା ଉକ୍ତ ପ୍ରାର୍ଥନାଟିର ଶେଷରେ ଆମ ପାଇଁ ଏକ ମନ୍ତ୍ର ପ୍ରଦାନ କରିଛନ୍ତି । ତାହାହେଲା –

''We are Thine for all Eternity.''

ହେ ପ୍ରଭୁ ! ଆମେ ଆପଣଙ୍କର ଏବଂ ଆପଣ ଆମର, ଏହି ସମ୍ପର୍କ ଅନନ୍ତ କାଳ ପାଇଁ, ଆପଣଙ୍କୁ ଛାଡ଼ି ଦେଲେ ଆମର ସ୍ଥିତି ନାହିଁ । ଏହି ପରିପ୍ରେକ୍ଷୀରେ ଜଣେକ ସାଧକ ଭକ୍ତଙ୍କର ଜୀବନରେ ଦିବ୍ୟଜନନୀ ଶ୍ରୀମାଙ୍କ କୃପା କିପରି ତାଙ୍କୁ ସଦା-ସର୍ବଦା ଠିକ୍ ବାଟରେ ପରିଚାଳିତ କରିଥିଲା, ହାତ ଧରି ଆଗକୁ

* ଏଠାରେ 'wake' ଶବ୍ଦଟିର ଅର୍ଥହେଲା 'track left by ship on water' – ଜାହାଜ ସମୁଦ୍ରର ନୀଳ ଜଳରାଶି ଉପରେ ଆଗକୁ ତୀବ୍ରଗତିରେ ବଢ଼ୁଥିଲା ବେଳେ ତା'ର ପଶ୍ଚାତ୍ ଭାଗରେ ସୃଷ୍ଟି ହେଉଥିବା ଓ ଦୁଇଭାଗରେ ବିଭକ୍ତ ହୋଇ ଯାଉଥିବା ଜଳ-ସିଆରକୁ 'wake' କୁହାଯାଏ, ଯାହା ବହୁତ ଜଳଜୀବମାନଙ୍କୁ ଆଗକୁ ଟାଣିନେଇ ଯାଇଥାଏ ।

ଚଳାଇ ନେଉଥିଲା ତାହା ଆଲୋଚନା କଲେ ଅତ୍ୟୁକ୍ତି ହେବ ନାହିଁ । ତାହା ହେଲା –

''ପଶ୍ଚିମବଙ୍ଗର ଜନୈକ ଭକ୍ତ ଏପ୍ରିଲ ୧୩ ତାରିଖ ୧୯୫୩ ମସିହାରେ ପବିତ୍ର ବୈଶାଖ ମାସରେ ସପରିବାର ପଣ୍ଡିଚେରୀ ଆସି ଆଶ୍ରମରେ ପହଞ୍ଚିଲେ । ତାଙ୍କ ଛୋଟ ଝିଅଟିର ଜନ୍ମଦିନ ୩୦ ଜୁନ୍‌ରେ ପଡ଼ିଲା; ସେ ମା'ଙ୍କ ଅନୁମତି ନେଇ ଝିଅକୁ ସାଙ୍ଗରେ ଧରି ମା'ଙ୍କ ଦର୍ଶନ ଲାଭ କଲେ । ଶ୍ରୀମା ଝିଅଟିକୁ ଦେଖିବା ମାତ୍ରକେ ବହୁତ ଖୁସି ହେଲେ ଏବଂ ତାକୁ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ''ଗ୍ରୁପ୍''ରେ ନାମ ଲେଖାଇ ଦେବାକୁ ଅନୁମତି ପ୍ରଦାନ କଲେ । ଅଗଷ୍ଟ ଦର୍ଶନ ପରେ ସେ ତାଙ୍କ ବ୍ୟବସାୟର ବୁଝାସୁଝା କରିବା ନିମନ୍ତେ କଲିକତା ଫେରିଗଲେ ଏବଂ ନଭେମ୍ବର ମାସରେ ପୁନର୍ବାର ଆଶ୍ରମକୁ ଫେରି ଆସିଲେ ଏବଂ ମନେ ମନେ ସ୍ଥିର କରି ନେଲେ ଯେ ସେ ଆଉ କଲିକତା ନ ଫେରି ଆଶ୍ରମରେ ସ୍ଥାୟୀ ଅନ୍ତେବାସୀ ଭାବରେ ରହି ଯିବେ । ଏହି କଥା ସେ କାହାରିକୁ କହି ନଥିଲେ, ଶ୍ରୀମାଙ୍କୁ ମଧ ଜଣାଇ ନଥିଲେ । କିନ୍ତୁ ମା'ଙ୍କର ପିଲାମାନେ ତଥା ସାଧକମାନେ ଯାହା ଭାବନ୍ତି ମା' ତତ୍‌କ୍ଷଣାତ୍ ତାହା ଜାଣି ପାରନ୍ତି । ଦିନେ ମା' ଆଶ୍ରମର ''କଟେଜ୍ ଇଣ୍ଡଷ୍ଟ୍ରି'' ନିର୍ମାଣ ଦାୟିତ୍ୱରେ ଥିବା 'ଆଲାନ୍' ନାମକ ଜନୈକ ଅନ୍ତେବାସୀଙ୍କୁ ଡାକି କହିଲେ, ''Allan ! let 'R' work with you.'' ମା' ସେହି ଭକ୍ତଙ୍କ ନାମ 'ଆର୍' ରଖିଥିଲେ । କିନ୍ତୁ ''ଆଲାନ୍'' ମା'ଙ୍କୁ କହିଲେ, ''But Mother 'R' is a visitor !'' ମା'ଙ୍କର ଉତ୍ତର, ''Probably he will not go back now.'' ''ସମ୍ଭବତଃ ସେ ଏବେ ଫେରୁ ନାହିଁ ।'' ଆଲାନ୍ ମା'ଙ୍କର ଇଚ୍ଛା ଜାଣି ପାରିଲେ ଏବଂ ସମ୍ଭ୍ରମତାର ସହିତ ମା'ଙ୍କୁ ପ୍ରଣାମ କରି ଫେରି ଆସି 'ଆର୍'ଙ୍କୁ ଡାକି ସବୁକଥା କହିଲେ । ତାଙ୍କ କଥା ଶୁଣି 'ଆର୍'ଙ୍କ ପାଟିରୁ କଥା ବାହାରିଲା ନାହିଁ, ହୃଦୟ ମା'ଙ୍କ ପ୍ରତି କୃତଜ୍ଞତାରେ ଭରିଗଲା । ତାଙ୍କର ମନେହେଲା ତାଙ୍କ ଶରୀର ଉପରେ ଦିବ୍ୟଜନନୀ ଶ୍ରୀମାଙ୍କର କୃପାବାରି ବର୍ଷା ହେଉଛି ଏବଂ ସେହି ସୁଶୀତଳ ଜଳରେ ସେ ସ୍ନାନ କରୁଛନ୍ତି – ତାଙ୍କର ମନ, ପ୍ରାଣ ଭିଜି ଯାଉଛି । ଆଲାନ୍‌ଙ୍କ କର ସ୍ପର୍ଶରେ ସେ ସଂଜ୍ଞା ଫେରି ପାଇଲେ ଏବଂ କହିଲେ, ''Since the Mother has taken the decision, now I will ask her formally.'' ''ମା' ଯେତେବେଳେ ସ୍ଥିର କରି ସାରିଛନ୍ତି, ବର୍ତ୍ତମାନ ମୁଁ କେବଳ ସାଧାରଣ ଭାବରେ ମୋର ଏଠାରେ ରହିବାର ଇଚ୍ଛା ମା'ଙ୍କ ନିକଟରେ ପ୍ରକାଶ କରିବି ।'' ଜାନୁଆରୀ ୧୯, ୧୯୫୪ରେ 'ଆର୍' ମା'ଙ୍କର ଦର୍ଶନ ନିମନ୍ତେ ଅନୁମତି ପ୍ରାପ୍ତ ହେଲେ । ମା'ଙ୍କ ପ୍ରକୋଷ୍ଠରେ ପ୍ରଣାମ ନିବେଦନ କରି ଉଠିବା ମାତ୍ରକେ ମା' କହିଲେ, ''Yes, you can stay.'' ''ହଁ ତୁମେ ରହିପାର ।'' 'ଆର୍'ଙ୍କର ଆଶ୍ଚର୍ଯ୍ୟର ସୀମା ବନ୍ଧ ଭାଙ୍ଗିଗଲା, ଚକ୍ଷୁରୁ ନିର୍ଗତ ହେଲା ଦୁଇଧାର କୃତଜ୍ଞତାର ଅଶ୍ରୁ । ଭାବୁଥିଲେ, ''ମୋ ଅନ୍ତରର କଥାକୁ ମୁଁ ପ୍ରକାଶ କରିବା ପୂର୍ବରୁ ମା' କିପରି ତା'ର ଉତ୍ତର ଦେଇ ଦେଲେ ?''

'ଆର୍' ଥିଲେ ଜଣେ ସୁପ୍ରତିଷ୍ଠିତ ବ୍ୟବସାୟୀ । ତାଙ୍କର ବ୍ୟବସାୟ ଚାଲିଥିଲା ପଶ୍ଚିମବଙ୍ଗର ଉତ୍ତରାଞ୍ଚଳ ଓ ଆସାମରେ । ଯେତେବେଳେ ୧୯୬୨ ମସିହା ଅକ୍‌ଟୋବର ମାସ ୨୦ ତାରିଖରେ ଭାରତ-ଚୀନ୍ ଯୁଦ୍ଧ ହେଲା – ସେ ଖୁବ୍ ବ୍ୟସ୍ତ ହୋଇ ପଡ଼ିଲେ । କାରଣ ତାଙ୍କର ନଭେମ୍ବର ୨୧ ତାରିଖରେ ସେଠାକୁ ଯିବାର ଥିଲା, ସେ ସମୟରେ ସେଠାକୁ ଯିବା ବିପଜ୍ଜନକ । ସେ 'ଏକ୍ସ' ନାମକ ଜନୈକ ସାଧକଙ୍କ ଜରିଆରେ ମା'ଙ୍କଠାରୁ ଅନୁମତି ପ୍ରାର୍ଥନା କଲେ । ମା' ପଚାରିଲେ, ''On which date does he want to go ?'' ''ସେ କେଉଁ ତାରିଖରେ ଯିବାକୁ ଚାହୁଁଛି ?'' ''ଏହି ନଭେମ୍ବର ୨୧ ତାରିଖରେ'' – କହିଲେ 'ଏକ୍ସ' । ମା'ଙ୍କ ଉତ୍ତର ''He can go.'' ''ସେ ଯାଇପାରେ ।'' ଆଶ୍ଚର୍ଯ୍ୟର କଥା, ''ଇଣ୍ଡୋ-ଚାଇନା ଯୁଦ୍ଧ''ର ପରିସମାପ୍ତି (Cease fire) ଘୋଷଣା କରାଗଲା ନଭେମ୍ବର ୨୦ ତାରିଖରେ । ଏହାହିଁ ମା' ଭଗବତୀ ଦିବ୍ୟଜନନୀଙ୍କ କାର୍ଯ୍ୟଶୈଳୀ ଏହି ପୃଥିବୀପୃଷ୍ଠରେ... ।

(How they came to Sri Aurobindo and the Mother ପୁସ୍ତକରୁ, ପୃ. ୧୪୨-୧୪୩)

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations : The Mother;

(୨) Musing on the Mother's Prayers and Meditations, Vol. 1 – by Shyam Kumari

# ଦ୍ୱୀପାନ୍ତରର କଥା

## ବାରୀନ୍ଦ୍ର କୁମାର ଘୋଷ

### ଭୂମିକା

''ଏ ପୂଜା-ବେଦୀରେ ଶିକଳ-ବନ୍ଧା ଦେବୀ
କ'ଣ ଚିରକାଳ ରହିବେ ଛିଡ଼ା ?
ପାଗଳାମି, ତୁମେ ଆସରେ ଦୁଆର ଭାଙ୍ଗି !
ଉତ୍ସାହ-ଉଦ୍ଦୀପନାରେ ପ୍ରମତ୍ତ ଝଡ଼ ସମ !
ବିଜୟ କେତନ ଉଡ଼ାଇ
ଅଟ୍ଟହାସ୍ୟରେ ଗଗନ-ପବନ କମ୍ପାଇ.
ଧୂର୍ଜଟି-ଜଟାର ଝୁଲିଝୁଲା ଝାଡ଼ି
ତ୍ୟାଜ୍ୟ ଯେତେସବୁ ଆଣରେ ବାଛି ।
ଆସ ପ୍ରମତ୍ତ, ଆସରେ ମୋର ତରୁଣ ।''

ବିଶ୍ୱର ଭାଗ୍ୟ ବିଧାତାର ଆହ୍ୱାନରେ ବାଂଲାଦେଶର ଶିକଳ ଦେବୀର ପୂଜାବେଦୀ ଭାଙ୍ଗିବା ପାଇଁ ଯେଉଁ ଝଡ଼ର ପ୍ରାବଲ୍ୟ ଦିନେ ଆସିଥିଲା, ଅଟ୍ଟହାସ୍ୟରେ ଭାରତର ଆକାଶକୁ ପ୍ରତିଧ୍ୱନିତ କରି ଭୋଳାନାଥଙ୍କର ଯେଉଁ ସବୁ ପାଗଳ ଅନୁଚର ବିଜୟକେତନ ନେଇ ଅଗ୍ରଗାମୀ ହୋଇ ଥିଲେ — 'ଦ୍ୱୀପାନ୍ତରର କଥା' ସେଇମାନଙ୍କରହିଁ ଅପୂର୍ବ ଜୀବନର ଏକ ବିଚିତ୍ର ଅଧ୍ୟାୟ । ବିଂଶ ଶତାବ୍ଦୀର ପ୍ରାରମ୍ଭରେହିଁ ଭାରତର ପୂର୍ବାକାଶରେ ପ୍ରଚଣ୍ଡ ଗ୍ରୀଷ୍ମ ପରେ ବର୍ଷାର ନିବିଡ଼ ମେଘମାଳା ଜମାଟ ବାନ୍ଧି ଆସିଥିଲା — ବାଂଲାର ତୃଷିତ ପ୍ରାନ୍ତର ଶୀତଳ କରି, ବନଭୂମି ଶ୍ୟାମଳ କରି ପ୍ରାଣର ଶ୍ରାବଣ ବରଷି ଗଲା — ନିଶୀଥ ରାତ୍ରିର ସେଇ ତୁମୂଳ ବୃଷ୍ଟିପାତର କଥା ଆଜି ଆଉ ଥରେ ମନେ କରିବାକୁ ହେବ । ସୁଖର ଶରତ ଆଜି ଆସିଛି; ସେଇ କଳା ମେଘଗୁଡ଼ିକ ଆଜି ଧଳା ହୋଇ ସୀମାହୀନ ନୀଳାକାଶରେ, ସାଗରର ଶୁଭ୍ର ଫେଣ ଭଳି ଭାସି ବୁଲୁଛି — ସେଇ ନୟନ-ମୋହନ ରୂପ ଦେଖି ଆଜି ଜୀବନ ସାର୍ଥକ କରି ନିଅ — ଆଜିର ଏଇ ଶାରଦ ଜୋଛନାରେ ଶାରଦୀୟ ପୂଜାର ପ୍ରାରମ୍ଭରେ ଶକ୍ତି-ଉଦ୍‌ବୋଧନର ଜୀବନ ଗାଥାର ଗୋଟିଏ ଅଧ୍ୟାୟ ଶୁଣି ନିଅ । ବର୍ଷାର ଘୋର ଦୁର୍ଦ୍ଦିନରେ, କଂସର କାରାଗାରରେ ଭଗବାନ୍ ଜନ୍ମ ନେଇଥିଲେ । ଯୁଗେ ଯୁଗେ, ଦେଶ ଦେଶେ ସେ ଏମିତି ଦୁର୍ଦ୍ଦିନରେ ଓ ଏମିତି ଭାବରେହିଁ ଆସି ଥାଆନ୍ତି । ତେଣୁ ଦୁଃଖର ବୋଝ ବୋହି, ଶତ ଅତ୍ୟାଚାର ସହ୍ୟ କରି ସେଇ ଆଶାରେହିଁ ମଣିଷ ବଞ୍ଚି ରହିଛି — ଧରିତ୍ରୀର ବକ୍ଷରୁ ପାପ ଭାର ହରଣ କରିବା ନିମନ୍ତେ, ଆମମାନଙ୍କର ପାପ ପାଇଁ ପ୍ରାୟଶ୍ଚିତ୍ତ କରିବାକୁ ଭଗବାନ୍ କେବଳ ଥରେ ଆସନ୍ତି ନାହିଁ; ସେ ନାନା ରୂପେ, ନାନାଭାବେ ଆମମାନଙ୍କ ଗହଣକୁ ଆସି ଥାଆନ୍ତି ।

ଦୀର୍ଘ ସପ୍ତ ଶତାବ୍ଦୀର ସଞ୍ଚିତ ଅନ୍ଧକାରରେ ଆଜି ଭଗବାନଙ୍କର ଉଜ୍ଜ୍ୱଳ ମୂର୍ତ୍ତି ଦେଖା ଦେଇଛି ! ଆମର ପ୍ରଥମ ପ୍ରାୟଶ୍ଚିତ୍ତର ଯଜ୍ଞ ଶେଷ ହୋଇଛି ଅମୃତର ଆଲୋକରେ, — ହେ ସନ୍ଧାନୀ ! ଏଥର ପଥ ଦେଖି ଅଗ୍ରସର ହୁଅ । ଏଇ ବିରାଟ ଯଜ୍ଞରେ ଯେଉଁମାନଙ୍କର ଆହୂତି ହେଲା — ସେମାନଙ୍କର ମର୍ମ କାହାଣୀ ଥରେ ଶୁଣି ନିଅ । ମରଣର ମୁହୂର୍ତ୍ତରେ ଯେଉଁମାନେ ଅଟ୍ଟହାସ୍ୟ କରନ୍ତି — ସେମାନଙ୍କର ହସରେ ଥରେ ଯୋଗ ଦିଅ ।

ସଂସାରରେ ଏମିତି କେତେକ ଲୋକ ଅଛନ୍ତି ଯେଉଁମାନଙ୍କୁ ଶ୍ରେଣୀଭୁକ୍ତ କରାଯାଇ ପାରିବ ନାହିଁ । ସେମାନେ ନିଜର ଖିଆଲରେ ହସି ଖେଳି ଚାଲି ଯାଆନ୍ତି, ପତଙ୍ଗ ସମ ଅଗ୍ନିକୁଣ୍ଡରେ ଝାସ ଦିଅନ୍ତି; ନିଜ ଖୁସିରେ କେତେ ଭାଙ୍ଗନ୍ତି, କେତେ ଗଢ଼ନ୍ତି, ସଂସାରର ବେପାରୀମାନେ ସେମାନଙ୍କର ଜୀବନଖାତାର ହିସାବଟିକୁ ଠିକ୍ ଭାବରେ ମିଳାଇ ନପାରି ଭୀଷଣ ମୁସ୍କିଲରେ ପଡ଼ି ଯାଆନ୍ତି । ଏଇସବୁ ଲୋକ ଯେପରି ଗୋଟିଏ ଗୋଟିଏ ବିଦ୍ୟୁତ୍ ଉତ୍ପାଦକ ଯନ୍ତ୍ର (Dynamo) — ସେମାନଙ୍କର ପ୍ରାଣର ସ୍ପର୍ଶରେ ଆସି କେତେ ଆଲୁଅ ଜଳି ଉଠେ । ଭାରତ ତମୋଗୁଣର ପ୍ରଭାବରେ ନିଷ୍କ୍ରିୟ, ନିଃସ୍ପନ୍ଦ ହୋଇ ପଡ଼ିଥିଲା — ବାଂଲାର ପ୍ରାଣ ଏଇ ନିଷ୍କ୍ରିୟତାକୁ ଭାଙ୍ଗିବା ପାଇଁ ପ୍ରଥମେ ସଚେତନ ହୋଇ ଉଠେ । ଯେଉଁ ଦେଶର ଲକ୍ଷ ଲକ୍ଷ ନରନାରୀ ରୋଗରେ, ଦୁର୍ଭିକ୍ଷରେ ମରୁଛନ୍ତି — ସେଠାରେ ମରଣର ନାମ ଶୁଣିଲେ ମଣିଷ ଚମକି ଉଠୁଥିଲା । ପ୍ରାଣପଣେ ଯେତେ ପାରେ ସେତେ ଜୀବନଟାକୁ ଜାବୁଡ଼ି ଧରିବ — ସେତେ ସେତେ ତାହାର ଶକ୍ତିକୁ ଦୂରକୁ ଅପସାରଣ କରିବ, ଏକଥା ବୁଝିବାର ଲୋକ ସେତେବେଳେ ସେତେ ନଥିଲେ ।

ବଞ୍ଚିବାର ଏକ ପ୍ରଧାନ ସର୍ତ୍ତ ଯେ ମରଣ ।

''ସହସ୍ର ଧାରାରେ ବହିଚାଲେ ଦୁରନ୍ତ ଜୀବନ ନିର୍ଝରିଣୀ,
ମରଣର ବଜାଏ କିଙ୍କିଣୀ ।''

ଯେଉଁ ଜାତି ଏଇ ମରଣ ଭୁଲି ଯାଇଛି – ତା'ର ବଞ୍ଚିବା ଶେଷ ହୋଇ ଆସିଛି । ''ମୃତ୍ୟୁ ନିଜ ପାତ୍ରରେ ଭରି ବହନ କରୁଛି ଯେଉଁ ପ୍ରାଣ, ସେଇ ତ ତୁମର ପ୍ରାଣ ।''– ଏଇ ମୃତ ଜାତିକୁ ସେଇ କଥା ଶିଖାଇବାକୁ କେତେକ ମଣିଷଙ୍କର ଆବଶ୍ୟକତା ଥିଲା । ବାଂଲାଦେଶରେ ସେଇ ମଣିଷ ଆସିଛନ୍ତି । ମରଣର ନାଟକ ଶେଷ କରି ନବୀନ ବାଂଲା ଆଜି ଅମୃତରେ ପୁନର୍ଜନ୍ମ ଲାଭ କରିଛି – ଭାରତ ସେଇ ଅମୃତ ମନ୍ତ୍ରରେ ଅଧିକାରୀ ହେବା ନିମିତ୍ତ ଜାଗ୍ରତ୍ ହୋଇ ଉଠିଛି । ବିଶ୍ୱ-ଦେବତାର ଡାକ ଆଜି ତା'ର କାନରେ ପହଞ୍ଚିଛି । ଏଇ ମନ୍ତ୍ରର ସାଧନାରେ ବାଂଲା ଭାରତର, ଭାରତ ବିଶ୍ୱର ହୋଇ ଉଠିବ – ବିଶ୍ୱ-ମାନବର ମଙ୍ଗଳ ଯଜ୍ଞରେ ବେଙ୍ଗଲୀର ସୁର ନୂତନ ମନ୍ତ୍ର ଧ୍ୱନିତ କରିବ ।

ଦ୍ୱୀପାନ୍ତରର କଥା ତେଣୁ ଜଣଙ୍କର ବା ଦୁଇଜଣଙ୍କର କଥା ନୁହେଁ । ଏହା ନବଜୀବନର ଡାଏରିର ଏକ ପୃଷ୍ଠା । ଏହାର ସାର୍ବଭୌମ ସାର୍ଥକତା ଅଛି । ଏ ଜୀବନ କାରାଗାରରେ ମଧ୍ୟ ସେ ଶୃଙ୍ଖଳାମୁକ୍ତ, ମରଣର ମଝିରେ ମଧ୍ୟ ଜୀବନ ହସରେ ଭରପୂର । ଏତେ ବିରାଟ ଜୀବନ ବୋଲିହିଁ ତାହା ଦାରୁଣ କାରା-ଯନ୍ତ୍ରଣାରେ ନିଃଶେଷ ହୋଇଯାଇ ନାହିଁ । ଜଲ୍ଲାଦମାନଙ୍କର ଭ୍ରୂକୁଟି ସେ ପ୍ରାଣକୁ ଆନନ୍ଦିତ ହେବାରୁ ବଞ୍ଚିତ କରି ପାରି ନାହିଁ । ଫେରିବାର କଥା ନଥିଲା – ତେବେ ବି ପ୍ରାଣର ସ୍ରୋତ ଅନ୍ୟ ଦିଗକୁ ଫେରି ନାହିଁ । କେବଳ ତାହାର ଜ୍ୱାଳାମୟୀ ଗୈରିକସ୍ରାବ ଆଜି ଶୀତଳ-ସଲିଳା ସ୍ରୋତସ୍ୱିନୀର ଆକାର ଧାରଣ କରି ଶ୍ରାବଣର ଧାରା ସିଞ୍ଚିତ ଭୂମିରେ ଶୀତ ପରେ ବସନ୍ତର ନବୀନ ଶ୍ୟାମଳତା ଆଣି ଦେଇଛି ।

ସେଇ ପ୍ରାଣର ପୂର୍ଣ୍ଣତାରେ ଆଜି ଜଗତ୍ ଭରି ଉଠୁ । ପୁରାତନ ମଧ୍ୟରେ ଯାହା କିଛି ସତ୍ୟ ତାହାହିଁ ନୂତନ ଉଜ୍ଜ୍ୱଳତାରେ ଭାସି ଉଠୁ – ଅସତ୍ୟର ଚିହ୍ନ ସଂସାରରୁ ଲୋପ ପାଇ ଯାଉ । ଧର୍ମ, ଶିକ୍ଷା, ସାହିତ୍ୟ, ସଭ୍ୟତା ପ୍ରାଣର ମହାପ୍ଲାବନରେ ନୂତନ ପଲ୍ଲୀ ମାଟିରେ ନୂତନ ଫସଲ ପ୍ରଦାନ କରୁ । ସେଇ ମହାପ୍ଲାବନର ଗଙ୍ଗାବତରଣ ଯେ ଶିବଙ୍କର ମସ୍ତକ ଦେଇ ଓହ୍ଲାଇ ଆସିଛି – ସ୍ୱର୍ଗର ମନ୍ଦାକିନୀ ଧାରାରେ ପତିତ ହୋଇ ଅମର ହୋଇ ଯାଇଛି – ସେଇ ଭୋଳାନାଥଙ୍କୁ ଆଦର୍ଶ କରି । ଆସ ନବଜୀବନର ନୂତନ ଭାଗୀରଥିର ପୁଣ୍ୟ ବାରିରେ ଆମର ମହାଭିଷେକ ସମ୍ପନ୍ନ କରିବା । ସେଇ ଅଭିଷେକର ନୂତନ ମନ୍ତ୍ରରେ ମର୍ମଭେଦୀ ରକ୍ତ ରେଖାରେ ଲିଖିତ ସେଇ ନୂତନ ଗୀତାକୁ ଆସ ଉଷାର ଅରୁଣ ଆଲୋକରେ ପଢ଼ି ନେବା । ଆମର ଆରାଧ୍ୟ ଦେଶ-ମାତୃକା ଆଜି ବିରାଟ ବିଶ୍ୱ ରୂପେ ପ୍ରତିଭାତ ହୋଇ ଉଠନ୍ତୁ ।

(୧୫ ଭାଦ୍ରବ, ୧୩୨୭)

– ଶ୍ରୀ ହେମନ୍ତ କୁମାର ସରକାର

ସଂକଳନ ଓ ଉପସ୍ଥାପନା : ଶୁଭ୍ରା ଦାସ

❑❑❑

ତୁମର ଯାହା କରିବା ଉଚିତ, ତା' ହେଉଛି ତୁମ ସତ୍ତାର ସମସ୍ତ ଦ୍ୱାରକୁ ଭଗବାନଙ୍କ ଉଦ୍ଦେଶ୍ୟରେ ପୂରାପୂରି ଖୋଲି ଦେବା । ଯେଉଁ ମୁହୂର୍ତ୍ତରେ ତୁମେ ନିଜ ଭିତରେ କିଛି ଜିନିଷକୁ ଲୁଚାଇ ରଖ, ସେହି ମୁହୂର୍ତ୍ତରେହିଁ ତୁମେ ସିଧାସଳଖ ମିଥ୍ୟାଚାର ଭିତରକୁ ପାଦ ପକାଅ । ...ତୁମେ ଯଦି ସମ୍ପୂର୍ଣ୍ଣ ଭାବରେ ସଚେତ ହେବାକୁ ଚାହଁ, ତେବେ ସବୁବେଳେ ଦିବ୍ୟସତ୍ୟର ସମ୍ମୁଖରେ ଛିଡ଼ାହୁଅ, ନିଜକୁ ପୂର୍ଣ୍ଣ ଭାବରେ ଖୋଲିଦିଅ ଏବଂ ତୁମର ସମସ୍ତ ଶକ୍ତି ଦେଇ ଚେଷ୍ଟାକର ଯେପରି ତାହା ତୁମ ଅନ୍ତରର ଗଭୀର ଭାଗକୁ ତଥା ତୁମ ସତ୍ତାର ସମସ୍ତ କୋଣ-ଅନୁକୋଣକୁ ସ୍ପଷ୍ଟ ଭାବରେ ଦେଖିପାରିବ ।

– ଶ୍ରୀମା

**ପାଠଚକ୍ରରୁ ଶିକ୍ଷାକେନ୍ଦ୍ର (୯) :**

# ସାଇନ୍‌ବୋର୍ଡ ଶିକ୍ଷାକେନ୍ଦ୍ର ନୁହେଁ

## ପ୍ରସାଦ ତ୍ରିପାଠୀ

ସେଦିନ ସନ୍ଧ୍ୟାବେଳେ ମାତୃଭବନରେ ସାକ୍ଷାତ୍ ହେଲେ ଜଣେ ଭଦ୍ରଲୋକ – କୌଣସି ଗୋଟିଏ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଜଣେ ଅଭିଭାବକ । ସେ ସ୍କୁଲରେ ତାଙ୍କର ଗୋଟିଏ ଝିଅ ଏବଂ ଗୋଟିଏ ପୁଅ ପଢୁଥିଲେ । ଝିଅଟି ଅପେକ୍ଷାକୃତ ଭଲ ପଢ଼େ ମାତ୍ର ପୁଅଟି ଭଲ ପଢ଼େ ନାହିଁ । ତେଣୁ ଶିକ୍ଷାକେନ୍ଦ୍ରର ଅଧକ୍ଷା ତାଙ୍କୁ ଡାକି ପୁଅର TC ଦେଇ ଦେଇଛନ୍ତି । ଭଦ୍ରଲୋକ TC ଧରି ଆସିଥା'ନ୍ତି ଅନ୍ୟ କୌଣସି ସ୍କୁଲରେ ଯଦି ଛାତ୍ରାବାସ ଥାଏ ତେବେ ଛାତ୍ରାବାସରେ ରଖି ପିଲାକୁ ପଢ଼ାଇବେ । ମୁଁ ପଚାରିଲି, ଆପଣ ଉକ୍ତ ସ୍କୁଲରେ ସେହି ଏକା ଶ୍ରେଣୀରେ ଆଉ ବର୍ଷେ ରଖି ଚେଷ୍ଟା କଲେ ନି ? ମାତ୍ର TC ନେଇ ଆସିଲେ କାହିଁକି ? ଭଦ୍ରଲୋକ ମନଦୁଃଖ କରି କହିଲେ, ମୁଁ ତ ତାହାହିଁ ଚାହୁଁଥିଲି । ମାତ୍ର ସ୍କୁଲର ଅଧକ୍ଷା ବାଧ କରି TC ଦେଇ ଦେଲେ । ଖାଲି ମୋତେ ନୁହେଁ ମୋ ଭଳି ଆଉ ଅନେକ ଅଭିଭାବକଙ୍କର ପିଲାମାନଙ୍କୁ ମଧ୍ୟ TC ଦେଇ ଦେଇଛନ୍ତି ।

ମୋ ଭିତରଟା ଅସ୍ଥିର ହୋଇଗଲା । ମୁଁ ଭାବିଲି ଆମେ ସତେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର କରୁଛୁ ଟି ! ନା, ଆମ ଶିକ୍ଷାକେନ୍ଦ୍ର କେବଳ ସାଇନ୍‌ବୋର୍ଡ଼ରେ ସୀମିତ ? ପିଲାମାନଙ୍କୁ କେବଳ ପାଠ ପଢ଼ାଇବାର ଦାୟିତ୍ୱ ନେଇ ଯଦି ଅପାଭାଇମାନେ ସ୍କୁଲକୁ ଆସିଥା'ନ୍ତି ଏବଂ କେବଳ ଭଲ ପାଠ ପଢ଼ିବା ପାଇଁ ଯଦି ଛାତ୍ରଛାତ୍ରୀମାନେ ସ୍କୁଲକୁ ଆସି ଥାଆନ୍ତି ତେବେ ନିର୍ବିବାଦରେ, ନିର୍ଦ୍ୱନ୍ଦ୍ୱରେ ଏବଂ ଅତ୍ୟନ୍ତ ସ୍ପଷ୍ଟ ଭାବରେ କହିବାକୁ ହେବ ଯେ ସେହି ଶିକ୍ଷାକେନ୍ଦ୍ରଟି ଆଦୌ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନୁହେଁ । ସେଠାରେ ଅନ୍ୟ କୌଣସି ଏକ ଶିକ୍ଷାକେନ୍ଦ୍ର 'ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର' ବ୍ୟାନରରେ ଚାଲୁଛି । ତା' ନହେଲେ ଶ୍ରୀମା ଯେଉଁଠାରେ କହିଲେ, ''I don't want brilliant children, I want living souls.'' ଆମର ସେଠାରେ କି ଅଧିକାର ଅଛି ପିଲାଙ୍କ ଭିତରେ କେବଳ 'Brilliancy' ଖୋଜିବା ଏବଂ ଯଦି ନ ପାଇଲୁ ସେ ପିଲାଟି 'Living soul' କି ନୁହେଁ ଜାଣିବାକୁ ଉଦ୍ୟମ ନକରି ତାକୁ ସ୍କୁଲରୁ ଜବରଦସ୍ତ ବିଦା କରିଦେବା ? ହଁ, ଯଦି କୌଣସି କାରଣରୁ ପିଲାଟି ଆଚରଣରେ ତ୍ରୁଟି କଲା, ବିଦ୍ୟାଳୟରେ ବିଶୃଙ୍ଖଳାକୁ ଉତ୍ସାହିତ କଲା ବା ନିଜେ ବିଶୃଙ୍ଖଳା କରି ଚାଲିଲା ଏବଂ ଆମେ ତାକୁ ବୁଝାଇବାରେ ଯଦି ବିଫଳ ହେଲୁ ତା'ହେଲେ ହୁଏତ ଶୃଙ୍ଖଳା ରକ୍ଷା ପାଇଁ ତାକୁ ଆମେ TC ଦେଇପାରୁ; ମାତ୍ର ଯାହାହେଲେ ମଧ୍ୟ ତାହା ଆମର ଏକ ଦୁର୍ବଳତା ବୋଲି ପ୍ରମାଣିତ ହେବ । **ମାତ୍ର କୌଣସି କାରଣରୁ ପାଠ ଭଲ ନ ପଢ଼ିଲା ବୋଲି କାହାକୁ TC ଦେବା ଏକ ଅମାନୁଷିକତାର ପରିଚୟ ।**

ବିଦ୍ୟାଳୟର କର୍ମକର୍ତ୍ତାଙ୍କୁ ପଚାରିଲି । ସେମାନେ ଉକ୍ତ କଥାରେ ସମ୍ପୂର୍ଣ୍ଣ ଅସହାୟତା ପ୍ରକାଶ କଲେ । କାରଣ ଅଧକ୍ଷା କାହାରିକୁ ନ ପଚାରି, କୌଣସି ପ୍ରକାର ଆଲୋଚନା ନକରି ନିଜ ଇଚ୍ଛାରେ ଏପରି ସିଦ୍ଧାନ୍ତ ନେଇଛନ୍ତି । ଏତେ ବର୍ଷକାଳ ଗୋଟିଏ ପ୍ରତିଷ୍ଠିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅଧକ୍ଷତା କରୁଥିବା ଜଣେ ଅଧକ୍ଷାଙ୍କର ଏପରି ସର୍ବନିମ୍ନ ଧାରଣା କିପରି ନାହିଁ ଏହା ଜାଣି ମୁଁ ଆଶ୍ଚର୍ଯ୍ୟ ହେଲି । ତାଙ୍କ ବିଷୟରେ ଅଧିକ ଜାଣିବାକୁ ଚାହିଁଲି । ପଚାରିବାରୁ ଜାଣିବାକୁ ମିଳିଲା, ଅଧକ୍ଷା କୌଣସି ଦିନ ପ୍ରାର୍ଥନା ପୂର୍ବରୁ ବିଦ୍ୟାଳୟକୁ ଆସନ୍ତି ନାହିଁ । ପାଠଚକ୍ରରେ ବସନ୍ତି ନାହିଁ । ନିଜ ଘରେ ପାଠଚକ୍ର କରିବା ତ ଦୂରର କଥା – କାହାରିକୁ ସେଥିପାଇଁ ଉତ୍ସାହିତ ମଧ୍ୟ କରନ୍ତି ନାହିଁ । ବିଦ୍ୟାଳୟରେ ଶ୍ରୀଅରବିନ୍ଦଙ୍କ 'ପବିତ୍ର ଦେହାଂଶ ପ୍ରତିଷ୍ଠା କେନ୍ଦ୍ର' ଅଛି । ସେଠାକୁ ସବୁଦିନ ଯାଆନ୍ତି କି ନାହିଁ ସନ୍ଦେହ । ପୁଣି ସେଠାକୁ ଯାଇ ପ୍ରଣାମ କରିବାକୁ ମଧ୍ୟ କାହାରିକୁ ଉତ୍ସାହିତ କରନ୍ତି ନାହିଁ । ଏବେ ସବୁ କାରଣ ଜଣା ପଡ଼ିଲା । ଜଣେ କେବଳ ଭଲ ଶିକ୍ଷାକେନ୍ଦ୍ର କରିବାର ଲକ୍ଷ୍ୟରେ ଯଦି କାର୍ଯ୍ୟ କରୁଥାଏ ତେବେ ଏହାଠାରୁ ଅଧିକ କିଛି ତାଙ୍କଠାରୁ ଆଶା କରିବା ସମ୍ଭବ ନୁହେଁ । ମାତ୍ର ଏହାର ଅର୍ଥ ନୁହେଁ ଯେ ଆମ ସ୍କୁଲର ପିଲାମାନେ ଭଲ ପାଠ ନ ପଢ଼ିଲେ ଚଳିବ । ବରଂ ଠିକ୍ ଓଲଟା, ଆମ ସ୍କୁଲ ପିଲାମାନେ ସାଧାରଣ ସ୍ତରଠାରୁ ଅନେକ ଭଲ ପାଠ ପଢ଼ିବେ । କିନ୍ତୁ ଯଦି କୌଣସି କାରଣରୁ ଜଣେ ଆଦୌ ପାଠ ନ ପଢ଼ିଲା ତା'ର ଅନ୍ୟ ସମ୍ଭାବନା ପ୍ରତି

ଦୃଷ୍ଟି ଦେବାକୁ ପଡ଼ିବ, ବିଭିନ୍ନ ପ୍ରକାର ଉତ୍ସାହ ପ୍ରଦାନ କରି ତା' ମଧ୍ୟରେ ପୁଣି ବିଶ୍ୱାସ ସୃଷ୍ଟି କରିବାକୁ ପଡ଼ିବ ।

ତେଣୁ ଉପରୋକ୍ତ ଶିକ୍ଷାକେନ୍ଦ୍ରକୁ 'ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର' କହିବାର ଯଥାର୍ଥତା ଅଛି କି ? କୌଣସି ଶିକ୍ଷକ ଅପାଭାଇ ଯଦି ପାଠଚକ୍ରରେ ଯୋଗଦେବା ପାଇଁ ଅନାଗ୍ରହ ପ୍ରକାଶ କରନ୍ତି କିଂବା ତା'ର କୌଣସି ଆବଶ୍ୟକତା ନାହିଁ ବୋଲି ଯଦି ଅନୁଭବ କରୁଥା'ନ୍ତି ତେବେ ସେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିକ୍ଷକ ଦାୟିତ୍ୱରେ ରହିବା ସମ୍ଭବ କି ?

କ'ଣ ପାଇଁ ପାଠଚକ୍ରର ଭୂମିକାକୁ ଆମେ ଏତେ ଗୁରୁତ୍ୱ ଦେଉଛୁ ? ତା'ର କାରଣ ହେଲା ଆମ ନିର୍ମାଣ (Construction)ର ମୂଳଭିତ୍ତି (Foundation) ହେଲା ପାଠଚକ୍ର । ପାଠଚକ୍ର ଉପରେ ଛିଡ଼ା ହୋଇ ଆମେ ସବୁ କାର୍ଯ୍ୟ କରୁଛୁ । ଯେଉଁ ସ୍ଥାନରେ ପାଠଚକ୍ର ହେଉ ନାହିଁ ବା ପାଠଚକ୍ର ପାଇଁ କେହି ଆଗ୍ରହ ପ୍ରକାଶ କରନ୍ତି ନାହିଁ ତେବେ ସେ ସ୍ଥାନରେ ଏହାଠାରୁ ଆହୁରି ଅନେକ ଅନେକ ଗୁରୁତର ସମସ୍ୟାମାନ ଭୋଗ କରିବାକୁ ପଡ଼ିବ । ସମ୍ପୂର୍ଣ୍ଣ ଅସ୍ତ୍ରହୀନ ଭାବରେ ଆମକୁ ଯୁଦ୍ଧକ୍ଷେତ୍ରରେ ହତାଶ ନିରାଶ ହୋଇ ଛିଡ଼ା ହେବା ଭଳି ଲାଗିବ ।

ଉକ୍ତ ଅନୁଷ୍ଠାନର ପରିଚାଳକମାନଙ୍କୁ ଅନୁରୋଧ କଲି, ଯଦି ତାଙ୍କୁ ଆପଣମାନେ ଅଧ୍ୟକ୍ଷା ପଦରେ ବାସ୍ତବିକ ରଖିବାକୁ ଚାହାନ୍ତି ତେବେ ପ୍ରଥମେ ଅଧ୍ୟକ୍ଷାଙ୍କୁ କୌଣସି ପ୍ରକାରେ ପାଠଚକ୍ର ଧାରାକୁ ଆଣିବାକୁ ପଡ଼ିବ । ଜଣେ ପାଠଚକ୍ର ଧାରାରେ ନାହାନ୍ତି ଅର୍ଥ ସେ ଶ୍ରୀମାଶ୍ରୀଅରବିନ୍ଦଙ୍କ ଧାରାକୁ ବିଶ୍ୱାସ କରନ୍ତି ନାହିଁ କିଂବା ସେମାନଙ୍କୁ ଶ୍ରଦ୍ଧା କରନ୍ତି ନାହିଁ । ତେଣୁ ସେ ଅଧିକ ଦିନ ସ୍କୁଲ ଦାୟିତ୍ୱରେ ରହିବା ସ୍କୁଲ ପ୍ରତି ନିରାପଦ ନୁହେଁ । ସେଥିପାଇଁ ସମସ୍ତେ ସତର୍କ ହେବା ଉଚିତ ଏବଂ ଅଧ୍ୟକ୍ଷା ଅଧିକ ତ୍ରୁଟିପୂର୍ଣ୍ଣ ପଦକ୍ଷେପ ନେବା ପୂର୍ବରୁ ଆପଣମାନେ ଉଚିତ ପଦକ୍ଷେପ ନେବା ଆବଶ୍ୟକ ।

('ପୂର୍ଣ୍ଣତା ପଥେ', ଫେବ୍ରୁଆରୀ-ଏପ୍ରିଲ : ୨୦୧୨ରୁ ସଂଗୃହୀତ)

❑❑❑

**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,
Bhubaneswar - 751014, Cell No: 9437000646

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

ଇତିହାସର କେତୋଟି ମୁହୂର୍ତ୍ତ :

# ଜଳଦସ୍ୟୁ ଓ ସ୍ଥଳଦସ୍ୟୁ

## ମନୋଜ ଦାସ

ସେତେବେଳେ ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡାରଙ୍କ ଦିଗ୍‌ବିଜୟ ଅଭିଯାନ ଅବାରିତ ତଥା ପ୍ରବଳ ଗତିରେ ଚାଲିଥାଏ । ଯିଏ ତାଙ୍କ ପ୍ରଭାବ ଓ ପ୍ରତିପତ୍ତିରେ ସାମାନ୍ୟ ଆଞ୍ଚ ଆଣିବା ଭଳି ଆଚରଣ କରିବ କିଂବା ଯାହାଠିଁ ତାଙ୍କୁ ଅବଜ୍ଞା କରୁ ଥିବାର ସାମାନ୍ୟ ଲକ୍ଷଣ ଦେଖାଦେବ, ସେ ତରୁଣ ସମ୍ରାଟ ତା'ର ଅସ୍ତିତ୍ୱ ବିଲୋପ କରି ଦେବାରେ ତିଳେ ବି କୁଣ୍ଠାବୋଧ କରୁ ନଥିଲେ ।

ଉପର୍ଯ୍ୟୁପରି ତାଙ୍କ ନୌବାହିନୀର ଏକ ଜାହାଜ ଏବଂ ତାଙ୍କ ମିତ୍ର ବୋଲାଉଥିବା କେତେଜଣ ବଣିକଙ୍କ ବାଣିଜ୍ୟ ପୋତକୁ ଲୁଣ୍ଠନ କଲା ଡାଇଓମିଡ଼ିସ୍ ନାମକ ଜଣେ ଜଳଦସ୍ୟୁ ସର୍ଦ୍ଦାର । ପୂର୍ବରୁ ସେ ଅନେକ ଜାହାଜ ଲୁଣ୍ଠନ କରିଥାଏ । କିନ୍ତୁ ଆଲେକ୍‌ଜାଣ୍ଡାର ତା' ପ୍ରତି ଧ୍ୟାନ ଦେଇ ନଥା'ନ୍ତି । କିନ୍ତୁ ବର୍ତ୍ତମାନ ସେ ଆଉ ନିଶ୍ଚେଷ୍ଟ ରହି ପାରିଲେ ନାହିଁ । ଜଳଦସ୍ୟୁକୁ ଧରିବା ନିମନ୍ତେ ତାଙ୍କ ସେନାପତି ଓ ଉପଦେଷ୍ଟାମାନଙ୍କୁ ଏକତ୍ର କରି ଏକାଧିକ ରଣକୌଶଳର ଯୋଜନା କଲେ ।

ସେ ସଫଳ ହେଲେ । ଦିନେ ଡାଇଓମିଡ଼ିସ୍‌ର ଜାହାଜ କୂଳକୁ ଖାଦ୍ୟପେୟ ସଂଗ୍ରହ ପାଇଁ ଆସିଥିବା ଅବସରରେ ତାକୁ ଦଖଲ କଲେ ଆଲେକ୍‌ଜାଣ୍ଡାରଙ୍କ ସୈନ୍ୟଦଳ । ଜଳଦସ୍ୟୁ ସର୍ଦ୍ଦାର ବନ୍ଦୀ ହେଲା ।

ଯଥା ସମୟରେ ତାକୁ ସମ୍ରାଟଙ୍କ ସାମନାରେ ଉପସ୍ଥାପନ କରାଗଲା ।

''ତୁମେ କେଉଁ ସାହସରେ ଜଳଦସ୍ୟୁ ବୃତ୍ତି କରି ଚାଲିଛ ?'' ପ୍ରଶ୍ନ କଲେ ସମ୍ରାଟ ।

''ବନ୍ଧୁ, ତୁମେ କେଉଁ ସାହସରେ ମୋତେ ଏ ପ୍ରଶ୍ନ କରୁଛ ?'' ପ୍ରତିପ୍ରଶ୍ନ କଲେ ଜଳଦସ୍ୟୁ ।

''ତୁମେ ସମ୍ରାଟଙ୍କୁ ବନ୍ଧୁ ବୋଲି ସମ୍ବୋଧନ କରୁଛ, ତୁମର ଏଡ଼େ ଔଦ୍ଧତ୍ୟ ?'' ଧମକ ଦେଲେ ଜଣେ ଅମାତ୍ୟ ।

''କ୍ରୋଧ ସମ୍ବରଣ କର, ଭଦ୍ରେ ! ସମ୍ରାଟଙ୍କୁ ମୁଁ ବନ୍ଧୁ ଜ୍ଞାନ କରେ ମୋ ନିଜ ଅଧିକାର ବଳରେ ।''

''ଅର୍ଥାତ୍ ?''

''ଆମ ଦୁହିଁଙ୍କ ଧନ୍ଦା ସମାନ । ମୁଁ ଜଳଦସ୍ୟୁ, ସମ୍ରାଟ ସ୍ଥଳଦସ୍ୟୁ । ମୁଁ ଜାହାଜ ଲୁଣ୍ଠନ କରେ; ସମ୍ରାଟ ନଗର, ଜନପଦ, ଦେଶ ପରେ ଦେଶ ଲୁଣ୍ଠନ କରନ୍ତି । ସେ ନିଶ୍ଚୟ ଦସ୍ୟୁ ହିସାବରେ ବଡ଼ । କିନ୍ତୁ ଆମେ ମୂଳତଃ ଉଭୟେ ଦସ୍ୟୁ । ତେଣୁ ମୋତେ ପ୍ରଶ୍ନ କରିବା ଦୁଃସାହସ ମାତ୍ର ।''

ଆଲେକ୍‌ଜାଣ୍ଡାର ଆମୋଦିତ ହୋଇ ଏ ସଂଳାପ ଶୁଣୁଥିଲେ । ତାଙ୍କ ଅମାତ୍ୟବର୍ଗ, ମନ୍ତ୍ରୀ ଓ ସେନାପତିମାନେ ଉତ୍ତ୍ୟକ୍ତ ହେବା ସତ୍ତ୍ୱେ ତାଙ୍କ ମୁହଁରେ ଫୁଟି ଉଠିଲା ଚିନ୍ତାର ଅଭିବ୍ୟକ୍ତି ।

ଧୀର କଣ୍ଠରେ ସେ କହିଲେ, ''ଶୁଣ ଡାଇଓମିଡ଼ିସ୍ ! ତୁମ ଯୁକ୍ତିର ବଳିଷ୍ଠ ପ୍ରତିଯୁକ୍ତି ରହିଛି । ତେବେ ମୁଁ ସଂଳାପ ଦୀର୍ଘ କରିବାକୁ ଚାହେଁନା । ତୁମ ଉପସ୍ଥିତ ବୁଦ୍ଧି ଓ ସାହସକୁ ହିଁ ମୁଁ ହିସାବକୁ ନେଉଛି । ତୁମେ ଯେପରି ସ୍ଥଳଭାଗରେ ସ୍ୱଚ୍ଛଳ ଜୀବନଯାପନ କରିପାରିବ, ସେ ବ୍ୟବସ୍ଥା କରି ଦିଆଯିବ । ଦଣ୍ଡରୁ ନିଷ୍କୃତି ଦିଆଗଲା ।''

ସମ୍ରାଟ ତାଙ୍କ କଥା ରଖିଲେ । ଡାଇଓମିଡ଼ିସ୍ ଜଳଦସ୍ୟୁବୃତ୍ତି ତ୍ୟାଗ କଲେ ।

('ମନୋଜ ଦାସ ପରିବେଷିତ ଅର୍ଦ୍ଧଶତ କିଶୋର କାହାଣୀ'ରୁ
ସଂଗୃହୀତ, ପୃ.୧୩୩-୧୩୪)

❑❑❑

# ନମ୍ରତା ସମ୍ପର୍କରେ

## (୨)


## କୁମାର ଚନ୍ଦ୍ର ମିଶ୍ର


[ଦିବ୍ୟଜନନୀ ଶ୍ରୀମା'ଙ୍କ ପ୍ରତୀକରେ ଦର୍ଶାଯାଇଥିବା ବାର ପ୍ରକାରର ପୁଷ୍ପ ବାରଟି ଶ୍ରେୟୋଗୁଣକୁ ପ୍ରତିନିଧିତ୍ୱ କରନ୍ତି । ସେହି ଶ୍ରେୟୋଗୁଣଗୁଡ଼ିକ ମଧ୍ୟରୁ 'ନମ୍ରତା' (HUMILITY) ହେଉଛି ଅନ୍ୟତମ । ଶ୍ରୀମା ଘାସ ଫୁଲକୁ 'ନମ୍ରତା' ବା 'ବିନୟବୋଧ'ର ଆଧ୍ୟାତ୍ମିକ ପ୍ରତିନିଧି ରୂପେ ଗ୍ରହଣ କରିଛନ୍ତି । ଉଦ୍ଭିଦ ବିଜ୍ଞାନରେ ଲାଟିନ ଭାଷାରେ ଘାସ ଫୁଲକୁ Sporobolus capillaris କୁହାଯାଏ ।

ଶ୍ରୀମା କହନ୍ତି : "Humility: adorable in its simplicity." (MCW, Vol. 14, P. 151)

ଅର୍ଥାତ୍, ''ନମ୍ରତା : ତା'ର ସରଳତାରେ ସେ ଆଦରଣୀୟ ।''

ନିମ୍ନଲିଖିତ ଆଲୋଚନାଟିରେ ନମ୍ରତା ସମ୍ପର୍କିତ କିଛି ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନ କରାଯାଇଛି ।]

### ନମ୍ରତା ସମ୍ପର୍କରେ
### (୨)

ଗତ ଆଲୋଚନାରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ଉକ୍ତିଗୁଡ଼ିକୁ ଅନୁସରଣ କରି ନମ୍ରତାର ସଂଜ୍ଞା ନିରୂପଣ କରାଯାଇଥିଲା । ତଦ୍‌ବ୍ୟତୀତ ଆଧ୍ୟାତ୍ମିକ ଜୀବନରେ ନମ୍ରତାର ଆବଶ୍ୟକତା ଓ ଅତିମାନସିକ ନମ୍ରତା ସମ୍ବନ୍ଧରେ ସମ୍ୟକ୍ ସୂଚନା ଦିଆ-ଯାଇଥିଲା । ନିମ୍ନୋକ୍ତ ଆଲୋଚନାଟିରେ ଅନ୍ୟାନ୍ୟ ଧାର୍ମିକ ଓ ଦାର୍ଶନିକ ଚିନ୍ତାଧାରାରେ ନମ୍ରତାର ଧାରଣା, ଭାରତୀୟ ଐତିହ୍ୟରେ ନମ୍ରତାର ସ୍ୱରୂପ ଓ ତାମସିକ ନମ୍ରତା ସମ୍ପର୍କରେ ଶ୍ରୀଅରବିନ୍ଦଙ୍କର ଉକ୍ତି ଉପସ୍ଥାପନ କରାଯାଇଛି ।

ଇଂରାଜୀରେ ନମ୍ରତାକୁ Humility କହନ୍ତି । ଏହା ଲାଟିନ ପଦ Humilis ରୁ ଉଦ୍ଭୂତ । Humilis ର ଆକ୍ଷରିକ ଅର୍ଥ ହେଲା 'ନିମ୍ନ', 'ଅନୁଚ୍ଚ' ବା 'ହ୍ରାସ ପ୍ରାପ୍ତ' ଅବସ୍ଥା । କୌଣସି ମହାନ୍ ବ୍ୟକ୍ତି ବା ବିଷୟ ସଂସ୍ପର୍ଶରେ ଆସିଲେ ମଣିଷ ଆପଣାକୁ କ୍ଷୁଦ୍ର ମନେ କରେ ଓ ନଇଁ ପଡ଼େ । ଖ୍ରୀଷ୍ଟିଆନମାନେ ପୋପ୍‌ଙ୍କ ସମ୍ମୁଖରେ ନଇଁ ପଡ଼ନ୍ତି । ଏହା ହେଲା ବିନୟବୋଧର ଏକ ବହିଃ ପ୍ରକାଶମାତ୍ର । ଏହା ସହ ଅନ୍ତରର ବିନୟ 'ଭାବ' ଯଦି ନଥାଏ ତେବେ ତାହା ଏକ ଛଳନା ବା ଶଠତାର ନିଦର୍ଶନ ମାତ୍ର ।

ମଣିଷ ଜୀବନର ଅଳୀକତା ସମ୍ପର୍କରେ ସଚେତନ ହୋଇ ଦମ୍ଭ, ଅହଂକାର ଓ ଗର୍ବରୁ ମୁକ୍ତ ହୋଇ ପାରିଛି ।

ଥରେ ମାଟି ମାଠିଆକୁ ପଚରାଗଲା – ତୁ କିପରି ଜଳକୁ ସର୍ବଦା ଥଣ୍ଡା ରଖିପାରୁଛୁ ? ଭୀଷଣ ଗ୍ରୀଷ୍ମକାଳରେ ମଧ୍ୟ ତୋ' ଭିତରେ ଥିବା ଜଳ ଶୀତଳ ହୋଇ ରହିଥାଏ । ଏହା କିପରି ଓ କାହିଁକି ସମ୍ଭବ ହୋଇ ପାରିଛି ? ମାଟି ମାଠିଆଟି ଉତ୍ତର ଦେଇ କହୁଛି : ''ଆରେ ଭାଇ ! ମୋର ଅତୀତ ଥିଲା ମାଟି, ମାଟିରୁ ମୋର ଜନ୍ମ, ମୋର ବର୍ତ୍ତମାନ ବି ମାଟି, ମାଟିରେ ମୁଁ ଗଢ଼ା । ମୋର ଭବିଷ୍ୟତ୍ ମଧ୍ୟ ମାଟିରେ ପର୍ଯ୍ୟବେଶିତ । ମୁଁ ଭାଙ୍ଗିଗଲେ ମାଟିରେହିଁ ମିଶିଯିବି । ପୁଣି ମାଟିରୁ ଗଢ଼ା ହେବି । ସେଥିପାଇଁ ମୋ ଭିତରେ ରଖା ଯାଇଥିବା ଜଳ ସର୍ବଦା ଶୀତଳ ରହିଥାଏ । କଦାପି ଉତ୍ତପ୍ତ ହୁଏ ନାହିଁ । ବରଂ ଗ୍ରୀଷ୍ମକାଳରେ ଅଧିକ ଶୀତଳ ରହିଥାଏ – ଯେପରି ମଣିଷ ଦୁଃଖ, କଷ୍ଟ ଓ ଯନ୍ତ୍ରଣା ଦ୍ୱାରା ନିଷ୍ପେଷିତ ହେଲେ ତା'ର ବିନୟବୋଧ ବୃଦ୍ଧି ହୁଏ ।''

ମଣିଷର ସମୟ ମଧ୍ୟ ବାଲ୍ୟ, କୈଶୋର, ଯୌବନ ଓ ଜରା ମଧ୍ୟ ଦେଇ ବିତିଯାଏ । ତା'ର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ ମଧ୍ୟ ପଞ୍ଚଭୂତର ଆବିର୍ଭାବ, ଅଭିବୃଦ୍ଧି ଓ ଅବକ୍ଷୟ ମଧ୍ୟଦେଇ ଗତିକରେ ଓ ଏ ପ୍ରକ୍ରିୟା ଯୁଗ ଯୁଗ ଧରି ଚାଲିଥାଏ । ସେଥିପାଇଁ ଆଦିଶଙ୍କରାଚାର୍ଯ୍ୟ ''ଭଜ ଗୋବିନ୍ଦମ୍'' କବିତାରେ ଲେଖନ୍ତି –

''ପୁନରପି ଜନନଂ ପୁନରପି ମରଣଂ,
ପୁନରପି ଜନନୀ ଜଠରେ ଶୟନଂ ।
ଇହ ସଂସାରେ ବହୁ ଦୁସ୍ତରେ ପାହି ମୁରାରେ ॥୨୧॥''

ମଣିଷ ବାରଂବାର ଜନ୍ମ ହୁଏ, ବାରଂବାର ମୃତ୍ୟୁବରଣ କରେ, ପୁନର୍ବାର ମାତୃଗର୍ଭରେ ଆଶ୍ରୟ ନିଏ । ଏହି ଅସୀମ

ସଂସାର ସାଗର ପାରିହେବା ଦୁଷ୍କର । ହେ ପରମ ପ୍ରଭୁ ! ଏହି ସଂସାର ସାଗରକୁ ଅତିକ୍ରମ କରିଯିବା ଲାଗି ମୋତେ ସାହାଯ୍ୟ ପ୍ରଦାନ କର ।

ଜୀବନରେ ଗର୍ବ, ଦମ୍ଭ, ଔଦ୍ଧତ୍ୟ ଓ ଆସ୍ଫାଳନ କ'ଣ ପାଇଁ ? ତା'ର ଯଥାର୍ଥତା କ'ଣ ରହିଛି ? ତେଣୁ ଜୀବନରେ ନମ୍ରତା ବା 'ବିନୟବୋଧ' ଯେ ଏକ ସ୍ୱାଭାବିକ ପରିଣତି – ଏହା ନିଃସନ୍ଦେହରେ ନିଶ୍ଚିତ ରୂପେ କୁହାଯାଇପାରେ । ତେବେ ମଣିଷ ଚରିତ୍ରରେ ଛଳନା, ପ୍ରତାରଣା, କପଟାଚାର ଓ ଶଠତାର ଖେଳ ବିରଳ ହୋଇ ରହି ନାହିଁ । ଏ ସଂକ୍ରାନ୍ତରେ ପିଲାଦିନେ ପଢ଼ିଥିବା ଗଳ୍ପଟିଏ ସ୍ମୃତିପଟରେ ଉଙ୍କିମାରେ ।

ପାହାଡ଼ ଉପରେ ଏକ ସମତଳ ଚଟାଣର ସାମନାରେ ଛୋଟ ଗୁମ୍ଫାଟିରେ ରହୁଥାଏ ଗୋଟିଏ ହେଟାବାଘ । ଦିନେ ଭୀଷଣ ବର୍ଷା ହେବା ଯୋଗୁଁ ଚଟାଣ ଚତୁଃପାର୍ଶ୍ୱର ପଥରଗୁଡ଼ାକ ଖସି ପଡ଼ିଲା ଓ ଚାରିପଟେ ପାଣିର ଖରସ୍ରୋତ ବହିବାରେ ଲାଗିଲା । ହେଟା ସେହିଦିନ ଶିକାର ଅନ୍ୱେଷଣରେ ଜଙ୍ଗଲ ଭିତରକୁ ଯାଇପାରିଲା ନାହିଁ । ମନେ ମନେ ଭାବି ସଂକଳ୍ପ ନେଲା – ''ଆଜି ଗୋଟାଏ ଶୁଭଦିନ, ଆଜି ମୁଁ ଉପବାସ ବ୍ରତ ପାଳନ କରିବି, ଆଦୌ ଜୀବହତ୍ୟା କରିବି ନାହିଁ, ଅହିଂସା ନୀତି ପାଳନ କରିବି । ମୋଟେ କିଛି ଖାଇବି ନାହିଁ ।'' ଏହା ଭାବି ଗୋଟିଏ ପଥର ଉପରେ ଧ୍ୟାନ ମୁଦ୍ରାରେ ଆଖିବୁଜି ବସିଗଲା । କିଛି ସମୟ ପରେ ଖସ୍ ଖସ୍ ଶବ୍ଦ ଶୁଭିବା ଯୋଗୁଁ ସେ ଚକ୍ଷୁ ଅର୍ଦ୍ଧ-ନିମୀଳିତ କରି ଦେଖିଲା ଯେ ସାମନାରେ ଗୋଟିଏ ଛନଛନିଆ ଛେଳିଛୁଆଟି ଡେଇଁ ଡେଇଁ ଯାଉଛି । ହେଟା ଆଉ କି ସମ୍ଭାଳେ, ତତ୍‌କ୍ଷଣାତ୍ ତା' ଉପରକୁ ଲମ୍ଫପ୍ରଦାନ କଲା, କିନ୍ତୁ ଛେଳି ଛୁଆଟି କ୍ଷିପ୍ରଗତିରେ ଡେଇଁ ପଡ଼ି ଆଗେଇଗଲା । ହେଟା ପୁନର୍ବାର ତା'ରି ଉପରକୁ କୁଦା ମାରିଲା, ଏଥର ବି ଛେଳି ଛୁଆଟି ବର୍ତ୍ତିଗଲା, ପୁନର୍ବାର ହେଟା ଲମ୍ଫ ଦେଲା ବେଳକୁ ଛେଳି ଛୁଆଟି ପାହାଡ଼ ତଳକୁ ଗଡ଼ିଯାଇ ବହୁଦୂରକୁ ଚାଲି ଯାଇଥାଏ । ହେଟା ସଙ୍ଗେ ସଙ୍ଗେ ସଚେତନ ହୋଇ ଭାବିଲା : ଆଜିପରି ଶୁଭଦିନରେ ମୁଁ ପରା ଉପବାସ ବ୍ରତ ପାଳନ କରୁଛି । ତେଣୁ ଆଜି କୌଣସି ଶିକାର କରାଯିବ ନାହିଁ କି ଖାଦ୍ୟ ଗ୍ରହଣ କରାଯିବ ନାହିଁ । ଏପରି ଭାବି ପୁଣି ପଥରଟି ଉପରେ ଆଖିବୁଜି ଯୋଗମୁଦ୍ରାରେ ବସିଗଲା । ଏପରି ଆଚରଣକୁ କୁହାଯାଏ ଛଳନା ବା କପଟାଚାର । ଏପରି କରିବା ଦ୍ୱାରା ଜଣେ କେବଳ ଅନ୍ୟକୁ ଠକି ନଥାଏ ବରଂ ନିଜକୁ ବିଶ୍ୱାସର ସହ ଠକି ଦେଇଥାଏ ।

ଏହି ସମ୍ପର୍କରେ ଶ୍ରୀମା'ଙ୍କ ଗୋଟିଏ ବାକ୍ୟାଂଶ ମନେପଡ଼େ : ''... to deceive oneself in order to feel comfortable.'' (CWM-9, P. 328) ଏହିପରି ଛଳନା ଓ ପ୍ରତାରଣାରୁ ମୁକ୍ତ ହେବା ଲାଗି ଦିବ୍ୟଜନନୀଙ୍କ ନିକଟରେ ପ୍ରାର୍ଥନା କରିବା, ଦିବ୍ୟକୃପାକୁ ଆବାହନ କରିବା । ପ୍ରତ୍ୟାଖ୍ୟାନ, ଅଭୀପ୍ସା ଓ ସମର୍ପଣ ଦ୍ୱାରା ପ୍ରତି ମୁହୂର୍ତ୍ତରେ ସତର୍କ ରହିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ପନ୍ଥା ନାହିଁ । ତେବେ ପ୍ରାର୍ଥନା ଆଦି ସାଧନା ଜଣେ କେବଳ ସେତେବେଳେ କରିପାରେ ଯେତେବେଳେ ସେ ନମ୍ର, ବିନୟୀ, ଅନୁଦ୍ଧତ ହୋଇଥାଏ; ନହେଲେ ଅହଂଟି ସାଧନା ପଥରେ ଅନର୍ଥର କାରଣ ରୂପେ ଉଭା ହୋଇଯାଏ । ବିନମ୍ର, ନିରହଂକାର ବ୍ୟକ୍ତିହିଁ ପ୍ରାର୍ଥନା କରିପାରେ ଓ ଈଶ୍ୱରଙ୍କ ନିକଟରେ ଆପଣାକୁ ନିଃଶେଷରେ ସମର୍ପି ଦେଇପାରେ ।

ସଙ୍କଟ ମୋଚନ ବୀର ହନୁମାନ୍ ଅପରିମିତ ବଳ, ଅଲଂଘନୀୟ ଶକ୍ତି ଓ ଅସୀମ ପ୍ରଜ୍ଞାର ଅଧିକାରୀ ଥିଲେ । ତେବେ ବି ତାଙ୍କୁ ଯେତେବେଳେ ପଚରାଯାଏ – 'ତୁମେ କିଏ ? କ'ଣ ତୁମର ପରିଚୟ ?', ସେତେବେଳେ ତାଙ୍କର ଏକମାତ୍ର ଉତ୍ତର ଥାଏ – ''ମୁଁ ଶ୍ରୀରାମଙ୍କର ଜଣେ ଦୂତ ମାତ୍ର !'' ତାଙ୍କରି ପ୍ରଭୁଙ୍କ ଦ୍ୱାରା ଆଦିଷ୍ଟ ହୋଇ ସେ କଠିନରୁ କଠିନତର କାର୍ଯ୍ୟ ସଫଳତାର ସହ ସମ୍ପାଦନ କରିବା ସଙ୍ଗେ ସଙ୍ଗେ ନିଜେ ପରମ ପ୍ରଭୁଙ୍କ ସହ ଅବିରତ ଅବିଚ୍ଛିନ୍ନ ଯୁକ୍ତ ହୋଇ ରହୁଥିଲେ । ତାଙ୍କରି ଶରୀରର ପ୍ରତ୍ୟେକ କୋଷ, ପ୍ରତିଟି ଲୋମ ''ଶ୍ରୀରାମ''ଙ୍କ ନାମରେ ଗୁଞ୍ଜରିତ ହେଉଥିଲା ଓ ତାହାହିଁ ତାଙ୍କର ବଳ, ବୀର୍ଯ୍ୟ ଓ ତେଜର ମୂଳଉତ୍ସ ହୋଇ ରହିଥିଲା । ସେ ଥିଲେ ବିନମ୍ରତାର ଏକ ଜୀବନ୍ତ, ଜ୍ୱଳନ୍ତ ବିଗ୍ରହ । ଠିକ୍ ସେହିପରି ତାଙ୍କରି ଆରାଧ୍ୟ ପ୍ରଭୁ ବି କମ୍ ବିନମ୍ର ନଥିଲେ । ଶବରୀ ଦ୍ୱାରା ଶ୍ରଦ୍ଧାର ସହ ପ୍ରଦତ୍ତ ଅଇଁଠା କୋଳି ଗ୍ରହଣ କରି ଆପଣା ବିନମ୍ରତାର ଆଦର୍ଶ ପ୍ରତିଷ୍ଠା କରିଥିଲେ ।

ବିନୟବୋଧ ଅହଂକାରକୁ ଲୋପ କରେ । ଅହଂକାର ଲୋପ ହେଲେ ଜଣେ ଯଥାର୍ଥରେ ବିନୟୀ ହୋଇପାରେ । ତେବେ ଅତିରିକ୍ତ ବିନମ୍ରତା ବାହାରେ ପ୍ରକାଶ କରିବା ଏକ ପ୍ରକାର ଅହଂକାର ବୋଲି କୁହାଯିବ । ଏ ସମ୍ପର୍କରେ ଶ୍ରୀଅରବିନ୍ଦଙ୍କର ଉକ୍ତି ହେଲା –

''A spiritual humility within is very necessary, but I do not think an outward one is very advisable (absence of pride or

arrogance or vanity is indispensable of course in one's outer dealings with others) – it often creates pride, becomes formal or becomes ineffective after a time. I have seen people doing it to cure their pride, but I have not found it producing a lasting result.''

(CWSA, Vol. 28, P. 429)

ଏହାର ଭାବାନୁବାଦ ହେଲା – ''ଅନ୍ତରରେ ଏକ ବିନୟବୋଧ ରହିବା ଆବଶ୍ୟକ, କିନ୍ତୁ ମୁଁ ଭାବୁ ନାହିଁ ଯେ ତାହାର ଏକ ବାହ୍ୟ ପ୍ରକାଶ ବାଞ୍ଛନୀୟ, (ଅବଶ୍ୟ ଅନ୍ୟମାନଙ୍କ ସହ କାରବାର କଲାବେଳେ ଗର୍ବ, ଔଦ୍ଧତ୍ୟ କିଂବା ଆସ୍ଫାଳନ ପ୍ରଦର୍ଶନ ନକରିବା ଅପରିହାର୍ଯ୍ୟ) – ଏହା ଅନେକ ସମୟରେ ଗର୍ବ ଉଦ୍ରେକ କରାଏ, କାଳକ୍ରମେ ଏହା ଔପଚାରିକ ହୋଇ ଯାଇଥାଏ କିଂବା ତାହା ନିଷ୍ଫଳ ବା ବ୍ୟର୍ଥ ମନେହୁଏ । ଲୋକମାନେ ସେମାନଙ୍କ ଗର୍ବକୁ କମେଇବା ଲାଗି ସେପରି ଆଚରଣ କରିବା ମୁଁ ଲକ୍ଷ୍ୟ କରିଛି, ମାତ୍ର ମୁଁ ଜାଣିବାକୁ ପାଇଛି ଯେ ତାହା ସ୍ଥାୟୀ ରୂପେ ସଫଳ ହୋଇ ନଥାଏ ।''

ଦିବ୍ୟଜନନୀ ଶ୍ରୀମା ଜାପାନୀମାନଙ୍କର ''ବିନୟ'' ଗୁଣଟିକୁ ଲକ୍ଷ୍ୟ କରି ଅନେକ ପ୍ରଶଂସା କରିଛନ୍ତି । ତାକୁ ଗୋଟିଏ ଗଳ୍ପ ମାଧ୍ୟମରେ ବ୍ୟକ୍ତ କରିବା ଲାଗି ସେ କହିଛନ୍ତି : ଦିନେ ଫୁଲଗୁଡ଼ିକୁ ସଜାଇବାରେ ନିପୁଣ ଜଣେ ଫୁଲ-କାରିଗର (Flower-artist) ଦେଖିଲା ଯେ ଘରର ମାଲିକ ଗୋଟିଏ ଟ୍ରେରେ କେତେଗୁଡ଼ିଏ ରଙ୍ଗବେରଙ୍ଗର ଫୁଲ ସହିତ ଗୋଟିଏ କତୁରି, ଗୋଟିଏ ଛୁରୀ, ଛୁଞ୍ଚିଏ, ଛୋଟ କରତଟିଏ ଓ ଅତି ସୁନ୍ଦର ଫୁଲଦାନୀଟିଏ ଆଣି ତା' ସାମନାରେ ଥୋଇ ଦେଇଛନ୍ତି । ଘର ମାଲିକଙ୍କୁ ଫୁଲ କାରିଗର କହୁଛି : ''ଆଜ୍ଞା ! ଏଡ଼େ ସୁନ୍ଦର ଫୁଲଦାନି ପାଇଁ ମୁଁ ଅପରୂପ ସୁନ୍ଦର ଫୁଲ ଗୁଚ୍ଛଟିଏ ମୋଟେ ସଜାଇ ପାରିବି ନାହିଁ ।''

''ତୁମେ ନିଶ୍ଚୟ ପାରିବ ।''– ଏତକ ଭାରି ଭଦ୍ରତାର ସହ କହିଦେଇ ଗୃହସ୍ୱାମୀ ଘର ବାହାରକୁ ଚାଲିଗଲେ ।

ଏହାପରେ ଫୁଲ-କାରିଗର ତା'ର କାମ ଆରମ୍ଭ କରିଦେଲା – କେତେ କ'ଣ କାଟି, ମୋଡ଼ି, ଛନ୍ଦି, ବାନ୍ଧି ଶେଷରେ ଗୋଟିଏ ସୁନ୍ଦର ପୁଷ୍ପଗୁଚ୍ଛ ପ୍ରସ୍ତୁତ କରିନେଲା, ଯାହା ଫୁଲଦାନିଟିର ଶୋଭା ବର୍ଦ୍ଧନ କଲା । ସେ ସମୟରେ ଗୃହସ୍ୱାମୀ ତାଙ୍କର କେତେଜଣ ବନ୍ଧୁଙ୍କ ସହ ଘରେ ପ୍ରବେଶ କଲେ, କାରିଗର ଗୋଟିଏ ପାଖକୁ ଆଡ଼େଇ ହୋଇଯାଇ କହିଲା : ''ପୁଷ୍ପଗୁଚ୍ଛଟି ଏହି ଫୁଲଦାନୀ ସହ ମୋଟେ ସୁନ୍ଦର ଦିଶୁ ନାହିଁ, ମୁଁ ତାକୁ ବାହାର କରି ନେଉଛି ।'' ଗୃହସ୍ୱାମୀ ସାଙ୍ଗେ ସାଙ୍ଗେ କହିଲେ – ''ନା, ନା । ଏହା ବହୁତ ସୁନ୍ଦର ହୋଇଛି ।'' ଫୁଲଦାନି ନିକଟରେ ଗୋଟିଏ କତୁରି ରଖିଦେଇ ଫୁଲ-କାରିଗର ବିଦାୟ ନେଇଛି । ଏପରି କରି ସେ ଏହା କହିବାକୁ ଚାହିଁଛି ଯେ ପୁଷ୍ପଗୁଚ୍ଛଟିର କେଉଁଠି କୌଣସି ତ୍ରୁଟି ଥିଲେ ଯେକୌଣସି ବ୍ୟକ୍ତି ସେ କତୁରି ସାହାଯ୍ୟରେ ତାକୁ ସଜାଡ଼ି ଦେଇପାରେ । ଫୁଲ-କାରିଗର ଅତି ସୁନ୍ଦର ଭାବେ ତା' କାର୍ଯ୍ୟଟିକୁ କରିବା ଲାଗି ଚେଷ୍ଟା କରିଛି । କିନ୍ତୁ ସମ୍ପୂର୍ଣ୍ଣଭାବେ ସେ ସୌନ୍ଦର୍ଯ୍ୟକୁ ଫୁଟାଇ ପାରିଛି ବୋଲି ସ୍ୱପ୍ନରେ ସୁଦ୍ଧା କଳ୍ପନା କରିପାରି ନାହିଁ । ତା'ର ହୃଦୟବୋଧ ହୋଇଛି ଯେ ଏହାଠାରୁ ମଧ୍ୟ ଅଧିକ ସୁନ୍ଦର ଭାବେ ଅନ୍ୟ କେହି ସଜାଇବାକୁ ସମର୍ଥ ହୋଇପାରେ । ସେଥିଲାଗି ତା'ର କାର୍ଯ୍ୟଟିରେ କେଉଁଠି କୌଣସି ତ୍ରୁଟି ରହି ଯାଇଥାଇ ପାରେ ଯାହାକୁ କଟାକଟି କରି ଅନ୍ୟ କେହି ତାକୁ ଅଧିକ ସୁନ୍ଦର ଭାବେ ସଜାଡ଼ି ଦେଇପାରେ । ଏଠାରେ ଲକ୍ଷ୍ୟ କରିବା କଥା ଯେ ଫୁଲ-କାରିଗର ତା' କାମଟିକୁ ସୁନ୍ଦର ରୂପେ କରିଥିଲେ ବି ସେଥିଲାଗି କୌଣସି ଗର୍ବ, ଆସ୍ଫାଳନ ବା ଔଦ୍ଧତ୍ୟ ପ୍ରକାଶ କରି ନାହିଁ, ବରଂ ଅନ୍ୟ କେହି ତାହା ଅଧିକ ସୁନ୍ଦର କରିପାରେ ବୋଲି ବିଶ୍ୱାସ ରଖିଛି । ଏହା ତା'ର ନମ୍ରତା ବା ବିନୟବୋଧର ପରିଚୟ ଦେଉଛି । ଗଳ୍ପଶେଷରେ ଶ୍ରୀମା କହିଛନ୍ତି ଯେ ଯେଉଁମାନେ ଗର୍ବ କରି ସେମାନଙ୍କର କୃତିତ୍ୱକୁ ବଖାଣି ଥା'ନ୍ତି, ତେବେ ତାହା ପ୍ରକୃତରେ କେଡ଼େ ହାସ୍ୟାସ୍ପଦ ବିଷୟ ।

(ମାତୃରଚନାବଳି - ୨, ପୃ. ୩୬୬, ୩୬୮)

ରୋମର ରାଜା ମାର୍କାସ୍ ଏରିଲିୟସ (Marcus Aurelius) ଜଣେ ଉଚ୍ଚକୋଟୀର ଦାର୍ଶନିକ ଥିଲେ । ନମ୍ରତା ସମ୍ପର୍କରେ ତାଙ୍କର ଉକ୍ତି ହେଲା – ''Many say with an appearance of humility, "I am even an earthworm crawling in the dust….", so always believing themselves to be earthworms, they become in time feeble as the worm.''... What a man thinks himself to be, that he in fact becomes.

"Our life is what our thoughts make it."

– Marcus Aurelius, Meditations

ଏହାର ଭାବାର୍ଥ ଏହିପରି ହୋଇପାରେ : ''ଅନେକେ ନିଜକୁ ନମ୍ର ବୋଲି ଦେଖେଇ ହେବା ଲାଗି କହନ୍ତି : 'ମୁଁ କର୍ଦ୍ଦମରେ ଲୋଟୁଥିବା ଗୋଟିଏ କେଞ୍ଚୁଆ ମାତ୍ର...' – ଏହିପରି ସବୁବେଳେ ନିଜକୁ କେଞ୍ଚୁଆ ମନେକରି ସେମାନେ କାଳକ୍ରମେ କେଞ୍ଚୁଆ ପରି ଶକ୍ତିହୀନ, ଦୁର୍ବଳ ହୋଇଯା'ନ୍ତି । ଜଣେ ମଣିଷ ନିଜକୁ ଯାହା ବୋଲି ଭାବେ ଦିନେ ସେ ତାହାହିଁ ହୋଇଉଠେ ।

''ଆମ ଚିନ୍ତାହିଁ ଆମ ଜୀବନର ମାନକୁ ନିର୍ଦ୍ଧାରିତ କରିଥାଏ ।''

ଏ ସଂକ୍ରାନ୍ତରେ ଶ୍ରୀମାଙ୍କ ବାଣୀ ହେଲା – ''Correct self-evaluation: simple and modest, does not try to push itself forward.''

(CWM, Vol. 14, P. 151)

ଅର୍ଥାତ୍, ''ଯଥାର୍ଥ ମୂଲ୍ୟାୟନ : ସରଳ ଓ ଶାଳୀନତାଯୁକ୍ତ, ତାହା ଆପଣାକୁ କଦାପି ଆଗକୁ ଠେଲି ନେଇଯିବା ଲାଗି ଚେଷ୍ଟା କରେ ନାହିଁ ।''

''Do not think yourself big or small, very important or very unimportant; for we are nothing in ourselves.''

(CWM, Vol. 14, P. 152)

ଅର୍ଥାତ୍, ''ନିଜକୁ ଅତି ଛୋଟ କିଂବା ଅତି ବଡ଼ ବୋଲି ଭାବ ନାହିଁ, କିଂବା ଅତି ଉତ୍କୃଷ୍ଟ କି ଅତି ନିକୃଷ୍ଟ ବୋଲି ଭାବ ନାହିଁ; କାରଣ ଆମେ ନିଜେ ପ୍ରକୃତରେ କିଛି ବି ନୋହୁଁ ।''

ତେବେ ଆମର ଯଥାର୍ଥ ମୂଲ୍ୟାୟନ କେବଳ ଭଗବାନହିଁ କରି ପାରନ୍ତି – ଆମେ ନିଜେ ନୋହୁଁ କି ଅନ୍ୟମାନେ ନୁହଁନ୍ତି ।

**ତାମସିକ ବିନୟ ବୋଧ :**

ଶ୍ରୀଅରବିନ୍ଦଙ୍କ ଉକ୍ତି ହେଲା – ''Just as pride has ego, in the same way humility also has ego; just as strength has ego, in the same way weakness also has ego. Those who have no pride because of their tamasic nature are mean, feeble and servile out of fear and despair. Tamasic humility, tamasic forgiveness, tamasic endurance have no value whatsoever and do not produce any good result. Blessed indeed is he who perceiving Narayana everywhere is humble, tolerant and full of forgiveness. Delivered from all these impulsions coming from the ego, one who has gone beyond the spell of the three modes of Nature has neither pride nor humility. Satisfied with whatever feeling is given to his instrumental being of life and mind by the universal Shakti of the Divine and free from all attachment, he enjoys invariable peace and felicity.''

(CWSA, Vol. 9, Writings in Bengali and Sanskrit)

ଏହାର ଭାବାନୁବାଦ ହେଲା :

''ଯେପରି ଗର୍ବର ଅହଂକାର ଅଛି, ସେହିପରି ନମ୍ରତାର ବି ଅହଂକାର ରହିଛି । ଯେପରି ବଳର ଅହଂକାର ଅଛି, ସେହିପରି ଦୁର୍ବଳତାର ବି ଅହଂକାର ରହିଛି । ଯେଉଁମାନେ ତାମସିକ ଭାବରେ ଗର୍ବହୀନ, ସେମାନେ ଅଧମ, ଦୁର୍ବଳ, ଭୟ ଓ ନିରାଶରେ ପରପଦାନତ । ତାମସିକ ନମ୍ରତା ତାମସିକ କ୍ଷମା, ତାମସିକ ସହିଷ୍ଣୁତାର କୌଣସି ମୂଲ୍ୟ ନାହିଁ, ତା'ର କୌଣସି ସୁଫଳ ନାହିଁ । ଯେ ସର୍ବତ୍ର ନାରାୟଣଙ୍କୁ ଦର୍ଶନ କରି ସମସ୍ତଙ୍କ ନିକଟରେ ନମ୍ର, ସହିଷ୍ଣୁ ଓ କ୍ଷମାବାନ୍ ହୁଅନ୍ତି, ତାଙ୍କରହିଁ ପୁଣ୍ୟ ହୁଏ । ଯିଏ ଏ ସମସ୍ତ ଅହଂକୃତ ବୃତ୍ତି ପରିତ୍ୟାଗ କରି ତ୍ରୈଗୁଣ୍ୟମୟୀ ମାୟାକୁ ଅତିକ୍ରମ କରନ୍ତି, ତାହାଙ୍କର ଗର୍ବ ନାହିଁ କି ଅହଂକାର ନାହିଁ; ଭଗବାନଙ୍କର ଜଗନ୍ମୟୀ ଶକ୍ତି ତାହାଙ୍କର ମନ-ପ୍ରାଣ-ରୂପ ଆଧାରରେ ଯେଉଁ ଭାବ ଦିଅନ୍ତି, ସେହି ଭାବ ନେଇ ସେ ସନ୍ତୁଷ୍ଟ ଓ ଅନାସକ୍ତ ରହନ୍ତି ଓ ଅଟଳ ଶାନ୍ତି ଓ ଆନନ୍ଦ ଲାଭ କରନ୍ତି ।''

(ଶ୍ରୀଅରବିନ୍ଦଙ୍କ ସାହିତ୍ୟ ସଂଗ୍ରହ, ଖଣ୍ଡ - ୨, ପୃ. ୧୫୭-୧୫୮)

ତାମସିକ ନମ୍ରତା ସର୍ବଦା ବର୍ଜନୀୟ । ରାଜସିକ ନମ୍ରତା ଜାଗ୍ରତ୍ କରି ସତ୍ତ୍ୱପ୍ରସୂତ ଜ୍ଞାନ ସାହାଯ୍ୟରେ ତାହାକୁ ନିର୍ମଳ କରିବା ଉନ୍ନତିର ପ୍ରଥମ ସୋପାନ ।

**ନମ୍ରତାର ସଂଜ୍ଞା ଓ ସ୍ୱରୂପ – ଧର୍ମଶାସ୍ତ୍ରରେ :**

ନମ୍ରତାର ଆଭିଧାନିକ ସଂଜ୍ଞା ହେଲା ନିମ୍ନ ଆତ୍ମ-ସମ୍ମାନ ବା ଏକ ଅଯୋଗ୍ୟତାର ଭାବକୁ ଧରି ରଖିବା ବା ବଜାୟ

ରଖିବା । ଧାର୍ମିକ ଦୃଷ୍ଟିରେ ନମ୍ରତାର ଅର୍ଥ ହେଲା ନିର୍ଦ୍ଦିଷ୍ଟ ଧର୍ମରେ ଥିବା ଦେବଦେବୀମାନଙ୍କ ସହ ଆପଣାର ସମ୍ପର୍କକୁ ମୂଲ୍ୟାୟନ କରି ଉକ୍ତଧର୍ମରେ କଳ୍ପିତ ଦେବଦେବୀମାନଙ୍କ ପ୍ରତି ବଶ୍ୟତା ସ୍ୱୀକାର କରିବା କିଂବା ସେମାନଙ୍କର ଅନୁଗତ ହୋଇ ରହିବା ।

ଖ୍ରୀଷ୍ଟିଆନ ଧର୍ମର ମୁଖ୍ୟ ଶାସ୍ତ୍ର ବାଇବେଲରେ କୁହାଯାଇଛି : ନମ୍ରତାର ଅର୍ଥ ହେଲା ତୁମ ସମ୍ବନ୍ଧରେ ଭଗବାନ୍ ଯାହା କହିଛନ୍ତି ତାହାକୁହିଁ ବିଶ୍ୱାସ କରିବା – ଅନ୍ୟମାନଙ୍କର ମତାମତକୁ ନୁହେଁ । ବାଇବେଲରେ ବିନମ୍ର ହେବା ଅର୍ଥ ଆପଣା ଅହଂରୁ ଏପରି ମୁକ୍ତ ହେବା ଯଦ୍ୱାରା ଆମ ଚତୁଃପାର୍ଶ୍ୱରେ ଥିବା ବ୍ୟକ୍ତିଗଣ ତା'ରି ପ୍ରଭାବରେ ନିଜକୁ ଉଚ୍ଚ ବା ଉନ୍ନତ ବୋଲି ଅନୁଭବ କରି ପାରିବେ । ଭଗବାନଙ୍କ ସହ ଓ ଅନ୍ୟମାନଙ୍କ ସହ ଯଥୋପଯୋଗୀ ସମ୍ପର୍କ ସ୍ଥାପନ କରିବା ଲାଗି ବିନୟବୋଧର ନିତାନ୍ତ ଆବଶ୍ୟକତା ରହିଛି । ନିଜ ସମ୍ପର୍କରେ ସଠିକ୍ ଧାରଣା ପ୍ରାପ୍ତ କରିବା ଲାଗି ମଧ୍ୟ ନମ୍ରତାର ପ୍ରୟୋଜନୀୟତା ରହିଛି । ଏହା ଗର୍ବ ଓ ଔଦ୍ଧତ୍ୟର ବିପରୀତ ପ୍ରକୃତିକୁ ବୁଝାଏ । ଭଗବାନଙ୍କ ଦୃଷ୍ଟିରେ 'ବିନୟ' ହେଉଛି ଏପରି ଏକ ସ୍ୱଭାବ ଯାହା ଭଗବାନଙ୍କର ଅତିଶୟ ପସନ୍ଦଯୋଗ୍ୟ ହୋଇଥାଏ । ତେଣୁ ଯେଉଁମାନେ ପ୍ରକୃତରେ ବିନମ୍ର – ଭଗବାନ୍ ସେମାନଙ୍କୁ ଆଶୀର୍ବାଦ ଦେଇଥା'ନ୍ତି । ସେମାନଙ୍କ କ୍ଷେତ୍ରରେ ଦିବ୍ୟକୃପା ସର୍ବଦା କ୍ରିୟାଶୀଳ ହୋଇ ରହିଥାଏ । ଈଶ୍ୱର ସେମାନଙ୍କୁ ସବୁକିଛି ମୁକ୍ତ ହସ୍ତରେ ଦେଇଥା'ନ୍ତି । ବାଇବେଲରୁ କେତୋଟି ପଂକ୍ତି ନିମ୍ନରେ ଉଦ୍ଧାର କରାଗଲା –

''ବିନାଶ ବା ଅବନତି ହେବା ପୂର୍ବରୁ ଜଣେ ବ୍ୟକ୍ତିର ହୃଦୟ ଗର୍ବରେ ଉତ୍ଫୁଲ୍ଲିତ ହୋଇଥାଏ, ମାତ୍ର ଐଶ୍ୱର୍ଯ୍ୟ ପ୍ରାପ୍ତ ହେବା ପୂର୍ବରୁ ବ୍ୟକ୍ତି ବିନୟୀ ବା ନମ୍ର ହୋଇଥାଏ ।''

''ଯିଏ ଆପଣାକୁ ବଡ଼ ବା କ୍ଷମତା ସମ୍ପନ୍ନ କରି ଚାଲେ ତାହାକୁ ଛୋଟ ବା ଦୁର୍ବଳ କରି ଦିଆଯିବ ଓ ଯିଏ ଆପଣାକୁ ଛୋଟ ମନେ କରେ ତାକୁ କ୍ଷମତା ସମ୍ପନ୍ନ ବା ଶକ୍ତିଶାଳୀ କରି ଦିଆଯିବ ।''

ଏପରି ସମ-ଅର୍ଥ ବହନ କରିଥିବା ଶ୍ରୀମାଙ୍କ ବାଣୀଟି ହେଲା –

''Only to those who have a true *humility* will *power* be given.''

''ଯେଉଁମାନଙ୍କର ଯଥାର୍ଥ *ବିନୟବୋଧ* ରହିଛି ସେମାନଙ୍କୁ କେବଳ *କ୍ଷମତା* ଦିଆଯିବ ।''

ସ୍ୱୟଂ ଯୀଶୁ ବିନା ଦୋଷରେ ବିଦ୍ୱେଷୀମାନଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇ ମଧ୍ୟ ଯେପରି ''ସେମାନେ କ'ଣ କରୁଛନ୍ତି ସେ ସମ୍ବନ୍ଧରେ ସେମାନେ ଅଜ୍ଞ, ତେଣୁ ସେମାନଙ୍କୁ କ୍ଷମା କରି ଦିଅନ୍ତୁ'' ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଜଣାଇଥିଲେ ଓ ଯେଉଁଭାବେ ବିନା ଆପତ୍ତିରେ ସକଳ କ୍ଳେଶ ସହ୍ୟ କରି ଯାଇଥିଲେ – ତାହା ଥିଲା ଚରମ ବିନୟବୋଧର ଏକ ଶ୍ରେଷ୍ଠ ନିଦର୍ଶନ ।

ଖ୍ରୀଷ୍ଟିଆନ ଧର୍ମର ଜନୈକ ସନ୍ଥ ଯୁକ୍ତି ବାଢ଼ିଛନ୍ତି ଯେ – ''That the interpreter of Bible should proceed with humility, because only a humble person can grasp the truth of the scripture.''

ଏହାର ଭାବାନୁବାଦ ହେଲା : ''ଜଣେ ବିନୟୀ ବ୍ୟକ୍ତିହିଁ ବାଇବେଲକୁ ଯଥାର୍ଥରେ ବ୍ୟାଖ୍ୟା କରିପାରେ, କାରଣ ବିନମ୍ରତା ସହ ଆଗେଇବା ଦ୍ୱାରାହିଁ ସେ ଶାସ୍ତ୍ରର ସତ୍ୟ ବା ମର୍ମାର୍ଥକୁ ହୃଦୟଙ୍ଗମ କରିପାରିବ ।''

ସାଧୁ ବର୍ଣ୍ଣାର୍ଡ଼ (St. Bernard) ନମ୍ରତାର ସଂଜ୍ଞା ନିରୂପଣ କରିବାକୁ ଯାଇ କହିଛନ୍ତି : ''A virtue which a man knowing himself as he truly is, abases himself. Jesus Christ is the ultimate definition of Humility.'' ଅର୍ଥାତ୍, ''ନମ୍ରତା ବା ବିନୟ ଏପରି ଏକ ଗୁଣ ଯାହା ସାହାଯ୍ୟରେ ଜଣେ ଆପଣାର ସ୍ୱରୂପକୁ ଯଥାର୍ଥ ଭାବେ ଜାଣିଥାଏ, ତଦ୍ୱାରା ଆପଣାକୁ ନ୍ୟୂନ ମନେ କରିଥାଏ । ଯିଶୁଖ୍ରୀଷ୍ଟ ହେଉଛନ୍ତି ବିନମ୍ରତାର ସର୍ବଶେଷ ବା ସର୍ବୋତ୍ତମ ସଂଜ୍ଞା ।'' ତ୍ରୟୋଦଶ ଶତାବ୍ଦୀର ଦାର୍ଶନିକ ଇଟାଲୀ ଦେଶର ଦାର୍ଶନିକ ତଥା ଧର୍ମତତ୍ତ୍ୱବିଦ୍ ଥୋମାସ୍ ଏକ୍ୱିନାସ୍‌ଙ୍କ ଅନୁଯାୟୀ ନମ୍ରତାର ସଂଜ୍ଞାହେଲା : ''The Virtue of Humility consists in keeping oneself within one's own bounds, not reaching out to things above one, but submiting to one's superior.'' ଏହାର ଭାବାର୍ଥ ହେଲା : ''ନିଜ ସୀମା ଭିତରେ ନିଜକୁ ସୀମିତ କରି ରଖିବା ହେଲା ନମ୍ରତାର ନିଦର୍ଶନ । ଆପଣାର ସୀମା ଭିତରେ ଆପଣାକୁ ସୀମିତ କରି ରଖିବା (ଅର୍ଥାତ୍ ଆପଣା ସୀମା ବହିର୍ଭୂତ ବିଷୟରେ ହସ୍ତକ୍ଷେପ ନକରିବା) । ମାତ୍ର, ଆପଣା ଊର୍ଦ୍ଧ୍ୱତନ ବ୍ୟକ୍ତିଙ୍କୁ ମାନ୍ୟ କରିବା (ଅର୍ଥାତ୍ ତାଙ୍କରି ବଶ୍ୟତା-ସ୍ୱୀକାର କରିବା) ।'' "Mere Christianity" ବହିରେ

C. S. Lewis ଲେଖିଛନ୍ତି ‘‘For pride is spiritual cancer. It eats up the very possibility of love or contentment or even common sense.’’ ଅର୍ଥାତ୍, ‘‘ଗର୍ବ ଆଧ୍ୟାତ୍ମିକତାର କର୍କଟ ରୋଗ ତୁଲ୍ୟ । ତାହା ପ୍ରେମ, ସନ୍ତୋଷ ଏପରିକି ସାଧାରଣ ଜ୍ଞାନକୁ ମଧ୍ୟ ଉଦରସ୍ଥ କରି ଦେଇଥାଏ ।’’ ‘‘Humility is not thinking less of yourself, it is thinking of yourself less.’’ (The Purpose Driven Life is a bible study book written by Christian pastor Rick Warren) ଅର୍ଥାତ୍, ‘‘ନମ୍ରତାର ଅର୍ଥ ନିଜକୁ ନ୍ୟୁନ ବୋଲି ବିଚାର କରିବା ନୁହେଁ, ବରଂ ନିଜ ବିଷୟରେ କମ୍ ଚିନ୍ତା କରିବା ।’’ ‘‘Blessed are the meek.’’ – (Matthew 5 : 5) ଅର୍ଥାତ୍, ‘‘ବିନୀତ ବ୍ୟକ୍ତିଗଣ ଆଶୀର୍ବାଦାର୍ହ ଅଟନ୍ତି ।’’ ମାଥ୍ୟୁ-୫ ବ୍ରିଟିଶ ଲେଖକ ଓ ଧର୍ମତତ୍ତ୍ୱବିଦ୍ ସି. ଏସ୍. ଲିଓ୍ୱିସ୍ (C. S. Lewis) ଆପଣା ରଚିତ Mere Christianity ରେ ଲେଖନ୍ତି, ‘‘pride leads to every other vice: it is the complete anti-God state of mind. In Christian moral teaching the opposit of pride is humility.’’ ଅର୍ଥାତ୍, ‘‘ଗର୍ବ ବା ଅହମିକା ଅନ୍ୟାନ୍ୟ ଯାବତୀୟ ମନ୍ଦଗୁଣଗୁଡ଼ିକୁ ଆକର୍ଷିତ କରି ନେଇ ଆସେ । ତାହା ସମ୍ପୂର୍ଣ୍ଣ ରୂପେ ମନର ଏକ ଅଦିବ୍ୟ ଅବସ୍ଥା । ଖ୍ରୀଷ୍ଟିଆନ ନୀତିଶିକ୍ଷାରେ ଗର୍ବର ବିପରୀତ ହେଲା – ବିନୟ ବା ନମ୍ରତା ।’’

ସାଧୁ ଅଗଷ୍ଟାଇନ୍ (St. Augustine) କହନ୍ତି : ‘‘ତୁମେ ଯଦି ପ୍ରଶ୍ନ କର ଯେ ଧର୍ମ ପାଇଁ ପ୍ରାଥମିକ ଆବଶ୍ୟକତା କ’ଣ, ତେବେ ମୁଁ ଉତ୍ତର ଦେବି ଯେ ପ୍ରଥମତଃ, ଦ୍ୱିତୀୟତଃ, ତୃତୀୟତଃ ଓ ସବୁ କ୍ଷେତ୍ରରେ ଆବଶ୍ୟକୀୟ ବିଷୟ ହେଲା – ‘ନମ୍ରତା’ ।’’

‘‘It is no great thing to be humble when you are brought low; but to be humble when you are praised is a great and rare attainment.’’ (St. Bernard) ଏହାର ଭାବାର୍ଥ ହେଲା – ‘‘ତୁମକୁ ଯେତେବେଳେ ନ୍ୟୁନ କରି ଦିଆଯାଇଛି ସେତେବେଳେ ‘ବିନୟ ବୋଧ’ କରିବା ବଡ଼ କଥା ନୁହେଁ, ମାତ୍ର ତୁମେ ପ୍ରଶଂସିତ ହେଲା ବେଳେ ବିନମ୍ର ହେବା ହେଲା ଏକ ମହାନ୍ ଓ ବିରଳ ଯୋଗ୍ୟତା ।’’ (ସାଧୁ ବର୍ଣ୍ଣାର୍ଡ଼)

‘‘Humility is the root, mother, nurse, foundation, and best of all virtues.’’ (St. John Chrysostom, 407 AD, Church Palts) ‘‘ବିନୟବୋଧ ହେଲା ଯାବତୀୟ ସଦ୍‌ଗୁଣାବଳୀର ମୂଳଉତ୍ସ, ଜନନୀ, ଧାତ୍ରୀ, ଭିତ୍ତି ଓ ସବୁଗୁଣାବଳୀ ମଧ୍ୟରେ ଶ୍ରେଷ୍ଠ’’ । – (ଜନ୍ ଖ୍ରୀଷୋଷ୍ଟମ, ୪୦୭ ଖ୍ରୀଷ୍ଟାବ୍ଦର ଚର୍ଚ୍ଚ ପରିଚାଳକ ଓ ଧର୍ମତତ୍ତ୍ୱବିଦ୍)

“The science of humility rests upon the knowledge of God and of oneself.”

(Archbishop Ullathorne)

ଏହାର ଭାବାନୁବାଦ ହେଲା – ‘‘ନମ୍ରତାର ବିଜ୍ଞାନ ଆତ୍ମଜ୍ଞାନ ଓ ଦିବ୍ୟଜ୍ଞାନ ଉପରେ ପର୍ଯ୍ୟବସିତ ।’’

(ଧର୍ମଯାଜକ ଉଲ୍ଲାଥୋରନ୍)

ଇହୁଦୀ ଧର୍ମଯାଜକମାନଙ୍କୁ ରାବି (Rabbi) ବୋଲି କୁହାଯାଏ । ଏହି ଧର୍ମଗୁରୁମାନେ Talmud, Torha ଆଦି ଧର୍ମଗ୍ରନ୍ଥ ପାଠ କରିଥା’ନ୍ତି ଓ ଅନ୍ୟ ଜଣେ ବୃଦ୍ଧ ରାବିଙ୍କଠାରୁ ଦୀକ୍ଷା ଗ୍ରହଣ କରିଥା’ନ୍ତି । ଇହୁଦୀ ବା ଜିଉ (Jew)ମାନଙ୍କ ଧର୍ମକୁ ଇଂରାଜୀରେ Judiasm ବୋଲି କହନ୍ତି । ଏହି ଧର୍ମରେ କୁହାଯାଇଛି : ‘‘Outside of a religious context, humility is defined as being ‘unselved’, a liberation from conception of self, a form of temperance that is neither having pride (or haughtiness) nor indulging in self-deprecation.’’

(Ref : Hand book of forgiveness
by Everett L. Worthington Jr.)

ଏହାର ଭାବାର୍ଥ ହେଲା : ‘‘ଧାର୍ମିକ ପରମ୍ପରାକୁ ବାଦ୍ ଦେଇ କହିବାକୁ ଗଲେ, ବିନମ୍ରତା ଏକ ନିଃସ୍ୱାର୍ଥପର ଅବସ୍ଥାକୁ ବୁଝାଏ । ଆତ୍ମସର୍ବସ୍ୱ ଚିନ୍ତାରୁ ମୁକ୍ତ ବା ଔଦ୍ଧତ୍ୟ କିଂବା ଆତ୍ମ-ନିନ୍ଦା ରହିତ ଏକ ସଂଯତ ଓ ପରିମିତ ଅବସ୍ଥାକୁ ବୁଝାଏ ।’’

ଇହୁଦୀମାନଙ୍କ ଧର୍ମ ଜୁଡ଼ାଇଜମ୍‌ରେ ନମ୍ରତାର ଅର୍ଥ ଏକପ୍ରକାର ଆତ୍ମ-ମୂଲ୍ୟାୟନ – ଆପଣାର ପ୍ରତିଭା, ଦକ୍ଷତା, ଶ୍ରେୟୋଗୁଣଗୁଡ଼ିକର ଯଥାର୍ଥ ମୂଲ୍ୟ ନିର୍ଣ୍ଣୟ କରିବା । ଏହା ଶାନ୍ତ, ବିନୀତ ବା ଆଜ୍ଞାନୁବର୍ତ୍ତିତାକୁ ବୁଝାଏ ନାହିଁ । ବରଂ କୌଣସି ମହତ୍ତର ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥାଏ । ନମ୍ରତାର ଅର୍ଥ ଆପଣାକୁ ନ୍ୟୁନ ମନେ ନକରିବା, ବରଂ ନିଜ ଆତ୍ମାକୁ ସମ୍ମାନ ଦେବା, ପସନ୍ଦ କରିବା ଓ ଏକ ଅନୁକୂଳ ମତ ପୋଷଣ କରିବାକୁ ବୁଝାଇଥାଏ ।

Rabhi Pini Dummer କହନ୍ତି : ''ଅନ୍ୟମାନଙ୍କୁ ସବା ଆଗରେ ଉପସ୍ଥାପନ କରି ସେମାନଙ୍କର ମହତ୍ୱ ବା ବିଶେଷତ୍ୱକୁ ପ୍ରଶଂସା କରିବା, ଅନ୍ୟକୁ ଅଧିକ ଗୁରୁତ୍ୱ ଦେବା ହେଲା ନମ୍ରତାର ଲକ୍ଷଣ ।''

ମୋଜେସ୍ (Mases) ଉଭୟ ଇହୁଦୀ ଧର୍ମ ଓ ଇସଲାମ ଧର୍ମର ଶ୍ରେଷ୍ଠ ବା ମୁଖ୍ୟ ପୟଗମ୍ବର (Prophet) ରୂପେ ପରିଚିତ । ଜିଉ, ଖ୍ରୀଷ୍ଟିଆନ ଓ ମୁସଲିମ ଧର୍ମାବଲମ୍ବୀଗଣ ମୋଜେସ୍‌ଙ୍କୁ ସମାନ ରୂପେ ସମ୍ମାନିତ କରି ଯାଇଛନ୍ତି । ବହୁଧର୍ମ ଦ୍ୱାରା ଗୃହୀତ ହିବ୍ରୁ ବାଇବେଲରେ କୁହାଯାଇଛି ଯେ ନମ୍ରତା ଯୋଗୁଁ ସମ୍ମାନ, ପ୍ରଜ୍ଞା ଓ ସମୃଦ୍ଧି ପ୍ରାପ୍ତ ହୋଇଥାଏ । ତତ୍ ସହ ପରମ ପ୍ରଭୁଙ୍କର ସୁରକ୍ଷା ଓ ଶାନ୍ତି ମଧ୍ୟ ପ୍ରାପ୍ତ ହୋଇଥାଏ ।

(କ୍ରମଶଃ) ❑

# ଯୋଗୀରାଜଙ୍କ ଜନ୍ମବାସରରେ

## ଝରଣା ଘୋଷାଲ

ହେ ଯୋଗୀରାଜ, ହେ ଚିନ୍ମୟ
ତୁମ ଜନ୍ମଦିନର ମହାର୍ଘ ସ୍ପର୍ଶରେ
ଏ ଅକିଞ୍ଚନର ଅନ୍ତରତମ ପ୍ରଦେଶର
ସହସ୍ର ବର୍ଷର ପହଡ଼ ଭାଙ୍ଗିଲା
ଶିଥିଳ ହେଲା ଅତୀତର ସମୃଦ୍ଧ ଗୋପନ ଇଲାକା
ହୃଦୟର ପ୍ରତିଟି ସ୍ପନ୍ଦନ
ସୋହାଗ ରଞ୍ଜିତ ହୋଇ ବର୍ଣ୍ଣମୟ ହୋଇ ଉଠିଲେ
ଜୀବନର ନିର୍ବାସିତ ମୁହୂର୍ତ୍ତ ସକଳ
ସ୍ନିଗ୍ଧ ଜ୍ୱଳନର ଧୂପର ନିର୍ଯାସ ପରି ମହକିଲେ
ବହୁ ଅଭିମାନରେ ଲାଳିତ ଇହକାଳ, ପରକାଳ
ଆଉ ବର୍ତ୍ତମାନର ।

ସୁଦୃଢ଼ ବନ୍ଧନସବୁ ହୁଗୁଳି ଗଲା
ମୋହଗ୍ରସ୍ତ ଯନ୍ତ୍ରଣାଜର୍ଜର ସକାଳ, ଅପରାହ୍ନ, ରାତି
ଶୀତ ଦିନର କୁହୁଡ଼ି ପରି ମିଳେଇ ଗଲା
ଦୁଃଖର ଦୁର୍ଗସବୁ ସମୟର ଆର୍ତ୍ତନାଦରେ
ଧରାରେ ଲୋଟିଲେ
ତପ୍ତ ହୃଦୟକୁ ଛୁଇଁଗଲା ସ୍ନେହର ଲହଡ଼ି
ହଜିଗଲା ଜଞ୍ଜାଳମୟ ଜୀବନର ବୋଝ
ମୁଁ କ'ଣ ଜାଣିଥିଲି ନିଜକୁ ଏମିତି
ସରଳ ଓ ପ୍ରାଞ୍ଜଳ ଭାବେ ଅନୁଭବ କରି ହୁଏ !

ଜନ୍ମ ଜନ୍ମାନ୍ତରର ଲୋଭନୀୟ
ଆକର୍ଷଣର ମସୃଣ ମାୟା
ବିଶ୍ୱାସର ଶ୍ୟାମଳ ଅରଣ୍ୟରେ ପଥହରା ।

ସୁକୁମାର ସୂର୍ଯ୍ୟୋଦୟର ଦୁର୍ଲଭ୍ୟ
ପ୍ରତ୍ୟୁଷର ଦିଗ୍‌ବଳୟ ଛୁଇଁ
ଅବତରି ଆସିଛ ମର୍ତ୍ତ୍ୟ ମାଟିରେ,
ଶୁଣାଇଛ ଦିବ୍ୟ ସମ୍ଭାବନାର
ଅମୃତମୟ ବାଣୀ –

ମୃଦୁ ମନ୍ଦ ମଳୟ ବତାସ
ସଞ୍ଚରି ଯାଉ ଚେତନାର ସାନ୍ଦ୍ର ନୀଳିମାରେ
ଚଳଚଞ୍ଚଳ ପ୍ଲାବନର ସ୍ୱଚ୍ଛ ଶୀତଳ ଧାରା
ଗଙ୍ଗୋତ୍ରୀରୁ କୁମାରିକା ଯାଏ
ପୋଛି ଦେଉ ଯନ୍ତ୍ରଣାକ୍ଲିଷ୍ଟ କ୍ଲାନ୍ତି
ଭେଦିଯାଉ ଚେତନାର ଘନ ଅନ୍ଧକାରେ
ଅହଂକାରର ଅର୍ଥହୀନ ଉଷ୍ମ ଅଭିମାନ
ଏକାକାର ହୋଇଯାଉ ତୁମ ଆଶୀର୍ବାଦର
ଐଶ୍ୱର୍ଯ୍ୟମୟ ପ୍ରତ୍ୟୟରେ
ଭାସ୍ୱର ହେଉ, ସାର୍ଥକ ହେଉ
ସ୍ୱର୍ଣ୍ଣିମ ଦ୍ୟୁତିରେ ।

❑❑❑

# କବି ନିଶିକାନ୍ତ
## (୨୩)

''ମାଗୋ ! ତୋମାର୍ ଆକାଶଭରା କୋଲେ
ହାସ୍‌ବୋ ଆମି ଶିଶୁଚାଁଦେର୍ ମତ,
ଦୁଲ୍‌ବୋ ତୋମାର୍ ଜ୍ୟୋତିର୍ ହିନ୍ଦୋଲେ
ଛାୟାପଥେର୍ ତାରକାଦେର୍ ମତ,
ଯେଖାନ୍ ଥେକେ ମନ୍ଦମଲୟ ଆସେ,
ଫୁଟ୍‌ବୋ ସେଥାୟ୍ ପାରିଜାତେର୍ ପାଶେ,
ଲବ ତୋମାର୍ ଚିର-ଫାଗୁନ୍ ବ୍ରତ ।
ମାଗୋ ! ତୋମାର୍ ଆକାଶଭରା କୋଲେ
ହାସ୍‌ବୋ ଆମି ଶିଶୁଚାଁଦେର୍ ମତ ।''

– ନିଶିକାନ୍ତ

('ଜନ୍ମଦିନ' : 'ଅଲକାନନ୍ଦା'କାବ୍ୟଗ୍ରନ୍ଥ)

ପ୍ରଭାକର (ବାଚ୍ଚି)ଙ୍କ ରଚନାରୁ : ''କବି ନିଶିକାନ୍ତଙ୍କ ଜୀବନର ବହୁଳାଂଶରେ ତାଙ୍କର ସ୍ଥିତି ଥିଲା ଆତ୍ମ-କୈନ୍ଦ୍ରିକ, ଅନ୍ତର୍ମୁଖୀ ଯାହାକୁ ସର୍ବସାଧାରଣଙ୍କ ପକ୍ଷରେ କଳନା କରିବା ବା ଅନୁଭବ କରିବା ବି ଆୟାସସାଧ୍ୟ । ଏହା ସର୍ବଜନବିଦିତ ଯେ ନିଶିକାନ୍ତ ଥିଲେ ଏକାଧାରରେ ଜଣେ କବି, ଚିତ୍ରକର ତଥା ରାନ୍ଧୁଣିଆ । ସେ ରନ୍ଧାରନ୍ଧି କରିବାରେ ଯେମିତି ଆନନ୍ଦ ଉପଭୋଗ କରୁଥିଲେ, ସେମିତି ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ସେବନ କରିବାରେ ଏବଂ ଅନ୍ୟମାନଙ୍କୁ ପରଷିବାରେ ମଧ୍ୟ ଆନନ୍ଦ ଉପଭୋଗ କରୁଥିଲେ ।

''ମୁଁ ଏଠାରେ ତାଙ୍କର ବାହ୍ୟ ଜୀବନର କିଛି ଘଟଣା ଉଲ୍ଲେଖ କରିବି । ଆମେ କବିଙ୍କୁ ସେଇ ୧୯୪୫-୪୬ ମସିହାରୁ ଜାଣିଥିଲୁ ଏମିତି ଜଣେ ବୟୋଜ୍ୟେଷ୍ଠ ହିସାବରେ, ଯିଏକି ମୋ ମାମୁଁଙ୍କର ବନ୍ଧୁ ଥିଲେ । ବିଶେଷ ଦିନମାନଙ୍କରେ ମଧ୍ୟାହ୍ନ ଭୋଜନ ସକାଶେ ତାଙ୍କୁ ଆମ ଘରକୁ ନିମନ୍ତ୍ରଣ କରାଯାଉଥିଲା । ଆମେ ସେତେବେଳେ ଜାଣିଥିଲୁ ଯେ କବି ଜଣେ ଉଚ୍ଚମାନର କବି ଏବଂ ରାନ୍ଧୁଣିଆ ।... ଆମମାନଙ୍କ ସକାଶେ ବେଶୀ କୌତୂହଳଜନକ କଥା ଥିଲା ତାଙ୍କର ଖାଇବାର ଧାରା । ସେ ଗଭୀର ଆନନ୍ଦ ସହକାରେ ଭୋଜନ କରୁଥିଲେ । ଥରେ ବଡ଼-ମା ତାଙ୍କୁ ଗରମ ଗରମ ବରା-ଭାଜି କଦଳୀପତ୍ରରେ ଖାଇବାକୁ ଦେଇଥିଲେ । ସେଥିରୁ ଗୋଟିଏ ନେଇ ଚାଖିବା ପରେ ସତେ ଯେମିତି ସେ ସ୍ୱର୍ଗସୁଖ ପାଇଲେ ! ତେଣୁ ପରେ ନିଜ ଘରେ ବସି ଆନନ୍ଦ ସହକାରେ ଗୋଟିଏ ପରେ ଗୋଟିଏ ଖାଇ ବେଶ୍ ଉପଭୋଗ କରିବା ଉଦ୍ଦେଶ୍ୟରେ ଚୁପ୍‌ଚାପ୍ ସେଥିରୁ କିଛିଟା ନିଜ କୁର୍ତ୍ତା ପକେଟରେ ପୂରାଇବାକୁ ଉଦ୍ୟତ ହେଲେ ।... ଅଦୂରରେ ଛିଡ଼ା ହୋଇ ବଡ଼-ମା ଏହି କାଣ୍ଡ ଦେଖି ରୋଷେଇ ଘରୁ ଗୋଟିଏ ଡବାଭର୍ତ୍ତି ବରା-ଭାଜି ଆଣି ତାଙ୍କୁ ଘରକୁ ନେଇ ଯିବାକୁ ଦେଲେ ।

''ପଚାଶ ଦଶକର ଶେଷ ଆଡ଼କୁ ପ୍ଲେ-ଗ୍ରାଉଣ୍ଡରେ ଆମ ଗ୍ରୁପ୍‌ରେ (ସେତେବେଳେ 'ସି' ଗ୍ରୁପ୍, ଏବେ 'ଡି' ଗ୍ରୁପ୍) ରାନ୍ଧୁଣିଆ ହିସାବରେ ତାଙ୍କର ଦକ୍ଷତା ଥିବାରୁ ତାଙ୍କୁ ଏକ ବିଶେଷ ଘଟଣାରେ ସମ୍ମାନାସ୍ପଦ ସଦସ୍ୟ ହିସାବରେ ଗ୍ରହଣ କରା ହୋଇଥିଲା । ... ଘଟଣାଟି ଏହିପରି ଥିଲା – ସେତେବେଳେ ଆଶ୍ରମର 'ଲେକ୍ ଇଷ୍ଟେଟ୍'ଟି ସାରାଦିନ ସକାଶେ ଆମମାନଙ୍କର ବଣଭୋଜିର ଉପଯୁକ୍ତ ସ୍ଥାନ ଥିଲା । ... କବି ସାଧାରଣତଃ ରନ୍ଧାରନ୍ଧିର ଭାର ନେଉଥିଲେ । ସକାଳ ଜଳଖିଆ ଖୁବ୍ ସାଧାରଣ ଓ ସାମାନ୍ୟ ଥିଲା – ଆଶ୍ରମର ଗୋଲାକୃତି ପାଉଁରୁଟିରେ ନବନୀତ ବା ଡବାରେ ମିଳୁଥିବା ଘନୀଭୂତ ଦୁଗ୍ଧ (condensed milk) ଲଗାଇ ଦିଆ ଯାଉଥିଲା ଏବଂ ଚା' । ଗୋଟିଏ ବଡ଼ ଆକୃତିର ତମ୍ବା ହଣ୍ଡାରେ ଚା' ପ୍ରସ୍ତୁତ କରାଯାଉଥିଲା । ଥରେ ଭୁଲବଶତଃ ଚା' ବେଶ୍ ଅଧିକ ପରିମାଣରେ ବଳି ପଡ଼ିଲା । ଏତେ ପରିମାଣର ଚା' ଭୂଇଁରେ ଢାଳି ଦେବାଟା ବଡ଼ ଦୁଃଖର କଥା । କ'ଣ କରାଯିବ ? ସମସ୍ୟା ହୋଇଉଠିଲା ! ସମ୍ଭବତଃ ଅଭିଜ୍ଞ କବି କିଛି କରିବେ । ସେ ସେହି ଅଧିକା ଚା'ରେ ମଧ୍ୟାହ୍ନ ଭୋଜନର ଡାଲି ପ୍ରସ୍ତୁତ କରିଦେଲେ । ସେଇଟି ଆମେ ସମସ୍ତେ ଖାଇଲୁ । କହିବା ବାହୁଲ୍ୟ ତଦ୍ଦ୍ୱାରା ଆମମାନଙ୍କ ଉପରେ କୌଣସି ଖରାପ ବା ସ୍ୱାସ୍ଥ୍ୟ ଅନିଷ୍ଟକାରୀ ପ୍ରଭାବ ପଡ଼ି ନଥିଲା । ଏଇ ଘଟଣାରୁ ତତ୍‌କ୍ଷଣାତ୍ କବିଙ୍କୁ ଆମ ଗ୍ରୁପ୍‌ର ଜଣେ ସମ୍ମାନାସ୍ପଦ ସଦସ୍ୟ ହିସାବରେ ଗ୍ରହଣ କରି ନିଆଗଲା ।

''ଏହା ପରଠାରୁ ସେ ଆମର ଗ୍ରୁପ୍ ପୋଷାକ ଧୂସର (ଗ୍ରେ) ବର୍ଣ୍ଣର ହାଫ୍ ପ୍ୟାଣ୍ଟ, ହାତକଟା ଗ୍ରୁପ୍ ଗେଞ୍ଜି ପିନ୍ଧୁଥିଲେ

ଏବଂ ଖେଳାଖେଳି ପରେ ପ୍ଲେ-ଗ୍ରାଉଣ୍ଡରେ ଶ୍ରୀମା'ଙ୍କ ଦ୍ୱାରା ବିତରିତ ଚିନାବାଦାମ ଆଦି ଦ୍ରବ୍ୟ ଗ୍ରହଣ କରିବା ସକାଶେ ଆମ ଗ୍ରୁପ୍ ସହିତ ଧାଡ଼ିରେ ଛିଡ଼ା ହେଉଥିଲେ । ପ୍ରତ୍ୟେକ ଗ୍ରୁପ୍ ପ୍ଲେ-ଗ୍ରାଉଣ୍ଡର ପରିସର ଭିତରେ ନିର୍ଦ୍ଦିଷ୍ଟ ସ୍ଥାନରେ ଧାଡ଼ିରେ ଛିଡ଼ା ହେଉଥିଲେ । ଶ୍ରୀମା ଧାଡ଼ିରେ ଛିଡ଼ା ହୋଇଥିବା ଗ୍ରୁପ୍ ପିଲାଙ୍କ ସାମନାରେ ଯାଉ ଯାଉ ଗୋଟିଏ କାଠନିର୍ମିତ ଡଙ୍କାରେ ବାଦାମ ପାତ୍ରରୁ ପ୍ରତ୍ୟେକଙ୍କ ଆଞ୍ଜୁଳାରେ ବାଦାମ ଦେଉଥିଲେ । ସେତେବେଳେ ଫରାସୀ ଭାଷାରେ ଆମମାନଙ୍କୁ ତାଙ୍କୁ ଏପରି କହିବାକୁ ପଡୁଥିଲା ଯାହାର ଅର୍ଥ ହେବ, 'ପୂରା' ('ପ୍ଲାଁ'), 'ଅଧା' ('ମୋଆତିଏ') ବା 'ଖୁବ୍ କମ୍' ('ତ୍ରେ ପ-ଅ') । ତେଣୁ ଶ୍ରୀମା ସେହି ଅନୁପାତରେ ବାଦାମ ପରଶୁ ଥିଲେ । କବିଙ୍କ ଶରୀର ତ ପ୍ରାୟ ଭଲ ରହୁ ନଥିଲା (ମୁଁ ପରେ ଏ ବିଷୟରେ ଉଲ୍ଲେଖ କରିବି), ତେଣୁ ସେ କିଛି କହିବେ ନାହିଁ । ମା ତାଙ୍କୁ ନିତି 'ଖୁବ୍ କମ୍' ବାଦାମ ଦେଉଥିଲେ, କେବଳ 'ପ୍ରସାଦ' ହିସାବରେ ଗ୍ରହଣ କରିବା ପାଇଁ । କବି କିନ୍ତୁ କେବଳ 'ପ୍ରସାଦ' ନୁହେଁ ବେଶୀ ପରିମାଣ ଚାହୁଁଥିଲେ । ତେଣୁ ସେ ଖୁବ୍ ନିୟମିତ ଭାବରେ ଅଧିକା ସଂଗ୍ରହ କରିବା ସକାଶେ ଉଦ୍ୟମ ଚାଲୁ ରଖିଲେ । ସେ ନିଜେ ତାଙ୍କ ପୁରୁଣା କୁର୍ତ୍ତାର ଗୋଟିଏ ହାତ କାଟି ବଡ଼ ମୁଣିଟିଏ ପ୍ରସ୍ତୁତ କଲେ । ତା'ପରେ ସେ କେତେକ ସହାନୁଭୂତିଶୀଳ ଗ୍ରୁପ୍ ପିଲାଙ୍କ ସହିତ କଥାବାର୍ତ୍ତା କଲେ (ବିଶେଷ କରି ଝିଅ ପିଲାଙ୍କ ସହିତ – କାହିଁକି ନା ଏମାନେ ପ୍ରାୟ ଅଧିକ ଖିଆପିଆ କରିବାକୁ ଭୟ କରୁଥିଲେ), ଏମାନେ ପ୍ରାୟ ମା'ଙ୍କୁ 'ତ୍ରେ ପ-ଅ' କିଂବା 'ମୋଆତିଏ' କହୁଥିଲେ । କବି ସେମାନଙ୍କୁ କହିଲେ, 'ଶୁଣ, ତୁମେମାନେ ନିତି 'ପ୍ଲାଁ' ମାଗିବ ।' ସେ ଆଗରୁ ନିର୍ଦ୍ଧାରିତ ସ୍ଥାନରେ ଯାଇ ଛିଡ଼ା ହୋଇ ଯାଉଥିଲେ । ତାଙ୍କର ଯୋଗାଣକାରୀଗଣ ଜଣଙ୍କ ପରେ ଜଣେ ଆସି ଅଧିକା ବାଦାମତକ ତାଙ୍କ ମୁଣିରେ ଅଜାଡ଼ି ଦେଉଥିଲେ । ସମ୍ପ୍ରତି ସହକାରେ ଏଇ ଧରଣର ସଂଗ୍ରହ କରିବାର ସୁବନ୍ଦୋବସ୍ତଟି ବେଶ୍ କାମରେ ଆସିଲା – ଅବଶ୍ୟ ସାମୟିକ ଭାବରେ । କାରଣ ମା ଜାଣିପାରି ଏହା ପୂରା ବନ୍ଦ କରିଦେଲେ । ପରେ କବିଙ୍କ ସ୍ୱାସ୍ଥ୍ୟରେ ମଧ୍ୟ ଅଧିକ ଅବନତି ଘଟିଲା, ତାଙ୍କର ପ୍ରାପ୍ୟ କେବଳ 'ଗୋଟିଏ' ବାଦାମ ହୋଇ ଉଠିଲା । କଥିତ ଅଛି ଯେ 'ପ୍ରସାଦ'ର ପରିମାଣ ଏପରି ହେବା ଉଚିତ ଯାହାକି ପାକସ୍ଥଳୀ ପର୍ଯ୍ୟନ୍ତ ପହଞ୍ଚିବା ଉଚିତ ନୁହେଁ । ଏହା ତା' ପୂର୍ବରୁ ଶରୀରରେ ଅବଶୋଷଣ ବା ମିଳେଇ ଯିବା ଉଚିତ ! କବି ଏବେ ହୃଦୟଙ୍ଗମ କଲେ ପ୍ରବଚନଟି ସତରେ କେଡ଼େ ସତ ! ପୂର୍ବୋକ୍ତ ଉପଭୋଗରୁ ବଞ୍ଚିତ ତାଙ୍କର ଅଭାବୀ ପାକସ୍ଥଳୀରୁ ପାରଦର୍ଶିତାର ସହିତ ଦୁଇ ଧାଡ଼ିର ଏକ ଶ୍ଳୋକ ଗୁଞ୍ଜରି ଉଠିଲା :

'ପ୍ଲେ-ଗ୍ରାଉଣ୍ଡର ମାଦାମ୍, ଆର୍ ଦାୟ୍‌ନା ବାଦାମ୍ ।'

''ଅଳ୍ପ ଦିନ ପରେ ମା ହଠାତ୍ ଏକ ବିରଳ ଧାରାରେ ତାଙ୍କର ବିତରଣ କ୍ରିୟା ଘଟାଇଲେ । ସେଦିନ ବିତରଣ ସାମଗ୍ରୀଟି ଥିଲା ଜରି କାଗଜରେ ଭଲ କରି ଗୁଡ଼ା ଯାଇଥିବା ଗଦାଏ ଚକୋଲେଟ୍-ବିସ୍କୁଟ୍ ପ୍ୟାକେଟ୍ ଏବଂ ମା ମଧ୍ୟ ସେଦିନ ଖୁବ୍ ବ୍ୟସ୍ତ ଥିଲେ । ତେଣୁ ସମସ୍ତ ଗ୍ରୁପ୍-ମେମ୍ବରଙ୍କୁ ମୁହାଁମୁହିଁ ଦୁଇ ଧାଡ଼ିରେ ଛିଡ଼ା ହେବାକୁ ନିର୍ଦ୍ଦେଶ ଦେଲେ । ମା ଦୁଇ ଧାଡ଼ି ମଝିରେ ଗତି କରୁ କରୁ ଶୀଘ୍ର ଶୀଘ୍ର ଥରେ ବାମ ପାର୍ଶ୍ୱରେ ପ୍ରସାରିତ ଆଞ୍ଜୁଳାରେ ତ ଥରେ ଡାହାଣ ପାର୍ଶ୍ୱରେ ପ୍ରସାରିତ ଆଞ୍ଜୁଳାରେ ପ୍ୟାକେଟ୍‌ଟିଏ ଥୋଇ ଆଗକୁ ଅଗ୍ରସର ହେଉଥିଲେ । ଫଳରେ ବିତରଣ-କ୍ରିୟାଟି ଖୁବ୍ ଶୀଘ୍ର ଶେଷ ହୋଇଯିବ । ଠିକ୍ ଏହି ମୁହୂର୍ତ୍ତରେ କବିଙ୍କର ଐଶୀ-ଶକ୍ତି ତାଙ୍କୁ ଉପସ୍ଥିତ ବନ୍ଦୋବସ୍ତ ସମ୍ବନ୍ଧରେ ସତର୍କ କରାଇ ଦେଲା । ସେ ଚଟ୍ କରି ଆମ ଗ୍ରୁପ୍‌ର ଦୁଇ ଜଣ ବାଳକଙ୍କୁ ପାଖକୁ ପାଖ ବେଶ୍ ଯୋଡ଼ି ହୋଇ ଛିଡ଼ା ହେବାକୁ କହିଲେ; ଆଉ ନିଜେ ପଶ୍ଚାତରେ ରହି ଦୁଇ ଜଣଙ୍କ ମଧ୍ୟଦେଇ ତାଙ୍କର ପ୍ରସାରିତ ଆଞ୍ଜୁଳାଟି ସେ ଦୁହିଁଙ୍କ ଆଞ୍ଜୁଳାର ଠିକ୍ ମଝିରେ ରଖିଦେଲେ । ମା ଡାହାଣ ଓ ବାମ ଆଡ଼କୁ ନ ଚାହିଁ ଶୀଘ୍ର ଶୀଘ୍ର ପ୍ରତ୍ୟେକଙ୍କ ଆଞ୍ଜୁଳାରେ ଚକୋଲେଟ୍ ପ୍ୟାକେଟ୍ ବିତରଣ କରି ଯାଉଥା'ନ୍ତି । କବି ତ ନିଜକୁ ବେଶ୍ ସଙ୍କୁଚିତ କରି ପଛକୁ ଯେତେଟା ସମ୍ଭବ ଘୁଞ୍ଚି କରି ରହିଛନ୍ତି, ତେଣୁ ସଫଳ ହେବାର ଆଶା ନିଶ୍ଚିତ । ମା ପ୍ୟାକେଟ୍‌କୁ ହାତକୁ ନେଇ ସେହି ଅଶରୀରୀ ଆଞ୍ଜୁଳାରେ ଥୋଇବାକୁ ଯାଉଛନ୍ତି, ହଠାତ୍ ଅଟକି ଗଲେ, ମୁହଁ ଉଠାଇ ଚାହିଁଲେ । ହାୟ ଭଗବତୀ ! ସର୍ବନାଶ ! ସବୁ ଭଣ୍ଡୁର !! କବି ଏକେବାରେ ବିଭ୍ରାନ୍ତ, ଉପସ୍ଥିତ ପରିସ୍ଥିତିରେ ତାଙ୍କର ମନ-ଚୈତନ୍ୟ ଲୋପ ପାଇଗଲା । ବିନା ବିଚାରରେ ଦୁଇ ପିଲାଙ୍କ ମଝିରେ ଆବିର୍ଭୂତ ହେବାକୁ ବାଧ୍ୟ ହେଲେ ଏବଂ ତାଙ୍କ ତୁଣ୍ଡରୁ ହଠାତ୍ ମିନତିଭରା ହତାଶ କଣ୍ଠରେ କେବଳ ଏତକ ବାହାରି ଆସିଲା, 'ମା, ମା, ମୁଁ ସେଇଟିକୁ ଦୁଧ ସହିତ ଖାଇବି ।' ମା'ଙ୍କ ମୁଖମଣ୍ଡଳରେ ତତ୍‌କ୍ଷଣାତ୍ ଏକ ସ୍ୱର୍ଗୀୟ ମନ୍ଦହାସ୍ୟ ଫୁଟି ଉଠିଲା – ସମସ୍ତେ ତ୍ରାହି ପାଇଗଲେ (ଦୁଇଟି ପିଲା ଓ

କବି) – କବିଙ୍କର ପ୍ରସାରିତ ଉତ୍ସୁକ ଆଞ୍ଜୁଳାରେ ଶ୍ରୀମା ଚକୋଲେଟ୍ ପ୍ୟାକେଟ୍‌ଟି ଥୋଇ ଦେଲେ ।...

''ବର୍ତ୍ତମାନ କବିଙ୍କୁ ଆମ ଗ୍ରୁପ୍‌ରେ ଡାକ୍ତରଙ୍କ ଦ୍ୱାରା ହେଉଥିବା ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷାରେ ଯୋଗ ଦେବାକୁ ହେବ । ଇତିପୂର୍ବରୁ ତାଙ୍କ ଶରୀରରେ ତ ବିଭିନ୍ନ ରୋଗ-ରୂପକ ଅତିଥି ଆମନ୍ତ୍ରିତ ହୋଇ ତାଙ୍କ ସହିତ ବେଶ୍ ଭଲ ସମ୍ବନ୍ଧ ସ୍ଥାପନ କରିଥା'ନ୍ତି । ଭାଗ୍ୟକୁ ଏହି ଡାକ୍ତରୀ ପରୀକ୍ଷା ସକାଶେ ଜଣେ ନୂତନ ଡାକ୍ତର ଆସି ପହଞ୍ଚିଲେ । ଆମମାନଙ୍କ ଗହଣରେ କବିଙ୍କୁ ଜଣେ ଗ୍ରୁପ୍ ମେମ୍ବର ହିସାବରେ ଦେଖି ଡାକ୍ତର ବାବୁ ତାଙ୍କୁ ଆପାଦ-ମସ୍ତକ ଅନାଇଲେ ଏବଂ ତାଙ୍କୁ ପଚାରିଲେ, 'ତୁମର କ'ଣ ଅସୁବିଧା ରହିଛି ?' କବି ତାଙ୍କର ସ୍ୱଭାବସିଦ୍ଧ ମନ୍ଥର ଓ ନିଦ୍ରାଳୁ କଣ୍ଠରେ ଆବୃତ୍ତି କରିବାକୁ ଲାଗିଲେ, 'ବହୁ ମୂତ୍ର, ଉଚ୍ଚମାନର ରକ୍ତଚାପ, ...', ତା'ପରେ ମୁହୂର୍ତ୍ତକ ସକାଶେ ରହି ଭାବି ନେଲେ ଯେ ଏତେସବୁ ନାମର ତାଲିକା ଦେବା ଅପେକ୍ଷା ଏହା କହିବା ଭଲ ହେବ – 'ଡାକ୍ତର ବାବୁ, ମୋର ଯେ କ'ଣ ଅସୁବିଧା ନାହିଁ, ସେକଥା ପଚାରନ୍ତୁ । ମୁଁ ହେଉଛି ବୀଜାଣୁର ଏକ ଚିଡ଼ିଆଖାନା (I am a zoological garden of bacteria.) ।' ସତକୁ ସତ କବିଙ୍କର ସେତେବେଳେ ଉଚ୍ଚମାନର ରକ୍ତଚାପ, ତୀବ୍ର ମଧୁମେହ, ଯକ୍ଷ୍ମା, ଥ୍ରୋମ୍ବୋସିସ୍ (ଶରୀରର ଗୋଡ଼ ବା ଅନ୍ୟ ଅଙ୍ଗପ୍ରତ୍ୟଙ୍ଗର ଶିରା-ପ୍ରଶିରାରେ ରକ୍ତ ଜମାଟ ବାନ୍ଧିବା ରୋଗ), ଅଲସର୍ (ପେଟରେ ବା ଅନ୍ତ୍ରନାଡ଼ିରେ ଘା'), ଚିର ସହଚର ସର୍ଦ୍ଦି, ... । ଡାକ୍ତର ବାବୁ ତ ଏକେବାରେ ହତବୁଦ୍ଧି । ସେ ତତ୍‌କ୍ଷଣାତ୍ ଉଠି ତାଙ୍କର ମୁଖ୍ୟ ଡାକ୍ତରୀ ପୋଥିସବୁରୁ ପରାମର୍ଶ ଲୋଡ଼ିବାକୁ ତତ୍ପର ହେଉଥିବା ଦେଖି ଆମର କ୍ୟାପ୍‌ଟେନ୍ ମୋନା ବା ଉପସ୍ଥିତ ଅନ୍ୟ କେହି ଡାକ୍ତରଙ୍କୁ କହିଲେ, 'ଆପଣ ଏମିତି ତାଙ୍କର ଏକ ଉପର-ଠାଉରିଆ ପରୀକ୍ଷା କରିଦେଲେ ଚଳିବ, – ତାଙ୍କର ବାକିସବୁ ସମସ୍ୟାର ଯତ୍ନ ନିଆ ଯାଉଛି ।' ଏବେ, ତାଙ୍କର 'ବାକିସବୁ'ର ଭାର କିଏ ନେଉଥିଲେ ?... ନିମ୍ନୋକ୍ତ ଘଟଣାଟି ନିର୍ଣ୍ଣିତ ରୂପେ ସେସବୁର ପ୍ରମାଣ ଦେବ ।

''କବି ଜିପ୍‌ମର୍ ହସ୍‌ପିଟାଲରେ ଥିବାବେଳର ଏକ ଘଟଣା । ... ଅଭ୍ୟାସଗତ ଭାବରେ କବି ଏବେ ହସ୍‌ପିଟାଲରେ ଭର୍ତ୍ତି ହେଲେ – ସିଧାସଳଖ ଶଯ୍ୟାଶାୟୀ । 'ଏକ୍ସ-ରେ' ନିଆଗଲା, ରୋଗ ନିର୍ଣ୍ଣୟ କରିବାର ଗଭୀର ଅନୁସନ୍ଧାନପୂର୍ବକ ସମଗ୍ର ଶରୀରରେ ତୀବ୍ର କମ୍ପନ ଆଦିର ପ୍ରୟୋଗ କରାଗଲା – ସାଧାରଣତଃ ହସ୍‌ପିଟାଲରେ ରୋଗୀ ଯେମିତି ଅଭ୍ୟର୍ଥନା ପାଇଥାଏ । କବି କିନ୍ତୁ ସେସବୁଥିରେ ବୀତସ୍ପୃହ ହୋଇ ତାଙ୍କର ତଦନ୍ତକାରୀ ଡାକ୍ତର, ଚତୁଃପାର୍ଶ୍ୱରେ ସେବା-ଶୁଶ୍ରୂଷାକାରୀ ନର୍ସ ତଥା ଆନୁଷଙ୍ଗିକ ସାହାଯ୍ୟକାରୀ ବ୍ୟକ୍ତିଗଣଙ୍କ ସହିତ ଥଟ୍ଟା-ତାମସା କରି ଅବିଳମ୍ବେ ବେଶ୍ ଘନିଷ୍ଠତା ଜମାଇ ଦେଲେ – ଯେମିତିକି ଅନ୍ୟ କେହି ଜଣେ ରୋଗୀଙ୍କୁ ଉପରୋକ୍ତ ଗୁରୁତର ପରୀକ୍ଷା-ନିରୀକ୍ଷା କରାଯାଉଛି । ପରିଶେଷରେ ତାଙ୍କୁ ତାଙ୍କର ଓ୍ୱାର୍ଡ୍‌କୁ ଚକଲଗା ଚେୟାରରେ ଅଣା ହେଲା । ପ୍ରକୃତରେ କହିବାକୁ ଗଲେ ତାଙ୍କର ସ୍ୱାସ୍ଥ୍ୟ ଆଦୌ ଭଲ ନଥିଲା । ରକ୍ତ-ଚାପ ଥିଲା ଅତ୍ୟୁଚ୍ଚ ମାନର, ମଧୁମେହ ରୋଗଜନିତ ବିପତ୍ତି ତା'ର ଚରମ ସୀମାରେ ଉପନୀତ ହୋଇ ସାରିଥିଲା ।

'' ଆଉ ଅଳ୍ପ ଦିନ ବ୍ୟବଧାନରେ 'ଦର୍ଶନ ଦିବସ' । ଶ୍ରୀମା ନୂତନ ବାଲ୍‌କୋନି (ଟେରେସ୍)*ରେ ଦର୍ଶନ ଦେବେ । କବି ଚାହିଁଲେ ସେହି ଦର୍ଶନକୁ ସେ ଯିବେ । ଡାକ୍ତର ଦୃଢ଼ କଣ୍ଠରେ ପ୍ରତିବାଦ କରି କହିଲେ, 'ଆପଣଙ୍କର ଏପରି ଶାରୀରିକ ଅବସ୍ଥାରେ ଚଲାବୁଲା କରିବା ଏକେବାରେ ଅସମ୍ଭବ ।' କବି କିନ୍ତୁ ସୁଯୋଗ ପାଇବା ମାତ୍ରେ ଡାକ୍ତରଙ୍କୁ ଦୃଢ଼ ଓ ଅବିଚଳିତ ଭାବରେ ଅନୁରୋଧ କରି ଚାଲିଲେ ଯେ ସେ ଦର୍ଶନକୁ ଯିବାକୁ ଚାହାନ୍ତି । ଡାକ୍ତର କେବଳ ଡାକ୍ତର ନଥିଲେ, ସାହାଯ୍ୟକାରୀ ବନ୍ଧୁ ବି ଥିଲେ, ତଥାପି ସେ ତାଙ୍କର ମନ୍ତବ୍ୟରେ ଅଟଳ ରହିଲେ । ସେଇଠୁ କବି ତାଙ୍କର କତିପୟ 'ପବିତ୍ର' ପରିକଳ୍ପନା ମଧ୍ୟରୁ ଗୋଟିକରେ ବେଶ୍ ଅନୁରକ୍ତ ହୋଇ ଉଠିଲେ । ସେ ଡାକ୍ତରଙ୍କୁ କହିଲେ, 'ଆପଣ ମୋ ସହିତ କାର୍‌ରେ ବସିବେ, ମୋର ମଣିବନ୍ଧ ଧରିବେ, ନାଡ଼ିର ସ୍ପନ୍ଦନ ଅନବରତ ଲକ୍ଷ୍ୟ କରିବେ, ଆମେ ଏଠାରୁ ଆଶ୍ରମକୁ କାର୍‌ରେ ଯିବା । ଯଦି ରାସ୍ତାରେ ଯାଉ ଯାଉ ଆପଣ ମୋର ନାଡ଼ିର ସ୍ପନ୍ଦନରେ କୌଣସି ଅବନତି ବା ବିପଦର ସୂଚନା ଲକ୍ଷ୍ୟ କରିବେ, ସେଇ ମୁହୂର୍ତ୍ତରୁ ଆମେ ପୁଣି ହସ୍‌ପିଟାଲକୁ ଫେରି ଆସିବା । ମୁଁ ପୁଣି ବିଛଣା ଧରିବି । କିନ୍ତୁ ଯଦି ମୋ ନାଡ଼ିର କୌଣସି ପରିବର୍ତ୍ତନ

* ୨୧ ଫେବ୍ରୁଆରୀ ୧୯୬୩ରୁ ଶ୍ରୀମା ନୂତନ ବାଲ୍‌କୋନିରୁ ଦର୍ଶନ ଦେଉଥିଲେ । ନିଶିକାନ୍ତ ଖୁବ୍ ସମ୍ଭବତଃ ଏପ୍ରିଲ ୧୯୬୩ ଦର୍ଶନକୁ ଜିପ୍‌ମରରୁ ଆଶ୍ରମ ଆସିବାକୁ ଚାହୁଁଥିଲେ ।

ନଘଟେ, ତେବେ ଆମେ ଦୁହେଁ ମା'ଙ୍କର ଦର୍ଶନ ଲାଭ କରିବା ।' ଏକେବାରେ ଅଚଳ ଅବସ୍ଥାରେ ରୋଗୀଙ୍କର ଏହି ଅମାୟିକ, ସରଳ ଓ ବିଚିତ୍ର ଅନୁରୋଧପୂର୍ବକ ସମାଧାନରେ ଡାକ୍ତର ବଶ୍ୟତା ସ୍ୱୀକାର କଲେ । ସେ ବୋଧହୁଏ ମୁହୂର୍ତ୍ତକ ସକାଶେ ନିଜ ଅନ୍ତଃକରଣରୁ ଅନୁଭବ କଲେ ଯେ ଉପସ୍ଥିତ ପରିସ୍ଥିତିରେ ତାଙ୍କର ସ୍ୱୀକାରୋକ୍ତି କରିବାଟା ହେଉଛି ଏଡ଼ାଇ ଯିବାର ସହଜ ବା ପ୍ରକୃଷ୍ଟ ଉପାୟ ଏବଂ ସେ ଏବେ ରୋଗୀର ଆସନ୍ନ ଅପ୍ରୀତିକର ବା ଅପ୍ରତ୍ୟାଶିତ ପରିଣାମ ଘଟିବାକୁ ଯାଉ ଥିବାରେ ପ୍ରତ୍ୟକ୍ଷଦର୍ଶୀ ହେବେ । କାର୍ ଆସିଲା,... ହସ୍‌ପିଟାଲରୁ କାର୍ ଆଶ୍ରମ ଅଭିମୁଖେ କିଛି ଦୂର ଆଗେଇଯିବା ପରେ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ପରିଲକ୍ଷିତ ହେଲା – କାର୍‌ର ପଛ ପଟ ସିଟ୍‌ରେ ଏକସାଥିରେ ବସିଥିବା ଦୁଇ ଜଣଙ୍କ ମଧ୍ୟରୁ ରୋଗୀଙ୍କର ହସ ହସ ମୁଖମଣ୍ଡଳ ଏବଂ ଡାକ୍ତରଙ୍କର ଉତ୍କଣ୍ଠିତ ହାବଭାବ; ବୋଧହୁଏ ଉଭୟେ ହାତକୁ ହାତ ଧରିଥିବାର ଜଣା ପଡୁଥିଲା । କାର୍‌ଟି ଆଶ୍ରମର ପରିବେଶରେ ପହଞ୍ଚିବା ବେଳକୁ କବିଙ୍କର ହସ ଅଧିକ ଫୁଟି ଉଠୁଥିଲା, ଡାକ୍ତରଙ୍କ ନୟନଯୁଗଳ କ୍ରମଶଃ ବିସ୍ଫାରିତ ଓ ବିସ୍ମିତ ହୋଇ ଉଠୁଥିଲା । ନାଡ଼ିର ସ୍ପନ୍ଦନ ଭଲରୁ ଅଧିକ ଭଲ ଆଡ଼କୁ ମୁହାଁଇ ଥାଏ । ଟେରାସ୍‌ରେ ଶ୍ରୀମା ଆସି ଦଣ୍ଡାୟମାନ ହେଲେ । ଉଭୟେ ଶ୍ରୀମା'ଙ୍କର ଦର୍ଶନ ଲାଭ କଲେ । ଉଭୟଙ୍କର ହୃଦୟ ଭରି ଉଠିଥାଏ, ଡାକ୍ତରଙ୍କର ମନ କିନ୍ତୁ ଏକେବାରେ ଚିନ୍ତାଶୂନ୍ୟ । ଉଭୟେ ଅଧିକ ଆନନ୍ଦମୟ ଅନୁଭୂତି ସହ କାର୍‌ରେ ଜିପମରକୁ ବାହୁଡ଼ିଲେ ।...

''ଦୀର୍ଘ ଚାଳିଶ ବର୍ଷ ଧରି କବି ତାଙ୍କର ସେଇ ନିଦ୍ରାଳୁ ହସ, ମନ୍ଥର ଚାଲି ଓ କଥାବାର୍ତ୍ତା ବଜାୟ ରଖିଥିଲେ । ତାଙ୍କର ଭୌତିକ ଜୀବନରେ ବାର ବାର ଉତ୍ଥାନ-ପତନ (ସାଧାରଣତଃ ପତନ) ତାଙ୍କୁ କେବେହେଲେ ପ୍ରଭୂତ ମାତ୍ରାରେ କାବୁ କରି ପାରି ନ ଥିଲା । ସେ ୧୯୪୫ରେ ଯେମିତି ଥିଲେ ୧୯୭୦ ପର୍ଯ୍ୟନ୍ତ ପ୍ରାୟ ସେମିତି ରହିଥିଲେ । ତଥାପି ତାଙ୍କର ଭୌତିକ ଆବରଣ (ଶରୀର)କୁ ଆଶ୍ରା କରି ମନମୁଖୀ ଖେଳ ଖେଳୁଥିବା ବହୁବିଧ ବ୍ୟାଧି ତାଙ୍କ ଉପରେ ସୁସ୍ପଷ୍ଟ ଭାବରେ କୌଣସି ନା କୌଣସି ପ୍ରଭାବ ପକାଉଥିଲା । ତାଙ୍କର ଶାରୀରିକ ଅଧୋଗତି ଥିଲା ମନ୍ଥର କିନ୍ତୁ ଅବିରତ । ତାଙ୍କର ଶରୀରଟିରେ ସିନା ସେସବୁର ଆକ୍ରମଣ ଅବାଧରେ ଘଟୁଥିଲା, କିନ୍ତୁ ତାଙ୍କର ମାନସିକ ବା ନୈତିକ ମନୋଭାବରେ ନୁହେଁ; ଆନ୍ତର ଚେତନାରେ ନୁହେଁ । ଏପରିକି ସେ ଯମରାଜାଙ୍କର ଉପସ୍ଥିତିରେ ମଧ୍ୟ ବ୍ୟଙ୍ଗୋକ୍ତି କରୁଥିଲେ । ସେ ପ୍ରାୟ ମୋତେ କହୁଥିଲେ, 'ବୁଝିଲୁ ବାଛି, ଯମ ମୋତେ ନେଇ ଯାଇଥିଲା, ତା'ପରେ ଭାବିଲା, ୟା'କୁ ନେଇ କ'ଣ ହେବ ? ପୁଣି ଫେରସ୍ତ ନେଇ ଆସିଲା !' ତାଙ୍କର ଏହି ଉକ୍ତିରୁ ଆମେ କବିଙ୍କୁ ଜଣେ ଦୁଃଖିତ, ମର୍ମାହତ ଓ ଆତ୍ମ-ବିଶ୍ୱାସ ହରାଇଥିବା ହତୋତ୍ସାହୀ ବ୍ୟକ୍ତି ବୋଲି ଧାରଣା କରିବୁ କି ? ଯେତେବେଳେ ସ୍ୱୟଂ କବିଙ୍କ ତୁଣ୍ଡରୁ ତୁମେ ଏକଥା ଶୁଣିବ, କେବେ ବି ସେମିତି ଧାରଣା କରିପାରିବ ନାହିଁ । ପକ୍ଷାନ୍ତରେ ତୁମେ ଅନୁଭବ କରିବ ଯେ କବି ନିଜେ ଯମକୁ ଥାପୁଡ଼େଇ ସହାନୁଭୂତି ଦେଖାଉଛନ୍ତି । ମୃତ୍ୟୁର ନିକଟବର୍ତ୍ତୀ ହୋଇ ଦୀର୍ଘ କାଳ ବଞ୍ଚି ରହିଥିଲେ ମଧ୍ୟ ତାଙ୍କ ଭିତରେ ଭୟର କୌଣସି ଚିହ୍ନବର୍ଣ୍ଣ ନଥିଲା । କବି ଯେତେବେଳେ ମନସ୍ଥ କଲେ – ଯମ ଆସିଲେ, ଆଉ ସମସ୍ତଙ୍କର ଅଜ୍ଞାତରେ ସେ ନିଜେ ତାଙ୍କ ସହିତ ଖସି ପଳାଇଗଲେ ।

''ସେଦିନ ଥିଲା ୨୦ ମେ ୧୯୭୩ । ଜଣେ ବ୍ୟକ୍ତି ଆସି ମୋତେ ତାଙ୍କ ରୁମ୍‌କୁ ଡାକି ନେଇଗଲେ । କବିଙ୍କର ଶ୍ୱାସକଷ୍ଟ ହେଉଥାଏ । ଜଣେ ଡାକ୍ତରଙ୍କ ସହିତ ଅନ୍ୟ କେତେ ଜଣ ମଧ୍ୟ ତାଙ୍କ ପାଖରେ ଉପସ୍ଥିତ ଥିଲେ । ଆମେ ଅମ୍ଳଜାନ ଦେଇ ତାଙ୍କର ଯନ୍ତ୍ରଣା ଦୂର କରିବାକୁ ଚେଷ୍ଟା କଲୁ । (ସେତେବେଳେ ବ୍ୟାଗ୍ ପାଇପ୍ ବାଦ୍ୟଯନ୍ତ୍ରରେ ବ୍ୟବହୃତ ହେଉଥିବା ଭସ୍ତ୍ରକା ବା ହାପର ସଦୃଶ ବ୍ୟାଗରେ ବାର ବାର ଚାପ ଦେଇ ସରୁ ନଳୀ ଦ୍ୱାରା ରୋଗୀର ପାଟିରେ ନଳୀଟିର ମୁହଁ ପୂରାଇ ଦିଆ ଯାଉଥିଲା ଏବଂ ଏହା ଦ୍ୱାରା ରୋଗୀର ଶ୍ୱାସକଷ୍ଟ ଦୂର ହୋଇ ଯାଉଥିଲା ।) ଟିକିଏ ଭଲ ଲାଗିବାରୁ କବି ମୋତେ କହିଲେ, 'ବାଛି, ତୁମେ ଏବେ ଯାଅ, ରାତ୍ରିଭୋଜନ ଶେଷ କରି ଆସ ।'...''

ଏବେ ପାଖରେ ତାଙ୍କର ଦେଖାଶୁଣା କରୁଥିବା ଅପର୍ଣ୍ଣା ଦେବୀଙ୍କ ବର୍ଣ୍ଣନାରୁ : ଅପର୍ଣ୍ଣା ଦେବୀ ତାଙ୍କୁ ପଚାରିଲେ, 'ଏବେ ଟିକିଏ ଭଲ ଲାଗୁଛି, ଦାଦା ?' କବି ଅନେକ କ୍ଷଣ ପରେ କ୍ଷୀଣ ସ୍ୱରରେ କହିଲେ, 'ବାହ୍ୟ ଚେତନା ମୋର ଆଚ୍ଛନ୍ନ ହୋଇ ଆସୁଛି, ଭିତରେ ସବୁ ଠିକ୍ ଅଛି ।' ''

ସନ୍ଧ୍ୟା ପରର ଅନ୍ଧକାର ଘୋଟି ଆସୁଥିଲା । କବିଙ୍କର କକ୍ଷଟି ଆଲୋକିତ । ସେ ଧୀରେ ଧୀରେ ତାଙ୍କର ଡାହାଣ ହାତକୁ ଛାତି ଉପରେ ବୁଲାଇ କିଛି ଅଣ୍ଡାଳୁ ଥିବାର ଲକ୍ଷ୍ୟ କରି ଅପର୍ଣ୍ଣା ଦେବୀ ପଚାରିଲେ, 'ଦାଦା, କ'ଣ ଖୋଜୁଛନ୍ତି ?'

– 'ମାଆଙ୍କର ଆଶୀର୍ବାଦ ପୁଷ୍ପପ୍ରସାଦ ପକେଟ୍‌ରେ ଅଛି ତ ?' – 'ହଁ, ଅଛି ! (ଅପର୍ଣ୍ଣା ଦେବୀ ଦାଦାଙ୍କ ହାତକୁ

ନେଇ ପକେଟ୍‌ରେ ଥିବା ପୁଷ୍ପ ପ୍ରସାଦର ସ୍ପର୍ଶ କରାଇ) ଏଇ ତ !' କବିଙ୍କ ଓଷ୍ଠାଧରରେ ଫୁଟିଉଠିଲା ବିଦାୟବେଳାର ଅନ୍ତିମ ସ୍ମିତହାସ୍ୟ । ଅର୍ଦ୍ଧ-ନିମୀଳିତ ନୟନ-ଯୁଗଳ ସ୍ଥିର । ମୁଖମଣ୍ଡଳରେ ସର୍ବାନ୍ତଃକରଣରେ ସମର୍ପିତ ପ୍ରଶାନ୍ତି – 'ତୋମାର୍ ଦେଓୟା ଜନ୍ମ ତୋମାୟ ଦିଲାମ୍' ।

ରାତ୍ରି ଦଶଟା । ବାଟ୍ଟି ଫେରି ଆସି ଦେଖିଲେ ଯେ ସେ ଆଉ ନାହାନ୍ତି । ବାଟ୍ଟିଙ୍କ ଉକ୍ତିରେ : ''ପୁଣି ନିଜକୁ ମା'ଙ୍କ ପାଦପଦ୍ମ ତଳେ ଶୁଆଇ ଦେଇଛନ୍ତି ଏକ ଅଧିକତର, ଅସାଧାରଣ ଉପଲବ୍ଧି ନିମିତ୍ତ ।...

''ସେ ମୋତେ ପ୍ରାୟ କହୁଥିଲେ, 'ବାଟ୍ଟି, ମୁଁ ମରିବାକୁ ଯାଉଛି । କିନ୍ତୁ ପୁଣି ଏଠାକୁ ଫେରି ଆସିବି । ତୁମେ ଦେଖିବ, ଏକ ଉତ୍ତମ ସ୍ୱଭାବର ନବୀନ, ସୁସ୍ଥ ଦମ୍ପତି ମୋତେ ଜନ୍ମ ଦେଇ ସାଥିରେ ଏଠାକୁ ନେଇ ଆସିବେ । ତୁମେ ଦେଖିବ, ପିଲାଟିର ଢିମା ଢିମା ଚକ୍ଷୁ ଆଉ ସେ ମିଠା ଖାଇବାକୁ ବେଶ୍ ଆଗ୍ରହ ପ୍ରକାଶ କରୁଥିବ ।...' ''

୧୯୭୮ ମସିହା ଫେବ୍ରୁଆରୀ ୨୧ରେ ଶ୍ରୀମା'ଙ୍କର ଜନ୍ମଶତବାର୍ଷିକୀ ଅନୁଷ୍ଠାନ ଦେଖିବାକୁ କବିଙ୍କର ତୀବ୍ର ଇଚ୍ଛା ଥିଲା । କିନ୍ତୁ ସେ ବେଶ୍ ହୃଦୟଙ୍ଗମ କରିଥିଲେ ଯେ ଶରୀର ସେତେଦିନ ପର୍ଯ୍ୟନ୍ତ ଆଉ ଟେକିବ ନାହିଁ । ତେଣୁ ସେ ଅପର୍ଣ୍ଣାକୁ ପ୍ରାୟ କହୁଥିଲେ, 'ଅପନ୍ (ଅପର୍ଣ୍ଣା), ମୁଁ ମା'ଙ୍କର ଶତବାର୍ଷିକୀ ଶ୍ରୀଅରବିନ୍ଦଙ୍କ ସମାଧି ଉପରେ ସର୍ଭିସ୍ ଟ୍ରୀର ଡାଳରେ ପକ୍ଷୀଟିଏ ହୋଇ ବସି ଦେଖିବି ।'

ଆସିବାକୁ ଲାଗିଲେ ଅଜାତଶତ୍ରୁ କବିଙ୍କର ବହୁ ସ୍ନେହଭାଜନ, ବନ୍ଧୁବାନ୍ଧବ । ଦଳବଦ୍ଧ ହୋଇ ଆସି ତାଙ୍କର ଶଯ୍ୟା ପାର୍ଶ୍ୱରେ ସେମାନଙ୍କର ନୀରବ ଶ୍ରଦ୍ଧାର ଗୁଚ୍ଛ ଗୁଚ୍ଛ ଗୋଲାପ, ପଦ୍ମ ଓ ଧୂପ ଥୋଇବାକୁ ଲାଗିଲେ । ହୁଏତ ଏମାନଙ୍କ ସହିତ କାବ୍ୟ-ଲୋକର ଦେବଗଣ ମଧ୍ୟ ଅଲକ୍ଷ୍ୟରେ ଆସି ପାରିଜାତ ଓ ମନ୍ଦାର ରଖୁଥିଲେ ।

ନୀରଦଙ୍କ ଉକ୍ତିରେ : ''ପ୍ରାତଃକାଳରେ ହାତରେ ପଦ୍ମ ଫୁଲଟିଏ ଧରି କବିଙ୍କର ସମାଧିସ୍ଥ ଦେହ ଦେଖିବାକୁ ଗଲି । ତାଙ୍କର ଜୀବଦ୍ଦଶାରେ ଦୁଃଖକଷ୍ଟ ଦେଖି ଦେଖି ଏବେ ମୋର ଅନ୍ତରର ବେଦନା ଉପଶମ ହେଲା । ଦେଖିଲି ତାଙ୍କର ମୁଖମଣ୍ଡଳରେ କି କମନୀୟ ଶାନ୍ତି ! ମନେ ମନେ କହି ଉଠିଲି : 'After life's fitful fever, he sleeps well.'

''ଆଶା କରେ 'ବାଂଲାର୍ ବୁଲ୍ ବୁଲ୍'ଙ୍କର ଶେଷ ପ୍ରାର୍ଥନା ମଞ୍ଜୁର ହେବ । ପରେ ତାଙ୍କର ଆତ୍ମା... ମା'ଙ୍କର 'ସ୍ୱର୍ଣ୍ଣ ଶିଶୁ' ହୋଇ ଫେରି ଆସିବେ ଏବଂ ତାଙ୍କ ଦେହ-ବୀଣାର ପ୍ରତି ତନ୍ତ୍ରୀରେ ଝଙ୍କୃତ ହେବ ଅତିମାନସର ସୁରମୂର୍ଚ୍ଛନା ।''

ବାଟ୍ଟିଙ୍କ ଉକ୍ତିରେ : ''ଆଜିକୁ କୋଡ଼ିଏ ବର୍ଷରୁ ଅଧିକ (୨୦୦୩ରେ ଲିଖିତ) ବିତିଗଲାଣି, ତଥାପି ଆମେ କବିଙ୍କୁ ତାଙ୍କର ଚରିତ୍ରବତ୍ତା, ଗୁଣ-ଗରିମା, ସାମର୍ଥ୍ୟ ଆଦି ସମ୍ବନ୍ଧେ ପ୍ରକୃତରେ କଳନା କରି ପାରିଛୁ କି ? ତାଙ୍କ ମନନ-ଚିନ୍ତନର ନିତ୍ୟ ନିବାସସ୍ଥଳ ଥିଲା ଅନ୍ତର୍ମୁଖୀ; ନିଜସ୍ୱ ଅନ୍ତଃକରଣରେ ଏବଂ ଊର୍ଦ୍ଧ୍ୱତର ଲୋକରୁ ସେ ସର୍ବଦା ଲାଭ କରୁଥିଲେ ତାଙ୍କର ସୃଜନଶୀଳ ଭାବନା ଓ ପ୍ରେରଣା । ତେଣୁ ଯେଉଁ ଆଲୋକମୟ ଭାସ୍ୱର ଲୋକରେ ସେ ଅବଗାହନ କରୁଥିଲେ ସେଇଟିକୁ ତ ଆମେ କେବେ ବି ଦେଖି ପାରୁ ନଥିଲୁ; କିନ୍ତୁ ସେ ସେହି ସ୍ଥିତିରେ ସର୍ବଦା ରହି ଇହଲୋକକୁ ନିଜର ଏକ ଅବିଚ୍ଛେଦ୍ୟ ସାଥି(ଛାୟା ବା shadow)କୁ ପ୍ରେରଣ କରୁଥିଲେ । ଆମମାନଙ୍କ ଗହଣରେ ତାଙ୍କର ସେହି ଛାୟାହିଁ ବିଚରଣ କରୁଥିଲା । (A man who walked in his shadow.) ଏବେ ମୋର ସନ୍ଦେହ ହୁଏ, ଆମମାନଙ୍କ ଗହଣରେ ରହିବା ସକାଶେ ସେ ତାଙ୍କର ସେହି ଊର୍ଦ୍ଧ୍ୱସ୍ଥିତିରୁ ନିମ୍ନକୁ ଓହରି ଆସୁଥିଲେ କି ? ଅଥବା ଏଠାରେ ତାଙ୍କର ଜୀବନ-ସଂଗ୍ରାମରେ ବିଜେତା ହେବା ସକାଶେ କେବଳ ମୁହୁର୍ମୁହୁଃ ଟିକିଏ ନଇଁ ପଡ଼ୁଥିଲେ ମାତ୍ର ? ତେଣୁ କବି ଆମ ମାନସପଟରେ ତଥା ଆମର ଅନ୍ତଃକରଣରେ ଏକ ଦ୍ରଷ୍ଟା ରୂପେ ଏବଂ ଆମର କଳ୍ପନା-ରାଜ୍ୟରେ ଏକ ଆଦର୍ଶ, ଉଚ୍ଚାଭିଳାଷୀ ଓ କଳ୍ପନାପ୍ରବଣ ବ୍ୟକ୍ତି ହିସାବରେ ଚିର ଅମ୍ଳାନ ରହିଥିବେ । ତଥାପି ମହତୀ ବ୍ରହ୍ମପୁତ୍ର କ୍ଷୀଣ ସ୍ରୋତରେ ପ୍ରବହମାନ ।''

(ସମାପ୍ତ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

---

**ତଥ୍ୟ ନିର୍ଦ୍ଦେଶିକା :**

୧. Prabhakar (Batti) : Nishikanto (Kobi) Roy Choudhury, 'Among the Not so Great.'; (୨) ନୀରଦବରଣ : 'ସାଧକ କବି ନିଶିକାନ୍ତ', ଏବଂ 'ରଚନା-ବିଚିତ୍ରା' (ବଙ୍ଗଳା); (୩) ଡାଲିୟା ସରକାର : 'କବି ନିଶିକାନ୍ତ', ଅନ୍ତିମ ଅଧ୍ୟାୟ (ବଙ୍ଗଳା) ।

# ରାଣୀ ଲକ୍ଷ୍ମୀବାଈ

## ସୂର୍ଯ୍ୟକାନ୍ତି ମହାନ୍ତି

ନାରୀ ମହନୀୟତାର ଭୂମି ଭାରତବର୍ଷକୁ ସ୍ୱାଗତମ୍ ।

ରାଣୀ ଲକ୍ଷ୍ମୀବାଈ – ସ୍ୱାଧୀନତା ସଂଗ୍ରାମର ବୀରା ନାରୀ, ଯିଏ ଥିଲେ ଦେଶପ୍ରେମ, ବୀରତ୍ୱ ଓ ଆତ୍ମ-ସ୍ୱାଭିମାନର ନିଦର୍ଶନ ଏବଂ ଯିଏ ଥିଲେ ଏକ ଛୋଟ ରାଜ୍ୟର ରାଣୀ, ମାତ୍ର ଥିଲେ ଗୌରବର ସୀମାହୀନ ସାମ୍ରାଜ୍ୟର ସାମ୍ରାଜ୍ଞୀ – ତାଙ୍କର ସାହସିକ ଜୀବନ ଥିଲା ଏକ ପୁଣ୍ୟଶ୍ଲୋକ ପରି ।

ରାଣୀ ଲକ୍ଷ୍ମୀବାଈ – ଯାହାଙ୍କର ନାମ ମଣିକର୍ଣିକା ଏବଂ ଡାକ ନାମ ମନୁ – ତାଙ୍କର ଜନ୍ମ ହୋଇଥିଲା ମହାରାଷ୍ଟ୍ରର ସତାରାରେ, ୧୯ ନଭେମ୍ବର ୧୮୩୫ ମସିହାରେ ।[୧] ତାଙ୍କର ପିତା ମୋରପନ୍ତ ଏବଂ ମାତା ଥିଲେ ଭାଗୀରଥି ବାଈ । ମାତ୍ର ଚାରିବର୍ଷ ବୟସରେ ମନୁ ମାତୃହରା ହେଲେ । ଏଣୁ ତାଙ୍କର ଲାଳନପାଳନର ସମ୍ପୂର୍ଣ୍ଣ ଦାୟିତ୍ୱ ପିତାଙ୍କ ଉପରେ ନ୍ୟସ୍ତ ରହିଲା । ଏହି ଛୋଟ କନ୍ୟାକୁ ନେଇ ବିଠୁରର ପେଶୱା ବାଜିରାଓଙ୍କ ଆଶ୍ରୟରେ ରହିବା ପାଇଁ ମୋରପନ୍ତ ସ୍ଥିର କଲେ । ବାଜିରାଓ ବି ଉଦାରତାପୂର୍ବକ ତାଙ୍କ ରାଜ୍ୟରେ ସେମାନଙ୍କୁ ସ୍ଥାନ ଦେଲେ । ଫଳରେ କନ୍ୟା ସହ ମୋରପନ୍ତ ପେଶୱାଙ୍କ ପରିବାରରେ ରହିବାକୁ ଲାଗିଲେ । ଶ୍ରଦ୍ଧାରେ ପେଶୱା ମନୁକୁ ଛବିଲି ବୋଲି ଡାକୁଥିଲେ । ପେଶୱା ତାଙ୍କ ପୋଷ୍ୟପୁତ୍ର ନାନା ସାହେବ ଓ ପୁତୁରା ରାଓ ସାହେବଙ୍କ ସହ ମନୁବାଈଙ୍କର ଶିକ୍ଷାଦୀକ୍ଷାର ସୁବ୍ୟବସ୍ଥା କଲେ । ଫଳରେ ମନୁବାଈ ଅଶ୍ୱାରୋହଣ, ଅସ୍ତ୍ର ସଞ୍ଚାଳନ ଏବଂ ବନ୍ଧୁକ ଚାଳନା ଶିକ୍ଷାରେ ଦକ୍ଷତା ଅର୍ଜନ କରିଥିଲେ ।

ବାଲ୍ୟାବସ୍ଥାରୁହିଁ ମନୁ ତେଜସ୍ୱିନୀ ଥିଲେ ଏବଂ ନିଜ କଥାରେ ଅଟଳ ରହୁଥିଲେ । ଏକଦା ନାନା ସାହେବ ମନୁକୁ ହାତୀରେ ବସିବାକୁ ମନା କରିବାରୁ ସେ ସେଥିପାଇଁ ଜିଦ୍ କରିଥିଲେ । ଏଥିରେ ପିତା ମୋରପନ୍ତ ବିରକ୍ତ ହୋଇ କହିଥିଲେ – ହାତୀରେ ବସିବା କ'ଣ ତୋ' ଭାଗ୍ୟରେ ଲେଖା ଅଛି ? ଅଯଥାଟାରେ ଜିଦ୍ କରୁଛୁ କାହିଁକି ? ମନୁ ଉତ୍ତର ଦେଇଥିଲେ – ଦଶଟା ହାତୀ ଉପରେ ବସିବା ତ ମୋ ଭାଗ୍ୟରେ ଲେଖାଅଛି ! ସମୟ ଏହାକୁ ସତ୍ୟରେ ପରିଣତ କଲା । ପରବର୍ତ୍ତୀ ସମୟରେ ଏହି ଗରିବ ବ୍ରାହ୍ମଣର କନ୍ୟା ଝାନ୍ସୀର ରାଣୀ ହୋଇଥିଲେ ।

ଝାନ୍ସୀର ରାଜା ଗଙ୍ଗାଧର ରାଓଙ୍କ ସହିତ ମେ, ୧୮୪୨ ମସିହାରେ ମନୁଙ୍କର ବିବାହ-ସଂସ୍କାର ସମ୍ପନ୍ନ ହେଲା ଏବଂ ମନୁଙ୍କର ନାମ ଲକ୍ଷ୍ମୀବାଈ ରଖାଗଲା । ସେ ଥିଲେ ଜଣେ ଯୋଗ୍ୟତା ସମ୍ପନ୍ନ ଓ ପ୍ରଜା ହିତୈଷୀ ଶାସକ । ମାତ୍ର ଗୋଟିଏ ପରେ ଗୋଟିଏ ନିଃସନ୍ତାନ ରାଜାଙ୍କର ରାଜ୍ୟ ଇଂରେଜ ସରକାର ଅଧିକାରଭୁକ୍ତ କରୁଥିବାର ଦେଖି ଝାନ୍ସୀ ରାଜ୍ୟର ଅବସ୍ଥା କ'ଣ ହେବ ବୋଲି ଭାବି ରାଜା ଚିନ୍ତିତ ରହୁଥିଲେ । ପୂର୍ବ ରାଜା ରଘୁନାଥ ରାଓ ରାଜକୋଷ ଶୂନ୍ୟ କରି ଦେଇଥିବାରୁ ଗଙ୍ଗାଧର ରାଓ ରାଜକୋଷକୁ ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ ଚେଷ୍ଟା କଲେ । ବିବାହର ଆଠବର୍ଷ ବିତିଯିବା ପରେ ବି ଗଙ୍ଗାଧରଙ୍କର ସନ୍ତାନ ନଥିଲା ।

ଊନବିଂଶ ଶତାବ୍ଦୀର ଆରମ୍ଭରେ ଇଂରେଜମାନେ ବାଣିଜ୍ୟ କରିବାକୁ ଆସି ଇଷ୍ଟଇଣ୍ଡିଆ କମ୍ପାନୀ ନାମରେ ଭାରତରେ ରାଜନୈତିକ ଶକ୍ତି ବିସ୍ତାର କରିଥିଲେ । ସେତେବେଳେ ଭାରତର ରାଜା, ମହାରାଜାମାନେ ନିଜ ନିଜ ମଧ୍ୟରେ ଝଗଡ଼ା ଓ ପ୍ରତିଯୋଗିତାରେ ବ୍ୟସ୍ତ ରହି ବ୍ରିଟିଶଙ୍କର ହସ୍ତରେ ଖେଳନା ପାଲଟି ଯାଇଥିଲେ । ଏହା ବ୍ରିଟିଶଙ୍କୁ ରାଜ୍ୟ ବିସ୍ତାର କରିବାରେ ସହାୟକ ହୋଇଥିଲା । ବାସ୍ତବରେ ବୀରତ୍ୱ ଓ ସାହସିକତାରେ ଭାରତୀୟମାନେ ଆଦୌ କମ୍ ନଥିଲେ । ମାତ୍ର ପାରସ୍ପରିକ ମନାନ୍ତର, ଈର୍ଷା, ଅସଙ୍ଗତି ଏବଂ ନିଜ ମାଟି ଓ ଶାସକମାନଙ୍କ ପ୍ରତି ବିଶ୍ୱାସଘାତକତା ପାଇଁ ସେମାନେ ସର୍ବଦା ଅସଫଳ ହେବାରେ ଲାଗିଲେ । ବାସ୍ତବରେ ଏହାହିଁ ଥିଲା ଭାରତୀୟମାନଙ୍କର ବିଫଳତାର ଗୁପ୍ତକଥା ।

୧୮୫୧ରେ ଲକ୍ଷ୍ମୀବାଈଙ୍କର ପୁତ୍ର ସନ୍ତାନ ଜନ୍ମ ଗ୍ରହଣ କଲା ।[୨] ମାତ୍ର ତିନିମାସ ପରେ ଷଡ଼ଯନ୍ତ୍ରର ଶିକାର ହୋଇ ତାଙ୍କ ପୁତ୍ର ସନ୍ତାନର ମୃତ୍ୟୁ ହେଲା । ଭବିଷ୍ୟତରେ ରାଜଗାଦିର ସୁରକ୍ଷା ପାଇଁ ଗଙ୍ଗାଧର ରାଓ ମାନସିକ ସ୍ତରରେ ଭାଙ୍ଗି ପଡ଼ିଲେ । କାରଣ, ଡେଲହାଉସୀଙ୍କ ଦ୍ୱାରା ଏପରି ଏକ ନିଷ୍ଠୁର ନିୟମ ଲାଗୁ କରାଯାଇଥଲା ଯେ ନିଃସନ୍ତାନ ହୋଇ ରହିଥିବା ରାଜାଙ୍କର ରାଜ୍ୟଗୁଡ଼ିକୁ ବ୍ରିଟିଶ ସରକାର ଗ୍ରହଣ କରିବେ, ସେ ରାଜ୍ୟର ପୋଷ୍ୟପୁତ୍ରମାନେ ରାଜ୍ୟ ପାଇ ପାରିବେ ନାହିଁ ।

ରାଜ୍ୟର ସୁରକ୍ଷା ବ୍ରିଟିଶ ସରକାରଙ୍କ ହାତରେ ରହିବ ଏବଂ ରାଜାଙ୍କର ବଂଶଧରଙ୍କୁ ଭତ୍ତା ଦିଆଯିବ । ଏକଥା ଭାବି ଭାବି ଗଙ୍ଗାଧର ରାଓ ଶଯ୍ୟାଶାୟୀ ହେଲେ । ଏସବୁ ସତ୍ତ୍ୱେ ୧୮୫୩ରେ ରାଜା ଓ ରାଣୀ ପୋଷ୍ୟ ସନ୍ତାନ ଗ୍ରହଣ କଲେ । ତା'ର ନାମ ଦେଲେ ଦାମୋଦର ରାଓ । ଏ ବିଷୟରେ ରାଜା କମ୍ପାନୀ ସରକାରଙ୍କୁ ଅବଗତ ମଧ୍ୟ କରାଇଲେ । ମାତ୍ର ବ୍ରିଟିଶ ସରକାର ଏହାକୁ ଗ୍ରହଣ କଲେ ନାହିଁ ।

୧୮୫୩ ନଭେମ୍ବର ୨୧ରେ ରାଜାଙ୍କ ମୃତ୍ୟୁ ହେଲା ।[୩] ଅଠର ବର୍ଷୀୟା ରାଣୀ ବିଧବା ହେଲେ ଏବଂ ହିନ୍ଦୁ ପରିବାରର ରୀତିନୀତି ଦ୍ୱାରା ବନ୍ଧା ହେଲେ । ତାଙ୍କ ଜୀବନର ଦୁଃଖ ଥିଲା ଅସୀମ । ଏପରି ସ୍ଥିତିରେ ରାଣୀ ଯଥାଶୀଘ୍ର ଦୁର୍ଗ ଖାଲି କରି ଚାଲିଯିବାକୁ ଏବଂ ରାଜପ୍ରାସାଦରେ ରହିବାକୁ ବ୍ରିଟିଶଙ୍କଠାରୁ ଚିଠି ଆସିଲା । ରାଣୀଙ୍କୁ ମାସିକ ଭତ୍ତା ପାଞ୍ଚ ହଜାର ଟଙ୍କା ଦିଆ ଯିବାର ପ୍ରସ୍ତାବ ବି ଇଂରେଜ ସରକାର ଦେଇଥିଲେ । ରାଣୀ ଏସବୁକୁ ବିଶ୍ୱାସ କରିପାରିଲେ ନାହିଁ; କହିଲେ – ଅସମ୍ଭବ, ମୋ ଝାନ୍ସୀକୁ ମୁଁ କେବେ ବି ବ୍ରିଟିଶ ହାତରେ ସମର୍ପିତ କରିପାରିବି ନାହିଁ । ଏଣୁ ଭବିଷ୍ୟତର ଯୁଦ୍ଧ ପାଇଁ ରାଣୀ ଅଶ୍ୱାରୋହଣ, ଖଣ୍ଡା ଚାଳନା, ବନ୍ଧୁକ ଚାଳନା, ଧନୁଶର ଚାଳନା ଆଦିରେ ଅଭ୍ୟାସ କରିବା ଆରମ୍ଭ କରି ଦେଲେ ।

ରାଣୀଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟାରେ ଥିଲା ପୂଜା, ପ୍ରାର୍ଥନା ଓ ଧାର୍ମିକ ଆଲୋଚନା ସହିତ ଯୁଦ୍ଧ ପାଇଁ ପ୍ରସ୍ତୁତି । ଥରେ କେହି ଜଣେ ବନ୍ଧୁ ରାଣୀଙ୍କୁ ପ୍ରଶ୍ନ କରିଥିଲେ ଯେ ପୁଣି କାହିଁକି ଯୁଦ୍ଧାଭ୍ୟାସ ? ଭଗବାନଙ୍କ ପାଇଁ ଅଧିକ ସମୟ ଦେବା ଏବଂ ଧ୍ୟାନରେ ନିମଗ୍ନ ରହିବା କ'ଣ ଠିକ୍ ନୁହେଁ ? ଏହାର ଉତ୍ତରରେ ରାଣୀ କହିଥିଲେ – ମୁଁ କ୍ଷତ୍ରିୟ ନାରୀ, ମୋ ଦେଶକୁ ରକ୍ଷା କରିବା ମୋର କର୍ତ୍ତବ୍ୟ । ମୁଁ ଶତ୍ରୁ ନିକଟରେ ନିଜକୁ ସମର୍ପଣ କରି ପାରିବି ନାହିଁ । ଜଣେ ଅସହାୟ ବିଧବା କାନ୍ଦି କାନ୍ଦି ମରିବା ଭଳି ଘଟଣା ମୋ ଜୀବନରେ ଘଟିବ ନାହିଁ । ମୁଁ ମୋ ଦେଶ ପାଇଁ ଲଢ଼ିବି ଏବଂ ଆବଶ୍ୟକ ହେଲେ ହସି ହସି ମୃତ୍ୟୁକୁ ବରଣ କରିବି ।

ସେତେବେଳେ ବିଭିନ୍ନ ସ୍ଥାନରେ ଭାରତୀୟମାନେ ନିର୍ଯାତିତ ହେଉଥିଲେ । ଯେଉଁ ରାଜାମାନେ ପୁତ୍ର ବିନା ରାଜ୍ୟ ହରାଇ ଥିଲେ – ତାଙ୍କ ପରିବାର, ତାଙ୍କ ଉପରେ ନିର୍ଭରଶୀଳ ଥିବା ଲୋକ ଏବଂ ଶୁଭେଚ୍ଛୁମାନେ ଅସନ୍ତୁଷ୍ଟ ଥିଲେ । ଏହି ସମୟରେ ତାନ୍ତିଆ ଟୋପେ, ରଘୁନାଥ ସିଂହ ଏବଂ ଜୱାହର ସିଂହ ଗୁପ୍ତ ଭାବରେ ରାଣୀଙ୍କୁ ଭେଟିଲେ ଏବଂ ଇଷ୍ଟଇଣ୍ଡିଆ କମ୍ପାନୀର ଔଦ୍ଧତ୍ୟ ଓ ସେମାନଙ୍କ ଦ୍ୱାରା ଲାଗୁ କରାଯାଇଥିବା କଠିନ ନିୟମ ବିଷୟରେ ଆଲୋଚନା କଲେ । ଏପରି ଏକ ପରିସ୍ଥିତିରେ ଦିଲ୍ଲୀ ସମ୍ରାଟ ବାହାଦୁର ଶାହ, ନାନା ସାହେବ ଓ ଅନ୍ୟ ଶୁଭେଚ୍ଛୁମାନେ ରାଣୀଙ୍କୁ ଭେଟିବାକୁ ଇଚ୍ଛା କଲେ । ଏଥିପାଇଁ ଏକ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରାଗଲା । ସେହି ଅନୁଯାୟୀ ଏକ ଧାର୍ମିକ ପୂଜାର ଆୟୋଜନ ହେଲା । ଏହା ଥିଲା ଦାମୋଦର ରାଓଙ୍କର ସାତବର୍ଷ ବୟସରେ ବ୍ରତ ଉପନୟନର ବ୍ୟବସ୍ଥା । ଏହି ଅନୁଷ୍ଠାନରେ ବି ଇଷ୍ଟଇଣ୍ଡିଆ କମ୍ପାନୀ ରାଣୀଙ୍କୁ ଅପମାନିତ କଲା । ଏଥିରେ ସମସ୍ତ ରାଜା ଉତ୍‌କ୍ଷିପ୍ତ ହେଲେ ।

ପୁନଶ୍ଚ ସେନାବାହିନୀରେ ସୈନ୍ୟମାନେ ଅସନ୍ତୁଷ୍ଟ ହେବାକୁ ଲାଗିଲେ; ହିନ୍ଦୁ ସୈନ୍ୟଙ୍କୁ ତିଳକ ଲଗାଇବା ପାଇଁ ବାରଣ କରାଗଲା । ଏବଂ ହିନ୍ଦୁ ଓ ମୁସଲିମ ସୈନ୍ୟମାନେ ବ୍ୟବହାର କରୁଥିବା କ୍ୟାଟ୍ରିଜ୍‌ରେ ଗାଈ ଓ ଘୁଷୁରିର ଚର୍ବି ବ୍ୟବହାର କରାଯାଉ ଥିବାର ଖବର ପ୍ରଚାରିତ ହେଲା । ଫଳରେ ଭାରତୀୟ ସେନାରେ ବିଦ୍ରୋହ ଜାଗି ଉଠିଲା । ଇଂରେଜ ଐତିହାସିକମାନେ ଅନୁମାନ କରନ୍ତି ଯେ ଏହି ଗୁଜବ ପ୍ରଚାରର ଯୋଜନାରେ ରାଣୀଙ୍କର ହାତ ଥିଲା । ଏହା ପରେ ପରେ ମେ ୧୦ ତାରିଖରେ ମିରଟରେ ବିପ୍ଳବର ନକ୍ସା ପ୍ରସ୍ତୁତ ହେଲା ଏବଂ ମେ ୩୧ ତାରିଖ ଦିନ ବିପ୍ଳବର ବହ୍ନି ଜଳି ଉଠିଲା । ଏଥିରେ ଏକ ପତାକା ବ୍ୟବହାର କରାଗଲା ଏବଂ ଚିହ୍ନ ଥିଲା ପଦ୍ମଫୁଲ – ଯାହା ଶିକ୍ଷାଦାତ୍ରୀ ସରସ୍ୱତୀ ଓ ଧନଦାତ୍ରୀ ଲକ୍ଷ୍ମୀଙ୍କର ପ୍ରତୀକ ।

ତେବେ ଏହି ଘଟଣାକୁ ଇଂରେଜମାନେ ନିଜକୁ ସୁହାଇବା ଭଳି ଭାଷା ବ୍ୟବହାର କରି ଏହାକୁ 'ସିପାହୀ ବିଦ୍ରୋହ' ଭାବରେ ନାମିତ କରିଥିଲେ; ଯାହାକି ସୂଚାଉ ଥିଲା ଯେ ଏଥିରେ କେବଳ ସୈନ୍ୟମାନେହିଁ ଭାଗ ନେଇଥିଲେ । ଅବଶ୍ୟ ଏହା ସତ୍ୟ ଯେ ଏହି ଜନତା ଯୁଦ୍ଧରେ ସୈନ୍ୟମାନେ ଅଗ୍ରଣୀ ଭୂମିକା ନେଇଥିଲେ । ତେବେ ବିପ୍ଳବରେ କେବଳ ସୈନ୍ୟ ନୁହନ୍ତି – ରାଜା, ମହାରାଜା, ସର୍ଦାର, ପେଶୱା, ନବାବ ଏବଂ ଦିଲ୍ଲୀ ସମ୍ରାଟଙ୍କ ସହ ହିନ୍ଦୁ, ମୁସଲିମ, ମୌଲବୀ, ପୁରୋହିତ ମଧ୍ୟ ଏହି ବିପ୍ଳବରେ ଯୋଗ ଦେଇଥିଲେ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ଥିଲା – ଏହି ବିପ୍ଳବରେ ନାରୀମାନେ ଏକ ଗୁରୁତ୍ୱପୂର୍ଣ୍ଣ

ଭୂମିକା ନିର୍ବାହ କରିଥିଲେ । ଏହି ବିପ୍ଳବରେ ଦୀର୍ଘ ଅଠରରୁ କୋଡ଼ିଏ ମାସ ପର୍ଯ୍ୟନ୍ତ ରକ୍ତସ୍ନାତ ଯୁଦ୍ଧ ଚାଲିଥିଲା । ଇତିହାସ କହେ ଯେ ଆମର ପରାଜୟ ହୋଇଛି । ମାତ୍ର ଦେଶର ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରି ବାରଂବାର ପରାଜିତ ହେବା ଆଦୌ ଲଜ୍ଜାଜନକ କଥା ନୁହେଁ ନିଶ୍ଚୟ । ଏହା ହେଉଛି ଗୌରବର ଏକ ସୋପାନ ।

ଏପରି ସମୟରେ ଜୁନ୍ ୪ ତାରିଖରେ କାନପୁରରେ ବିପ୍ଳବ ଜାଗି ଉଠିଲା । ସେହିଦିନହିଁ ଦିଲ୍ଲୀର ଜଣେ ହାବିଲଦାର ସ୍ୱଳ୍ପ ସୈନ୍ୟଙ୍କ ସହ ବ୍ରିଟିଶ ଦୁର୍ଗ ଉପରେ ଆକ୍ରମଣପୂର୍ବକ ଯୁଦ୍ଧ ସରଞ୍ଜାମ ଏବଂ ଅର୍ଥ ଲୁଟି ନେଲେ । ସେଠାରୁ ବ୍ରିଟିଶର ସ୍ତ୍ରୀଲୋକ ଓ ଶିଶୁମାନଙ୍କୁ ସ୍ଥାନାନ୍ତର କରି ସୁରକ୍ଷିତ ସ୍ଥାନରେ ରଖିବା ପାଇଁ ବ୍ରିଟିଶ ଅଫିସର ରାଣୀଙ୍କ ସାହାଯ୍ୟ ପାଇଁ ଅନୁରୋଧ କଲେ । ମାତ୍ର ରାଣୀଙ୍କର ସେନାବାହିନୀ ନଥିବାରୁ ସୈନ୍ୟ ସଙ୍ଗଠନ କରି ଏମାନଙ୍କୁ ରକ୍ଷା କରିବାକୁ ପ୍ରସ୍ତାବ ଦେଲେ । ଏଥିରେ ବ୍ରିଟିଶ ସମ୍ମତି ପ୍ରକାଶ କଲେ । ମାତ୍ର ଠିକ୍ ପରଦିନ ଜଣେ ବ୍ରିଟିଶ ଅଫିସରଙ୍କୁ ସୈନ୍ୟମାନେ ହତ୍ୟା କରିବାରୁ ସ୍ତ୍ରୀଲୋକ ଓ ଶିଶୁମାନଙ୍କୁ ରାଜପ୍ରାସାଦରେ ଆଶ୍ରୟ ଦେବା ପାଇଁ ରାଣୀଙ୍କୁ ଇଂରେଜମାନେ ନିବେଦନ କଲେ । ମାତ୍ର ରାଣୀଙ୍କ ସହଯୋଗୀମାନେ ଏଥିରେ ସମ୍ମତି ନଦେବାକୁ ତାଙ୍କୁ ପରାମର୍ଶ ଦେଲେ । ମାତ୍ର ରାଣୀ ଲକ୍ଷ୍ମୀବାଇ କହିଲେ – ଆମର ଯୁଦ୍ଧ ଇଂରେଜ ପୁରୁଷମାନଙ୍କ ସହ; ନାରୀ ଓ ଶିଶୁଙ୍କ ପ୍ରତି ନୁହେଁ । ଯଦି ମୋର ସୈନ୍ୟଙ୍କୁ ମୁଁ ଏ ବିଷୟରେ ନିୟନ୍ତ୍ରଣ ନ କରିବି, ମୁଁ କିପରି ଜଣେ ସେନାଧକ୍ଷ ହୋଇ ପାରିବି ? ରାଣୀ ସେମାନଙ୍କୁ ରାଜ-ପ୍ରାସାଦରେ ଆଶ୍ରୟ ଦେବା ସହ ଖାଦ୍ୟ ଓ ବସ୍ତ୍ର ବି ପ୍ରଦାନ କଲେ ।

ଏହା ପରେ ସେନାପତି ଓ ସର୍ଦାରଙ୍କ ଅନୁରୋଧ କ୍ରମେ ରାଣୀ ଲକ୍ଷ୍ମୀବାଇ ଶାସନ ଭାର ଗ୍ରହଣ କରି ପୁନର୍ବାର ଦୁର୍ଗ ଉପରେ ରାଜ୍ୟର ପତାକା ଉତ୍ତୋଳିତ କଲେ ଏବଂ ପରବର୍ତ୍ତୀ ଯୁଦ୍ଧ ପାଇଁ ଦିନରାତି ଲାଗି ପଡ଼ିଲେ । ୧୮୫୭ ଜୁନ୍‌ରୁ ୧୮୫୮ ମାର୍ଚ୍ଚ ପର୍ଯ୍ୟନ୍ତ ରାଣୀ ଶାସନ ଭାର ଗ୍ରହଣ କରିଥିଲେ ।(୪) ସେ ସୈନ୍ୟବାହିନୀକୁ ଶୃଙ୍ଖଳିତ ଓ ଉତ୍ତମ ଭାବରେ ସଙ୍ଗଠିତ କଲେ । ଏଥିରେ ଏକ ମହିଳା ବାହିନୀ ବି ଥିଲା । ସେ ସମୟରେ ଝାନ୍‌ସୀର ପ୍ରାୟ ପ୍ରତ୍ୟେକ ଘରେ ଯୁଦ୍ଧ ପାଇଁ ପ୍ରସ୍ତୁତି ଚାଲିଥିଲା । ଏସବୁ ଘଟୁଥିଲା ରାଣୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ।

ଏଥି ମଧ୍ୟରେ ସଦାଶିବ ନାରାୟଣ ରାଓ ନାମକ ଜଣେ ବ୍ୟକ୍ତି ଗଙ୍ଗାଧର ରାଓଙ୍କର କୌଣସି ଦୂର ସମ୍ପର୍କୀୟ ବୋଲି ନିଜକୁ ସାବ୍ୟସ୍ତ କରି ଝାନ୍‌ସୀ ସିଂହାସନର ହକଦାର କହି କିଛି ସୈନ୍ୟଙ୍କ ସହ ଝାନ୍‌ସୀ ଆକ୍ରମଣ କଲେ । ମାତ୍ର ରାଣୀ ତାଙ୍କୁ ଗିରଫ କରି କାରାଗାରରେ ରଖିଲେ ।

ଏହା ପରେ ଓରଛାର ଦେୱାନ ନତ୍‌ଥେ ଖାଁ ବହୁ ସଂଖ୍ୟକ ସୈନ୍ୟ ନେଇ ଝାନ୍‌ସୀ ଆକ୍ରମଣ କଲା । ମାତ୍ର ଝାନ୍‌ସୀ ରାଣୀଙ୍କ ସୈନ୍ୟମାନଙ୍କ ସହିତ ଯୁଦ୍ଧରେ ସମ୍ମୁଖୀନ ହେବା ପରେ ପରାଜୟ ସ୍ୱୀକାର କରି ସେ ନିଜ ଜାଗାକୁ ଫେରିଗଲା ।

ଏହିପରି ଭାବରେ ରାଣୀ ଲକ୍ଷ୍ମୀବାଇଙ୍କର ଯୋଗ୍ୟତା ଓ ବୀରତ୍ୱ ପ୍ରଦର୍ଶନ ଫଳରେ ସେ ସମୟରେ ଭୟଙ୍କର ରାଜନୈତିକ ଭୂମିକମ୍ପ ହେଉଥିଲା, ତଥାପି ବି ଏହି ଅଳ୍ପ ବୟସ୍କା ରାଣୀ ନିଜ ରାଜ୍ୟରେ ଶାନ୍ତି, ସୁବ୍ୟବସ୍ଥା, ପରୋପକାର ଓ କର୍ତ୍ତବ୍ୟପାଳନକୁ ନିଜର ଧର୍ମ ମନେ କରି ରାଜ୍ୟ ଶାସନ କରୁଥିଲେ । ପ୍ରଜାମାନେ ମଧ୍ୟ ଏହାକୁ ମୁକ୍ତ କଣ୍ଠରେ ସ୍ୱୀକାର କରୁଥିଲେ ।

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା :**


(୧) Jhansi Lakshmi Bai, By N. S. Ram Prasad, Publisher – Bharah Bharati Pustak Sampad.

(୨) ତତ୍ରୈବ

(୩) ତତ୍ରୈବ

(୪) ତତ୍ରୈବ

**କ୍ଲାସରେ ଶ୍ରୀମା'ଙ୍କ କାହାଣୀ :**

# ବୃଷରାଜ ଫେର୍ଦିନା

[୧୯୫୦ ମସିହା ନଭେମ୍ବର ମାସରେ ଶ୍ରୀମା ପିଲାମାନଙ୍କର କ୍ଲାସ ନେବାକୁ ଆରମ୍ଭ କଲେ । ଆଗେ ଯେଉଁଟିକୁ Guest House କୁହାଯାଉଥିଲା ଓ ପରେ ଦର୍ତୁଆର ଆନେକ୍ସ (Dortoir - Annexe) କୁହାଗଲା, ସେଇ ଗୃହର ତଳମହଲାର ଖୋଲା ବାରଣ୍ଡାରେ ଏଇ କ୍ଲାସ ହେଉଥିଲା । ଶ୍ରୀମା ଗୋଟିଏ ଛୋଟ ଚୌକିରେ ବସୁଥିଲେ ଓ ୮/୧୦ ବର୍ଷର ବାଳକବାଳିକାମାନେ ବସୁଥିଲେ ତଳେ, ଖେଳସରିବା ପରେ ଘରକୁ ଫେରିବା ଆଗରୁ ଏଇ କ୍ଲାସଟି ବସୁଥିଲା ଠିକ୍ ସନ୍ଧ୍ୟା ହେବା ପୂର୍ବରୁ ।

ଏଇ କାହାଣୀସବୁ ସେଇ ଶ୍ରେଣୀରେ ମା' କହୁଥିଲେ ବା ବହି ପଢ଼ି ପିଲାଙ୍କୁ ଶୁଣାଉ ଥିଲେ, ମାଧ୍ୟମ ଥିଲା ଫରାସୀ ଭାଷା । **ମୃତ୍ୟୁଞ୍ଜୟ ମୁଖାର୍ଜୀ** ସେଇ ଗଳ୍ପସବୁ ଶୁଣି ଆସି ବଙ୍ଗଳାରେ ଲିପିବଦ୍ଧ କରି ନେଉଥିଲେ, ନଳିନୀଦାଙ୍କୁ ଏସବୁକୁ ଦେଖାଇବା ପରେ 'ପୁରୋଧା'ରେ ପ୍ରକାଶିତ ହେଉଥିଲା । ଶ୍ରୀମା କ୍ଲାସ ନେଉଥିଲେ ରବିବାର, ମଙ୍ଗଳବାର ଓ ଶୁକ୍ରବାର ଦିନ; ସେଥିମଧ୍ୟରୁ କାହାଣୀର କ୍ଲାସଟି ଶୁକ୍ରବାର ହେଉଥିଲା । ସେଥିରେ ପିଲାମାନଙ୍କ ଛଡ଼ା ବୟସ୍କମାନେ ମଧ୍ୟ ବସୁଥିଲେ । ସେହି କାହାଣୀଗୁଚ୍ଛ ମଧ୍ୟରୁ ୧୯୫୨ ମସିହା ମେ ୬ ତାରିଖ କ୍ଲାସରେ ମା'ଙ୍କ ଦ୍ୱାରା କଥିତ କାହାଣୀଟି ନିମ୍ନରେ ଉପସ୍ଥାପନ କରାଯାଉଛି ।]

ବୃଷଭ କାହାକୁ କୁହନ୍ତି, ତୁମ୍ଭେମାନେ ନିଶ୍ଚୟ ଜାଣିଥିବ । ଗାଉଁଲି ଭାଷାରେ ଯାହାକୁ କୁହାଯାଏ ଷଣ୍ଢ । ଆଜି ତୁମ୍ଭମାନଙ୍କୁ ଗୋଟିଏ ଷଣ୍ଢର ଗଳ୍ପ ଶୁଣାଇବି । ତେବେ ଭଗବାନଙ୍କର ଏହି ଚତୁଃଷ୍ପଦ ଜୀବଟି ଆମ ରାଜ୍ୟର ଷଣ୍ଢ ଭଳି ନୁହେଁ, ଏ ହେଲା ସୁଦୂର ସ୍ପେନ ଦେଶର ଦକ୍ଷିଣ ଅଞ୍ଚଳରେ ଆଁଦାଲୁସୀ ନାମକ ଜାଗାର ଏକ ବିଖ୍ୟାତ ଷଣ୍ଢର ଗଳ୍ପ । ସ୍ପେନ ଦେଶରେ ଏହିସବୁ ବୃଷମାନଙ୍କୁ ନିଆଯାଇ ଗୋଟିଏ ପ୍ରକାର ଖେଳ ଦେଖା ହୁଏ । ବହୁଲୋକ ଟଙ୍କା ଖର୍ଚ୍ଚ କରି ଥିଏଟର ଓ ବାୟସ୍କୋପ ଦେଖିବା ଭଳି ଏହି ଖେଳ ଦେଖିବାକୁ ଯା'ନ୍ତି । ସେଠାରେ ମହା ଧୁମଧାମ ହୁଏ । ଚାରିପଟ ଘେରା ଯାଇ ଉଚ୍ଚ ଗ୍ୟାଲେରି ଥିବା ଗୋଟିଏ ବିରାଟ ମଇଦାନରେ ଦର୍ଶନ ମଣ୍ଡଳୀ ବସନ୍ତି । ଗୋଟିଏ ଖୁବ୍ ବଳିଷ୍ଠ ଷଣ୍ଢକୁ ମହାସମାରୋହ ସହକାରେ ସେଠାକୁ ଅଣାଯାଏ । ଘୋଡ଼ା ଉପରେ ଚଢ଼ି ଜଣେ ଅଶ୍ୱାରୋହୀ ହାତରେ ଗୋଟିଏ ବର୍ଚ୍ଛା ସଦୃଶ ହତିଆର ନେଇ ସେହି ଷଣ୍ଢଟିର ପିଠିରେ ଖେଞ୍ଚା ମାରେ । ଷଣ୍ଢଟି ରାଗିଯାଇ ତାକୁ ମାରିବାକୁ ଦଉଡ଼େ ଏବଂ ଲୋକଟି ତାକୁ ଆଡ଼େଇ ଆଡ଼େଇ ଘୋଡ଼ା ଛୁଟାଇ ବିଭିନ୍ନ ଖେଳ ପ୍ରଦର୍ଶନ କରେ । ସୁବିଧା ଉଣ୍ଡି ସେହି ବୃଷଭର ପିଠିରେ ଖେଞ୍ଚାମାରି ଖୁବ୍ ଜୋର୍‌ରେ ଦଉଡ଼ି ପଳାଇ ଯାଏ । ସେମାନଙ୍କ ଭାଷାରେ ଏହି ଲୋକଟିକୁ କୁହାଯାଏ 'ପିକାଦୋର' । ଶେଷରେ ଷଣ୍ଢଟି ଯେତେବେଳେ ଏକେବାରେ ପାଷାଣ୍ଡ ହୋଇଉଠେ ଅଥଚ ତାହାର ଦେହଟି କ୍ଲାନ୍ତିରେ ଅବସନ୍ନ ହୋଇପଡ଼େ, ସେହି ସମୟରେ ଆଉ ଜଣେ, ତାହାର ନାମ 'ମାତାଦୋର', ସେ ଯାଇ ଗୋଟିଏ ଖଣ୍ଡା ଦ୍ୱାରା ସେହି ଷଣ୍ଢଟିର ମଥାରେ ଆଘାତ କରେ । ଗୋଟିଏ ମାତ୍ର ଆଘାତରେ ଷଣ୍ଢଟିର ପ୍ରାଣବାୟୁ ଦେହଛାଡ଼ି ଚାଲିଯାଏ । ସେତେବେଳେ ସେହି ମଲା ଷଣ୍ଢଟିର ପେଟରେ ଦଉଡ଼ି ବାନ୍ଧି ତାକୁ ଗୋଟିଏ ଗାଡ଼ିରେ ପକାଇ କୁକୁରମାନଙ୍କ ସାହାଯ୍ୟରେ ଟାଣି ଟାଣି ଉତ୍ସବ ମଞ୍ଚର ବାହାରକୁ ନିଆଯାଏ । ସଂକ୍ଷେପରେ ଖେଳଟି ଏହିପରି । ତେବେ ଏହି ଧରଣର ଆଉ ସବୁ ସମାରୋହ ପରି ଏହାକୁ ସଙ୍ଗଠନ କରିବାରେ ବହୁ ଲୋକଙ୍କର ଆବଶ୍ୟକ ହୋଇଥାଏ, ବହୁ ଅର୍ଥ ବ୍ୟୟ କରାଯାଏ ଏବଂ ପ୍ରଚୁର ସମୟ ମଧ୍ୟ ଦେବାକୁ ହୁଏ । ସେମାନଙ୍କ ଦେଶର ଏହା ଗୋଟିଏ ଜାତୀୟ ଉତ୍ସବ ।

ଏହା ହେଲା ସଭ୍ୟ ଜଗତରେ ମଣିଷର ଅସଭ୍ୟତାର ଏକ ଅଦ୍ଭୁତ ନିଦର୍ଶନ । ଗୋଟିଏ ନିରୀହ ପଶୁକୁ କ୍ରୋଧାନ୍ୱିତ କରି ତାକୁ ମୃତ୍ୟୁ ପାଇଁ ପ୍ରସ୍ତୁତ କରିବା ଏବଂ ସମସ୍ତେ ବସି ବସି ମଜା ଦେଖିବା ଓ ଉପଭୋଗ କରିବା, ମଣିଷର ପଶୁ ଚେତନାର ଆଦିମ ବର୍ବରତାର ଉପଯୁକ୍ତ ନମୁନା । ଫ୍ରାନ୍ସରେ ମଧ୍ୟ ଏହି ଖେଳର ପ୍ରଚଳନ ଅଛି । ତେବେ ସେମାନେ କିଛିଟା ଭଦ୍ରତା ରକ୍ଷା କରନ୍ତି । ସେମାନଙ୍କର ପଶୁ ସଂରକ୍ଷଣୀ ସମିତି ସ୍ପେନ ଦେଶ ପରି ବୃଷଟିକୁ ହତ୍ୟା କରିବାକୁ ଦିଅନ୍ତି ନାହିଁ । ସେମାନେ ବୃଷଟିର ଶିଙ୍ଘରେ ପେଣ୍ଡୁ ପରି ଗୋଟିଏ କିଛି ଗୋଲାକାର ଜିନିଷ ବାନ୍ଧି ଦିଅନ୍ତି, ଯଦ୍ଦ୍ୱାରା ସେ ଯେତେବେଳେ

ଉନ୍ମତ୍ତ ହୋଇ ଅଶ୍ୱାରୋହୀକୁ ଆକ୍ରମଣ କରେ ସେତେବେଳେ ବେକାଇଦାରେ ପଡ଼ି ଅଶ୍ୱଟି ବା ତା'ର ଆରୋହଣକାରୀ ଷଣ୍ଢର ଶିଙ୍ଘରେ ବନ୍ଧା ଯାଇଥିବା ସେହି ଗୋଲାକାର ବସ୍ତୁର ତୀବ୍ର ଆଘାତରେ କ'ଣ କରିବେ କିଛି ସ୍ଥିର କରିପାରନ୍ତି ନାହିଁ ।

ଶିଶୁମାନଙ୍କ ପକ୍ଷରୁ କୌତୁହଳପୂର୍ଣ୍ଣ ପ୍ରଶ୍ନର ଉତ୍ତରରେ ଶ୍ରୀମା କହିଲେ, ସେ ଫ୍ରାନ୍ସରେ ଏହି ପ୍ରକାରର ଅପେକ୍ଷାକୃତ ଭଦ୍ର ଧରଣର ଷଣ୍ଢ ଲଢ଼େଇ ଖେଳ ଦଶ ବାରଟି ଦେଖିଛନ୍ତି; କିନ୍ତୁ ସେହି ଦୃଶ୍ୟ ଆଦୌ ବିମଳ ଆନନ୍ଦ ଉପଭୋଗର ଯୋଗ୍ୟ ନୁହେଁ । ଯାହାହେଉ, ଏତେବେଳ ପର୍ଯ୍ୟନ୍ତ ମୁଁ ତୁମ୍ଭମାନଙ୍କୁ ସ୍ପେନରେ କିପରି ଭାବରେ ଷଣ୍ଢ ଲଢ଼େଇ ହୁଏ, ସେଇ କଥା କହିଲି । ଏଥର ଅସଲ ଗଳ୍ପଟି ଶୁଣ ।

'ଆଁଦାଲୁସୀ' ହେଲା ଦକ୍ଷିଣ ସ୍ପେନର ଗୋଟିଏ ଜାଗାର ନାମ, ତାହା ମୁଁ ତୁମ୍ଭମାନଙ୍କୁ ଆଗରୁ କହିଛି । ସେଠାରେ ବଣ ଭିତରେ ପଶୁମାନଙ୍କର ଚରିବା ପାଇଁ ଗୋଟିଏ ସୁନ୍ଦର ପଡ଼ିଆ ଥିଲା । ସେହି ଜାଗାଟିରେ ଯେପରି ସବୁଜ କଅଁଳିଆ ଘାସର ବଗିଚା ଥାଏ ଏବଂ ତା' ସାଙ୍ଗକୁ ବିଭିନ୍ନ ରଙ୍ଗ ବେରଙ୍ଗର ଫୁଲ ଦେଖିବାକୁ ମିଳେ । ଯେପରି ସତେ ଅବା ଆଉ ଗୋଟିଏ ନନ୍ଦନକାନନ । ଅଧିକନ୍ତୁ ନନ୍ଦନକାନନ ମଧ୍ୟ ହାର ମାନିଯିବ । ସେଠାରେ ଅନେକ ବାଛୁରୀ ସେମାନଙ୍କର ଶୈଶବ-ଚାଞ୍ଚଲ୍ୟର କସରତ କରନ୍ତି । ସେମାନଙ୍କର ପରସ୍ପର ମଧ୍ୟରେ ଦଉଡ଼ା ଦଉଡ଼ି ଡିଆଁଡେଇଁର ଅନ୍ତ ନଥାଏ । ସେଠାରେ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ସେମାନେ ଗଛଲତା ତଳେ, ନଦୀ କୂଳରେ ଏବଂ ଏଠାରେ ସେଠାରେ ଦୌଡ଼ାଦୌଡ଼ି କରି ପୃଥିବୀ କମ୍ପାଇ ଦିଅନ୍ତି । ଅଥଚ ତାଙ୍କ ପରି ଆଉ ଗୋଟିଏ ବାଛୁରୀ ଗଛ ତଳେ ନିରୀହ ଭାବେ ଚୁପ୍‌ଚାପ୍ ହୋଇ ବସି ରହେ । ହଲଚଲ ହେବାକୁ ସେ ଏକବାରକେ ନାରାଜ । ଏଦିଗକୁ ସେଦିଗକୁ ଦଉଡ଼ା ଦଉଡ଼ି କରି ଖେଳିବା ବା ଲୁଚିକାଳି ଖେଳିବା କୌଣସିଥିରେ ତା'ର ମନ ନଥାଏ । ବିଭିନ୍ନ ପ୍ରକାର ଫୁଲ ପ୍ରତି ତା'ର ଭୀଷଣ ଆକର୍ଷଣ ଥିଲା । ଫୁଲ ଦେଖିଲେ ତା'ର ସବୁକିଛି ହୋଇଗଲା, ଏପରିକି ସେ ଫୁଲଗୁଡ଼ିକୁ ଗୋଟି ଗୋଟି କରି ଦେଖି ସେସବୁର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇଯାଏ; ନାକ ପାଖରେ ରଖି ତା'ର ସୁଗନ୍ଧ ଆଘ୍ରାଣ କରେ ଏବଂ ଅବାକ୍ ହୋଇ ତାହାକୁ ଚାହିଁ କରି ବସିଥାଏ । ପ୍ରକୃତରେ ସେ ଥିଲା କବି । ଅବଶ୍ୟ ସେ କବିତା ଲେଖେ ନାହିଁ । ବୁଝିପାରୁଛ ତ, ସେମାନଙ୍କର ତୁମ୍ଭମାନଙ୍କ ପରି ହାତ ନାହିଁ ବା ହାତରେ ଆଙ୍ଗୁଳି ମଧ୍ୟ ନାହିଁ ଯେ ସେ କଲମ ଧରି ଲେଖିପାରିବ । ତେଣୁ କବିତା ବାହାରକୁ ପ୍ରକାଶ ପାଇପାରେ ନାହିଁ । କବିତା ତା'ର ଅନ୍ତରକୁ ଅଧିକାର କରିଥିଲା । ଫଳରେ ସେ ହୋଇ ଉଠିଲା ତା'ର ସମବୟସୀମାନଙ୍କ ତୁଳନାରେ ଏକ ନମ୍ବର ଅଳସୁଆର ସର୍ଦ୍ଦାର । ଏହି ଭାବରେ ଦେଖୁ ଦେଖୁ ତିନି ବର୍ଷ କଟିଗଲା । ଫେର୍ଦିନା (ଏହାର ନାମ ଥିଲା) ସେତେବେଳକୁ ତିନି ବର୍ଷର ଯବାନ ବୃଷ । ତା'ର ଦେହରେ ବଳ ଥିଲା ଅସାଧାରଣ; ସମସ୍ତଙ୍କଠାରୁ ତା'ର ବଳ ଖୁବ୍ ବେଶୀ । କିନ୍ତୁ ହେଲେ କ'ଣ ହେବ ? ସେ ଯେ ହୋଇଉଠେ ବୃଷକୁଳର ସୃଷ୍ଟି ଛଡ଼ା ଗୋଟିଏ ଭିନ୍ନ ଜୀବ । ସେ କାହାରି ସାଙ୍ଗରେ ଖେଳାବୁଲା କରେ ନାହିଁ । କାହାରି ସାଙ୍ଗରେ ମଧ୍ୟ ମିଳାମିଶା କରେ ନାହିଁ । ଫୁଲର ଶୋଭା ଦେଖିବା ତା'ର ଜୀବନର ସବୁଠୁ ଆନନ୍ଦ । ଫୁଲର ସୁମଧୁର ଗନ୍ଧ ଶୁଙ୍ଘି ସେ ସ୍ୱପ୍ନବିଭୋର ହୋଇ ଉଠେ, ଏକା ରହେ ଓ ଘୁମାଉ ଥାଏ ।

ଦିନେ ସହରରେ ଗୋଟିଏ ବିଜ୍ଞାପନ ଜାରି ହୋଇଗଲା ଯେ ଷଣ୍ଢ ଲଢ଼ାଇ ହେବ ଏବଂ ହୃଷ୍ଟପୁଷ୍ଟ ଷଣ୍ଢ ଶିଶୁ ଖୋଜି କରି ନେବା ପାଇଁ ଦଳ ଦଳ ଲୋକ ଆସିବାକୁ ଲାଗିଲେ । ସେମାନେ ବାଛି ବାଛି କେତେଗୁଡ଼ିକୁ ଠିକ୍ କଲେ । ଫେର୍ଦିନାକୁ ସେମାନେ ନେବେ କି ନା ଭାବୁଛନ୍ତି, କାରଣ ଅନ୍ୟାନ୍ୟ ଷଣ୍ଢ ଛୁଆମାନେ ଖୁବ୍ ଭଲ ଭାବରେ ଦୌଡ଼ାଦୌଡ଼ି, ନାଚକୁଦ କରିବାରେ ଲାଗିଥିବା ସମୟରେ ସେ ଗୋଟିଏ ଗଛ ତଳେ ମଡ଼ା ଭଳି ବସି ରହିଥାଏ । ଏହିପରି ସମୟରେ ହଠାତ୍ ଗୋଟିଏ ପ୍ରକାଣ୍ଡ ବିରୁଡ଼ି ଆସି ଫେର୍ଦିନାର ପିଠିରେ ଏପରି ଭାବରେ ପଡ଼ିଲା ଓ କାମୁଡ଼ି ଦେଲା ଯେ ବିଚରାର ସ୍ୱପ୍ନ ଜଗତରେ ବିଚରଣ ଓ ଫୁଲର ଗନ୍ଧ ଉପଭୋଗ ଗୋଟିଏ ମୁହୂର୍ତ୍ତର କେଉଁ ଆଡ଼େ ଉଭେଇ ଗଲା । ସେ ରାଗିଯାଇ ଡିଆଁ ମାରିବାକୁ ଆରମ୍ଭ କଲା । ସାରା ଗୋଚାରଣ ଭୂମିଟାରେ ଏମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ଡିଆଁ ଡେଇଁ କରିବାରେ ଲାଗିଗଲା । କାହାକୁ ମାରେ, କାହାକୁ ଧକ୍କା ଦେଇ ପେଲି ଦିଏ, ଏହିପରି ଭାବରେ ପାଗଳ ପରି କାଣ୍ଡ କରିବାରେ ଲାଗି ପଡ଼ିଲା । ସମସ୍ତେ ବ୍ୟତିବ୍ୟସ୍ତ ଓ ଭୟଭୀତ ହୋଇ ଉଠିଲେ, ଅଥଚ ତା'ର ପାଗଳାମିର ବିରାମ ନାହିଁ । ମୁଣ୍ଡ ତଳକୁ କରି, ଶିଙ୍ଘ ଉଠାଇ ସେ ଯାହାକୁ ସାମନାରେ ପାଏ ତାକୁ ତଡ଼ାତଡ଼ି କରିବାରେ ଲାଗିପଡ଼େ । ବାଲି ଜମି ଜମି ଗୋଟିଏ ଉଚ୍ଚ ଢିପ ସଦୃଶ ଗଦା ହୋଇଗଲା । ଗୋଟିଏ ଗୋଇଠାରେ ସେ ତାହାକୁ ଭାଙ୍ଗି ଖେଳାଇ ଦେଲା । ଯେଉଁ

ଲୋକମାନେ ଷଣ୍ଢଛୁଆ ଖୋଜିବାକୁ ଓ ସଂଗ୍ରହ କରିବାକୁ ଆସିଥିଲେ, ହଠାତ୍ ସେମାନଙ୍କର ଗାଡ଼ିକୁ ଏପରି ଏକ ଭୁସା ଦେଲା ଯେ ଯେତେଗୁଡ଼ିଏ ଲୋକଥିଲେ ସମସ୍ତେ ପଡ଼ିଯାଇ ନିଜ ନିଜର ପ୍ରାଣ ବିକଳରେ ଦଉଡ଼ି ଦଉଡ଼ି ଗୋଟିଏ ପାଖରେ ପାଖେଇ ହୋଇ ଠିଆ ହେଲେ । କିନ୍ତୁ ଯାହା ହେଉନା କାହିଁକି ଲୋକମାନେ ଫେର୍ଦିନାର ଏହି ବାନ୍ଦରାମି ପଣିଆ ଦେଖି ବେଶ୍ ଖୁସି ହେଲେ । ସେମାନେ ଠିକ୍ କଲେ, ତାକୁ ସେମାନଙ୍କର ରଙ୍ଗମଞ୍ଚକୁ ଧରି ନେଇଯିବେ । ଏଥର ଖୁବ୍ ଚମତ୍କାର ଦୌଡ଼ ହେବ । ଏପରି ପ୍ରଚଣ୍ଡ ତାଣ୍ଡବ ନୃତ୍ୟ ଗୋଟିଏ ଷଣ୍ଢଛୁଆ ଦ୍ୱାରା ଯେ ସମ୍ଭବ ତାହା ମନେ ମନେ ସ୍ୱୀକାର ନକଲେ ମଧ ସ୍ୱଚକ୍ଷୁରେ ଏତେ ଦିନ ପରେ ସେମାନେ ଦେଖିବାକୁ ପାଇଲେ । ତେଣୁ ସେମାନେ ଅନ୍ୟାନ୍ୟ କେତୋଟି ଷଣ୍ଢଛୁଆଙ୍କୁ ନେଲେ ମଧ ସେମାନଙ୍କ ସଙ୍ଗରେ ଫେର୍ଦିନାକୁ ବିଶେଷ ଭାବରେ ଯତ୍ନ କରି ଗାଡ଼ିରେ ନେଇ ଚାଲିଲି, 'ମାଦ୍ରିଦ'କୁ । 'ମାଦ୍ରିଦ' ହେଲା ସ୍ପେନର ରାଜଧାନୀ, ତାହା ତୁମେ ତ ଜାଣିଛ । ଷଣ୍ଢଯୁଦ୍ଧରେ ବିଶେଷ ଅଂଶ ଗ୍ରହଣ କରିବା ପାଇଁ ଫେର୍ଦିନା ଚାଲିଲା 'ମାଦ୍ରିଦ'କୁ ।

କିନ୍ତୁ ଯାଉ ଯାଉ ବାଟରେ କ'ଣ ହେଲା ଜାଣ ? ତାହାର ସେହି ପିଠିରେ ବିରୁଡ଼ି କାମୁଡ଼ାର ଜ୍ୱାଳା ଇତି ମଧରେ କମ୍ ହୋଇ ଯାଇଥିଲା, ତେଣୁ ତା'ର ମିଜାଜ ଆଉ ଖପା ନଥାଏ । ସେ ପୂର୍ବପରି ଗୋଟିଏ ଖୁବ୍ ଶାନ୍ତଶିଷ୍ଟ ଜୀବ ହୋଇ ଯାଇଥାଏ । ଅର୍ଥାତ୍ ତା'ର ମାନେଟି କ'ଣ ତୁମ୍ଭେମାନେ ବୁଝି ପାରୁଛ ତ ? ସେ ପୂର୍ବର ସେହି ଅଳସୁଆ କବି ପ୍ରକୃତିର ହୋଇ ଉଠିଲା । ଇତି ମଧରେ ସେ ଆସି ସହରରେ ପହଞ୍ଚି ଯାଇଥାଏ । ଚାରିଆଡ଼େ ଖବର ପ୍ରଚାର ହୋଇଗଲା ଯେ ଏଥର ଷଣ୍ଢ ଲଢ଼େଇ ଗୋଟିଏ ଦେଖିବାର ବିଷୟ ହେବ । ସବୁଆଡ଼େ ବଡ଼ ବଡ଼ ବିଜ୍ଞାପନ ଦିଆଗଲା । ସୁଦୂର ଦକ୍ଷିଣ ଆଁଦାଲୁସୀ ଅଞ୍ଚଳରୁ ପ୍ରକାଣ୍ଡ ଗୋଟିଏ ବଣୁଆ ଷଣ୍ଢକୁ ଅତି କଷ୍ଟରେ ଧରା ହୋଇ ଅଣା ହୋଇଛି, ତା'ର ଶରୀରର ବଳ ଏତେ ସାଙ୍ଘାତିକ ଯେ ଦର୍ଶକମାନଙ୍କୁ ଖୁବ୍ ସାବଧାନ ସହ ଦୂରରେ ବସି ଲଢ଼େଇ ଦେଖିବାକୁ ପଡ଼ିବ, ନହେଲେ ବିପଦର ସମ୍ଭାବନା ରହିଛି । ଲୋକମାନଙ୍କର ସଂଖ୍ୟା ଦୁଇଗୁଣ ବଢ଼ିଗଲା । ଖେଳ ଦେଖାଇବାର ଜାଗାଟିକୁ ଆଉ ଟିକିଏ ମଜଭୁତ କରି ଘେରାଇ ଦିଆଗଲା । କିଏ ଜାଣେ, ଷଣ୍ଢରାଜ ଯଦି ଦର୍ଶକମାନଙ୍କ ମଧକୁ କୌଣସିମତେ ପଶି ଆସେ, ତେବେ ସେମାନଙ୍କର ପତ୍ତା ରହିବ ନାହିଁ । ଆଗରୁ ଖେଳ ଦେଖାଇବା ବ୍ୟାପାରଟି ଖୁବ୍ ଜାଜଜମକ ବୋଲି ତୁମ୍ଭମାନଙ୍କୁ କହିଛି । ଏହା ହେଲା ଏମାନଙ୍କ ଦେଶର ଜାତୀୟ ଉତ୍ସବ । ପ୍ରଥମେ ବ୍ୟାଣ୍ଡପାଟି ବାଜା ବଜାଇ ବଜାଇ ଆସିବେ, ତା'ପରେ ଗୋଟିକ ପରେ ଗୋଟିଏ ଶୋଭାଯାତ୍ରା କରି ଆସିବେ ଯେତେ ବୀର ଦଳ । ସେମାନଙ୍କ ହାତରେ ଖଣ୍ଡା ଓ ବର୍ଚ୍ଛା ଇତ୍ୟାଦି ସୁଶୋଭିତ ହେଉଥିବ । ସମସ୍ତେ ଆସିଲେ । ଶେଷରେ ବୃଷରାଜ ଆସିବାର ପାଳି । ଦରଜାଟି ସମ୍ପୂର୍ଣ୍ଣ ଭାବେ ଖୋଲି ଦିଆଗଲା । ଯେଉଁ ଲୋକଟି ବୃଷଟିକୁ ଭିତରକୁ ନେବା ଠାରୁ ଆରମ୍ଭ କରି ଏହି ଖେଳର ଶେଷ ପର୍ଯ୍ୟନ୍ତ ସବୁକିଛି ଦେଖାଶୁଣା କରେ ତାହାକୁ କୁହାଯାଏ, 'ତୋରେଓଦୋର' । ଖାଣ୍ଟି ସ୍ପେନ ଭାଷାରେ କୁହାଯାଏ, 'ତୋରେରୋ' । ସେ ଫେର୍ଦିନାର କାର୍ଯ୍ୟକଳାପ ବଣକୁ ଯାଇ ସ୍ୱଚକ୍ଷୁରେ ଦେଖିଛି, ସେହି ଭୟରେ ସେ ସାବଧାନ ହୋଇ ଗୋଟିଏ ପାଖରେ ଠିଆ ହୋଇ ରହିଲା । ଗୋଳମାଳ ଦେଖିବା କ୍ଷଣି ସେ କୌଣସି ମତେ ନିଜର ପ୍ରାଣଟିକୁ ବଞ୍ଚାଇ ନେବ । ଏହି ଭାବରେ ସବୁକିଛି ଠିକ୍ଠାକ୍, ସମସ୍ତେ ବୃଷରାଜଙ୍କର ଆଗମନର ପ୍ରତୀକ୍ଷାରେ ଉତ୍କଣ୍ଠ । କେହି ଭୟରେ, କେହି କୌତୁକରେ ଅଧୀର ହୋଇ ଆଗ୍ରହ ସହ ଅପେକ୍ଷାରତ । ପିକାଦୋର, ମାତାଦୋର ପ୍ରଭୃତି ଯିଏ ଯାହାର ସ୍ଥାନରେ ଆଗରୁ ଉପସ୍ଥିତ ।

କିନ୍ତୁ ବୃଷରାଜ କେଉଁଠାରେ ? କେଉଁଠାରେ ସେହି ପ୍ରଚଣ୍ଡ ତାଣ୍ଡବ ନୃତ୍ୟକାରୀ ଷଣ୍ଢକୁଳ-ତିଳକ ? 'ଫେର୍ଦିନା' ତା'ର ଆଗକାର ସ୍ୱଭାବ ପୁନଶ୍ଚ ଫେରି ପାଇଛି । ବିରୁଡ଼ି ଦଂଶନର ବ୍ୟଥା କଥା ସେ ପୂରା ଭୁଲି ଯାଇଛି । ତା'ର ଦୌଡ଼ାଦୌଡ଼ି କରିବା ପାଇଁ କୌଣସି ଉତ୍ସାହ ନାହିଁ । ସେ ଭିତରକୁ ଯିବାକୁ ଚାହେଁ ନାହିଁ । କ୍ରୀଡ଼ା ପ୍ରାଙ୍ଗଣର ପ୍ରବେଶ ଦ୍ୱାରର ଗୋଟିଏ ଖମ୍ବ ଆଢୁଆଳରେ ସେ ନିଶ୍ଚଳ ହୋଇ ବସି ରହିଲା । ଦର୍ଶକଗଣ ଖୁବ୍ ଉତ୍କଣ୍ଠିତ, ଅପେକ୍ଷା କରି କରି ସେମାନଙ୍କର ପ୍ରାଣ କଣ୍ଠାଗ୍ରତ, ପ୍ରତିଟି ସେକେଣ୍ଡ ଯେପରି ଗୋଟିଏ ଗୋଟିଏ ଘଣ୍ଟା ସଦୃଶ ମନେ ହେଉଥାଏ । ସମୟ ଯେପରି ପାଷାଣ ପାଲଟି ଯାଇଛି । କିନ୍ତୁ ବୃଷରାଜ ହଲିବାର କୌଣସି ସମ୍ଭାବନା ଦେଖାଯାଉ ନାହିଁ । ପିକାଦାର ଅର୍ଥାତ୍ ଯିଏ ଘୋଡ଼ା ଉପରେ ଚଢ଼ି ବୃଷକୁ ବର୍ଚ୍ଛାରେ ଖେଞ୍ଚି ଦଉଡ଼ାଇବ, ସେ ହଠାତ୍ ଯେପରି କିଛି ଭାବି ଦର୍ଶକମାନଙ୍କ ପଛରେ ଯାଇଁ ଲୁଚିଗଲା । ତା'ର ମନରେ ସନ୍ଦେହ ହେଲା – ଯେହେତୁ ବୃଷରାଜ ଏତେ ଡେରି କରୁଛନ୍ତି, ଏହା ପଛରେ ନିଶ୍ଚୟ ତାଙ୍କର

କୌଣସି ମତଲବ ଅଛି । ହୁଏତ ଅତର୍କିତ ଭାବରେ ଆସି ତାକୁ ଆକ୍ରମଣ କରି ବସିବେ । ଯେତେବେଳେ ଘଣ୍ଟା ପରେ ଘଣ୍ଟା କଟିଗଲା, ବୃଷରାଜ ସ୍ୱପ୍ନରେ ବିଭୋର ହୋଇ ରହିଛନ୍ତି, ସେତେବେଳେ ସାହସ କରି, 'ତୋରେରୋ' ଅର୍ଥାତ୍ ଯିଏ ଏହି ଖେଳର ପରିଚାଳକ ସେ ଆଗେଇ ଯାଇ ଫେର୍ଦିନାକୁ ଠେଲାପେଲା କରି ଉଠିବାକୁ ବାଧ୍ୟ କଲା । ବୃଷରାଜ ଫେର୍ଦିନା ଉଠି ଧୀର ପଦସଞ୍ଚାଳନ ପୂର୍ବକ ରଙ୍ଗଭୂମିରେ ଅବତୀର୍ଣ୍ଣ ହେଲେ କିନ୍ତୁ ଦୌଡ଼ ଦେଖାଇବାକୁ ଆଦୌ ରାଜି ହେଲେ ନାହିଁ । ସେଠାରେ ତାଙ୍କୁ ସ୍ୱାଗତ କରିବା ପାଇଁ ଅନେକ ଫୁଲତୋଡ଼ା ରଖା ଯାଇଥିଲା । ତା'ର ଆକର୍ଷଣରେ ଆମର କବି ସ୍ୱଭାବର ବୃଷରାଜ ଆଗେଇ ଆସିଲେ ଏବଂ ଫୁଲଗୁଡ଼ିକୁ ନାକ ସାହାଯ୍ୟରେ ଶୁଙ୍ଘିବାକୁ ଲାଗିଲେ । କିନ୍ତୁ ଦୌଡ଼ର କୌଣସି ଲକ୍ଷଣ ଦେଖାଗଲା ନାହିଁ । ଦର୍ଶକଗଣଙ୍କର ଏଥର ଧୈର୍ଯ୍ୟର ସୀମା ଅତିକ୍ରମ କରିଗଲା । ସେମାନେ କ୍ରୋଧାନ୍ୱିତ ହୋଇ ହଟ୍ଟଗୋଳ କରିବାକୁ ଆରମ୍ଭ କଲେ । 'ତାକୁ ମାର', 'ତାକୁ ଧର' ଇତ୍ୟାଦି ଚିତ୍କାର କରିବାକୁ ଲାଗିଲେ । ଜୋତା, ବାଡ଼ି ଇତ୍ୟାଦି ବୃଷ ଉପରକୁ ପକାଇବାକୁ ଆରମ୍ଭ କରିଦେଲେ । କିନ୍ତୁ ଫେର୍ଦିନା ଏକବାରକେ ନୀରବ ଓ ନିରାସକ୍ତ । ତା'ର ଏସବୁକୁ ଆଦୌ ଭ୍ରୂକ୍ଷେପ ନାହିଁ । ସେ ମହାଶାନ୍ତିରେ ସୁନ୍ଦର ଫୁଲ ତୋଡ଼ାଗୁଡ଼ିକୁ ଦେଖି ଦେଖି ସ୍ୱପ୍ନରେ ବିଭୋର ହୋଇ ଯାଇଥାଏ ।

କର୍ତ୍ତୃପକ୍ଷ ମହା ସମସ୍ୟାରେ ପଡ଼ିଲେ ! କ'ଣ କରାଯାଇ ପାରିବ, ସେମାନେ ଆଦୌ କିଛି ଭାବି ପାରିଲେ ନାହିଁ । ଘୋଡ଼ାସବାର ମଧ୍ୟ ଘୋଡ଼ା ଉପରେ ଚଢ଼ି ତା' କାନ୍ଧକୁ ବର୍ଚ୍ଛା ଦ୍ୱାରା ବିଦ୍ଧ କରି ଉତ୍ତେଜିତ କରି ପାରିଲେ ନାହିଁ । ଶେଷରେ ସେମାନେ ସ୍ଥିର କଲେ ଆଜିର ଖେଳ ଏତିକିରେ ଶେଷ କରାଗଲା । କିନ୍ତୁ ଏହା ଯେ ସମାରୋହର ପର୍ବ । ଏଠାରେ ସବୁ ଆଦବକାଇଦା ଅନ୍ୟ ରକମର । ବୃଷଟିକୁ ଯେ ତଡ଼ି ଦିଆଯିବ, ତାହା ଖାଲି କହି ଦେଲେ ହେବ ନାହିଁ । ଅନୁଷ୍ଠାନର ସିଦ୍ଧାନ୍ତକୁ ମାନି ଚଳିବାକୁ ପଡ଼ିବ । ନିୟମ ହେଉଛି ଯେ ବୃଷପର୍ବ ଶେଷ ହେଲେ ଅର୍ଥାତ୍ ଖେଳ ଶେଷ ହେଲେ 'ମାତାଦୋର' ତଲବାରଟିର ଗୋଟିଏ ଚୋଟରେ ବୃଷଟିର ମୁଣ୍ଡଟିକୁ ଦିଗଡ଼ କରି ଦେବା ପରେ ଷଣ୍ଢଟିର ପେଟରେ ଦଉଡ଼ି ବନ୍ଧାଯାଇ ତାକୁ ଗାଡ଼ିରେ ପକାଇ ବାହାରକୁ ଟାଣି ଟାଣି ନିଆହେବ । କିନ୍ତୁ ଆଜିକାର ଏହି ଉତ୍ସବର ଅସଲ ଅଂଶଟି ବାକି ରହିଗଲା । ବୃଷ ଆଦୌ ଦଉଡ଼ିଲା ନାହିଁ, ସୁତରାଂ ତାକୁ କିପରି କଟାଯିବ ? ତେଣୁ ବିଶେଷ ନିୟମ କରି ତା'ର ଲାଞ୍ଜରେ ଦଉଡ଼ି ବାନ୍ଧି ଜୀବନ୍ତ ଅବସ୍ଥାରେହିଁ ଗାଡ଼ିରେ ପକାଇ ବାହାରକୁ ପଠାଇ ଦିଆଗଲା । ଅର୍ଥାତ୍ ସ୍ପେନର ସେହି ଦକ୍ଷିଣାଞ୍ଚଳର ଆଁଦାଲୁସୀ ଅଞ୍ଚଳରେ ଥିବା ବଣ ମଧ୍ୟକୁ ନେଇ ଛାଡ଼ି ଦିଆଗଲା । ବୃଷରାଜଙ୍କର ଖେଳ ଆଉ ଦେଖିବା ସମ୍ଭବ ହେଲା ନାହିଁ । ଦର୍ଶକଗଣ କ୍ଷୁବ୍ଧ ହୋଇ ନାନାପ୍ରକାର ମନ୍ତବ୍ୟ ପ୍ରକାଶ କରି ନିଜ ନିଜର ଘରକୁ ଫେରିଗଲେ । ସେମାନଙ୍କର ଖେଳ ନ ଦେଖିବାର ପ୍ରବଳ ଉତ୍ତେଜନା ଖେଳ ଦେଖିବାଠାରୁ କିଛି କମ୍ ନଥିଲା ।

ଆଜିର ଗଳ୍ପଟି ଏହିଠାରେ ଶେଷ ହେଲା ।

ଅନୁଲେଖନ (ବଙ୍ଗଳା) : ମୃତ୍ୟୁଞ୍ଜୟ ମୁଖାର୍ଜୀ ❑

ତୁମ ପ୍ରକୃତିରେ କ'ଣ ସବୁ ତ୍ରୁଟି ରହିଛି ସେଥିରେ କିଛି ଯାଏ ଆସେ ନାହିଁ । ଯେଉଁ ଏକମାତ୍ର କଥା ଗୁରୁତ୍ୱପୂର୍ଣ୍ଣ ତାହା ହେଉଛି ନିଜକୁ ଦିବ୍ୟଶକ୍ତି ଦିଗରେ ଉନ୍ମୀଳିତ ରଖିବା । ଦିବ୍ୟ ସାହାଯ୍ୟ ବିନା କେହି କେବେ ନିଜକୁ ନିଜ ଚେଷ୍ଟାରେ ରୂପାନ୍ତର କରି ପାରିବ ନାହିଁ । କେବଳ ଦିବ୍ୟଶକ୍ତିହିଁ ବ୍ୟକ୍ତିକୁ ରୂପାନ୍ତର କରି ପାରେ । ଯଦି ତୁମେ ନିଜକୁ ଉନ୍ମୁକ୍ତ ରଖ, ଅନ୍ୟ ସବୁକିଛି ତୁମ ପାଇଁ କରି ଦିଆଯିବ ।

(୨୮.୬.୧୯୩୨) — ଶ୍ରୀଅରବିନ୍ଦ

# ମୁକ୍ତିଦାତା ପର୍ସିୟସ୍

## (୪)

## ପ୍ରତିଭା ଦାସ

[**ପୁସ୍ତିକା ସମ୍ପର୍କରେ ସାମାନ୍ୟ ସୂଚନା :** ଶ୍ରୀଅରବିନ୍ଦଙ୍କ ରଚିତ ଚାରିଗୋଟି ନାଟକ ମଧ୍ୟରୁ ଅନ୍ୟତମ ''Perseus the Deliverer'' ନାଟକର ବିଷୟବସ୍ତୁକୁ ଆଧାର କରି ଏହି ପୁସ୍ତକ ରଚିତ । ତେବେ ଏହି ପୁସ୍ତକ 'ମୁକ୍ତିଦାତା ପର୍ସିୟସ୍'ଟି ମୂଳ ନାଟକର ଅନୁବାଦ ନୁହେଁ ବା ନାଟକ ଆକାରରେ ପରିବେଷିତ ନୁହେଁ । ଏହା ମୂଳ ନାଟକର ଏକ କାହାଣୀ ରୂପାନ୍ତର ମାତ୍ର । ମୂଳ ନାଟକ ପାଞ୍ଚୋଟି ଅଙ୍କରେ ବିଭକ୍ତ ଏବଂ ପ୍ରତି ଅଙ୍କରେ ରହିଛି ତିନୋଟି ଲେଖାଏଁ ଦୃଶ୍ୟ, କେବଳ ଚତୁର୍ଥରେ ଚାରୋଟି ।

ଏହି ପୁସ୍ତକକୁ ମଧ୍ୟ ପାଞ୍ଚଟି ଭାଗରେ ବିଭକ୍ତ କରାଯାଇଛି ଏବଂ ପ୍ରତିଟି ଦୃଶ୍ୟକୁ ଯେଉଁ ସ୍ଥାନର ଘଟଣା ସେହି ସ୍ଥାନକୁ ଶିରୋନାମା ସ୍ୱରୂପ ରଖି ବର୍ଣ୍ଣନା ଦିଆଯାଇଛି । ସଂକ୍ଷେପରେ କହିଲେ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ମୂଳ ନାଟକରେ ବିଷୟବସ୍ତୁ ଯେଉଁଭଳି କ୍ରମରେ ପରିବେଷଣ କରାଯାଇଛି, କାହାଣୀ ମଧ୍ୟ ସେହି କ୍ରମ ଅନୁସରଣ କରିଛି । ଦୁଇଶହ ଏକ ପୃଷ୍ଠାର ନାଟକକୁ ଅଠାବନ ପୃଷ୍ଠାର କ୍ଷୁଦ୍ର ଅବୟବ ଭିତରେ କାହାଣୀ ରୂପ ଦିଆଯାଇଛି । କ୍ଷୁଦ୍ର ପରିସର ହେଲେ ବି ସ୍ଥାନେ ସ୍ଥାନେ ନଟୀଙ୍କ ମୁଖରେ କଥୋପକଥନ ଆକାରରେ ମୂଳ ନାଟକର ଅତୀବ ସୁନ୍ଦର ପ୍ରକାଶକୁ ଅନ୍ତତଃ ଭାବାନୁବାଦରେ ରୂପ ଦେବାର ଲୋଭ ସମ୍ବରଣ କରି ହୋଇ ନାହିଁ । ଫଳତଃ କାହାଣୀଟି ସର୍ବତୋ ରୂପେ ରଚୟିତ୍ରୀଙ୍କର ଧାରାରେ ଏକ ବର୍ଣ୍ଣନା ହୋଇ ରହି ନାହିଁ; ଏବଂ ତେଣୁ ତାହା ମୂଳ ନାଟକର ଦିବ୍ୟ ପ୍ରକାଶ ଭଙ୍ଗୀରୁ ସମ୍ପୂର୍ଣ୍ଣ ବଞ୍ଚିତ ହୋଇ ନାହିଁ ।

ମୂଳ ନାଟକଟି ଏକ ଗ୍ରୀକ୍ ପୌରାଣିକ ଉପାଖ୍ୟାନର ବିଷୟବସ୍ତୁ ଉପରେ ଆଧାରିତ । ବୀଜ ସ୍ୱରୂପ କ୍ଷୁଦ୍ର ବିଷୟବସ୍ତୁଟି ଶ୍ରୀଅରବିନ୍ଦଙ୍କ ଅମର ଲେଖନୀର ଦିବ୍ୟ ରସରେ ଅଙ୍କୁରିତ ହୋଇ ପଲ୍ଲବ-ପୁଷ୍ପରେ ମଣ୍ଡିତ ହୋଇ ଏକ ମନୋରମ ତନୁଶ୍ରୀ ଧାରଣ କରିଛି । ଶ୍ରୀଅରବିନ୍ଦଙ୍କ ରଚନା ସଂଗ୍ରହର ଷଷ୍ଠ ଖଣ୍ଡ Collected Plays ର ପ୍ରଥମ ନାଟକ ହେଲା ''Perseus the Deliverer'' । ମୂଳ ନାଟକଟି ପାଠ କରି ଶ୍ରୀଅରବିନ୍ଦଙ୍କ ଲେଖନୀର ଦିବ୍ୟରସ ଗ୍ରହଣ କରିବା ଲାଗି ଆମର ଏହି ''ମୁକ୍ତିଦାତା ପର୍ସିୟସ୍'' ଶୀର୍ଷକ ପୁସ୍ତକଟି ପ୍ରେରଣା ସ୍ୱରୂପ ହେବ ବୋଲି ଆଶା କରୁ । ଏହି ପୁସ୍ତକଟି ଧାରାବାହିକ ଭାବେ ମାସିକ ପତ୍ରିକା 'ନବପ୍ରକାଶ'ରେ ସ୍ଥାନିତ ହେବାର ପ୍ରୟାସ କରାଯାଉଛି । – ସମ୍ପାଦନା]

### ମୁକ୍ତିଦାତା ପର୍ସିୟସ୍
### ସିରିଆର ପଲ୍ଲୀ ଅଞ୍ଚଳରେ ...

ଅସ୍ତବ୍ୟସ୍ତ ଜନତା ବ୍ୟାକୁଳ କ୍ରନ୍ଦନ କରି ଇତସ୍ତତଃ ଦୌଡ଼ୁଛନ୍ତି । ସମୁଦ୍ରରୁ ରାକ୍ଷସ ଉଠି କାହାର ପୁତ୍ରକୁ ଚୋବାଇ ଖାଇଲାଣି ତ କାହାର କନ୍ୟାକୁ ବିଦାରି ପକାଇଲାଣି । ଲୋକେ ପଲ୍ଲୀ ଅଞ୍ଚଳର ଏକ ଉଚ୍ଚ ସ୍ଥାନରେ ଆସି ଆଶ୍ରୟ ନେଇ ଭାବୁଛନ୍ତି, ଏଠାକୁ ହୁଏତ ଚଢ଼ି ପାରିବନି ପୋସାଇଡ଼ନ୍‌ର ରାକ୍ଷସ । ଆଉ ସେହି ରାକ୍ଷସର ଆକୃତି କିପରି, ଗୋଡ଼ କେତୋଟି – ଏ ବିଷୟରେ ମୁଖେ ମୁଖେ ରଟୁଛି ନାନା ମତ । ଏମିତି ଆଲୋଚନା ଓ କ୍ରନ୍ଦନ ଧ୍ୱନିରେ ପଲ୍ଲୀ ଅଞ୍ଚଳ ମୁଖରିତ ହେଲା ବେଳେ ଲୋକନେତା ଥେରପ୍‌ସ ଆସି ସେଠାରେ ଉପସ୍ଥିତ ହୋଇ ସିରିଆବାସୀଙ୍କ ଲାଗି ଆହୁରି ଏକ ଆପଦ ଘୋଟି ଆସୁଥିବାର ସମ୍ବାଦ ବାଢ଼ୁଛନ୍ତି । ଏସିରିଆନ୍‌ମାନେ ଦେଶର ସୀମା ଲଂଘନ କରି ଆକ୍ରମଣ କରୁଛନ୍ତି ସିରିଆକୁ । ରାଜ୍ୟର ଉପାନ୍ତରେ ଲାଗିଯାଇଛି ଘୋର ଯୁଦ୍ଧ । ସିରିଆବାସୀ ଶ୍ୱେନ ଶୃଗାଳ ଭଳି ଚିତ୍କାର କରି ମୃତ୍ୟୁ କୋଳରେ ଲୋଟି ପଡ଼ୁଛନ୍ତି । ସିରିଆର ଦେବତା ପୋସାଇଡ଼ନ୍ ତ କୁପିତ । କିଏ ରକ୍ଷା କରିବ ସିରିଆକୁ ଏହି ଅଭାବିତ ବିପଦରୁ ?

ଜନତା ଭୀତତ୍ରସ୍ତ । ଥେରପ୍‌ସ ଜନତାକୁ ବୁଝାଉଛନ୍ତି : ଏ ସମସ୍ତ ପାଇଁ ଦାୟୀ କିଏ ଜାଣ ? ସିରିଆର ରାଣୀ କେସିଓପିଆ । ରାଜା ତ ତାଙ୍କ ହାତରେ କଣ୍ଢେଇଟି ଭଳି ନାଚୁଛନ୍ତି । ଆଉ ରାଜକୁମାରୀକୁ ଯନ୍ତ୍ର କରି ରାଣୀ ହିଁ ଉଦ୍ଧାର କରିଛନ୍ତି ସେହି ଦୁଇ ବଣିକଙ୍କୁ, ଯେହେତୁ ସେମାନେ ରାଣୀଙ୍କ

ପିତୃଦେଶର ବଣିକ । ରାଜକୁମାରୀଙ୍କର କୋମଳତାରେ ତୁମେମାନେ ମୁଗ୍ଧ ହୋଇଯିବ ବୋଲି ରାଣୀ ତାଙ୍କରି ହାତରେହିଁ କରାଇଛନ୍ତି ଏହି ଦେବ-ବିରୋଧୀ କାର୍ଯ୍ୟ । ଆଉ ଦେବତା କୁପିତ ହେବାରୁହିଁ ସିରିଆ ଆଜି ହୋଇଛି ଏହି ବିପଦର ଶିକାର ।

ଜନତା ପ୍ରଭାବିତ ହୋଇଛି । ସେ ଚିତ୍କାର କରିଛି : ତେବେ ସେହି ରାଣୀଙ୍କୁ ଧର, ମାର, ପୋଡ଼ି ଦିଅ, ଭାଜି ଦିଅ, ଖଣ୍ଡ ଖଣ୍ଡ କରି ପକାଅ । ପୋସାଇଡ଼ନ୍‌ର ଶାନ୍ତି ଲାଗି ତୁମେ ଥେରପ୍‌ସ ଯାହା କରୁଛ କର । ତୁମେ ଆମର ରାଜା ।

ଏତିକିବେଳେ ସେଠାରେ ଆସି ଉପସ୍ଥିତ ହୁଅନ୍ତି ପୁରୋହିତ ପଲିଡ଼ନ୍ । ଜନତା ତାଙ୍କୁ କରୁଣ ଅନୁଯୋଗ କରେ : ଦେବତାଙ୍କୁ ଶାନ୍ତ କର, ହେ ଆମର ଉତ୍ତମ ପୁରୋହିତ । ଆମକୁ ଉଦ୍ଧାର କର । ପୋସାଇଡ଼ନ୍‌ର ଭାଇସ୍‌ରୟ ତୁମେ । ତୁମେ ହିଁ କରିପାରିବ ଦେବତାର ଶାନ୍ତି ।

ଜନତାର ସ୍ୱୀକୃତି ଜାଣି ପୁରୋହିତ ତାଙ୍କୁ କହନ୍ତି : ତେବେ ଶପଥ କର, ତୁମେ ପୋସାଇଡ଼ନ୍‌ଙ୍କର ଇଚ୍ଛା ପୂରଣ କରିବ । ଆଉ ଥରେ ରାଣୀର ଜିହ୍ୱା ତୁମକୁ ପରିବର୍ତ୍ତିତ କରିବ ନାହିଁ ।

ଜନତା ସ୍ୱୀକୃତି ଦିଏ : ଏଥର ରାଣୀର ଜିହ୍ୱାକୁ ଆମେ ଖୁଆଇବୁ ତା'ର କୁକୁରକୁ ।

ପଲିଡ଼ନ୍ ପ୍ରଶ୍ନ କରନ୍ତି : ତେବେ ଆୟଲାସ୍ ରକ୍ତାକ୍ତ ହେବ ତ ? ଏଣ୍ଡ୍ରୋମିଡ଼ାକୁ ନଗର ପଥ ଦେଇ ଘୋଷାଡ଼ି ନେଇ ସମୁଦ୍ର ତୀରସ୍ଥ ପାହାଡ଼ରେ ଉଲଗ୍ନ କରି ବନ୍ଧା ହେବ ତ, ଯେପରି ଦେବତାଙ୍କର ଇଚ୍ଛାରେ ସେ ହୋଇପାରେ ତାଙ୍କ ରାକ୍ଷସମାନଙ୍କର ଖାଦ୍ୟ ? ସିଫିଅସ୍ ଓ କେସିଓପିଆ ମୃତ୍ୟୁ ଭଜିବେ ତ ?

ଜନତା ସାଗ୍ରହ ସ୍ୱୀକୃତି ଦିଏ । ତତ୍ପରେ ପଲିଡ଼ନ୍ ଜନତାକୁ ନିଜ ପଶ୍ଚାତରେ ଧାଡ଼ି ହୋଇ ରାଜପ୍ରାସାଦକୁ ଚଳାଇ ନିଅନ୍ତି ।

## ସାଇଡ଼ନୀର ଉଦ୍ୟାନରେ ...

ଆୟଲାସ୍, ପର୍ସିୟସ୍ ଓ ସାଇଡ଼ନୀ ଆଳାପରତ । ସେତିକିବେଳେ ଅଚାନକ ଅଣନିଃଶ୍ୱାସୀ ହୋଇ ସେଠାରେ ଧାଇଁ ଆସି ପହୁଞ୍ଚେ ଡାଇମିଡ଼ି, ରାଜକୁମାରୀଙ୍କର ପ୍ରିୟ ପରିଚାରିକା ।

ଦୁଃସମ୍ବାଦ ବାଢ଼େ ସେ : କ୍ରୁଦ୍ଧ, ଉତ୍ତେଜିତ ଜନତା ମାଡ଼ି ଆସୁଛି ରାଜପ୍ରାସାଦ ଆଡ଼େ । ମିଳିତ ଧ୍ୱନି ଜନତାର କଣ୍ଠରେ : ରାଜାକୁ ହତ୍ୟା କର, ରାଣୀକୁ କାଟି ପକାଅ । ଏଣ୍ଡ୍ରୋମିଡ଼ା, ଆୟଲାସ୍ ଭଜନ୍ତୁ ମୃତ୍ୟୁ ।

ପ୍ରକ୍‌ସିଲାର ସହାୟତାରେ ତାରି ଉପରାଣ ପିନ୍ଧି ଲୁଚିକରି ଡାଇମିଡ଼ି ପଳାଇ ଆସିଛି । ତାକୁ ଚିହ୍ନିଥିଲେ ଜନତା ଚିରି ପକାଇଥା'ନ୍ତା । ଜନତାର ସମ୍ମୁଖରେ ରହିଛନ୍ତି ପଲିଡ଼ନ୍ ।

ସାଇଡ଼ନୀ ଅଧୀରା ହୋଇ କହେ : ଓଃ, ତାକୁ ଯେ କାହିଁକି ପ୍ରସ୍ତର ନ କରା ହେଲା ?

ଆୟଲାସ୍ ଧରନ୍ତି ତାଙ୍କର ଅସ୍ତ୍ର । ସାଇଡ଼ନୀକୁ କହନ୍ତି : ଡାଇମିଡ଼ିକୁ ରଖ ପ୍ରିୟା, ତୁମର ସେବା ଲାଗି । ଆଉ ଯଦି ମୋତେ ମୃତ୍ୟୁକୁ ସ୍ୱୀକାର କରିବାକୁ ହୁଏ, ତେବେ ତୁମର ମା'ଙ୍କ ଅର୍ଥରେ ଗାଜାକୁ ପଳାୟନ କରିବ । କେବେ କେମିତି ମୋତେ ସ୍ମରଣ କରୁଥିବ ।

ସାଇଡ଼ନୀ କିନ୍ତୁ ଛାଡ଼ି ଦେବ ନାହିଁ ତା'ର ଆୟଲାସ୍‌କୁ ଏକାକୀ । ସେ ଅଡ଼ି ବସେ, ସେ ବି ଯିବ ।

ଆୟଲାସ୍ ତା'କୁ ବାଧା ଦିଅନ୍ତେ ଇତି ମଧ୍ୟରେ ସ୍ୱ ଅସ୍ତ୍ର ଧରି ପ୍ରସ୍ତୁତ ପର୍ସିୟସ୍ କହନ୍ତି : ତା'କୁ ବାଧା ଦିଅନା ଆୟଲାସ୍, ତା'ର ସାମାନ୍ୟ ବି କ୍ଷତି ହେବନି । ମୁଁ ଉତ୍ଥିତ ହୋଇଛି । ଏବେ ସମୟ ହୋଇଛି ସିରିଆ ମୋତେ ଜାଣିବ ଯେ ମୁଁ ଜିଅସ୍(ଈଶ୍ୱର) ପୁତ୍ର !

## ରାଜପ୍ରାସାଦର ଅଳିନ୍ଦରେ ...

ରାଜା ରାଣୀଙ୍କୁ ସହାୟ ହେବାକୁ ରହିଛନ୍ତି ଖାଲି ତାଙ୍କର ଦାସଦାସୀ ଆଉ କେସିଓପିଆଙ୍କ ପିତୃଦେଶର କେତେକ ଜଗୁଆଳି । ଏ ଦାରୁଣ ବିପଦ ବେଳେ ବି ସେମାନେ ତ୍ୟାଗ କରି ନାହାନ୍ତି ସେମାନଙ୍କର ପ୍ରିୟ ରାଜପରିବାରକୁ । କିନ୍ତୁ ସେମାନେ ସଂଖ୍ୟାରେ ମୁଷ୍ଟିମେୟ । କ୍ରୁଦ୍ଧ ଜନତାର କ୍ରୋଧାଗ୍ନିରେ ସେମାନଙ୍କୁ ବି ଯଜ୍ଞ ହେବାକୁ ହେବ ରାଜପରିବାରଙ୍କ ସମେତ ।

ରାଣୀ ପଚାରୁଛନ୍ତି ପ୍ରକ୍‌ସିଲାକୁ : ଡାଇମିଡ଼ି ପବନରେ ଉଡ଼ିଗଲା ଭଳି ଯାଇଛି । ସେ ନିଶ୍ଚୟ ରାଜକୁମାରକୁ ଏ ସମ୍ବାଦ ଦେଇ ସାରିବଣି । ସୌଭାଗ୍ୟ ମୋର, ଆୟଲାସ୍ ମୋର ବଞ୍ଚି ରହି ପାରିବ । ଆଉ ଏଣ୍ଡ୍ରୋମିଡ଼ା କନ୍ୟା ମୋର, ନିଜକୁ ରକ୍ଷା କଲୁ ନାହିଁ ତୁ ପଳାୟନ କରି । ମୋ କଥା ଶୁଣିଲୁ ନାହିଁ ।

ରାଜା ସିଫିଆସ୍ କିଂକର୍ତ୍ତବ୍ୟବିମୂଢ଼ । ରାଣୀକୁ କହନ୍ତି :

ସିରିୟ ରକ୍ଷୀମାନେ ଆମକୁ ଛାଡ଼ି ଚାଲି ଗଲେଣି । ଆଉ ଆମେ ନିରାପତ୍ତାର ଆଶା କରିବା କିପରି ? ହେ ରାଣୀ, ତୁମ ପିତୃରାଜ୍ୟର ତୁମ ସମ୍ରାଟ ପିତାଙ୍କର ସମୃଦ୍ଧି ତ୍ୟାଗ କରି ତୁମେ ମୋ ରାଜପ୍ରାସାଦରେ ମୋ ହସ୍ତ ଧରି ପ୍ରବେଶ କରିଥିଲ, କ'ଣ ଏହି ପରିଣତି ଲାଗି ?

ରାଣୀ କହନ୍ତି : ମୋ ଲାଗି ଦୁର୍ଭାବନା କରନା ରାଜା । ମୁଁ ଖାଲି ତୁମ ସୁଖରେ ଭାଗୀ ହେବାକୁ ଅର୍ଦ୍ଧ ଆତ୍ମା ନେଇ ତୁମ ପାଣିଗ୍ରହଣ କରି ନଥିଲି । ତୁମ ସହ ସର୍ବତୋଭାବେ ସ୍ୱୀକାର କରିବାକୁ ଆସିଥିଲି, ତୁମର ସୁଖ-ଦୁଃଖ ।

ରାଜା ଅନୁତାପ କରନ୍ତି : ତୁମ କଥା ମୁଁ ଶୁଣିନି, ରାଣୀ । ସେତେବେଳେ ମୁଁ ବୁଝି ପାରି ନଥିଲି ଯେ ପ୍ରଜାଙ୍କର ମୋ ପାଇଁ ପ୍ରେମ ଖାଲି ଚୋରାବାଲିରେ ପାଦ ଥୋଇବା ଭଳି, ଅଜ୍ଞାତରେ କେବେ ଖସି ଯିବ । ମୋ ରାଜ୍ୟକୁ ମୁଁ ଶାସନ କରୁଥିଲି ବସନ୍ତ ଭଳି ମୃଦୁ ଛନ୍ଦରେ ସ୍ନେହ, କ୍ଷମା, କରୁଣାର ବାରି ସିଞ୍ଚନ କରି କରି । ଭାବିଥିଲି ମୁଁ ମୋ ସିରିଆବାସୀଙ୍କୁ ଭଲ ଭାବରେ ଚିହ୍ନେ । କିନ୍ତୁ ଏ କି ବିଡ଼ମ୍ବନା ! ମୋର ପ୍ରିୟ ସିରିଆବାସୀ ମୋରି ସ୍ନେହରେ ପୁଷ୍ଟ ହୋଇ ଆଜି ଆସି ମୋରି ରକ୍ତ ପାନ କରିବା ଲାଗି ଚିତ୍କାର କରୁଛନ୍ତି ମୋ ଦ୍ୱାରଦେଶରେ ! ଆଉ ଏ ପୁରୋହିତ ଯାହାକୁ ମୁଁ ଜାଣିଥିଲି ଖାଲି ଦେବ ପୁରୋହିତ ବୋଲି, ତା' ଭିତରେ ଯେ ଥିଲା ଏତେ ଉଚ୍ଚାଭିଳାଷ, ସରୀସୃପର ଦର୍ପ ଆଉ ନୃଶଂସ କୁଟିଳତା – ତା' ତ ମୁଁ ଜାଣି ନଥିଲି । ଆଉ ବିପଣିର ଏହି ବକ୍ତା ଯେ ଦିନେ ମୋରି ନାମରେ ତା' ନିଜ ଲାଗି ପ୍ରଭାବ କିଣୁଥିଲା, ଆଜି ବହୁ ବିଳମ୍ବରେ ଜାଣୁଛି ଯେ ମାନୁଷୀ ବକ୍ତୃତାର ବି ଏତେ ଶକ୍ତି ! ସେହି ଶକ୍ତିରେ ଥେରପ୍‌ସ ଆଜି ଜନତାର ମତ ପରିବର୍ତ୍ତନ କରି ପାରିଛି, ଆଉ ମୋର ରାଜଶକ୍ତିକୁ ଥରହର କରି ପାରୁଛି । ପୁଣି ଟାୟାରର ରାଜା ଫିନିଅସ୍ ହାତରେ ମୁଁ ମୋର ଅସମ୍ମତା କନ୍ୟାର ହାତ ଛନ୍ଦି ଦେଇ ଭାବିଥିଲି ଟାୟାର ରାଜଶକ୍ତି କ୍ରୟ କରି ପାରିବି । ମୁଁ ଜାଣି ନଥିଲି ଯେ ସେ ଯୋଜନା କରିଛି ମୋର ପତନ, ପାଇବ ବୋଲି ମୋରି ରାଜ ସିଂହାସନ ।

ଅବ୍ୟବହିତ ପରେ ଜନତା ଆସି ଏକତ୍ରିତ ହୋଇଛି ରାଜପ୍ରାସାଦର ସମ୍ମୁଖରେ । ଚିତ୍କାର ଶୁଭୁଛି ରଣଧ୍ୱନିର, ନିନ୍ଦିତ ରାଜ ପରିବାରର ହତ୍ୟା ଧମକ । ସର୍ବସମ୍ମୁଖରେ ଆଗେଇ ଆସିଛନ୍ତି ଜନନେତା ଥେରପ୍‌ସ । ରାଜାରାଣୀଙ୍କୁ ନାମ ଧରି କରିଛନ୍ତି ସମ୍ବୋଧନ । ସେହି ଅସମ୍ମାନଜନକ ଉକ୍ତିକୁ ସଂଶୋଧନ କରିବାକୁ କହିଛନ୍ତି ରାଜା । କାରଣ ସେ ଅଦ୍ୟାପି ସିରିଆର ରାଜା ।

ଥେରପ୍‌ସ କହନ୍ତି : ହଁ, ତୁମେ ସିରିଆର ଶେଷ ରାଜା । ବର୍ତ୍ତମାନ ତୁମେ କୁହ, ତୁମର ସନ୍ତାନଙ୍କୁ ମନ୍ଦିରରେ ବଳି ଦେବ କି ? ଆଉ ସେହି ଦର୍ପିଣୀ ନାରୀ ଅର୍ଥାତ୍ ତୁମର ସ୍ତ୍ରୀ ସହ ତୁମେ ସିରିଆର ପ୍ରଜାଙ୍କଠାରେ ଆତ୍ମସମର୍ପଣ କରିବ କି ?

ରାଣୀ ନିନ୍ଦା କରନ୍ତି ସେମାନଙ୍କ ବିଚାରକୁ । ପୁରୋହିତ କୋପାନ୍ୱିତ ହୋଇ କହନ୍ତି : ଏମାନଙ୍କ ସହ କ'ଣ କଥାବାର୍ତ୍ତା ? ପ୍ରକ୍‌ସିଲା, ତୁମେ ବାହାର କରି ଆଣ ସେହି ଘୃଣିତା କନ୍ୟା ଏଣ୍ଡ୍ରୋମିଡ଼ାକୁ, ଯେ ଆଣିଛି ସିରିଆ ଉପରକୁ ଏ ଦୁର୍ଭାଗ୍ୟ ।

ଜନତା ଚିତ୍କାର କରିଛି : ଏଣ୍ଡ୍ରୋମିଡ଼ା, ଏଣ୍ଡ୍ରୋମିଡ଼ା – ବାହାର କରି ଆଣ ସେହ ଦୁଷ୍ଟା ଏଣ୍ଡ୍ରୋମିଡ଼ାକୁ ।

ଗୃହ ମଧ୍ୟରୁ ଆଗେଇ ଆସିଛନ୍ତି ସଧୀର ପଦପାତରେ ରାଜକୁମାରୀ । ରାଣୀଙ୍କୁ ସମ୍ବୋଧନ କରି କହିଛନ୍ତି : ମୋ ଲାଗି କ୍ରନ୍ଦନ କରନା ଜନନୀ, ଏହି ଦରିଦ୍ର ନିରପରାଧ ଜନତା ପରିବର୍ତ୍ତରେ ମୋର ମୃତ୍ୟୁ ହୁଏତ ଶ୍ରେୟସ୍କର । ତା'ହେଲେ ତୁମେମାନେ ବି ରକ୍ଷା କରିପାରିବ ତୁମର ଜୀବନ ।

ପିତା ସମ୍ବୋଧନ କରିଛନ୍ତି : ଦୟନୀୟା ସୌର-ରଶ୍ମି କନ୍ୟା ମୋର !

ଏଣ୍ଡ୍ରୋମିଡ଼ା ଜନତା ସମ୍ମୁଖକୁ ଆସି କହିଛନ୍ତି : ହେ ସିରିଆବାସୀ, ତୁମେ ମୋତେ କେତେ ଭଲ ପାଇଛ, ଏବେ ତୁମେ ମୋତେ ଡାକୁଛ, ଆଉ ମୁଁ ଆସିଛି ।

ଜନତା ମଧ୍ୟରେ ଖେଳି ଯାଉଛି ଅଧିକରୁ ଅଧିକ ଉତ୍ତେଜନା । ନାନା ସ୍ୱର କହୁଛି : ଦୁଷ୍ଟା, ପାତକୀ । ତାକୁ ଫିଙ୍ଗ ଆମ ଆଡ଼େ, ତା' ଶରୀରର ପ୍ରତିଟି ଶିରା ଧମନୀ ଆମେ ଛିଣ୍ଡାଇ ପକାଇବୁ, ତାକୁ ଟିକି ଟିକି କରି ନିଆଁରେ ପୋଡ଼ିବୁ ଆମେ । ତାକୁ ଜୀବନ୍ତ ରାନ୍ଧିବୁ । ସେ ଆମର ପୁତ୍ର କନ୍ୟାଙ୍କୁ ମାରିଛି । ଦୁଷ୍ଟା ମାଆର ପାଷାଣ୍ଡୀ ଝିଅ ସେ । ଥେରପ୍‌ସ ଜନତାକୁ କହନ୍ତି : ଶାନ୍ତ ହୁଅ । ସେ ତୁମର ନୁହେଁ ପୋସାଇଡ଼ନ୍‌ର ।

ରାଜକୁମାରୀ ଦୁଃଖରେ ଅଭିଭୂତା ହୋଇ ଜନତା ଉଦ୍ଦେଶ୍ୟରେ କହନ୍ତି : ମୁଁ ତ ତୁମ ପାଇଁ ମରିବାକୁ ରାଜି । ତେବେ ମୋତେ କାହିଁକି ଆଉ ଅଭିସମ୍ପାତ କରୁଛ ? ମୁଁ ଯଦି ଜାଣିଥା'ନ୍ତି ପ୍ରଭାତରେ ସମୁଦ୍ର ରାକ୍ଷସ ଉଠି ତୁମର ପୁତ୍ର କନ୍ୟାକୁ ଗ୍ରାସ କରିବ, ତେବେ ପ୍ରଭାତର ବହୁ ପୂର୍ବରୁ ତୁମେମାନେ ଶଯ୍ୟାରେ

ନିଦ୍ରିତ ଥିବାବେଳେ ମୁଁ ନିଜକୁ ରାକ୍ଷସ ହାତରେ ଧରା ଦେଇ ତୁମ ପୁତ୍ର-କନ୍ୟାଙ୍କୁ ରକ୍ଷା କରିଥା'ନ୍ତି ।

ହେ ପ୍ରିୟ ଦେଶବାସୀ, ତୁମେମାନେ ମୋତେ ପ୍ରଚୁର ସ୍ନେହ ଦେଇଛ । ମୁଁ ତୁମ ଗୃହ ସମ୍ମୁଖ ଦେଇ ଯେବେ ଯାତ୍ରା କରିଛି, ତୁମର କନ୍ୟା, ତୁମର ଜନନୀ ମୋତେ ଆଲିଙ୍ଗନ କରି, କୋଳାଗ୍ର କରି ସ୍ନେହର ବନ୍ଧନରୁ ମୁକ୍ତ କରିବାକୁ ଚାହିଁ ନାହାନ୍ତି । ତୁମମାନଙ୍କର ଆଶିଷ ସ୍ୱତଃ ମୋ ପ୍ରତି ଝରି ପଡ଼ିଛି । ଆଜି ତୁମେମାନେ ମୋତେ ଆଉ ଅଭିସମ୍ପାତ କରନା । ତାହା ମୁଁ ସହି ପାରୁନି ।

ଦେଶବାସୀଙ୍କୁ ଉତ୍ତେଜିତ କରି ପୁରୋହିତ କହିଛନ୍ତି : ଦେଖ ସିରିଆବାସୀ, ତୁମର ଏତେ ପ୍ରେମର ପ୍ରତିଦାନରେ ରାଜକୁମାରୀ ତୁମ ଲାଗି ଆଣି ଦେଇଛନ୍ତି ମୃତ୍ୟୁର ଉପହାର । ଆଉ ଏବେ ଅଶ୍ରୁ ଝରାଇ ସେ ତୁମ ହୃଦୟ ତରଳାଇବାର ଚେଷ୍ଟାରେ ଅଛନ୍ତି ।

ଜନତା ପ୍ରଭାବିତ ହୋଇଛି । ପୁଣି ଚାହିଁଛି ଏଣ୍ଡ୍ରୋମିଡ଼ାର ଶାସ୍ତି । ରାଜ-ପରିବାରକୁ ଜଗି ରଖିଥିବା ବିଶ୍ୱସ୍ତ ରକ୍ଷୀମାନେ ପ୍ରଥମେ ରାଜକୁମାରୀକୁ ଛାଡ଼ି ଦେବାକୁ ରାଜି ହୋଇ ନଥିଲେ ବି ପରେ ଭାବିଛନ୍ତି ଜଣକର ମୃତ୍ୟୁରେ ଯଦି ଏ ବିଭୀଷିକା ସମାପ୍ତ ହେବ, ତେବେ ତାହା ହିଁ ହେଉ । ସେମାନେ ପ୍ରଶ୍ନ କରିଛନ୍ତି : ପୁରୋହିତ, କଥା ଦିଅ, ରାଜକୁମାରୀ ଖାଲି ପୋସାଇଡ଼ନ୍‌ଙ୍କ ଲାଗି ଉଦ୍ଦିଷ୍ଟ ହେବେ ତ, ଏହି କ୍ରୁଦ୍ଧ ଜନତାଠାରୁ ଶାସ୍ତି ଭୋଗ ଲାଗି ନୁହେଁ ତ ?

ପୁରୋହିତ ସେହି ପ୍ରତିଶ୍ରୁତି ଦେଇଛନ୍ତି ।

ସେହି ଚରମ ଦୃଶ୍ୟ ଦେଖିବାକୁ ରାଜା, ରାଜ-ପରିବାରର ଦାସଦାସୀ ସାହସ କରି ପାରି ନାହାନ୍ତି । ରାଣୀ କିନ୍ତୁ ଘୁଞ୍ଚିବାକୁ ଚାହାଁନ୍ତିନି ପାଦଟିଏ । କନ୍ୟାକୁ ଆଲିଙ୍ଗନ କରି ଜନତା ଉଦ୍ଦେଶ୍ୟରେ କହିଛନ୍ତି : ହେ ବନ୍ୟ ସିରିଆବାସୀ, ମୋର ଅଭିଶାପ, ଏକ ବେଦନାହତ ଜନନୀର ଅଭିଶାପ ତୁମର ରାଜ୍ୟରେ ଖେଳିଯାଉ । ଯେ ମୋ କୋଳରୁ ମୋ ସନ୍ତାନକୁ ଆକର୍ଷଣ କରି ନେଉଛି, ସେହି ଦେଶବାସୀଙ୍କର ପ୍ରତିଟି ପୁତ୍ରକନ୍ୟା ହେଉ ଶତ୍ରୁର ଶିକାର । ମୁଁ ଅଭିସମ୍ପାତ କରୁଛି ତୁମକୁ, ସିରିଆବାସୀ !

ତତ୍ପରେ ପଲିଡ଼ନ୍‌ଙ୍କ ନିର୍ଦ୍ଦେଶରେ ରାଜକୁମାରୀଙ୍କୁ ରଜ୍ଜୁରେ ବନ୍ଧନ କରିଛି କଂସେଇ ପେରିସସ୍ । ତାଙ୍କର କୋମଳ ତନୁଲତାକୁ କଷ୍ଟ ହେଉଛି ବୋଲି କଂସେଇ ହେଲେ ବି ହୃଦୟବାନ୍ ପେରିସସ୍ ହୁଗୁଳା କରି ବାନ୍ଧିଛି ରଜ୍ଜୁ । କ୍ରନ୍ଦନରତା ରାଜକୁମାରୀଙ୍କୁ ଜନତାର ଦାବି ଶୁଣି ଭୟଭୀତା ନ ହେବାକୁ ପ୍ରବୋଧ ଦେଇଛି ସେ । ଖାଲି ପୋସାଇଡ଼ନ୍‌ଙ୍କର ହସ୍ତରୁ ସେ ରାଜକୁମାରୀଙ୍କୁ ମୁକ୍ତ କରିବାକୁ ଅକ୍ଷମ ବୋଲି ଦୁଃଖ କରିଛି । ସେ ରାଜକୁମାରୀଙ୍କୁ ଆଗେଇ ନେଇଛି ସାଗର ତୀର ଆଡ଼େ ଉତ୍ତେଜିତ ଜନତା ମଧ ଦେଇ ପଥ କରି କରି । ଜନତା ଯେପରି ରାଜକୁମାରୀଙ୍କ ଶରୀରରେ ଟିପଟିଏ ନ ଛୁଏଁ, ସେଥିପ୍ରତି ସେ ସଚେତନ, ସେମାନଙ୍କ ଉଦ୍ଦେଶ୍ୟରେ ମୁଖରୁ ତା'ର ବର୍ଷଣ ହେଉଛି ଧମକ ।

ପୁରୋହିତ ବିଜୟୋଲ୍ଲାସରେ ଅଧୀର ହୋଇ ପଡ଼ିଛନ୍ତି । ତାଙ୍କର ଚିର ଶତ୍ରୁ ଆୟଲାସ୍‌ର ଅନୁସନ୍ଧାନ କରିବାକୁ ହେବ । ତାକୁ ବି କରିବାକୁ ହେବ ହତ୍ୟା । ପୁରୋହିତଙ୍କର ଶରୀରର ସମସ୍ତ ଧମନୀର ରକ୍ତ ସତେ କି ଯାଇ ଏକତ୍ରିତ ହୁଏ ମସ୍ତିଷ୍କରେ । ଚେହେରା ତାଙ୍କର ବଦଳିଯାଏ । ସେ ଚିତ୍କାର କରନ୍ତି : ମୁଁ ଦେବତା, ରୁଧିର ଦେବତା ମୁଁ । ରକ୍ତର ନଦୀ ବହିଯିବ । ଆୟଲାସ୍‌ର ହୃଦୟ ଛିନ୍ନ କରାଯିବ ବୁକୁରୁ ତା'ର, ତା'ର ମା' ଦେଖୁ ଆଖି ମେଲି ଏ ସବୁ, ଆଉ ମୁଁ କରୁଥିବି ଅଟ୍ଟହାସ୍ୟ ।

ଜନନେତା ଥେରପସ୍ ସଚେତନ ହୋଇ ଉଠିଛନ୍ତି ପୁରୋହିତର ଏହି ପାଗଳୋଚିତ ପ୍ରଳାପରେ । କୋମଳମତି ରାଜକୁମାରୀଙ୍କର କ୍ରନ୍ଦନଶୀଳ ମୁଖର କରୁଣତାରେ ଦ୍ରବୀଭୂତ ହୋଇଥିଲା ଥେରପସ୍‌ଙ୍କ ହୃଦୟ କିୟତ୍‌କ୍ଷଣ ପୂର୍ବରୁ । ନୀରବରେ ନିଜକୁ ସେ ଧିକ୍କାରି ଥିଲେ : ହାୟ, ମୋର ଏ ଶୋଚନୀୟ କାଣ୍ଡର ପଶ୍ଚାତରେ ହାତ ଅଛି ବୋଲି ମୁଁ ବାସ୍ତବିକ ଦୁଃଖିତ ।

ଏବେ ଥେରପସ୍ ଆହୁରି ଅନୁତପ୍ତ : କିପରି ଦେଶ ମାନିବ ଏହି ରକ୍ତମୁଖା ପୁରୋହିତଙ୍କୁ ରାଜା ଭାବରେ ?

ପଲିଡ଼ନ୍ କିନ୍ତୁ ପ୍ରଳାପ ବନ୍ଦ କରି ନାହାନ୍ତି : ପୋସାଇଡ଼ନ୍‌ର କୃଷ୍ଣ ଭୟଙ୍କର ପ୍ରଭାବ ମୋର ଶିରା ପ୍ରଶିରାରେ ବହୁଛି । ନାଟକ ଶେଷ ହୋଇ ଆସିଲାଣି, ରକ୍ତର ଲୀଳାରେ ଲେଖା ହେବ ରାଜ-ପରିବାରର ଶେଷ ଅଧ୍ୟାୟ । ଆଉ ତା'ପରେ ମୁଁ ହେବି ରାଜା । ଏ ପୃଥିବୀ ଦୀର୍ଘ ଦିନ ଧରି ମନେ ରଖିବ ପଲିଡ଼ନ୍‌ର ନାମ । ମୁଁ ସିରିଆକୁ ରକ୍ତରେ ରଞ୍ଜିତ କରିବି । ଶହ ଶହ ଲୋକ ନିତି ପ୍ରାଣ ଦେବେ ମୋ ନଗରର ରାସ୍ତା ତଥା ମୋ ରାଜପ୍ରାସାଦର ଗୃହତଳକୁ ଲୋହିତ କରି ସେମାନଙ୍କର ରୁଧିରରେ । କାରଣ ମୁଁ ଚାଲିବି ଲାଲିମା ଉପରେ । ମୋର ଉଦ୍ୟାନରେ ଅଶୋକ ଫୁଲର ଗୁଚ୍ଛ ବଦଳରେ ଶୋଭା ପାଇବ ନର ମୁଣ୍ଡ । ମୁଁ ଆଉ କୌଣସି ଜାହାଜ ଦୁର୍ଘଟଣାର ଅପେକ୍ଷା

କରିବି ନାହିଁ । ପ୍ରତି ପ୍ରାତଃରେ ମୋ ମନ୍ଦିରରେ ବଳି ପାଇବେ ନଗରର ଗଣ୍ୟମାନ୍ୟ ବ୍ୟକ୍ତି, ବାଳକ, ବାଳିକା, ନର-ନାରୀ । ମୁଁ ତୃଷିତ, ଅତ୍ୟନ୍ତ ତୃଷିତ । ମୁଁ ଚାହେଁ ଲୋହିତ, ଦେବୋଚିତ ପାନୀୟ । ଏହି ତୃଷ୍ଣା ମୋ ମଧ୍ୟକୁ କେବେ ଆସିଲା ? ଆଗରୁ ତ ନ ଥିଲା । ହେ ମହାନ୍ ପୋସାଇଡ଼ନ୍, ତୁମେ ହିଁ ମୋ ଆତ୍ମାରେ ବସତି ସ୍ଥାପନ କରିଛ । ମୁଁ ଆଉ ପଲିଡ଼ନ୍ ନୁହେଁ, ମୁଁ ଜଣେ ଭୟଙ୍କର ଦେବତା ।

## ସମୁଦ୍ର ତୀରମୁଖୀ ପଥରେ ...

ଟାୟାରର ରାଜା ଫିନିଅସ୍ ମନକୁ ମନ କହୁଥା'ନ୍ତି ଏହା ହିଁ ବିଶେଷ ସୁଯୋଗ – ସେ ଉଦ୍ଧାର କରିବେ ବିପଦଗ୍ରସ୍ତା ରାଜକୁମାରୀଙ୍କୁ, ତାଙ୍କର ଚିର ଆକାଂକ୍ଷିତା ଏଣ୍ଡ୍ରୋମିଡ଼ାଙ୍କୁ । ସେ ହେବେ ତାଙ୍କର ରାଣୀ । ସମଗ୍ର ସିରିଆର ରାଜା ହେବେ ଫିନିଅସ୍ । ଟାୟାର ହେବ ସିରିଆର ରାଜଧାନୀ ।

କଂସେଇ ପେରିସସ୍ ସେତେବେଳେ ଆବଦ୍ଧା ରାଜକୁମାରୀଙ୍କୁ ନେଇ ଚାଲିଛି ପାହାଡ଼ ଖଣ୍ଡରେ ବାନ୍ଧି ରଖିବା ଲାଗି । ଫିନିଅସ୍ ସେଠାରେ ଉପନୀତ ହୋଇ ରାଜକୁମାରୀଙ୍କୁ କହନ୍ତି : ତୁମେ ଏବେ ନିରାପଦ । ମୋର ବଧୂ, ଟାୟାରର ରାଣୀ ।

ରାଜକୁମାରୀ କହନ୍ତି : ମୋର ମାତାପିତା, ସିରିଆବାସୀ ତ ମୋ ମୁକ୍ତିରେ ହେବେ ନାହିଁ ବିପଦମୁକ୍ତ । ତେଣୁ ସେ ମୁକ୍ତିରେ ମୋର ପ୍ରୟୋଜନ ନାହିଁ । ଶୁଣ ଫିନିଅସ୍, ମୁଁ ଶପଥ କରି କହୁଛି ମୋର ଦେଶବାସୀଙ୍କୁ ତ୍ୟାଗ କରି ମୁଁ ତୁମର ରାଣୀ ହେବା ଅପେକ୍ଷା ମୃତ୍ୟୁର ବଧୂ ହେବାକୁ ଅଧିକ ପସନ୍ଦ କରିବି ।

ଫିନିଅସ୍ ପଚାରନ୍ତି : ତୁମର ଏହି ଶପଥ ଅପରିବର୍ତ୍ତନୀୟ କି ?

ରାଜକୁମାରୀ କହନ୍ତି : ହଁ, ତାହା ନିଶ୍ଚିତ ।

କ୍ରୁଦ୍ଧ ଫିନିଅସ୍ : ତେବେ ମର ତୁମେ । ମୁଁ ତୁମକୁ ମୃତ୍ୟୁ ହାତରେ ହିଁ ସମର୍ପଣ କରୁଛି ।

ସିରିଆର ଅଧୀର ଜନତା ଲାଗି ବିଳମ୍ବ ସତେ କି ଅସହ୍ୟ । ବାରଂବାର ମିଳିତ ଉତ୍ତେଜିତ ଧ୍ୱନି ତା' କଣ୍ଠରୁ ଭାସି ଆସୁଛି : ପାହାଡ଼ରେ ବାନ୍ଧ ରାଜକୁମାରୀଙ୍କୁ । ପୋସାଇଡ଼ନ୍‌ଙ୍କର ଜୟ !

(କ୍ରମଶଃ) ❑


The Mother of all godheads and all strengths
Who, mediatrix, binds earth to the Supreme.

*(Savitri, p. 313)* - Sri Aurobindo

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**125 Drops of Nectar – Daily Quotations by the Divine Mother and Lord Sri Aurobindo – Rs. 175.00**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact Number: (0413) 2334542, (0413) 2336672, website: www.vakbooks.in

ଚେତନାର ଦିଗ୍‌ବଳୟ :

# ସାହିତ୍ୟ, ଶାଶ୍ୱତ ସାହିତ୍ୟ ଓ ସାମାଜିକ ଅଙ୍ଗୀକାର : ପରସ୍ପର ସମ୍ପର୍କର ରୂପ କ'ଣ ?

**ପ୍ରଶ୍ନ :** *ସାହିତ୍ୟ ସମାଜ ପାଖରେ ଅଙ୍ଗୀକାରବଦ୍ଧ ରହିବା ଉଚିତ କି ? ଅଙ୍ଗୀକାରବଦ୍ଧ ସାହିତ୍ୟ ଏବଂ ଶାଶ୍ୱତ ସାହିତ୍ୟ ଭିତରେ ପାର୍ଥକ୍ୟ କ'ଣ ? ସ୍ରଷ୍ଟାଙ୍କ ସୃଜନ ଦକ୍ଷତା ବଳରେ ଅଙ୍ଗୀକାରବଦ୍ଧ ସାହିତ୍ୟ ଶାଶ୍ୱତ ସାହିତ୍ୟ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିବ କି ?*

**ଉତ୍ତର :** ଅଙ୍ଗୀକାରର ଦୁଇ ସ୍ତର ରହିଛି । ସ୍ୱାଭାବିକ ଅଙ୍ଗୀକାର ଏବଂ ସଂକଳ୍ପ ପ୍ରଣୋଦିତ ଅଙ୍ଗୀକାର । ଜଣେ ଯଦି ଆପଣାର ସନ୍ତୋଷ ବା ଆବଶ୍ୟକତା ସକାଶେ ଡାଇରି ଲେଖୁଥିବ ତେବେ ଅଲଗା କଥା । ନ ହେଲେ ଯେଉଁ ମୁହୂର୍ତ୍ତରେ ଲେଖକ ନିଜ ମାନସ ଚକ୍ଷୁରେ ବା କଳ୍ପନାରେ ତାଙ୍କ ନିଜର ପରିବାର ବା ଆତ୍ମୀୟ ଗୋଷ୍ଠୀ ବାହାରେ ତାଙ୍କ ରଚନାର କିଛି ଅଜଣା ପାଠକଙ୍କ ଛାୟାମୟ ରୂପ ଦେଖୁଥିବେ, ସେହି ମୁହୂର୍ତ୍ତରେ ସେ ମହାଶୟ ସ୍ୱାଭାବିକ ସ୍ତରରେ ସମାଜ ପ୍ରତି ଅଙ୍ଗୀକାରବଦ୍ଧ ହୋଇ ପଡ଼ିଛନ୍ତି – ତାଙ୍କ ସମାଜ ଯେତେ ସୀମିତ ହେଉ ନା କାହିଁକି । ପାଠକ ସମାଜର ମନୋଯୋଗ ତାଙ୍କ ପ୍ରାପ୍ୟ ବୋଲି ସେ ଧରି ନେଇଛନ୍ତି, ଅତଏବ ତାଙ୍କ ଅବଦାନ ସେ ପ୍ରାପ୍ୟର ଯୋଗ୍ୟ ବୋଲି ସେ ପରୋକ୍ଷରେ ଘୋଷଣା କରୁଛନ୍ତି; ଏହାହିଁ ତାଙ୍କର ସ୍ୱାଭାବିକ ଅଙ୍ଗୀକାର । ଜଣେ ଅକିଞ୍ଚିତ୍କର ଲେଖକଙ୍କଠୁଁ ଆରମ୍ଭ କରି ଜଣେ ପ୍ରତିଭାବନ୍ତ ଲେଖକ ପର୍ଯ୍ୟନ୍ତ, ଏହି ଦୃଷ୍ଟିରୁ ସମସ୍ତେ ସମାଜ ପ୍ରତି ଅଙ୍ଗୀକାରବଦ୍ଧ ।

ଯଦି କୌଣସି ଲେଖକ ଏକ ନିର୍ଦ୍ଦିଷ୍ଟ ଆଦର୍ଶ ଯୋଗେ ସମାଜର ହିତ ବା ପରିବର୍ତ୍ତନ ସାଧନ କରିବା ଆଗ୍ରହରେ ଗଳ୍ପ, ଉପନ୍ୟାସ, ନାଟକ ବା କବିତା ରଚନା କରନ୍ତି – ଧରନ୍ତୁ ସମାଜରୁ ଅସ୍ପୃଶ୍ୟତା, ଅସମତା ଅବା ସୁରାପାନ ଅଭ୍ୟାସ ଦୂର କରିବା ପାଇଁ ଅଥବା ଏସବୁକୁ ଶରବ୍ୟ କରି କୌଣସି ସଂସ୍କାର, ଘଟଣା ଅଥବା ବ୍ୟକ୍ତିକୁ – ତାହା ସଂକଳ୍ପ ପ୍ରଣୋଦିତ ଅଙ୍ଗୀକାର ।

ଅତଏବ ସାହିତ୍ୟ ମାତ୍ରେ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ସମାଜ ପ୍ରତି ଅଙ୍ଗୀକାରବଦ୍ଧ । ଔଚିତ୍ୟର ପ୍ରଶ୍ନ ନାହିଁ । ସମାଜ ବିନା ସାହିତ୍ୟର ପ୍ରତିଶ୍ରୁତି ଥାଇପାରେ; କିନ୍ତୁ ସାହିତ୍ୟର ଅଭିବ୍ୟକ୍ତି ଥାଇ ନ ପାରେ ।

ବର୍ତ୍ତମାନ ଆପଣଙ୍କ ପ୍ରଶ୍ନର ଦ୍ୱିତୀୟ ଏବଂ ତୃତୀୟ ଅଂଶ ଉପରେ ଧ୍ୟାନ ଦିଆଯାଉ । ''ଶାଶ୍ୱତ'' ଏକ ଚରମାତ୍ମକ ଅର୍ଥବାହକ ଶବ୍ଦ; ଯାହା ଚିରନ୍ତନ, କାଳଜୟୀ । ସୂର୍ଯ୍ୟ, ଚନ୍ଦ୍ର, ନଭୋମଣ୍ଡଳର ଜ୍ୟୋତିଷ୍କବର୍ଗ ଶାଶ୍ୱତ ବୋଲି ଆମେ କହିପାରୁ; ଜଣେ ଜ୍ୟୋତିର୍ବିଜ୍ଞାନୀ କିନ୍ତୁ ଆମ ସହ ଏକମତ ହେବେ ନାହିଁ । ଆମେ ଯଦି କହିବୁ ଆମେ ଆପେକ୍ଷିକ ଅର୍ଥରେ କହୁଛୁ, ବିଜ୍ଞାନୀ ଅବଶ୍ୟ ସହି ନେବେ । ତଥାପି ଆମକୁ ମନେ ରଖିବାକୁ ହେବ ଯେ ଅତୀତର କେତେ ସଭ୍ୟତା ଓ ସମାଜ କାଳଗର୍ଭରେ ବା ସମୁଦ୍ର ଗର୍ଭରେ ବା ଭାରତୀୟ ପରମ୍ପରା ଅନୁସାରେ ''ପ୍ରଳୟ'' ଯୋଗୁଁ ବିଲୁପ୍ତ ହେଲେଣି – ସେମାନଙ୍କ ସାହିତ୍ୟ ଓ ଅନ୍ୟାନ୍ୟ ଐଶ୍ୱର୍ଯ୍ୟ ସମେତ । (ବସ୍ତୁତଃ ଗୋଟାଏ ତତ୍ତ୍ୱ ଅନୁସାରେ ବେଦ ଚଳିତ ସଭ୍ୟତାର ଅୟମାରମ୍ଭ-କାଳୀନ ଉଚ୍ଚାରଣୀ ନୁହେଁ, ଏକ ପ୍ରଳୟପ୍ରାପ୍ତ ସଭ୍ୟତାର ଅବଶେଷ, ଯାହା ଚଳିତ ଯୁଗଚକ୍ରର ଚେତନାଗତ ଭିତ୍ତିର ଭୂମିକା ତୁଲାଇଛି ।) ମହାକାଳ ପାଇଁ ଶାଶ୍ୱତ କେବଳ ମାତ୍ର ମହାକାଳ ।

ଆମେ ''ଶାଶ୍ୱତ'' ଶବ୍ଦ ଆପାତତଃ ବ୍ୟବହାର କରିବା ଗତ କେତେ ଶତାବ୍ଦୀ ଧରି ବିଭିନ୍ନ ଦେଶ ଓ ସମାଜ ଅନ୍ତର୍ଭୁକ୍ତ ଯେଉଁସବୁ ସାହିତ୍ୟକୃତି ନିରବଚ୍ଛିନ୍ନ ଭାବେ ବର୍ତ୍ତି ରହିଛନ୍ତି, ସେହିମାନଙ୍କ ଉଦ୍ଦେଶ୍ୟରେ; ଅର୍ଥାତ୍ ଯାହା ଦୀର୍ଘଜୀବୀ ସାହିତ୍ୟ । ଏଭଳି ସାହିତ୍ୟକୁ ତିନି ଶ୍ରେଣୀର ଅନ୍ତର୍ଭୁକ୍ତ କରାଯାଇପାରେ; ପ୍ରାଣସ୍ପନ୍ଦିତ, ପ୍ରାଣବନ୍ତ ଏବଂ ଜୀବନ୍ତ । (କ୍ଷମା କରିବେ, ନିଜ ବକ୍ତବ୍ୟ ସ୍ପଷ୍ଟ କରିବା ନିମନ୍ତେ ଏ ଲେଖକ ଏ ବିଭାଗ ରୀତିର ଆଶ୍ରୟ ନେଉଛି; ସମାଲୋଚକ ବା ସାହିତ୍ୟର ଇତିହାସ-କାରମାନଙ୍କୁ ଏହା ଗ୍ରହଣ କରି ନେବାକୁ ସେ ନିବେଦନ କରୁ ନାହିଁ ।) ସମଗ୍ର ବିଶ୍ୱ ସାହିତ୍ୟର ଇତିହାସରେ ପ୍ରଥମ ବା ପ୍ରାଣସ୍ପନ୍ଦିତ ଶ୍ରେଣୀରେ ଗଣ୍ୟ ହେବେ ମାତ୍ର ଦୁଇ ଗୋଟି ଗ୍ରନ୍ଥ; ରାମାୟଣ ଏବଂ ମହାଭାରତ । ଏ ଦୁଇ ଗ୍ରନ୍ଥ ଯୁଗ ଯୁଗ ବ୍ୟାପୀ କୋଟି କୋଟି ମଣିଷଙ୍କ ଜୀବନକୁ ପ୍ରଭାବିତ କରି ଚାଲିଛନ୍ତି ।

କହିବାବାହୁଲ୍ୟ, ଏଠାରେ ମୁଖ୍ୟତଃ ସାହିତ୍ୟକୁ ବିଚାରକୁ ନିଆଯାଉଛି । ଭାଗବତ ଏବଂ ବାଇବେଲ ଭଳି ଗ୍ରନ୍ଥରେ ବିପୁଳ ସାହିତ୍ୟ ଉପାଦାନ ଥିଲେ ମଧ୍ୟ ସେସବୁ ଧର୍ମଗ୍ରନ୍ଥ ଭାବରେ ବିବେଚିତ । ସୁପ୍ରାଚୀନ ପୁରାଣ ଏବଂ 'ଜେଣ୍ଡ୍-ଆଭେସ୍ତା'ଠାରୁ ଆରମ୍ଭ କରି 'ଗ୍ରନ୍ଥ ସାହେବ' ପର୍ଯ୍ୟନ୍ତ ଧର୍ମଶାସ୍ତ୍ରମାନଙ୍କରେ ମଧ୍ୟ ଚମତ୍କାର ସାହିତ୍ୟ ଉପସ୍ଥିତ । ସେମାନଙ୍କ ପାଖରେ ନତମସ୍ତକ ହୋଇ ସେମାନଙ୍କୁ ଏ ଆଲୋଚନା ପରିସର ବାହାରେ ରଖା ଯାଉଛି ।

ଦ୍ୱିତୀୟ ବା ପ୍ରାଣବନ୍ତ ଶ୍ରେଣୀର ଅନ୍ତର୍ଭୁକ୍ତ ପ୍ରଖର ପ୍ରଜ୍ଞାମୟ ଉପନିଷଦ୍‌ସମୂହ ପୁଣି ସାଧାରଣ ଜ୍ଞାନ ଓ ବିଜ୍ଞତାର ସମାବେଶ ଘଟିଥିବା କମ୍ବନଙ୍କ 'ତିରୁ କୁରାଲ୍' ଭଳି ସୃଜନୀ । ଅନ୍ୟ ଏକ ଦିଗରେ ଜାତକ କାହାଣୀମାଳା, ପଞ୍ଚତନ୍ତ୍ର ତଥା ବେତାଳ ପଞ୍ଚବିଂଶତି ଭଳି 'ବୃହତ୍‌କଥା' ବା 'କଥାସରିତ-ସାଗର'ର କାହାଣୀମାଳା । ଧର୍ମ ବିଶ୍ୱାସ ନିର୍ବିଶେଷରେ ପୃଥିବୀରେ ଏଭଳି କୌଣସି ବିକଶିତ ରାଷ୍ଟ୍ରର ଲୋକ ସାହିତ୍ୟ ନାହିଁ, ଯାହା ଏମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ନାହିଁ । ସେକ୍‌ସପିଅରଙ୍କ ସାହିତ୍ୟ ଏହି ପ୍ରାଣବନ୍ତ ବର୍ଗ ଭିତରେ ଯିବ । ଏମାନେ ସର୍ବଦା ସଦ୍ୟ । ଆମ ନିଜ ସମୟର ବହୁ ସାହିତ୍ୟ ଦୀର୍ଘଜୀବୀ ହୋଇ ଏହି ପର୍ଯ୍ୟାୟରେ ପରିଗଣିତ ହେବେ ବୋଲି ଆଶା; ଯଥା ରବୀନ୍ଦ୍ରନାଥ, ଫକୀର ମୋହନ, ପ୍ରେମଚାନ୍ଦ ଇତ୍ୟାଦିଙ୍କ କୃତି ଏବଂ ପୃଥିବୀର ବହୁ ସାହିତ୍ୟ ସମ୍ଭାର । ଅବଶ୍ୟ ଏସବୁ ନିଜ ନିଜ ଭାଷା ଓ ଦେଶ ପରିପ୍ରେକ୍ଷୀରେ ପ୍ରାଣବନ୍ତ, କ୍ୱଚିତ୍ କେତେବେ ଶ୍ରୀଅରବିନ୍ଦଙ୍କ ଭଳି ଦେଶାନ୍ତରରେ ପ୍ରାଣବନ୍ତ । ତେବେ ଶ୍ରୀଅରବିନ୍ଦଙ୍କୁ କୌଣସି ଶ୍ରେଣୀଭୁକ୍ତ କରିବାକୁ ଏ ଲେଖକ ଅକ୍ଷମ; ତାଙ୍କ ମହତ୍ତମ କୃତୀ 'ସାବିତ୍ରୀ' ମହାକାବ୍ୟ ଉପରେ ଶହ ଶହ ସନ୍ଥଙ୍କ ଆଲୋଚନା ଏବଂ ଗବେଷଣାତ୍ମକ ସନ୍ଦର୍ଭ ପ୍ରସ୍ତୁତ ହୋଇଥିଲେ ମଧ୍ୟ ଯଥାର୍ଥ ମୂଲ୍ୟାୟନ ଏଯାବତ୍ ହୋଇ ନାହିଁ ।

ତୃତୀୟ ବା ଜୀବନ୍ତ ସାହିତ୍ୟର ଅନ୍ତର୍ଭୁକ୍ତ ଭାରତବର୍ଷର ମହାକବି କାଳିଦାସ ଏବଂ ମହାନ୍ ସ୍ରଷ୍ଟା ଭବଭୂତି, ଭାରବୀ, ଶୁଦ୍ରକ, ବିଶାଖାଦତ୍ତ, ଅଶ୍ୱଘୋଷ, ତାମିଲ 'ଶିଳ୍ପାପ୍ପଦିକରମ୍'ର ଲେଖକ ଇଲାଙ୍ଗୋ ଆଡ଼ିଗାଲ୍, ଭର୍ତ୍ତୃହରି ପ୍ରମୁଖଙ୍କ ରଚନା ତଥା ପୃଥିବୀର ଆହୁରି ବହୁ ସାର୍ଥକ ସୃଷ୍ଟି । ନମୁନା ଭାବରେ ମଧ୍ୟ ତାଲିକା ଦୀର୍ଘତର ହୋଇ ଚାଲିଥିବ । ଏ ଶ୍ରେଣୀ ବିଭାଗ ପ୍ରାଣବନ୍ତ ଏବଂ ଜୀବନ୍ତ ସାହିତ୍ୟ ଭିତରେ ଗୁଣଗତ ତାରତମ୍ୟ ଦର୍ଶାଉ ନାହିଁ, ବ୍ୟାବହାରିକ ବାସ୍ତବତା ଦର୍ଶାଉଛି । 'ଜୀବନ୍ତ' ପର୍ଯ୍ୟାୟର ଶାଶ୍ୱତ ସାହିତ୍ୟ ଭିତରୁ କେତେକ କୃତୀର ଉତ୍କର୍ଷ 'ପ୍ରାଣବନ୍ତ' ଶ୍ରେଣୀର କେତେକ କୃତୀଠାରୁ ଅଧିକ ବି ହୋଇପାରେ; କିନ୍ତୁ ଆଜି ଏମାନଙ୍କୁ ଆମେ ପ୍ରୟୋଜନ ବେଳେ, ବିଶ୍ୱବିଦ୍ୟାଳୟ ପାଠ୍ୟ ଭାବରେ, ଇତିହାସ ବା ଗବେଷଣାମୂଳକ କାର୍ଯ୍ୟ ସକାଶେ ପାଠ କରୁ, ବ୍ୟକ୍ତିଗତ ଆନନ୍ଦ ବା ଆଲୋକ ଆହରଣ ପାଇଁ ପ୍ରାୟତଃ ନୁହେଁ । ଏମାନଙ୍କ ଭିତରେ ସୁଧୀ ସମାଜର ଚେତନାର ସର୍ବାଧିକ ନିକଟତର ଅବଶ୍ୟ କାଳିଦାସ ।

ଏହି ତିନି ଶ୍ରେଣୀର ଶାଶ୍ୱତ ସାହିତ୍ୟ ସ୍ତରକୁ ଅଙ୍ଗୀକାରଧର୍ମୀ ରଚନା ଉନ୍ନୀତ ହୋଇପାରିବ କି ? ଅବଶ୍ୟ ପାରିବ; ନିର୍ଭର କରେ ଲେଖକର ପ୍ରେରଣା ଓ ଶୈଳୀଗତ ଦକ୍ଷତା ଉପରେ । ଆମେରିକାରେ କଳା ଲୋକଙ୍କର ଏବଂ ଇଂରେଜ ଯୁଗରେ ଭାରତରେ ବାଗବଗିଚା ଶ୍ରମିକମାନଙ୍କ ଦୟନୀୟ ଅବସ୍ଥାର ବାସ୍ତବତା ପରିବେଷଣ ନିମନ୍ତେ ଅଙ୍ଗୀକାର ଭିତ୍ତିକ ଦୁଇ ଉପନ୍ୟାସ, ଯଥାକ୍ରମେ ଶ୍ରୀମତୀ ହାରିଏଟ୍ ବିଚାର୍ ଷ୍ଟୋ'ଙ୍କର 'ଅଂକଲ୍ ଟମ୍‌ସ୍ କ୍ୟାବିନ୍' (Uncle Tom's Cabin) ଏବଂ ମୁଲ୍‌କ ରାଜ୍ ଆନନ୍ଦଙ୍କର 'ଟୁ ଲିଭ୍‌ସ୍ ଏଣ୍ଡ ଏ ବଡ୍' (Two leaves and a Bud) ମହତ୍ ସାହିତ୍ୟ । କିନ୍ତୁ ଷ୍ଟାଲିନ୍ ଯୁଗରେ ରୁଷ ଭୂଖଣ୍ଡର ପ୍ରାୟ ସମସ୍ତ ଲେଖକଙ୍କୁ 'ସମାଜବାଦୀ ବାସ୍ତବତା'କୁ ଅଙ୍ଗୀକାର ଭାବରେ ଗ୍ରହଣ କରିବାକୁ ବାଧ୍ୟ କରି ପ୍ରକୃତ ସୃଜନଶୀଳତାକୁ ବେଶ୍ କେତେ ଦଶନ୍ଧି ପର୍ଯ୍ୟନ୍ତ ନିଷ୍ପ୍ରାଣ କରି ଦିଆ ଯାଇଥିଲା । କେହି କେହି ସମାଲୋଚକ ମଜାରେ କହୁଥା'ନ୍ତି, ପ୍ରେମ-ରସାତ୍ମକ ଉପନ୍ୟାସର ନିର୍ଯ୍ୟାସ ଯେଉଁ Boy meets girl, ଷ୍ଟାଲିନ୍ ଶାସିତ ରୁଷିଆରେ ତାହା Boy meets tractor ରେ ପର୍ଯ୍ୟବସିତ ହୋଇଥିଲା ।

**— ମନୋଜ ଦାସ**

['ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ, ପୃ. ୨୯-୩୨]

❑❑❑

ଏକ ଆନ୍ତରିକ ନିରବଚ୍ଛିନ୍ନ ଅଭୀପ୍ସା ଲକ୍ଷ୍ୟ ଦିଗରେ ସଂକ୍ଷିପ୍ତତମ ଓ ନିଶ୍ଚିତତମ ମାର୍ଗ ।

— ଶ୍ରୀମା

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LIII, No. 8** **R.N.I. No. 18163/70.**
Navaprakash (Monthly), August, 2022 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

**ବିଶେଷ ସୂଚନା :**

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




## ସାବିତ୍ରୀ

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.
Editor : Gopal Chandra Mahana
**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**
**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**